# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୫/୨୦୨୪ (୨୦ ପୃଷ୍ଠା) | Bhubaneswar, Tuesday, March 5/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୧୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 102 | ମୂଲ୍ୟ ₹୭/-



DSPL-782

5 | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା





## ୫ ମାର୍ଚ୍ଚ ୨୦୨୪

## ପଞ୍ଚାୟତିରାଜ ତଥା ଲୋକସେବା ଦିବସ

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୮ତମ ଜନ୍ମବାର୍ଷିକୀ

# ସଶକ୍ତ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ

# ସୁଦୃଢ଼ ଓଡ଼ିଶା ନିର୍ମାଣ

- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ବାଲସଭା ଓ ମହିଳାସଭା ସମ୍ପର୍କିତ ମାର୍ଗଦର୍ଶିକା ଉନ୍ମୋଚନ ।
- ପଞ୍ଚାୟତ ପ୍ରକଳ୍ପ ପରିଚାଳନା ବ୍ୟବସ୍ଥାର (Panchayat Project Management System) ସୁବନ୍ଦୋବସ୍ତ ପାଇଁ ଏକ ସଫ୍ଟୱେର (Software) ପ୍ରଥମ ଥର ପାଇଁ ଭୁବନେଶ୍ୱର ବ୍ଲକ୍‌ରେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯିବ ଏବଂ ପର୍ଯ୍ୟାୟକ୍ରମେ ସମସ୍ତ ବ୍ଲକ୍‌ରେ କାର୍ଯ୍ୟକାରୀ କରାଯିବ ।
- ପଞ୍ଚାୟତିରାଜ ଦିବସରେ ୧୨ ଗୋଟି ଗ୍ରାମ ପଞ୍ଚାୟତକୁ ISO ପ୍ରମାଣପତ୍ର ଆବଣ୍ଟନ କରିବା ପାଇଁ LMS & Universal Certification Agency ସମ୍ମତି ଜଣାଇଛନ୍ତି ।
- ଇ-ପଞ୍ଚାୟତ ସଭା ମୋବାଇଲ୍ ଆପ୍ ଲୋକାର୍ପଣ । ଏହା ଦ୍ୱାରା ସମସ୍ତ ଗ୍ରାମ ପଞ୍ଚାୟତର ମାସିକ ପଞ୍ଚାୟତ ସଭା ଓ ସମ୍ପର୍କିତ ବିବରଣୀ ହିତାଧିକାରୀମାନଙ୍କ ପାଇଁ ଉପଲବ୍ଧ ହେବ ।
- ତାଲିମ ପରିଚାଳନା ପୋର୍ଟାଲ ଲୋକାର୍ପଣ । ଏହି ପୋର୍ଟାଲ ଦ୍ୱାରା ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ପାଇଁ ସମସ୍ତ ତଥ୍ୟ ଅତି ସଂକ୍ଷେପରେ ଉପଲବ୍ଧ ହେବ ।
- ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପରିସରରେ ଆବାସିକ ଛାତ୍ରାବାସ ଓ ଭୋଜନ କକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ ।
- ପ୍ରଶାସନିକ ଗୃହ, ଓରମାସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ (ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପରିସର ମଧ୍ୟରେ) ।
- ମାଲକାନଗିରି, ଗଞ୍ଜାମ ଓ କୋରାପୁଟ ଜିଲ୍ଲା ପରିଷଦକୁ ସାମଗ୍ରିକ ପ୍ରଦର୍ଶନ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ସମ୍ମାନିତ କରାଯିବ ।
- ମାଲକାନଗିରି ଜିଲ୍ଲାର ପଡିଆ, ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ଓ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ପଞ୍ଚାୟତ ସମିତିକୁ ସାମଗ୍ରିକ ପ୍ରଦର୍ଶନ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ସମ୍ମାନିତ କରାଯିବ ।
- ସାମଗ୍ରିକ ପ୍ରଦର୍ଶନ ପାଇଁ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍‌ର ମାଥିଲି ପଞ୍ଚାୟତକୁ ପ୍ରଥମ, ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ୍‌ର ମହୁପଦର ପଞ୍ଚାୟତକୁ ଦ୍ୱିତୀୟ ଓ ମୟୁରଭଞ୍ଜ ଜିଲ୍ଲା ବଡସାହି ବ୍ଲକ୍‌ର ମାଣିତ୍ରୀ ପଞ୍ଚାୟତକୁ ତୃତୀୟ ଭାବେ ସମ୍ମାନିତ କରାଯିବ ।




ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0093/2324





## ଆଗକୁ ନିର୍ବାଚନ ନେତାଙ୍କର ଦଳପରିବର୍ତ୍ତନ




# ରାଜ୍ୟ ଟିକା ଭଣ୍ଡାର ଉଦ୍‌ଘାଟିତ

### ଓଡ଼ିଶାର ସମ୍ପୂର୍ଣ୍ଣ ଟିକାକରଣ ହାର ସର୍ବାଧିକ

**ଭୁବନେଶ୍ୱର,୪।୩(ଅସମାପିକା ସାହୁ)**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୋମବାର ଭୁବନେଶ୍ୱର ନୀଳାଦ୍ରି ବିହାରଠାରେ ରାଜ୍ୟ ଟିକା ଭଣ୍ଡାର ଉଦ୍‌ଘାଟିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହାକୁ ଉଦ୍‌ଘାଟନ କରି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ-୫ ଅନୁଯାୟୀ ଓଡ଼ିଶାର ସମ୍ପୂର୍ଣ୍ଣ ଟିକାକରଣ ହାର ୯୦.୫%, ଯାହା ଦେଶର ସମସ୍ତ ରାଜ୍ୟ ମଧ୍ୟରେ ସର୍ବାଧିକ ବୋଲି କହିଥିଲେ। ଶାସନ ସଚିବ ଶାଳିନୀ ପଣ୍ଡିତ କହିଲେ, ରାଜ୍ୟରେ ପ୍ରତ୍ୟେକ ଶିଶୁଙ୍କର ଶତପ୍ରତିଶତ ଟିକାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରତିଶ୍ରୁତିବଦ୍ଧ। ପାଞ୍ଚବର୍ଷରୁ କମ୍ ଶିଶୁଙ୍କ ମଧ୍ୟରେ ମୃତ୍ୟୁ ହାର ହ୍ରାସ କରିବାରେ ଟିକାକରଣର ଉଲ୍ଲେଖନୀୟ ଅବଦାନ ରହିଛି। ଏସ୍‌ଆର୍‌ଏସ୍ ତଥ୍ୟ ଅନୁସାରେ ୫ ବର୍ଷରୁ କମ୍ ଶିଶୁ ମୃତ୍ୟୁ ହାର ୨୦୦୮ରୁ ୨୦୨୦ ମଧ୍ୟରେ ୫୦ ପଏଣ୍ଟ (୮୯ରୁ ୩୯କୁ) ହ୍ରାସ ପାଇଛି। ୟୁନିସେଫ୍ ଓଡ଼ିଶାର ଫିଲ୍ଡ ଅଫିସ ମୁଖ୍ୟ ୱିଲିୟମ୍ ହାନ୍‌ଲୋନ୍ ଓଡ଼ିଶାର ସମ୍ପୂର୍ଣ୍ଣ ଟିକାକରଣର ଉଲ୍ଲେଖନୀୟ ଅଗ୍ରଗତି ଉପରେ ଆଲୋକପାତ କରି ଓଡ଼ିଶାର ସ୍ୱାସ୍ଥ୍ୟସେବା ସୁଦୃଢ଼ୀକରଣ ପାଇଁ ୟୁନିସେଫ୍ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡା. ବୃନ୍ଦା ଡି କହିଛନ୍ତି, ଏହି ଟିକା ଭଣ୍ଡାରରେ ଟିକା ଓ ଲଜିଷ୍ଟିକ୍ ସଂରକ୍ଷଣ ପାଇଁ ପର୍ଯ୍ୟାପ୍ତ କ୍ଷମତା ଅଛି। ରାଜ୍ୟ, ଆଞ୍ଚଳିକ, ଜିଲା ଭ୍ୟାକ୍ସିନ୍ ଷ୍ଟୋରଗୁଡ଼ିକର ଉନ୍ନତ ପରିଚାଳନା ପାଇଁ ଏଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ପର୍ଯ୍ୟାପ୍ତ ମାନବସମ୍ବଳ ନିୟୋଜିତ ହୋଇଛନ୍ତି। ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ପାଣିଗ୍ରାହୀ କହିଛନ୍ତି, ପର୍ଯ୍ୟାପ୍ତ ଭିତ୍ତିଭୂମି, ମାନବସମ୍ବଳ ସହିତ ଓଡ଼ିଶାର କୋଲ୍ଡ ଚେନ୍ ଓ ଭ୍ୟାକ୍ସିନ୍ ମ୍ୟାନେଜ୍‌ମେଣ୍ଟ ବ୍ୟବସ୍ଥା ବହୁତ ସୁଦୃଢ଼। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ନିର୍ଦ୍ଦେଶକ ଏବଂ ୟୁନିସେଫ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ୟୁଏନ୍‌ଡିପି ଓ ଜେଏସ୍‌ଆଇର ରାଜ୍ୟ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ ଅଧୀନରେ ଗୁଣାତ୍ମକ ଟିକା ଯୋଗାଣ ସମ୍ବନ୍ଧୀୟ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।




# ନିଯୁକ୍ତ ହେବେ ୧୦ ହଜାର କନିଷ୍ଠ ଶିକ୍ଷକ

**ଭୁବନେଶ୍ୱର, ୪।୩(ଅସମାପିକା ସାହୁ)**

ରାଜ୍ୟରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରରେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ୧୦ ହଜାର କନିଷ୍ଠ ଶିକ୍ଷକ(ସ୍କିମାଟିକ୍)ଙ୍କୁ ନିଯୁକ୍ତି ଦେବାକୁ ସ୍ଥିର କରାଯାଇଛି। ଏହି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଅଦ୍ୟାବଧି ଚାଲୁ ରହିଥିବା କନିଷ୍ଠ ଶିକ୍ଷକ(ସ୍କିମାଟିକ୍) ୨୦୨୩ର ସମସ୍ତ ନିଯୁକ୍ତି ପ୍ରକ୍ରିୟା ଶେଷ ହେବା ପରେ ଯଥାଶୀଘ୍ର ଏହି ନୂତନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।









# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୫/୨୦୨୪ | Bhubaneswar, Tuesday, March 5/2024 | ପୃଷ୍ଠା-୧







## ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ୨୫ ଫୁଟ୍ ଘାଇ



# ଲୋକେ ଶୋଇଲାବେଳେ ଘରେ ପାଣି ପଶିଲା

**ଭବାନୀପାଟଣା,୪।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଦେପୁରଠାରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ସୋମବାର ଭୋରରେ ପ୍ରାୟ ୨୫ ଫୁଟ୍‌ର ଘାଇ ସୃଷ୍ଟି ହୋଇଛି। କେନାଲର ପାଣି ମାଡିଯାଇ ଗ୍ରାମର ଶତାଧିକ ଏକର ଚାଷ ଜମି ଜଳମଗ୍ନ ହେବା ସହ ଲୋକଙ୍କ ଘରେ ମଧ୍ୟ ପାଣି ପଶି ଯାଇଥିଲା। ଗତ କିଛି ଦିନ ତଳେ ଚାଷୀମାନେ ଧାନ ରୁଆ ଶେଷ କରିଥିବାବେଳେ ଏବେ କେନାଲ ପାଣି ମାଡିଯିବାରୁ ଧାନ ଚାଷ ନଷ୍ଟ ହେବା ଆଶଙ୍କା ରହିଛି। ଶୋଇଥିବା ସମୟରେ ହଠାତ ପାଣି ମାଡ଼ି ଆସିବାରୁ ୩ଟି ପରିବାରର ଲୋକଙ୍କୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ଅନେକ ଲୋକଙ୍କ ଘରେ ପାଣି ପଶିଯିବାରୁ ସେମାନଙ୍କ ଖାଦ୍ୟଶସ୍ୟ ମଧ୍ୟ ପାଣିରେ ଭାସିଯାଇଥିବା ଜଣାପଡିଛି। ଏପରିକି ଗ୍ରାମ ରାସ୍ତାରେ ମଧ୍ୟ କେନାଲ ପାଣି ଆଣ୍ଠୁଏ ଚାଲୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଘଟଣାସ୍ଥଳରେ କଲମପୁର ତହସିଲଦାର ☞ପୃଷ୍ଠା-୧୩

# ଅଭୟାରଣ୍ୟକୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ମନା

## ଧରାପଡ଼ିଲେ ୩ ବର୍ଷ ଜେଲ

**ଭୁବନେଶ୍ୱର, ୪।୩(ଅସମାପିକା ସାହୁ)**

ରାଜ୍ୟରେ ଥିବା ଅଭୟାରଣ୍ୟଗୁଡିକ ମଧ୍ୟକୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ନେବା ଉପରେ କଟକଣା ଲଗାଯାଇଛି। ଯଦି କୌଣସି ପର୍ଯ୍ୟଟକ କିମ୍ବା ଅନ୍ୟକେହି ଲୁଚାଇ ଛପାଇ ନେଇ ଧରାପଡ଼ନ୍ତି, ତା'ହେଲେ ୩ ବର୍ଷ ଜେଲ ଓ ଜରିମାନା କରାଯିବ। ଏହି କଟକଣା ଏପ୍ରିଲ ପହିଲାରୁ ଲାଗୁ ହେବ। ଏନେଇ ସୋମବାର ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି, ☞ପୃଷ୍ଠା-୧୩






# ଉର୍ଦ୍ଦୁ ଶିକ୍ଷକଙ୍କ ପାରିଶ୍ରମିକ ୧୫ ହଜାର ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର,୪।୩(ଅନିଲ ଦାସ)**

ରାଜ୍ୟ ସରକାର ରାଜ୍ୟର ଉଚ୍ଚ ପ୍ରାଥମିକ, ମଧ୍ୟ ଇଂରାଜୀ ବିଦ୍ୟାଳୟଗୁଡ଼ିକରେ ନିୟୋଜିତ ଉର୍ଦ୍ଦୁ ଶିକ୍ଷକ ଏବଂ ସରକାରୀ ପୂର୍ଣ୍ଣ ଅନୁଦାନ ଓ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଉର୍ଦ୍ଦୁ ସମ୍ବଳ ଶିକ୍ଷକମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି କରିଛନ୍ତି। ସେମାନଙ୍କ ମାସିକ ପାରିଶ୍ରମିକ ୭,୪୦୦ ଟଙ୍କାରୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି।

ରାଜ୍ୟର ବିଭିନ୍ନ ଉଚ୍ଚ ପ୍ରାଥମିକ, ମଧ୍ୟ ଇଂରାଜୀ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟରେ ଉର୍ଦ୍ଦୁ ବିଷୟକୁ ପ୍ରାଥମିକ ଭାଷା ଭାବେ ଗ୍ରହଣ କରୁଥିବା ୧୦ରୁ ଊର୍ଦ୍ଧ୍ୱ ଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ରାଜ୍ୟ ସରକାର ଚୁକ୍ତିଭିତ୍ତିକ ଉର୍ଦ୍ଦୁ ଶିକ୍ଷକ ଓ ଉର୍ଦ୍ଦୁ ସମ୍ବଳ ଶିକ୍ଷକ ନିଯୁକ୍ତ କରିଛନ୍ତି। ପୂର୍ବରୁ ସେମାନଙ୍କୁ ମାସିକ ୭,୪୦୦ ଟଙ୍କା ପାରିଶ୍ରମିକ ବାବଦରେ ଦିଆଯାଉଥିଲା। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏଣିକି ସେମାନେ ମାସିକ ୧୫ ହଜାର ଟଙ୍କା ପାରିଶ୍ରମିକ ପାଇବେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଅନୁଯାୟୀ ଉଚ୍ଚ ପ୍ରାଥମିକ, ☞ପୃଷ୍ଠା-୧୩

# ମୋକିମଙ୍କ ବିଧାୟକ ପଦ ରଦ୍ଦ

**କଟକ,୪।୩ (କାର୍ତ୍ତିକ ସାହୁ)**

ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ଇଂ. ମହମ୍ମଦ ମୋକିମଙ୍କ ନିର୍ବାଚନ ବିଜୟକୁ ହାଇକୋର୍ଟ ସୋମବାର ଅସିଦ୍ଧ ଘୋଷଣା କରିଛନ୍ତି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ୬୯୪ ପୃଷ୍ଠା ସମ୍ବଳିତ ରାୟ ପ୍ରକାଶ କରି ଏହି ଘୋଷଣା କରିଛନ୍ତି। ମୋକିମଙ୍କ ପ୍ରାର୍ଥୀପତ୍ର ଦାଖଲ ଠିକ୍ ଭାବେ ହୋଇନାହିଁ ଓ ବେଆଇନ ଭାବେ ଗ୍ରହଣ କରାଯାଇଛି। ସେ ପ୍ରାର୍ଥୀପତ୍ର ଦାଖଲବେଳେ ଆପରାଧିକ



ମାମଲାର ସବିଶେଷ ତଥ୍ୟ ପ୍ରଦାନ କରିନାହାନ୍ତି। ତାଙ୍କ ନାମରେ ଥିବା ୧୩ଟି ଆପରାଧିକ ମାମଲାର ସବିଶେଷ ☞ପୃଷ୍ଠା-୧୩

## ଟଙ୍କା କିଏ ଭରଣା କରିବେ

**ଭୁବନେଶ୍ୱର,୪।୩(ଅନିଲ ଦାସ)**

କଂଗ୍ରେସର କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍‌ଙ୍କର ମିଥ୍ୟା ସତ୍ୟପାଠ ଦାଖଲ ମାମଲାର ଶୁଣାଣି କରି ହାଇକୋର୍ଟ ତାଙ୍କ ବିଧାନସଭା ସଭ୍ୟ ପଦକୁ ରଦ୍ଦ କରିଛନ୍ତି। ଗତ ୫ ବର୍ଷ ମଧ୍ୟରେ ମୋକିମଙ୍କ ପାଇଁ ସରକାରୀ ତହବିଲରୁ ହୋଇଥିବା ଖର୍ଚ୍ଚ ଜନସାଧାରଣଙ୍କ ଟିକସରୁ ଯାଇଛି। ଏଭଳି କ୍ଷେତ୍ରରେ ଏହି ଟଙ୍କା ଏବେ କିଏ ଭରଣା କରିବେ ତାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବିଧାୟକ ମୋକିମ ନେଇଥିବା ସରକାରୀ ସୁବିଧା ସୁଯୋଗ ବାବଦ ଅର୍ଥ ତାଙ୍କ ଠାରୁ ଭରଣା ହେବ କି ନାହିଁ ସେ ☞ପୃଷ୍ଠା-୧୩






# ଭୋଟ ପାଇଁ ଲାଞ୍ଚ: ଏମ୍‌ପି, ବିଧାୟକଙ୍କୁ ମକଦ୍ଦମାରୁ ମୁକ୍ତି ମିଳିବ ନାହିଁ



**ନୂଆଦିଲ୍ଲୀ,୪।୩ (ପି.ଟି.)**

ପାର୍ଲାମେଣ୍ଟ ବା ବିଧାନସଭାରେ ଭୋଟ ଦେବା କିମ୍ବା ଉଦ୍‌ବୋଧନ ଦେବା ପାଇଁ ଲାଞ୍ଚ ନେଉଥିବା ଏମ୍‌ପି ଏବଂ ବିଧାୟକମାନେ ମକଦ୍ଦମାରୁ ମୁକ୍ତ ନୁହନ୍ତି ବୋଲି ସୁପ୍ରିମକୋର୍ଟ ସୋମବାର ଏକ ଐତିହାସିକ ରାୟ ଶୁଣାଇଛନ୍ତି। ସେମାନେ ମକଦ୍ଦମାରୁ ମୁକ୍ତି ପାଇବା ପାଇଁ ଦାବି କରିପାରିବେ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୭ ବିଚାରପତିଙ୍କୁ ନେଇ ଗଠିତ ସାମ୍ବିଧାନିକ ପୀଠ କହିଛନ୍ତି। ୧୯୯୮ର ଜେଏମ୍ଏମ୍ ଲାଞ୍ଚ ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ବୃହତ୍ତର ସାମ୍ବିଧାନିକ ପୀଠ ଖାରଜ କରିଦେଇଛନ୍ତି। ଲାଞ୍ଚ ନେବା ଏକ ଅପରାଧ। ଗୃହରେ ଏମ୍‌ପି ଏବଂ ବିଧାୟକମାନଙ୍କ କାର୍ଯ୍ୟ ସହ ଏହାର କୌଣସି ସମ୍ପର୍କ ନାହିଁ। ତେଣୁ ଗୃହରେ ନିର୍ଭୟରେ ବିଚାରବିମର୍ଶ ଏବଂ ବିତର୍କ କରିବା ପାଇଁ ସମ୍ବିଧାନ ସେମାନଙ୍କୁ ଦେଇଥିବା ଅବ୍ୟାହତି ମକଦ୍ଦମାରୁ ସେମାନଙ୍କୁ ସୁରକ୍ଷା ଦେଇପାରିବ ନାହିଁ ବୋଲି ସିଜେଆଇ କହିଛନ୍ତି।

ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ, ବିଧାୟକ ଏବଂ ଏମ୍‌ପିମାନଙ୍କ ଦ୍ୱାରା ଦୁର୍ନୀତି ଏବଂ ଲାଞ୍ଚ ଗ୍ରହଣ ଯୋଗୁ ଭାରତର ସାମ୍ବିଧାନିକ ଗଣତନ୍ତ୍ରର କାର୍ଯ୍ୟଧାରା ନଷ୍ଟ ହୋଇଛି। ଦୁର୍ନୀତି ଏବଂ ଲାଞ୍ଚ ଯୋଗୁ ସାଧାରଣ ଜୀବନରେ ପବିତ୍ରତା ନଷ୍ଟ ହେଉଛି। ଲାଞ୍ଚ ନେଇଥିବା ଜନପ୍ରତିନିଧି ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବାରୁ ସେ ମକଦ୍ଦମାରୁ ଅବ୍ୟାହତି ପାଇବା ସମ୍ବିଧାନର ଅନୁଚ୍ଛେଦ ୧୦୫(୨) ଏବଂ ୧୯୪(୨) ଅନୁଯାୟୀ ପ୍ରତିପାଦିତ ହେଉନାହିଁ। ସାମ୍ବିଧାନିକ ପୀଠର ଅନ୍ୟ ବିଚାରପତିମାନେ ହେଲେ ଜଷ୍ଟିସ ଏ.ଏସ୍. ବୋପନ୍ନା, ଏମ୍.ଏମ୍. ସୁନ୍ଦ୍ରେଶ, ପି.ଏସ୍. ନରସିଂହା, ଜେ.ବି. ପର୍‌ଡିୱାଲା, ସଞ୍ଜୀୟ କୁମାର ଏବଂ ମନୋଜ ମିଶ୍ର। ୧୯୯୩ରେ ପି.ଭି. ନରସିଂହ ରାଓ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା ବେଳେ ସରକାର ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ** ସର୍ବେସର୍ବା ସେନା




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ନନ୍ଦନକାନନ ଛକ, ସମୟ: ସକାଳ ୬ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ପାର୍କ, ସମୟ: ସକାଳ ୯ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆଲୋଚନା ଚକ୍ର 'ନାଟକ ଓ ବିଜୁବାବୁ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦ ଏବଂ ନାଟକ 'ମାଉସୀ ମା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଚିତ୍ରକଳା ଓ କର୍ମଶାଳା, ସ୍ଥାନ: ପାନ୍ଥ ନିବାସ, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ଜଙ୍ଗଲ ଅଧିକାର ମଞ୍ଚର ରାଜ୍ୟସ୍ତରୀୟ ଗଣ ସମ୍ମିଳନୀ, ସ୍ଥାନ: ସିଆଇଏସ୍‌ଡି, ଜାଭିୟର ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଷ୍ଟେଟ୍ ବିଜନେସ୍ ଲିଡରଶିପ୍ ଆୱାର୍ଡ – ୨୦୨୪, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶୀ ଡ୍ୟାନ୍ସ କ୍ରିଏଶନ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ଉତ୍ସବ 'ଚାନ୍ଦବିଭା', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଓଡ଼ିଶା ଭେଟେରାନ୍ ସ୍ପୋର୍ଟ୍ସ ପର୍ସନସ୍ ଆସୋସିଏଶନ୍ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ୧୮ତମ ମିନି ମାରାଥନ୍, ସ୍ଥାନ: ଆନନ୍ଦ ଭବନ, ତୁଳସୀପୁର, କଟକ, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀ ଗଡ଼ଗଡ଼େଶ୍ୱର ମନ୍ଦିରର ନୂତନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ସୂର୍ଯ୍ୟପୂଜା, ଗୋପୂଜା, ଦେବତାମାନଙ୍କ ନ୍ୟାସ ଓ ପ୍ରାଣ ପ୍ରତିଷ୍ଠା, ସ୍ଥାନ: ଗଡ଼ଗଡ଼େଶ୍ୱର ମନ୍ଦିର ପରିସର, କଟକ, ସମୟ: ସକାଳ ୭ଟା।
- ପଞ୍ଚାୟତିରାଜ ଦିବସରେ ଯୁବ ଛାତ୍ର ବିଜେଡି ପକ୍ଷରୁ ସାଇକେଲ ରାଲି, ସ୍ଥାନ: ନୂଆପାଟଣା ମା'କଳାପାଟଙ୍କ ମନ୍ଦିରରୁ ନିଜିଗଡ଼ ଗାନ୍ଧୀ ପଡ଼ିଆ,ସମୟ: ସକାଳ ୭ଟା।
- ପଞ୍ଚାୟତିରାଜ ଦିବସ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପୁରୁଣା ତିଗିରିଆ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ନୂଆ–ଓ ଛାତ୍ରବୃତ୍ତି ପ୍ରଦାନ ଉତ୍ସବ, କଟକ ଖ୍ରୀଷ୍ଟ କଲେଜ ପରିସର, ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ, ସ୍ଥାନ: ତିଗିରିଆ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ ଉଦ୍ୟୋଗୀ ଦିବସ ପାଳନ ଅବସରରେ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା କ୍ଷୁଦ୍ରଶିଳ୍ପ ସଂଘ ସମ୍ମିଳନୀ କକ୍ଷ, କଟକ ମଧୁପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ନୂଆ–ଓ ଛାତ୍ରବୃତ୍ତି ବଣ୍ଟନ, ସ୍ଥାନ: ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ,ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ମହାନଗର ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ, ସ୍ଥାନ:ଗଜପତି ନଗର, ସମୟ:ଅପରାହ୍ନ ୫ଟା।

## ଗଞ୍ଜାମ

- ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ:ନିର୍ମଳଝର ଛକ, ଖଲ୍ଲିକୋଟ, ସମୟ:ସକାଳ ୮ଟା।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ:ବୁଗୁଡ଼ା ବସଷ୍ଟାଣ୍ଡ, ସମୟ: ସକାଳ ୮ଟା।
- ଶିବ ସନ୍ଦେଶ ଯାତ୍ରା ପରିକ୍ରମା,ସ୍ଥାନ:ଭଞ୍ଜନଗର ସହର,ସମୟ:ସକାଳ ୮ ଟାରୁ ସନ୍ଧ୍ୟା ୬ ଟା।
- ଆଦିବାସୀ ଭାରତ ମହାସଭାର ଦିବାରାତ୍ରି ଗଣଧାରଣା, ସ୍ଥାନ: ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟ
- ବିଜୁ ଜୟନ୍ତୀ, ସ୍ଥାନ: ଭଞ୍ଜନଗର ବାଇପାସ ଛକ ବିଜୁ ସ୍ମୃତି ସଦନ, ସମୟ: ପୂର୍ବାହ୍ନ ୧୦ ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ବିଡେକା କ୍ଲବ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ:ଆସିକା ବ୍ଲକ ସଭା ଗୃହ, ସମୟ:ପୂର୍ବାହ୍ନ ୧୦ଟା
- ୧୦୮ତମ ବିଜୁ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ଆସିକା ଟାଉନହଲ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ,ସ୍ଥାନ:ଭଞ୍ଜନଗର ବ୍ଲକ ଜାମପଲ୍ଲୀ ଛକ, ସମୟ: ପୂର୍ବାହ୍ନ ସାଢ଼େ ୧୦ ଟା।
- ନୂଆ–ଓ ସ୍କଲର ସିପ ସାର୍ଟିଫିକେଟ ବଣ୍ଟନ, ସ୍ଥାନ: ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଦିଗପହଣ୍ଡି, ସମୟ:ପୂର୍ବାହ୍ନ ୧୧ ଟା।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ:ନନ୍ଦିଘୋଷ କଲ୍ୟାଣ ମଣ୍ଡପ, ଦିଗପହଣ୍ଡି, ସମୟ:ପୂର୍ବାହ୍ନ ୧୧ ଟା
- ନାଗରିକ ମଞ୍ଚର ଗଣଧାରଣା, ସ୍ଥାନ:ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ସାଢେ ୧ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ:ବୁଗୁଡା ବ୍ଲକ କାର୍ଯ୍ୟାଳୟ,ପୂର୍ବାହ୍ନ:୧୧ଟା
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ୧୧ଟା
- ବିଜୁ ପଟ୍ଟନାୟକ ଜୟନ୍ତୀ,ସ୍ଥାନ: କନିଷିହାଟ ତୁଲୁରୋଡ଼, ସମୟ: ପୂର୍ବାହ୍ନ ୧୧ଟା
- ନୂଆ ଓ ସ୍କଲରସିପ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମ। ସ୍ଥାନ:ତାରାତାରିଣୀ କଲେଜ, ପୁରୁଷୋତ୍ତମପୁର, ସମୟ:ଅପରାହ୍ନ ୩ଟା।
- ପୁରୁଷୋତ୍ତମପୁର ଏନଏସି ପ୍ରଶାସନ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ, ସ୍ଥାନ: ପାଣ୍ଡିଆ ଛକ, ପୁରୁଷୋତ୍ତମପୁର ଏନ୍‌ଏସି, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ

- ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଉପଲକ୍ଷେ କର୍ମୀ ସମ୍ମିଳନୀ, ସ୍ଥାନ: ସଭାଗୃହ, ବାଲିଗୁଡ଼ା, ସମୟ: ସକାଳ ୮ଟା।
- ପଞ୍ଚାୟତିରାଜ ଓ ଲୋକସେବା ଦିବସ କାର୍ଯ୍ୟକ୍ରମ, ସ୍ଥାନ:ଦାରିଙ୍ଗବାଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା
- ରାଜ୍ୟସ୍ତରୀୟ ଆଦିବାସୀ କନ୍ଧଗଉଡ ସମାଜ ମହାସଭା, ସ୍ଥାନ:ଲାଇନପଡା ଖୁଦୁଡେଙ୍ଗୁଳି ଶିବ ମନ୍ଦିର ପ୍ରାଙ୍ଗଣ, ସମୟ:ପୂର୍ବାହ୍ନ ୧୧ଟା।
- ବିଜୁବାବୁଙ୍କ ୧୦୮ ତମ ଜୟନ୍ତୀ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ ଜି.ଉଦୟଗିରି, ସମୟ: ମଧ୍ୟାହ୍ନ ୧୨ଟା।
- ବିଜୁ ଜୟନ୍ତୀ, ସ୍ଥାନ: ଜି.ଉଦୟଗିରି ଶ୍ରୀରାମପଦା ଷ୍ଟାଡ଼ିୟମ, ସମୟ: ମଧ୍ୟାହ୍ନ ୧୨ଟା।

## ଗଜପତି

- ବିଜୁ ଜୟନ୍ତୀ ପାଳନ, ସ୍ଥାନ: ପାରଳାଖେମୁଣ୍ଡି କଲେଜ ଛକ, ସମୟ: ସକାଳ ୮ଟା୩୦।
- ରକ୍ତଦାନ ଶିବିର, ସ୍ଥାନ: ଗୁମ୍ମା, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୁଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ଛାତ୍ର ବୃତ୍ତି ବିତରଣ ଉତ୍ସବ, ସ୍ଥାନ: ଗୁଣପୁର କଲେଜ, ସମୟ: ଅପରାହ୍ନ ୫ଟା।
- ସିଆରପିଏଫ୍‌ର ଜନ ସମ୍ପର୍କ ଶିବିର, ସ୍ଥାନ: ହନୁମନ୍ତପୁର, ଚନ୍ଦ୍ରପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ପଞ୍ଚାୟତରାଜ ଦିବସପାଳନ,ସ୍ଥାନ:ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ପଟ୍ଟାଙ୍ଗି ହାଇସ୍କୁଲରେ ଆଲୁମିନି ବୈଠକ, ସ୍ଥାନ: ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତିରାଜ ଦିବସ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ, ସ୍ଥାନ: ସେମିଳିଗୁଡ଼ା ମଲ୍ଟି ଫଙ୍କସନ ହଲ୍,ସମୟ: ପୂର୍ବାହ୍ନ ୧୧ଟା।
- ରେଶମ କୃଷି ମେଳା, ସ୍ଥାନ:ସେଣ୍ଟ୍ରାଲ ସିଲ୍‌କ ବୋର୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଇଭିଏମ୍, ଭିଭିପିଏଟି ମ୍ୟାନେଜମେଣ୍ଟ ସିଷ୍ଟମ ଉପରେ ସଚେତନତା ଶିବିର,ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି କେନ୍ଦ୍ର,ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପଞ୍ଚାୟତରାଜ ଦିବସ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧.୩୦।

## ମାଲକାନଗିରି

- ବିଜୁ ପଟ୍ଟନାୟକଙ୍କ ଜିଲାସ୍ତରୀୟ ଜୟନ୍ତୀ, ସ୍ଥାନ: ମାଲକାନଗିରି, ସମୟ: ସକାଳ ୮ଟା।
- ୫–ଟି ଅଧକ୍ଷଙ୍କ ମାଲକାନଗିରିର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ, ସ୍ଥାନ: ମାଲକାନଗିରି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ଓ କ୍ରୀଡା ମୋହତ୍ସବର ଦ୍ୱିତୀୟ ଦିବସରେ ପାରମ୍ପରିକ ପୋଷାକ ଓ ବାଦ୍ୟଯନ୍ତ୍ର ବିତରଣ, ସ୍ଥାନ: ନବରଙ୍ଗପୁର ନୂତନ ମଣ୍ଡେଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା୩୦।
- ପଞ୍ଚାୟତିରାଜ ଓ ଲୋକସେବା ଦିବସ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ପଞ୍ଚାୟତିରାଜ ଓ ଲୋକ ସେବା ଦିବସ, ସ୍ଥାନ ଉମରକୋଟ ପଞ୍ଚାୟତ ସମିତି ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଲୋକ ସେବା ଦିବସ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ସଭା ଗୃହ, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର

- ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ମାଲ୍ୟାର୍ପଣ, ସ୍ଥାନ: ରେମେଡ ଛକ, ସମୟ: ସକାଳ ୮ଟା ୩୦।
- ବିଜେଡି ସମ୍ବଲପୁର ବିଧାନସଭା କ୍ଷେତ୍ର ପକ୍ଷରୁ ଫଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସଦର ଡାକ୍ତରଖାନା, ସମୟ: ପୂର୍ବାହ୍ନ ୧୦ଟା।
- ସମବାୟ କର୍ମଚାରୀ ସଂଘର ଧାରଣା, ସ୍ଥାନ: ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ହୀରାଖଣ୍ଡ ନାଟ୍ୟ ଉତ୍ସବ ସକାଶେ ଆଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଧନୁଯାତ୍ରା କଳାକାରଙ୍କ ଶେଷ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଖପ୍ରାଖୋଲ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳନ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆଭାସି ଜରିଆରେ କଣ୍ଟାବାଞ୍ଜିରେ ରେଳଡବା ମରାମତି କାରଖାନାର ଶିଳାନ୍ୟାସ ଉତ୍ସବ, ସ୍ଥାନ: କଣ୍ଟାବାଞ୍ଜି ରେଲଷ୍ଟେଶନ ପ୍ଲାଟଫର୍ମ ନଂ ୧, ସମୟ: ଅପରାହ୍ନ ୩ଟା ୩୦।
- ବିଜେଡି ଯୁବ ସମାବେଶ, ସ୍ଥାନ– କଣ୍ଟାବାଞ୍ଜି ରୋଡ ନଂ. ୩ ହରି ଭବନ ସାମ୍ନା, ସମୟ: ସନ୍ଧ୍ୟା ୬ଟା।
- ବିଜେଡି ଆୟୋଜିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ସଭା, ସ୍ଥାନ: ଗୋବିନ୍ଦବାଟିକା ଟିଟିଲାଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଶିବରାତ୍ରି ମେଳା ଚତୁର୍ଥ ରଜନୀରେ ଜଳନ୍ଧର ଦରବାର ଓ ଝୁମର ଲୋକନୃତ୍ୟ, ସ୍ଥାନ: ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା, ସମୟ: ରାତି ୮ଟା ।
- ନୂଆ–ଓ ଛାତ୍ରବୃତ୍ତି ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- ଦେଓଗାଁ ବ୍ଲକରେ ପଞ୍ଚାୟତିରାଜ ଦିବସ ପାଳନ ସମାରୋହ, ସ୍ଥାନ: ବ୍ଲକ ଅଫିସ ପରିସର, ସମୟ: ପୂର୍ବାହ୍ନ୧୧ଟା।

## ସୁବର୍ଣ୍ଣପୁର

- ରକ୍ତଦାନ ଶିବିର, ସ୍ଥାନ: ମୈତ୍ରୀ ସଦନ ବୀରମହାରାଜପୁର, ସମୟ: ସକାଳ ୯ଟା ୩୦।
- ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଙ୍କ ସମାବେଶ ଓ ସଭା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମୋ ସ୍କୁଲ ଅଭିଯାନ କମିଟିର ସଭା, ସ୍ଥାନ: ବୀରମହାରାଜପୁର ବ୍ଲକ ଅମରପାଲି ୟୁପି ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳନ, ସ୍ଥାନ: ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଜଳନ୍ଧର ଦରବାର କାର୍ଯ୍ୟକ୍ରମ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ପଞ୍ଚାୟତ ଶିଆଳବାହାଲି ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଡ.ଭୀମରାଓ ଆମ୍ବେଦକର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଉଲୁଣ୍ଡା ବ୍ଲକ କଳାପଥର ଖେଳ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ପାଳନୋତ୍ସବ, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ଅପରାହ୍ନ ୪ଟା।
- ଏକତା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ବୀରମହାରାଜପୁର ବ୍ଲକ କଦଳୀପାଲି ଛକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ, ଲୋକସେବା ଦିବସ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡ଼ି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ଅତାବିରା ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡ଼ି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଆନନ୍ଦ କଲ୍ୟାଣ ମଣ୍ଡପ, ଅତାବିରା, ସମୟ: ସକାଳ ୯ଟା।
- ଶିବ ଓ ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ସାମକଟା, ସୋହେଲା, ସମୟ: ସକାଳ ୮ଟା।
- ବିଜେଡ଼ି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜେଡ଼ି କାର୍ଯ୍ୟାଳୟ, ହଳଦୀପାଲି, ସମୟ: ସକାଳ ୯ଟା।
- ବହି ପରବ୍ କାର୍ଯ୍ୟକ୍ରମ, ସ୍ଥାନ: ନୂଆପାଲି, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଝାରବନ୍ଧ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ନୂଆ–ଓ ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଝାରବନ୍ଧ କଲେଜ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ସାଇକେଲଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଅତାବିରା ଦୁର୍ଗା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ବିଜୁ ପଟ୍ଟନାୟକଙ୍କ ପ୍ରତୀମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରାଣୀ ବଗିଚା ବାଏପାସ ଛକ,ସମୟ: ସକାଳ: ୮ଟା ୩୦।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ, ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ ଟା।
- ନୂଆଁ ଓ ଛାତ୍ରବୃତ୍ତି ପ୍ରମାଣପତ୍ର ବଣ୍ଟନ,ସ୍ଥାନ: ବଡ଼ଗାଁ ଡିଗ୍ରୀ କଲେଜ,ସମୟ:ପୂର୍ବାହ୍ନ ୧୦ ଟା।
- ବିଜୁବାବୁଙ୍କ ୧୦୮ ତମ ଜୟନ୍ତୀ ପାଳନ,ସ୍ଥାନ: ରାଜଗାଙ୍ଗପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା,ସମୟ:ପୂର୍ବାହ୍ନ ୧୦ଟା।
- କୁତ୍ରା ସରପଞ୍ଚ ସମିତି ସଂଘ ପକ୍ଷରୁ ରକ୍ତଦାନ ଶିବିର,ସ୍ଥାନ: ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପ,ସମୟ:ପୂର୍ବାହ୍ନ୧୦ଟା।
- ଆଲୁମିନି ବୈଠକ ଓ ବିଜୁ ଜୟନ୍ତୀ ପାଳନ, ସ୍ଥାନ: କୁତ୍ରା କଟଙ୍ଗ ସାନ୍ତାଦେବି ଉଚ୍ଚ ବିଦ୍ୟାଳୟ,ସମୟ:ପୂର୍ବାହ୍ନ୧୦ ଟା।
- ସବ୍‌ଡେଗାରେ ବିଜୁ ଜୟନ୍ତୀ ସମାରୋହ,ସ୍ଥାନ:ଗାଇବିରା ହାଇସ୍କୁଲ ପଡିଆ,ସମୟ:ପୂର୍ବାହ୍ନ ୧୧ଟା।
- ସୁନ୍ଦରଗଡରେ ଜିଲା ସ୍ତରୀୟ ପଞ୍ଚାୟତରାଜ ଓ ଲୋକସେବା ଦିବସ ପାଳନ ସମାରୋହ, ସ୍ଥାନ: ବିକାଶ ଭବନ,ସମୟ:ପୂର୍ବାହ୍ନ୧୧ଟା।
- ବିଜୁ ଜୟନ୍ତୀ ପାଳିତ, ସ୍ଥାନ: ସାର୍କିଟ ହାଉସ ସଭା ଗୃହ, ସମୟ: ଅପରାହ୍ନ୪ଟା।

## ରାଉରକେଲା

- ବାଲାଜୀ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ମଧ୍ୟାହ୍ନ ୧୨ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଆର୍‌ଏମସି ଅଫିସ, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁବାବୁ ଜୟନ୍ତୀ ଓ ମାଲ୍ୟାର୍ପଣ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୮ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡ଼ିୟମ୍, ସମୟ: ପୂର୍ବାହ୍ନ ୯ଟା ୩୦।
- ବିଜେଡ଼ିର ସାଧାରଣ ସଭା, ସ୍ଥାନ: ଧାମରା ସଂଘ, ସମୟ ସନ୍ଧ୍ୟା ୬ଟା ୩୦।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ସେକ୍ଟର ୧୮ ବିବେକାନନ୍ଦ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଗୃହସ୍ଥୀର ନୂତନ ରିଟେଲ ଆଉଟ୍‌ଲେଟ, ସ୍ଥାନ: ଫୁଟନ ମଲ୍, ସିଭିଲଟାଉନଶିପ୍, ସମୟ: ଅପରାହ୍ନ ସାଢେ ୪ଟା ।
- ଅଲ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ, ସମୟ: ସନ୍ଧ୍ୟା ସାଢେ ୬ଟା ।
- ଶ୍ରମମନ୍ତ୍ରୀଙ୍କ ଆରଜିଏଚ୍ ପରିଦର୍ଶନ, ସ୍ଥାନ: ଆରଜିଏଚ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମୋର ପ୍ରଥମ ଭୋଟ ଦେଶ ପାଇଁ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁକୁଳ ସଂସ୍କୃତ କଲେଜ, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତରାଜ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି ପଞ୍ଚାୟତ, ସମୟ: ସକାଳ ୭ଟା ।

## ଦେବଗଡ଼

- ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସମାରୋହ, ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଦେବଗଡ଼ର ପ୍ରଧାନପାଟ, ସମୟ: ସକାଳ ୮ଟା।
- ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଗଣଦୌଡ଼, ସ୍ଥାନ: ପ୍ରଧାନପାଟଠାରୁ ଦେବଗଡ଼ ସଦର ଡାକ୍ତରଖାନା ପରିସର, ସମୟ: ସକାଳ ୮ଟା ୩୦।
- ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ, ସ୍ଥାନ: ଜିଲା ମୁଖ୍ୟ ଡାକ୍ତରଖାନା, ସମୟ: ସକାଳ ୯ଟା।
- ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ଉଦ୍ୟୋଗୀ ଦିବସ ପାଳନ, ସ୍ଥାନ: ଆଇଟିସି ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଦିବସ ଓ ଲୋକସେବା ଦିବସ ପାଳନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଧବଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ତିଲେଇବଣି ବ୍ଲକର ଝରାଗୁଗୁଆ ଗ୍ରାମ, ସମୟ: ମଧ୍ୟାହ୍ନ ୧୨ଟା।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ସାଧାରଣ ସଭା, ସ୍ଥାନ: ଦେବଗଡ କଲେଜ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି

- ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଇଲେକ୍ଟ୍ରିକ ରେଳ ଇଞ୍ଜିନ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନର୍ଲା ରୋଡ ରେଳ ଷ୍ଟେଶନଠାରେ, ସମୟ: ଅପରାହ୍ନ ୨ଟା ୩୦ ମିନିଟ୍ ।
- ପଞ୍ଚାୟତସମିତିସ୍ତରୀୟ ପାଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ପରିସର ବିଶ୍ୱନାଥପୁରଠାରେ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରଠାରେ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଭବ୍ୟ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ଜୁନାଗଡ, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ଦିବାରାତ୍ରି ପ୍ରଦର୍ଶନୀ କ୍ରିକେଟ ଖେଳ ଉଦ୍‌ଘାଟନୀ, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ଜୁନାଗଡ, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: କୋକସରା ଧାନ ମଣ୍ଡି ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡନାମ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ ସପ୍ତାହିତ ବଜାର ପଡ଼ିଆ, ସମୟ: ଅପରାହ୍ନ ୪ଟା ୧୭ ମିନିଟ୍।
- ବିଶାଳ ମହିଳା ସମାବେଶ, ସ୍ଥାନ: ନୂଆପଡ଼ା ଭରଦ୍ୱାଜ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା।
- ବିଜୁ ଜୟନ୍ତୀ, ସ୍ଥାନ: ଖରିଅରରୋଡ ଗଣପତି ପ୍ୟାଲେସ, ସମୟ: ଅପରାହ୍ନ ୪ଟା।
- ବିଜୁ ଜୟନ୍ତୀ ଉପଲକ୍ଷେ ରୋଗୀଙ୍କୁ ଫଳ ବଣ୍ଟନ, ସ୍ଥାନ: ଖଡ଼ିଆଳ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଜନତା ଦଳ ପକ୍ଷରୁ ବିଜୁ ଜୟନ୍ତୀ ଉପଲକ୍ଷେ ସଭା, ସ୍ଥାନ: ସିନାପାଲି ହସ୍ପିଟାଲ ନିକଟ ଆମ୍ବତଟା, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ସିଂହପାଲ, ସମୟ: ସକାଳ ୮ଟା।
- ବିଜୁଜୟନ୍ତୀ ପାଳିତ, ସ୍ଥାନ: ଘଣ୍ଟାପଡା ପଞ୍ଚାୟତ ସଭାଗୃହ, ସମୟ: ସକାଳ ୮ଟା।
- ସପ୍ତମ ବୌଦ୍ଧ କପ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଖେଳ, ସ୍ଥାନ:ଜିଲା ଷ୍ଟାଡିୟମ, ସମୟ: ସକାଳ ୯ଟା ।
- ବିଜୁ ଜୟନ୍ତୀ ପାଳନ,ସ୍ଥାନ: କଣ୍ଟାମାଳ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ପରିସର, ସମୟ: ସକାଳ ୯ଟା।
- ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହ, ସମୟ: ଅପରାହ୍ନ ୧୦ଟା।
- ଛାତ୍ରଛାତ୍ରୀଙ୍କୁ ସ୍କୋଲାରସିପ ପ୍ରଦାନ,ସ୍ଥାନ: ଘଣ୍ଟାପଡା ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୧ଟା।

## ଢେଙ୍କାନାଳ

- ଶ୍ରୀ ରାଧାକୃଷ୍ଣ ଜୀଉଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ନୂଆ ଆଳତୁମା( ଇଲେକ୍ଟ୍ରିଅଫିସ ପାଖ ଯାତ୍ରା ପଡିଆ) କାମାକ୍ଷାନଗର ସମୟ: ପୂର୍ବାହ୍ନ ୧୦ଟା।
- ନୂଆ–ଓ ସ୍କଲାରସିପ୍ ବଣ୍ଟନ, ସ୍ଥାନ: କୁଞ୍ଜବନ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଦିବସ ଓ ବିଜୁ ପଟ୍ଟନାୟକ ଜୟନ୍ତୀ, ସ୍ଥାନ: ପୌରସଂସ୍ଥା ଅଡିଟୋରିୟମ ଆରଟିଓ ଅଫିସ ପାଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ କାମାକ୍ଷାନଗର, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ସମୂହ ଦୀପଦାନ, ସ୍ଥାନ: ବୁଢ଼ୀ ଠାକୁରାଣୀ ମନ୍ଦିର, ସମୟ: ସକାଳ ୭ଟା।
- ବିଜୁ ପଟ୍ଟନାୟକ ଜୟନ୍ତୀ ପାଳନ, ସ୍ଥାନ: ବିଜୁମଇଦାନ, ସମୟ: ସକାଳ ୭ଟା ୩୦।
- ପଞ୍ଚାୟତିରାଜ ଦିବସରେ ଲୋକସେବା କାର୍ଯ୍ୟକ୍ରମ, ସ୍ଥାନ: କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାଇକ୍ ରାଲି, ସ୍ଥାନ: ଅନୁଗୋଳ ସହର, ସମୟ: ଅପରାହ୍ନ ୨ଟା ୩୦।
- ବିଜୁଜୟନ୍ତୀ ପାଇଁ ସାଧାରଣ ସଭା, ସ୍ଥାନ: ଚଣ୍ଡିଖମଣ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ବିଜୁବାବୁଙ୍କୁ ଭାରତ ରତ୍ନ ଦାବିରେ ଆମ ପାଟକୁରା ପକ୍ଷରୁ ମିନି ମାରାଥନ, ସ୍ଥାନ: ଡେରାବିଶ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ପାଟକୁରା ବିଧାନସଭା ନିର୍ବଚନ ମଣ୍ଡଳୀସ୍ତରୀୟ ବିଜେଡି ପକ୍ଷରୁ ବିଜୁବାବୁଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଚମ୍ପୁର ପଡିଆ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ମହାକାଳପଡ଼ା ବିଧାନସଭା ନିର୍ବଚନ ମଣ୍ଡଳୀସ୍ତରୀୟ ବିଜେଡି ପକ୍ଷରୁ ବିଜୁବାବୁଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ମୋହନମୁରଲୀ ପୀଠ, ଗିରଙ୍ଗ, ମାର୍ଶାଘାଇ, ସମୟ– ପୂର୍ବାହ୍ନ ୧୦ଟା।
- ପଟ୍ଟାମୁଣ୍ଡାଇ ଉପଖଣ୍ଡ ଗ୍ରାମ ଉନ୍ନୟନ କାର୍ଯ୍ୟାଳୟ ନୂତନ ଗୃହ ଉଦ୍‌ଘାଟନ, ସ୍ଥାନ: ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୧ଟା।
- ଭତ୍ତା ବଣ୍ଟନ ମେଳା, ସ୍ଥାନ: ବଳିପାଳ ପଞ୍ଚାୟତ, ମହାକାଳପଡ଼ା, ଅପରାହ୍ନ ୩ଟା।
- ଭାଜପା ପକ୍ଷରୁ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ରାମମନ୍ଦିର, ତିନିମୁହାଣୀ କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ପାଇକା ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ପୋତାରି, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କାର୍ଯ୍ୟଦକ୍ଷତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସା ପାଇ ଖୁସି ରହିବେ। କେତେକ ସ୍ଥଗିତ କାମ ସମ୍ପନ୍ନ ସକାଶେ ତତ୍ପର ରହିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ସତ, ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ଅଧ୍ୟାପନା, କ୍ରୀଡ଼ା ଓ ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା, ବକ୍ତୃତା ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ କାର୍ଯ୍ୟ ପରିସର ବୃଦ୍ଧି ଫଳରେ ଗୁଡ଼ିଏ କାମ ହାତକୁ ନେଇ ଟେନ୍‌ସନରେ ରହିବେ। କଳା, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରୁ ସୁଫଳ ପାଇଲେ ମଧ୍ୟ ଆଶଙ୍କା ମଧ୍ୟରେ ଗତି କରିପାରନ୍ତି। ପାରିବାରିକ ସ୍ଥିତି ମନ୍ଦ ହେବନି, କିନ୍ତୁ ସାମୟିକ ମତାନ୍ତର ଘଟିବ। ବ୍ୟବସାୟିକ ଉତ୍କର୍ଷ, ବିବାଦୀୟ ପରିସ୍ଥିତିର ଶିଥିଳତାରୁ ଆଶ୍ୱସ୍ତି ମିଳିବ।

**ମିଥୁନ** ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଜାଗ୍ରତ ହୋଇପାରେ। ଆଲୋଚନାକାଳରେ ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ। ସାଙ୍ଗଠନିକ, ରାଜନୈତିକ, ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ମନକୁ ଉଲ୍ଲସିତ କରିବ।

**କର୍କଟ** ଦୀର୍ଘମିଆଦୀ ସୂତ୍ରରେ ହାତକୁ ନେଇଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବାରେ ପ୍ରତିବନ୍ଧକ ରହିବ ନାହିଁ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପାଇବେ। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ ଓ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରତିପାଦନ କରି ପ୍ରଶଂସିତ ହେବେ।

**ସିଂହ** ଯେତେ ଭଲ କାମ କଲେ ମଧ୍ୟ ସହାନୁଭୂତି କିମ୍ବା ପ୍ରଶଂସା ଦୁର୍ଲଭ ହୋଇପଡ଼ିବ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିପାରନ୍ତି। ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ଆଶଙ୍କାକୁ ଏଡ଼ି ହେବନାହିଁ। ପ୍ରଶାସନ, ବ୍ୟବସାୟ, ବନ୍ଧୁମିଳନ, ଅର୍ଥପ୍ରାପ୍ତି, ସଭାସମିତିରେ ଯୋଗଦାନ ପ୍ରଭୃତି ସୁଯୋଗ ଜୁଟିପାରେ।

**କନ୍ୟା** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି କୌଣସି କାର୍ଯ୍ୟ ସକାଶେ ଅନୁରୋଧ କରିପାରନ୍ତି। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ଦକ୍ଷତାର ମୂଲ୍ୟାୟନର ବିଚାରବୋଧ ଆପଣଙ୍କ ସପକ୍ଷରେ ଯିବାର ସମ୍ଭାବନା ରହିଛି। ଚିତ୍ରା ନକ୍ଷତ୍ର ଅଭାବନୀୟ ପରିସ୍ଥିତି ମଧ୍ୟରେ କାମ କରିବାକୁ ବାଧ୍ୟ ହେବେ।

**ତୁଳା** ଦିନ ଭିତରେ ଅର୍ଥନୈତିକ ଅବରୋଧ ହଟିଯିବ ଓ କର୍ମକ୍ଷେତ୍ରରେ ଜଟିଳତା ଦୂରେଇ ଯାଇପାରେ। ଶୁକ୍ରଙ୍କ ପ୍ରଭାବରୁ କଳା, କ୍ରୀଡ଼ା, ସଙ୍ଗୀତ, ପ୍ରତିଯୋଗିତା କ୍ଷେତ୍ରରେ ପ୍ରଶଂସାଭାଜନ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସମସ୍ୟା ଲାଗିରହିବ। ସଭାସମିତି ଆଲୋଚନାରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି।

**ବିଛା** କର୍ମକ୍ଷେତ୍ରରେ କିଛି ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ମାନସିକ ଦ୍ୱନ୍ଦ୍ୱ ଦୂରେଇଯିବ ଓ ଭାଙ୍ଗି ପଡ଼ିଥିବା ସମ୍ପର୍କର ପୁନରୁଦ୍ଧାର କରିପାରିବେ। ଜୀବିକା କ୍ଷେତ୍ରରେ କିମ୍ବା ଜମିଜମା କାରବାରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ଦୂର ହେବ।

**ଧନୁ** ଅତୀତର ଅଯଥା କଥା ଚିନ୍ତାକରି ମନକୁ ବିଭ୍ରାନ୍ତ କରିପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ ଧନହାନି, କଳହ, ପ୍ରତାରଣା ଓ ଶାରୀରିକ ଆଘାତ ପାଇବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇବେ।

**ମକର** ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବା ସହ ଲୋକ ସମ୍ପର୍କରେ ଉନ୍ନତି ହେବ। କର୍ମକ୍ଷେତ୍ରରେ ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବନ୍ଧୁଙ୍କ ନିକଟରେ ବାକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** ସମସ୍ତ ସୁବିଧା ଥିଲେ ମଧ୍ୟ ହାତକୁ ନେଇଥିବା କାମଟି ବିଳମ୍ବରେ ଓ ବହୁ କଷ୍ଟରେ ସମ୍ପନ୍ନ ହେବ। ପୂର୍ବର କେତେକ ବିବାଦୀୟ କଥାକୁ ମନେପକାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଅର୍ଥ ସମ୍ପର୍କୀୟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ମୀନ** ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଏବଂ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ କୌଣସି ଅସୁବିଧା ରହିବ ନାହିଁ। ସଭାସମିତିରେ ସମ୍ମାନିତ ହେବେ ଏବଂ ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ପାଇବ। ଜଣେ ଅଜଣା ବନ୍ଧୁଙ୍କ ସାହାଯ୍ୟ ସବୁ ଦିନ ସକାଶେ ସ୍ମରଣୀୟ ରହି ଯାଇପାରେ। ସ୍ୱକର୍ମ କ୍ଷେତ୍ରରେ ମଧ୍ୟ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ।

ଆଜି ଫାଲ୍‌ଗୁନ କୃଷ୍ଣ ନବମୀଯୁକ୍ତ ଦଶମୀ ମଙ୍ଗଳବାର, ମାର୍ଚ୍ଚ ୫ ତାରିଖ, ପଞ୍ଚାୟତିରାଜ ଦିବସ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ, ରାଶି ନକ୍ଷତ୍ର–ମୂଳା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୯।୦୨ ଗତେ ଘ. ୧୦।୪୭ ମଧ୍ୟେ, ଘ.୦୧।୦୮ ଗତେ ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ ଘ.୦୪।୨୧ ମଧ୍ୟେ ରାହୁକାଳ।

सत्यमेव जयते
ଭାରତ ସରକାର

# ବିକଶିତ ଭାରତ, ବିକଶିତ ଓଡ଼ିଶା

# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି



## ଓଡ଼ିଶା ପାଇଁ ୨୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବିବିଧ ବିକାଶୋନ୍ମୁଖୀ ପ୍ରକଳ୍ପର ଉପହାର

### ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ

- ବାଂଶପାଣି-ଦୈତାରୀ-ଟମ୍‌କା-ଯଖପୁରା ରେଳ ଲାଇନ୍ (୧୬୨ କିମି)
- ୧୦୪.୧୭୬ କିମି ପାଇଁ ୪୯ନଂ ଜାତୀୟ ରାଜପଥର ସିଙ୍ଗଡ଼ା-ବିଞ୍ଜାବାହାଲ ସେକ୍ସନ ୪ ଲେନ୍
- ୭୮.୩୧୮ କିମି ପାଇଁ ୪୯ନଂ ଜାତୀୟ ରାଜପଥର ବିଞ୍ଜାବାହାଲ-ତିଲେଇବଣୀ ସେକ୍ସନ ଯାଏ ୪ ଲେନ୍
- ୫୬.୭୮୮ କିମି ପାଇଁ ୧୬ନଂ ଜାତୀୟ ରାଜପଥର ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ ଯାଏ ୬ ଲେନ୍
- ୮୧.୨୬ କିମି ପାଇଁ ୧୮ନଂ ଜାତୀୟ ରାଜପଥର ବାଲେଶ୍ୱର-ଝାରପୋଖରିଆ ସେକ୍ସନ ଯାଏ ୪ ଲେନ୍
- ଖୋର୍ଦ୍ଧା ରୋଡ୍-ବାରଙ୍ଗର ତୃତୀୟ ରେଳ ଲାଇନ୍ (୩୨.୩୪କିମି)
- ଗଞ୍ଜାମରେ ଦିନକୁ ୫୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ସମୁଦ୍ର ଜଳରୁ ଲବଣ ଅପସାରଣ ପ୍ଲାଣ୍ଟ

### ଶିଳାନ୍ୟାସ

- ୭୭ କିମି ପାଇଁ ୫୩ନଂ ଜାତୀୟ ରାଜପଥର ଚଣ୍ଡିଖୋଲ-ପାରାଦୀପ ସେକ୍ସନ ଯାଏ ୮ ଲେନ୍
- ୨୦ନଂ ଜାତୀୟ ରାଜପଥର ୦ରୁ ୩୫.୮୦୦ କିମି ୪ଏଲ୍+ପିଏସ୍ /୨ଏଲ୍+ ପିଏସ୍ (କୁଆଖିଆ- ମଙ୍ଗଳପୁର ସେକ୍ସନ)
- ନର୍ଲାଠାରେ ଇଲେକ୍ଟ୍ରିକ୍ ଲୋକୋ ପିରିଓଡିକାଲ ଓଭରହୋଲିଙ୍ଗ ୱାର୍କସପ୍
- କଣ୍ଟାବାଞ୍ଜିରେ ୱାଗନ୍ ପିରିଓଡିକାଲ୍ ଓଭରହୋଲିଙ୍ଗ ୱାର୍କସପ୍
- ବାଘୁଆପାଳରେ ୱାଗନ ରକ୍ଷଣାବେକ୍ଷଣ ସୁବିଧାକେନ୍ଦ୍ର

### ଉଦ୍‌ଘାଟନ

- ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍‌ର ପାରାଦୀପ ବିଶୋଧନାଗାରରେ ମୋନୋ ଇଥିଲିନ୍ ଗ୍ଲାଇକୋଲ୍(ଏମ୍‌ଇଜି) ପ୍ରକଳ୍ପ
- ଇଣ୍ଡିଆନ୍ ଅଏଲ୍‌ର ପାରାଦୀପ-ସୋମନାଥପୁର-ଦଳଦିଆ ପ୍ରକଳ୍ପ ପାଇପ୍‌ଲାଇନ୍
- ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ଏଲପିଜି ଆମଦାନୀ ଟର୍ମିନାଲ୍
- କଳିଙ୍ଗ ନଗର ଅଞ୍ଚଳରେ କୋନ୍‌କୋର୍ କଣ୍ଟେନର୍ ଡିପୋଟ୍

### ଶୁଭାରମ୍ଭ

- କେନ୍ଦୁଝରଗଡ଼ ଷ୍ଟେସନରୁ ପୁରୀ-ଆନନ୍ଦବିହାର ଟର୍ମିନାଲ୍ ମଧ୍ୟରେ ନୂଆ ଟ୍ରେନ୍
- ପାରାଦୀପ ଷ୍ଟେସନରୁ ପାରାଦୀପ-କେନ୍ଦୁଝରଗଡ଼ ମଧ୍ୟରେ ନୂଆ ଟ୍ରେନ୍
- ଏମ୍‌ଏମ୍‌ଏଲ୍‌ପି ଯାଜପୁର, ଓଡ଼ିଶାରୁ ଆଇସିଡି ଦାଦରୀ, ଉତ୍ତରପ୍ରଦେଶରୁ କଣ୍ଟେନର୍ ଟ୍ରେନ୍

### ପ୍ରକଳ୍ପର ଲାଭ

- ଆତ୍ମନିର୍ଭରତା ଏବଂ ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବନ ଦିଗରେ ମହତ୍ୱପୂର୍ଣ୍ଣ ପଦକ୍ଷେପ
- ୬୦ ଲକ୍ଷ ଶ୍ରମଦିବସର ନିଯୁକ୍ତି ସୃଷ୍ଟି
- ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ମଧ୍ୟରେ ଉନ୍ନତ ଯୋଗାଯୋଗ
- କ୍ଷେତ୍ରୀୟ ବ୍ୟବସାୟ ଏବଂ ଔଦ୍ୟୋଗିକ ଅଭିବୃଦ୍ଧି ନିମନ୍ତେ ଉତ୍ତମ ରେଳ ଯୋଗାଯୋଗ
- ପାରାଦୀପ ବନ୍ଦରକୁ ଉନ୍ନତ ଯୋଗାଯୋଗ

## ଶ୍ରୀ ନରେନ୍ଦ୍ର ମୋଦୀ

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ କରକମଳରେ

**ଗରିମାମୟ ଉପସ୍ଥିତି**

**ଶ୍ରୀଯୁକ୍ତ ରଘୁବର ଦାସ**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ

**ଶ୍ରୀଯୁକ୍ତ ବିଶ୍ୱେଶ୍ୱର ଟୁଡୁ**
ଜନଜାତୀୟ କାର୍ଯ୍ୟ ଏବଂ ଜଳଶକ୍ତି ରାଜ୍ୟ ମନ୍ତ୍ରୀ

ଚଣ୍ଡୀଖୋଲ, ଓଡ଼ିଶା, ମଙ୍ଗଳବାର, ୫ ମାର୍ଚ୍ଚ, ୨୦୨୪, ଅପରାହ୍ନ ୦୩:୧୫ ଘଟିକା






DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖନ୍ତୁ

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ । କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଆଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି । –ଶ୍ରୀମା



# ସର୍ବେସର୍ବା ସେନା

ପାକିସ୍ତାନର ନବ ନିଯୁକ୍ତ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଶପଥ ନେବା ପୂର୍ବରୁ ପାର୍ଲାମେଣ୍ଟରେ ତାଙ୍କ ପ୍ରଥମ ଭାଷଣରେ କଶ୍ମୀର ପ୍ରସଙ୍ଗ ଉତ୍‌ଥାପନ କରିଥିଲେ । ଉଭୟ କଶ୍ମୀର ଓ ପାଲେଷ୍ଟିନୀୟଙ୍କ ସ୍ୱାଧୀନତା ପାଇଁ ନ୍ୟାଶନାଲ ଆସେମ୍ବ୍ଲିରେ ଏକ ସଙ୍କଳ୍ପନାମା ପାରିତ କରିବା ସକାଶେ ପାକିସ୍ତାନୀ ପାର୍ଲାମେଣ୍ଟର ସମସ୍ତ ସଦସ୍ୟ ଏକାଠି ହେବାକୁ ଶରିଫ ଆହ୍ୱାନ ଦେଇଥିଲେ । ଆରମ୍ଭରୁ କଶ୍ମୀର ପ୍ରସଙ୍ଗ ଉତ୍‌ଥାପନ କରି ଶେହବାଜ ନୂତନ ଦିଗ୍‌ଦର୍ଶନ କରିଛନ୍ତି । ନିକଟ ଅତୀତରେ ମନେହେଉଥିଲା ଯେପରି ପାକିସ୍ତାନର ରାଜନେତାମାନେ ସେହି ଦେଶର ସେନାର ଚିନ୍ତାଧାରାଠାରୁ ଦୂରେଇ ଯିବା ପାଇଁ ପ୍ରୟାସ କରୁଥିଲେ । ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଅର୍ଥନୈତିକ ଉନ୍ନତି ଦିଗକୁ ଅଧିକ ଗୁରୁତ୍ୱ ଦେଇଥିବାରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଲୋକପ୍ରିୟତା ହାସଲ କରିପାରିଥିଲେ ବୋଲି ଗତ ନିର୍ବାଚନ ଫଳାଫଳରୁ ପ୍ରମାଣ ମିଳିଛି । ସେହି ନିର୍ବାଚନରେ ଅନେକ କାରସାଦି କରାଯାଇ ଇମ୍ରାନଙ୍କ ପାକିସ୍ତାନ ତେହେରିକ-ଇ-ଇନ୍‌ସାଫ୍ (ପିଟିଆଇ) ଦଳକୁ ହରାଇ ଦିଆଯାଇଥିଲା । ପାକିସ୍ତାନର ନିର୍ବାଚନ କମିଶନ ଏଭଳି ପରିସ୍ଥିତି ସୃଷ୍ଟି କରିଥିଲା ; ଯାହାଫଳରେ ଇମ୍ରାନଙ୍କ କୌଣସି ଜଣେ ପ୍ରାର୍ଥୀ ଦଳୀୟ ଚିହ୍ନରେ ଲଢ଼ିବାକୁ ସୁଯୋଗ ପାଇ ନ ଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ଜିତିବା ଫଳରେ ପାକିସ୍ତାନ ତେହେରିକ-ଇ-ଇନ୍‌ସାଫ ଦଳ ସବୁଠାରୁ ଅଧିକ ସଂଖ୍ୟକ ସାଂସଦ ପାଇପାରିଛି । କିନ୍ତୁ ସେନାର ଉଦ୍ଦେଶ୍ୟ ଭିନ୍ନ ଥିବାରୁ ଇମ୍ରାନଙ୍କ ଦଳ ପିଟିଆଇ ବିରୋଧୀ ଭୂମିକା ଗ୍ରହଣ କରିବାକୁ ବାଧ୍ୟ ହୋଇଛି । ନିର୍ବାଚନ ପରେ ପାକିସ୍ତାନର କେତେକ ଉଚ୍ଚପଦସ୍ଥ ଅଫିସର ନିଜର ଅଗଣତାନ୍ତ୍ରିକ କାର୍ଯ୍ୟକୁ ପଦାରେ ପକାଇ ସମଗ୍ର ଦେଶ ଆଗରେ ସୋସିଆଲ ମିଡିଆ ମାଧ୍ୟମରେ କ୍ଷମା ପ୍ରାର୍ଥନା କରିଛନ୍ତି । ତନ୍ମଧ୍ୟରୁ ଜଣେ ଖୋଲାଖୋଲି ଘୋଷଣା କରିଥିଲେ କିପରି ତାଙ୍କ ଚାପରେ ଅନେକ ଇଲେକ୍‌ସନ ଅଫିସର ହାରିଯାଇଥିବା ପ୍ରାର୍ଥୀଙ୍କୁ ଜିତାଇବାରେ ସାହାଯ୍ୟ କରିଥିଲେ । ତାଙ୍କର ସେହି ବକ୍ତବ୍ୟ ଦେଶ ବିଦେଶରେ ଚର୍ଚ୍ଚିତ ହୋଇଥିଲା । ସେଥିରୁ ପ୍ରମାଣ ମିଳିଥିଲା ଯେ, ପାକିସ୍ତାନରେ ସେନାର ଇଚ୍ଛାବିରୋଧୀ କୌଣସି କାର୍ଯ୍ୟ କରିବା ସମ୍ଭବପର ନୁହେଁ । ଆଜିର ପରିସ୍ଥିତିରେ ସମ୍ଭବତଃ ଇମ୍ରାନ ଖାନ୍‌ଙ୍କ ପାକିସ୍ତାନ ତେହେରିକ-ଇ-ଇନ୍‌ସାଫ ଦଳ ଏକମାତ୍ର ସେନାବିରୋଧୀ ଏବଂ ଜନତା ସପକ୍ଷବାଦୀ ବୋଲି କହିହେବ । ହୁଏତ ସେଥିପାଇଁ ଦକ୍ଷିଣ ଏସିଆର ଅନ୍ୟ କେତୋଟି ଦେଶର ନେତାଙ୍କ ଭଳି ଇମ୍ରାନଙ୍କୁ ମଧ୍ୟ କାରାଗାର ଭୋଗିବାକୁ ପଡୁଛି ।

**ପାକିସ୍ତାନର ସେନା ବଞ୍ଚିରହି ତାହାର ସବୁ ସୁବିଧା ସୁଯୋଗ ସୁରକ୍ଷିତ ରଖିବାକୁ ହେଲେ କଶ୍ମୀରକୁ ସଦାସର୍ବଦା ଏକ ଜ୍ୱଳନ୍ତ ପରିସ୍ଥିତିରେ ରଖିବାକୁ ହେବ। ନବନିଯୁକ୍ତ ପ୍ରଧାନମନ୍ତ୍ରୀ ଶରିଫ ସେହି କାର୍ଯ୍ୟ ସଚ୍ଚୋଟ ଭାବେ କରିଛନ୍ତି। ସେଥିପାଇଁ ତାଙ୍କୁ ସେନାର ସହଯୋଗ ମିଳିବ ବୋଲି ବିଶ୍ୱାସ କରିହେଉଛି।**

ଏହି ପ୍ରଚ୍ଛଦପଟରେ ଦେଖିଲେ, ଶେହବାଜଙ୍କ ପ୍ରଥମ ଭାଷଣରେ କଶ୍ମୀର ଉଲ୍ଲେଖ କରିବା କୌଣସି ଭାବେ ଆଶ୍ଚର୍ଯ୍ୟକର ବିଷୟ ନୁହେଁ । ପାକିସ୍ତାନର ସେନା ବଞ୍ଚିରହି ତାହାର ସବୁ ସୁବିଧା ସୁଯୋଗ ସୁରକ୍ଷିତ ରଖିବାକୁ ହେଲେ କଶ୍ମୀରକୁ ସଦାସର୍ବଦା ଏକ ଜ୍ୱଳନ୍ତ ପରିସ୍ଥିତିରେ ରଖିବାକୁ ହେବ । ନବନିଯୁକ୍ତ ପ୍ରଧାନମନ୍ତ୍ରୀ ଶରିଫ ସେହି କାର୍ଯ୍ୟ ସଚ୍ଚୋଟ ଭାବେ କରିଛନ୍ତି । ସେଥିପାଇଁ ତାଙ୍କୁ ସେନାର ସହଯୋଗ ମିଳିବ ବୋଲି ବିଶ୍ୱାସ କରିହେଉଛି ।

## ଚିରନ୍ତନୀ

ମୁଁ ଦେହ, ପ୍ରାଣ ତୁ, ମୁହିଁ ଜ୍ଞାନ, ତୁ ମୁକତି
ମୁଁ ଧରମ, ମୋକ୍ଷ ତୁହି, ତୁ ପିତା ମୁଁ ମାତା–
ବଢ଼ାଏଁ ଯେ ଶିଶୁ ମୋର ଅନ୍ତର–ରକତେ,
ତୁ ଯେ ତାକୁ ଦେଉ ଚକ୍ଷୁ ଜୀବନୀ–ଶକତି,
ଅନ୍ଧୁଣୀ ମୁଁ ଧାତ୍ରୀ ସିନା, ତୁ ପରମ ଧାତା !

–(ପୁରୁଷ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 6 | | | 2 | |
| | 9 | | | | | | | |
| 1 | | | | 7 | 2 | 8 | | |
| | | | | 1 | 7 | | 4 | |
| | | | 5 | | | 9 | 3 | |
| 5 | 7 | | | | | 1 | | |
| 9 | | 4 | | | 6 | | 8 | |
| | 6 | | | 9 | | 3 | | |
| | | | | 5 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 9 | 1 | 7 | 5 | 6 | 4 | 8 |
| 7 | 5 | 6 | 8 | 2 | 4 | 9 | 3 | 1 |
| 8 | 1 | 4 | 3 | 9 | 6 | 7 | 5 | 2 |
| 9 | 7 | 8 | 6 | 5 | 2 | 4 | 1 | 3 |
| 6 | 2 | 1 | 4 | 3 | 7 | 8 | 9 | 5 |
| 3 | 4 | 5 | 9 | 1 | 8 | 2 | 6 | 7 |
| 5 | 9 | 7 | 2 | 4 | 3 | 1 | 8 | 6 |
| 4 | 8 | 2 | 5 | 6 | 1 | 3 | 7 | 9 |
| 1 | 6 | 3 | 7 | 8 | 9 | 5 | 2 | 4 |

ଗତକାଲିର ଉତ୍ତର

# ନିର୍ବାଚନରେ ସାହିତ୍ୟିକ



ଡ. ସମୀର କୁମାର ନନ୍ଦ

ସାହିତ୍ୟ ଓ ରାଜନୀତିର ସମ୍ପର୍କ କ୍ୱଚିତ ଦେଖିବାକୁ ମିଳିଥାଏ । ସାହିତ୍ୟିକଙ୍କ ରାଜନୀତିରେ ଅଂଶଗ୍ରହଣ କରିବା ବହୁତ ରୋଚକ ବିଷୟ ହୋଇଥାଏ । କବି ସଚ୍ଚି ରାଉତରାୟ ୧୯୧୬ ମେ' ୧୩ରେ ଖୋର୍ଦ୍ଧାର ଗୁରୁଜଙ୍ଗ ଗ୍ରାମରେ ଜନ୍ମଲାଭ କରିଥିଲେ । ଖୋର୍ଦ୍ଧାରେ ବାଲ୍ୟଶିକ୍ଷା ସମାପନ କରି ସେ ଉଚ୍ଚଶିକ୍ଷା ଓ ଚାକିରି ନିମନ୍ତେ କଲିକତା ଯାଇଥିଲେ । କଲିକତାରେ କେଶୋରାମ ସୂତାକଳରେ ଶ୍ରମ କଲ୍ୟାଣ ଅଧିକାରୀ ପଦବୀରେ ଚାକିରି କରୁଥିଲା ବେଳେ ହିନ୍ଦୁ-ମୁସଲମାନ ଦଙ୍ଗା ସମୟରେ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ଆସିଥିଲେ । ୧୯୪୬ରେ ଅନୁଷ୍ଠିତ ଓଡ଼ିଶା ବିଧାନସଭା ନିର୍ବାଚନରେ ଭାଗନେବା ପାଇଁ ସେ କଂଗ୍ରେସ ଟିକଟ ପାଇଁ ଆବେଦନ କରିଥିଲେ । ମାତ୍ର ନିର୍ବାଚନରେ ଲଢିବା ପାଇଁ ତାଙ୍କୁ ଦୀର୍ଘ ୧୫ ବର୍ଷ ପରେ ଅର୍ଥାତ ୧୯୬୧ ନିର୍ବାଚନରେ ସୁଯୋଗ ମିଳିଲା । ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ଦଳ ନୂଆ ଚେହେରାକୁ ସୁଯୋଗ ଦେଉଥିବାରୁ ସଚ୍ଚି ରାଉତରାୟଙ୍କୁ ବାଣପୁର ଆସନରୁ ଲଢିବା ପାଇଁ ଟିକଟ ମିଳିଲା । ସଚ୍ଚିଙ୍କ ପାଇଁ ସ୍ୱୟଂ ନେହେରୁ ଏକ ବାର୍ତ୍ତା ପଠାଇ ଜିତାଇବା ପାଇଁ ଭୋଟରଙ୍କୁ ଅନୁରୋଧ କରିବା ସହିତ ସୁରେନ୍ଦ୍ର ମହାନ୍ତି ଓ ମନମୋହନ ମିଶ୍ର ଆସି ପ୍ରଚାର ମଇଦାନରେ ଛିଡା ହୋଇଥିଲେ ମଧ୍ୟ ସେ ପରାଜିତ ହୋଇଥିଲେ । ତାଙ୍କ ପରାଜିତର କାରଣ କଂଗ୍ରେସ ଦଳ ଖୋର୍ଦ୍ଧାରୁ ଟିକଟ ନ ଦେଇ ବାଣପୁର ପାଇଁ ଟିକଟ ଦେବା ଓ ସ୍ଥାନୀୟ କର୍ମୀଙ୍କ ଅସହଯୋଗ ବୋଲି ସେ ତାଙ୍କ ଆତ୍ମଜୀବନୀ ପୁସ୍ତକରେ ବର୍ଣ୍ଣନା କରିଛନ୍ତି । କଲିକତାରୁ ଚାକିରି ଛାଡି ସେ ୧୯୬୨ରେ ଆସି ଓଡ଼ିଶାରେ ରହିଲେ । ସେହିବର୍ଷ ତାଙ୍କର ରଚିତ ପୁସ୍ତକ କବିତା-୧୯୬୨ ପାଇଁ ସେ ପଦ୍ମଶ୍ରୀ ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଓ ପରେ ପରେ ଜ୍ଞାନପୀଠ ପୁରସ୍କାର ପାଇଥିଲେ ।

ସଂଗ୍ରାମୀ ଲେଖକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କନ୍ୟା ଓ ରାଜନେତା ଭଗବତୀ ଚରଣ ପାଣିଗ୍ରାହୀଙ୍କ ଝିଆରୀ ନନ୍ଦିନୀଙ୍କ ଉପରେ ପିତାଙ୍କ ସାହିତ୍ୟ ଓ କକାଙ୍କ ରାଜନୈତିକ ପ୍ରଭାବ ପଡିଥିଲା । ୧୯୩୯ରେ ମାତ୍ର ୮ ବର୍ଷ ବୟସରେ ବ୍ରିଟିଶ ପତାକାକୁ ତଳେ ପକାଇବା ଓ କଟକର କାନ୍ଥରେ ବ୍ରିଟିଶ ବିରୋଧୀ ପୋଷ୍ଟର ମାରିବା ଅଭିଯୋଗରେ ସେ ଇଂରେଜ ପୋଲିସଙ୍କଠାରୁ ଲାଠିମାଡ ଖାଇ ସ୍ୱାଧୀନତା ସଂଗ୍ରାମରେ ଅର୍ଘ୍ୟ ଢାଳିଥିଲେ । ପରବର୍ତ୍ତୀ ସମୟରେ ଛାତ୍ରୀ ଜୀବନରେ ଜେଲ ଯାଇଥିବା ନନ୍ଦିନୀ ଦୁଇଥର ରାଜ୍ୟ ସଭା ସଦସ୍ୟ ହେବା ସହିତ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଦାୟିତ୍ୱ ନିର୍ବାହ କରିଥିଲେ । ୧୯୭୨ରୁ ୧୯୭୬ ପର୍ଯ୍ୟନ୍ତ ସେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ଶାସନ ପରିଚାଳନା କରିଥିଲେ । ୧୯୪୨ରେ ସପ୍ତମ ଶ୍ରେଣୀରେ ପଢୁଥିଲା ବେଳେ ପ୍ରଥମ



ରଚନା ଭାବରେ 'ଅନାଥ ଗଳ୍ପ' ରେ ଲେଖନୀ ଆରମ୍ଭ କରି ତସଲିମା ନସରୀନଙ୍କ 'ଲଜ୍ଜା' ଉପନ୍ୟାସକୁ ଓଡ଼ିଆରେ ଅନୁବାଦ, 'ଟିକିସୁନା ହଜିଗଲା', 'କେତୋଟି କଥା', 'ସପ୍ତଦଶୀ', 'ଗାନ୍ଧୀ କଥାମୃତ' ଓ 'ଉତ୍ତର ପୁରୁଷ' ପରି ପୁସ୍ତକ ରଚନା କରି ଚର୍ଚ୍ଚାରେ ରହିଥିବା ନନ୍ଦିନୀ ଓଡ଼ିଆ ମାସିକ 'କଳନା'ର ସମ୍ପାଦିକା ଭାବରେ ଭାଷା ସାହିତ୍ୟକୁ ଉନ୍ନତ କରିବା ସହିତ ଓଡ଼ିଆ ସାହିତ୍ୟ ସାଧନା ପାଇଁ ୧୯୮୮ରେ ସହିତ୍ୟ ଭାରତୀ ସମ୍ମାନରେ ସମ୍ମାନିତା ହେବା ସହିତ 'ରସିଦ ଟିକଟ' ପୁସ୍ତକ ପାଇଁ ୧୯୯୫ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରର ଅଧିକାରିଣୀ ହୋଇପାରିଥିଲେ ।

୧୯୭୫ ଅଗଷ୍ଟ ୧ରେ ସମଗ୍ର ଦେଶରେ ଉପଗ୍ରହ ମାଧ୍ୟମରେ ଓଡ଼ିଶା ସମେତ ମାତ୍ର ୬ଟି ରାଜ୍ୟରେ ଟେଲିଭିଜନ ପ୍ରସାରଣ ଆରମ୍ଭ ହୋଇଥିଲା । ଢେଙ୍କାନାଳ ଜିଲାରେ ୧୭୪, ଫୁଲବାଣୀ ଜିଲାରେ ୪୫ ଓ ସମ୍ବଲପୁର ଜିଲାର ୧୪୫ ଦୂରଦର୍ଶନ କେନ୍ଦ୍ରରେ ପ୍ରସାରଣ ନନ୍ଦିନୀ ଶତପଥୀଙ୍କ କରକମଳରେ ଆରମ୍ଭ ହୋଇଥିଲା । ସେହିପରି ୧୫ ଅଗଷ୍ଟ ୧୯୭୫ରେ ଭୁବନେଶ୍ୱର ଓ କଲିକତା ମଧ୍ୟରେ ସିଧାସଳଖ ଟେଲିଫୋନ ସେବାର ଆରମ୍ଭ କରିବା ଓ ଯାତ୍ରୀବାହୀ ବସ୍‌ରୁ ଉପରଶ୍ରେଣୀ ଓ ନିମ୍ନଶ୍ରେଣୀ ଟିକଟ ବ୍ୟବସ୍ଥାକୁ ଉଚ୍ଛେଦ କରିବା ସହିତ ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା, ଯୌତୁକ ନିରୋଧ ଆଇନ ଓ କଳିଙ୍ଗ କୁଟୀର ଯୋଜନାର ପ୍ରଚଳନ କରି ସେ ଇତିହାସ ସୃଷ୍ଟି କରିଥିଲେ । ଶିଶୁ ଚଳଚ୍ଚିତ୍ର ସଂସଦର ଦୁଇଥର ଅଧ୍ୟକ୍ଷା ରହିଥିବା ନନ୍ଦିନୀ ଭାରତୀୟ ଚଳଚ୍ଚିତ୍ର ପ୍ରତିନିଧି ମଣ୍ଡଳର ପ୍ରତିନିଧିତ୍ୱ କରି ମସ୍କୋ ଓ ତାସ୍କେଣ୍ଟ ଗସ୍ତ କରିବା ସହିତ ପ୍ରଧାନମନ୍ତ୍ରୀଙ୍କ ସହିତ ଭାରତୀୟ ପ୍ରତିନିଧି ମଣ୍ଡଳର ସଦସ୍ୟା ହୋଇ ଜାତିସଂଘ ସମ୍ମିଳନୀରେ ଭାଗ ନେଇଥିଲେ । ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷା ଭାବେ ସେ ଦୁଇଥର ନିଜର ପରାକାଷ୍ଠା ଦେଖାଇ ପାରିଥିଲେ ।

୧୯୧୨ ଜୁଲାଇ ୧୭ ନବକଳେବର ରଥଯାତ୍ରା ଦିନ 'ବନ୍ଦେ ଉତ୍କଳ ଜନନୀ' କବିତାର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କୋଳରେ ଜନ୍ମ ନେଇଥିଲେ ନିତ୍ୟାନନ୍ଦ ମହାପାତ୍ର । ସ୍କୁଲ ପଢା ସମୟରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ୧୯୩୦ରୁ ୧୯୪୬ ମଧ୍ୟରେ ସାତଥର ଜେଲଦଣ୍ଡ ଭୋଗିଥିଲେ ନିତ୍ୟାନନ୍ଦ । ଛୋଟବେଳରୁ କୁଳଗୁରୁ ଶ୍ରୀଶ୍ରୀ ରାମଦାସ ବାବାଜୀଙ୍କଠାରୁ ଦୀକ୍ଷାଲାଭ କରିବା ସହିତ ସାରସ୍ୱତ ସାଧନାରେ ସେ ଲିପ୍ତ ଥିଲେ । ସ୍ୱାଧୀନତା ପରେ ପରେ ୧୯୫୨ରେ ଅନୁଷ୍ଠିତ ପ୍ରଥମ ସାଧାରଣ ନିର୍ବାଚନରେ ସେ ବାଲେଶ୍ୱର ଲୋକ ସଭା(ଯୁଗ୍ମ) ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ତାଙ୍କ ବିରୋଧରେ କଂଗ୍ରେସର ଭାଗବତ ସାହୁ ପ୍ରାର୍ଥୀ ହୋଇଥିଲେ । ସାଇକେଲରେ ବୁଲି ବୁଲି ନିର୍ବାଚନ ପ୍ରଚାର କରିବା ଓ ସାତୋଟି ନିର୍ବାଚନମଣ୍ଡଳୀକୁ ପହଞ୍ଚି ନ ପାରିବା ଯୋଗୁ ସେ ଉକ୍ତ ନିର୍ବାଚନରେ ଲକ୍ଷେରୁ ଅଧିକ ଭୋଟରେ ପରାଜିତ ହୋଇଥିଲେ ବୋଲି 'ମୋ କଥା' ନିବନ୍ଧରେ ଲେଖିଛନ୍ତି । ୧୯୫୭ ବିଧାନସଭା ନିର୍ବାଚନରେ ସେ ଭଦ୍ରକ ଆସନରୁ କଂଗ୍ରେସ ଟିକଟରେ ଲଢିବା ପାଇଁ ଯଦିଓ ଆଶାୟୀ ଥିଲେ ହେଲେ ମୁସଲମାନ ଭୋଟରଙ୍କୁ ଲକ୍ଷ୍ୟରେ ରଖି କଂଗ୍ରେସ ଦଳ ତାଙ୍କୁ ଟିକଟ ନ ଦେଇ ୧୯୫୨ରେ ବିଧାନସଭା ସଦସ୍ୟ ଥିବା ଓ ଉପବାଚସ୍ପତି ହୋଇଥିବା ମହମ୍ମଦ ହନିଫଙ୍କୁ ପ୍ରାର୍ଥୀ କରିଥିଲା । ସେହିବର୍ଷ ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହରୁ ଭଦ୍ରକକୁ ନିର୍ବାଚନ ପ୍ରଚାରରେ ଆସିଥିଲେ ମଧ୍ୟ ନିତ୍ୟାନନ୍ଦ ହନିଫଙ୍କୁ ପରାଜିତ କରି ବିଧାନସଭାକୁ ଯାଇଥିଲେ ଏବଂ ବାଚସ୍ପତି ପଦ ପାଇଁ ନୀଳକଣ୍ଠ ଦାସଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୩ଟି ଭୋଟରେ ପରାଜିତ ହୋଇଥିଲେ । ଭଦ୍ରକ ଆସନରୁ ନିତ୍ୟାନନ୍ଦ ୧୯୫୭ ମସିହାରେ ହନିଫଙ୍କୁ ୧୭୬୮ ଭୋଟ ଓ ୧୯୬୧ରେ ୪୦୦୦ ଭୋଟରେ ହରାଇ ବିଧାନସଭାକୁ ଯାଇଥିଲେ । ଭଦ୍ରକ ଆସନରୁ ୧୯୬୭ରେ ନିତ୍ୟାନନ୍ଦ ଜନକଂଗ୍ରେସ ଦଳ ଟିକଟରେ ଲଢି ୨୧୦୦୦ ଭୋଟ ବ୍ୟବଧାନରେ କଂଗ୍ରେସର ରତ୍ନାକର ମହାନ୍ତିଙ୍କୁ ପରାଜିତ କରି ତୃତୀୟଥର ପାଇଁ ବିଧାନସଭା ଆସନ ଅଳଙ୍କୃତ କରିଥିଲେ । ସେହିବର୍ଷ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଓ ଜନକଂଗ୍ରେସ ଦଳର ମିଳିତ ମନ୍ତ୍ରିମଣ୍ଡଳରେ ଯୋଗାଣ ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଭାବରେ ଶପଥ ନେଇଥିଲେ । ନିତ୍ୟାନନ୍ଦ ମହାପାତ୍ର ଜଣେ ଅତି ସାଧାରଣ ବ୍ୟକ୍ତି ଭାବରେ ଜୀବନଯାପନ କରୁଥିଲେ । ମନ୍ତ୍ରୀ ହେଲା ପରେ ମଧ୍ୟ ସେ ସାଇକେଲ ଚଢି ସଚିବାଳୟକୁ ଯିବା ଆସିବା କରୁଥିଲେ ।

ପଣ୍ଡିତ ନୀଳକଣ୍ଠ ଦାଶ ୫ ଅଗଷ୍ଟ ୧୮୮୪ରେ ସାକ୍ଷୀଗୋପାଳ ନିକଟସ୍ଥ ଶ୍ରୀରାମପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । ୧୯୨୧ରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେଇ ଚାରିଥର ଜେଲ ଯାଇଥିଲେ । ୧୯୨୩ ରେ ଓଡ଼ିଶା ପାଇଁ ସେଣ୍ଟ୍ରାଲ ଆସେମ୍ବ୍ଲି ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ । ୧୯୫୧ରେ ନିଜେ ଗଢ଼ିଥିବା ସ୍ୱାଧୀନ ଜନସଂଘ ଦଳ ଟିକେଟରେ ସେ ନିର୍ବାଚନ ଲଢ଼ି ବିଧାନସଭାକୁ ଯାଇଥିଲେ । ପୁନର୍ବାର ୧୯୫୭ ନିର୍ବାଚନରେ କଂଗ୍ରେସ ପାର୍ଟି ତରଫରୁ ନିର୍ବାଚନ ଲଢ଼ି ୧୯୬୧ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାର ବାଚସ୍ପତି ଭାବରେ କାର୍ଯ୍ୟ କରିଥିଲେ ।

କଚେରି ସାହି, ଦେବଗଡ଼
ମୋ: ୯୪୩୭୨୧୮୯୧୭

# ଯାନ୍ତ୍ରିକ ଯନ୍ତ୍ରଣା



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ହାଟରେ ପରିବା କିଣୁଥିଲି । ପଛରୁ ମୋ ହାତକୁ ଧରି ଟାଣିନେଲେ କେହି । ବୁଲି ଦେଖିଲି ଜଣେ ଅବସରପ୍ରାପ୍ତ ଶିକ୍ଷକ । କିଛି ପଚାରିବା ଆଗରୁ ସେ କହିଲେ – ସାହୁ ବାବୁ ! ଆପଣଙ୍କୁ ଖବରକାଗଜରେ ହିଁ ଦେଖୁଛି । ଭଲ ଲେଖୁଛନ୍ତି । ଅନେକ ସମୟରେ ଆପଣଙ୍କ ଲେଖା ପଢ଼ି ପାରୁନି । ମିସ୍ ହୋଇଯାଉଛି । ମୁଁ ଉତ୍ସାହିତ ହୋଇ କହିଲି – ସାର ! ଆପଣଙ୍କ ହ୍ୱାଟ୍ସଆପ୍ ନମ୍ବର ଦିଅନ୍ତୁ ଲେଖା ପ୍ରକାଶିତ ହେଲେ ମୁଁ ପଠେଇ ଦେବି । ସେ ତୁରନ୍ତ ତାଙ୍କ ପ୍ୟାଣ୍ଟ ପକେଟରୁ ଗୋଟେ ମୁଣ୍ଡା ମୋବାଇଲ ବାହାର କରି ଦେଖାଇଲେ ଓ କହିଲେ – ବୁଝିଲେ ଆଜ୍ଞା ! ଏଇଟା ମୋର ମୋବାଇଲ । ହାଲୋ କଲେ ସରିଲା । ଗାଡ଼ି ଘୋଡ଼ା ନାହିଁ । ନିଜ ସାଇକେଲକୁ ଦେଖାଇ ପୁଣି କହିଲେ – ଏଇଟା ମୋର ସର୍ବସ୍ୱ । ବାହାରେ ଖାଇବା ନାହିଁ । ଯାହା ଖାଇବି ଘରେ । ଅବସର ନେଇ ୧୩ ବର୍ଷ ହେଲାଣି । ବିନା ଚଷମାରେ ପଢ଼ିପାରୁଛି । ଚାଲବୁଲରେ ସମସ୍ୟା ନାହିଁ । ଭଗବାନଙ୍କ ଦୟାରୁ ସୁସ୍ଥ ଅଛି । ଏଣିକି ମୋର ପାଟିରୁ କଥା ବାହାରୁ ନ ଥାଏ । ଖାଲି ବିସ୍ମୟ ହେଉଥାଏ । ବୋଧେ ହୁଏ ନିଜ ଦମ୍ଭରେ ସେ ବଞ୍ଚି ପାରୁଛନ୍ତି ବୋଲି ପରିଣତ ବୟସରେ ରୋଗ ତାଙ୍କୁ ସ୍ପର୍ଶ କରିପାରିନି । ଅସୁସ୍ଥତା ପାଇଁ ଅନେକ ସମୟରେ ଆମେ ଚାରିପାଖର ପରିବେଶ, ଖାଦ୍ୟ, ପାନୀୟ ଉପରେ ଦାୟୀ କରୁ । ଯଦିଓ ଏହା କିଛି ମାତ୍ରାରେ ଦାୟୀ, କିନ୍ତୁ ଏହା କେବଳ ଭେଳିକି ମାତ୍ର । ନିଜକୁ ନିଜେ ତୁଷ୍ଟି କରିବା ଲାଗି ଆମର ଏଭଳି ଉଦ୍ୟମ । ବାସ୍ତବରେ ଏସବୁଠାରୁ ଆମର ଜୀବନଶୈଳୀ ଅଧିକମାତ୍ରାରେ ଆମ ଅସୁସ୍ଥତାର ପ୍ରମୁଖ କାରଣ ହୋଇଥାଏ । ଆଜିକାଲି ଯାଠାରୁ ବଡ଼ ଅଧିକ ସମସ୍ୟା ହେଉଛି ଯାନ୍ତ୍ରିକ ଯନ୍ତ୍ରଣା ।

ଯେତକ ଯାବତୀୟ କାରବାର ଆଜି ମୋବାଇଲରେ । ଖଣ୍ଡେ ମୋବାଇଲ ପକେଟରେ ଅଛି । ଆଉ ସେଥିରେ ନେଟ ରହିଛି । ଜାଣ ଦୁନିଆ ତୁମ ପାଦ ତଳେ ବୁଲୁଛି । କେବଳ ଫୋନ ପାଇଁ ମୋବାଇଲ ଯଥେଷ୍ଟ ନୁହଁ । ବିବିଧ କର୍ମରେ ମୋବାଇଲର ଆବଶ୍ୟକତା ଅଧିକ । ଆଙ୍ଗୁଠି ଟିପିଲେ ସବୁ କାମ ହୋଇପାରୁଛି । ଅନ୍‌ଲାଇନରେ କିଣା ବିକା, ପରୀକ୍ଷା, ପାଠପଢ଼ାଠାରୁ ଆରମ୍ଭ କରି ଖବର, ସିନେମା, ମନୋରଞ୍ଜନ ଇତ୍ୟାଦି ଇତ୍ୟାଦି । ଘରେ ରୋଷେଇ କାମ ହେଉଥିବ ଏପଟେ ମୋବାଇଲରେ ସିରିଏଲ ଦେଖାଚାଲିବ । ଆଜିକାଲି ହଠାତ୍ କାହାର ମୋବାଇଲ ହଜିଗଲା କିମ୍ବା ଖରାପ ହୋଇଗଲା । ତେବେ ସେଇ ବ୍ୟକ୍ତିଙ୍କର ଖାଲି ଆଚରଣ ଓ ଉଚ୍ଚାରଣକୁ ଦେଖିବେ । ସେ ବ୍ୟସ୍ତ ହୋଇପଡିବା ସହ ଆଖପାଖର ଲୋକଙ୍କୁ ବ୍ୟତିବ୍ୟସ୍ତ କରିଦେବେ । ଲାଇନରେ ଟିକେଟ ପାଇଁ ଠିଆ ହୋଇଛନ୍ତି ସେପଟ କାଚ ଗୁମୁଟି ଭିତରେ ଥିବା ଲୋକଟି କହିବ ଏବେ ହୋଇପାରିବନି । ଲିଙ୍କ୍ ଫେଲ୍ୟୁର । ବ୍ୟାଙ୍କରେ ଟଙ୍କା ପାଇଁ ଘଣ୍ଟା ଘଣ୍ଟା ଧାଡିରେ ଠିଆ ହୋଇ ବିରକ୍ତର ଶେଷ ସୀମା ପାର ହୋଇ ସାରିଥିବେ । ସେତେବେଳେ ଦରଜା ପାଖରେ ଗୋଟେ ମଲାଟରେ ଲେଖାଥିବ ଲିଙ୍କ୍ ଫେଲ୍ୟୁର । ସେଇଠି ଜୀବନ ଅଚଳ । ପୃଥିବୀ ଅନ୍ଧାର । ଧୈର୍ଯ୍ୟର



ବନ୍ଧ ଭାଙ୍ଗିଯିବ । ନିତି ବାଇକରେ ଯାଉଥିବେ । ହଠାତ କୋଉ କାମରେ ବାହାରିଲାବେଳକୁ ଗାଡ଼ି ଅଚଳ ହୋଇଯିବ । ନିଜର ବୋଲ ମାନିବନି । ଦି' ତିନିଟା ଗୋଇଠା କେହି କେହି ମାରିବେ । ଷ୍ଟେସନରେ ଲାଗିଲେ ଯାଇ ଭାରତୀୟ ରେଳର ଠିକ ଟାଇମ । ରେଳ ଚଢ଼ିଲା ପରେ ଗନ୍ତବ୍ୟସ୍ଥଳରେ ପହଞ୍ଚିଲେ ଯାଇ ରକ୍ଷା । ତାରି ଭିତରେ ଘଟି ଯାଇପାରେ ଅନେକ କଥା । ବିଳମ୍ବ ସ୍ୱାଭାବିକ ପ୍ରକ୍ରିୟା । ଠିକ ସମୟରେ ପହଞ୍ଚିବା ଅଲୌକିକତା । ଯାତ୍ରୀର ଯନ୍ତ୍ରଣା ଅକଥନୀୟ ଓ ଅବର୍ଣ୍ଣନୀୟ । ଶୀଘ୍ର ପହଞ୍ଚିବା ଲାଗି ବିମାନରେ ଯିବେ ଭଲ କଥା । କିନ୍ତୁ ବିମାନରେ ବି ଏବେ ସେଇ ଅବସ୍ଥା । ଟ୍ରାଫିକ ସମସ୍ୟା, ପାଗ ସମସ୍ୟା, ଯାନ୍ତ୍ରିକ ତ୍ରୁଟି ଏମିତି ଅନେକ ବ୍ୟଥା । ତାକୁ ହଜମ କରି ଗଲେ ଦୋଷ ନାହିଁ । ନ ହେଲେ ଠିକ୍ ସମୟରେ ପହଞ୍ଚିବେ ବୋଲି ଗ୍ୟାରେଣ୍ଟି ନାହିଁ ।

କମ୍ପ୍ୟୁଟର ଓ ଲାପଟପର କାହାଣୀ ବହୁତ । ଲାପଟପ ବହୁ ଚାକିରିଆଙ୍କ ଆତ୍ମା । ଉଠିଲାଠାରୁ ପୁଣି ଶୋଇବାକୁ ଗଲା ଯାଏ ତାରି ସହ ଉଠାବସା । କେତେ କେତେ ତଥ୍ୟ ସୁରକ୍ଷିତ ରହିଛି ବୋଲି ଚିନ୍ତାମୁକ୍ତ । ସବୁକିଛି ସଫ୍ଟ କପି ଆକାରରେ ରହିଥିବାରୁ ତଥ୍ୟ ଆଦାନପ୍ରଦାନରେ ସମସ୍ୟା ନାହିଁ । ଭାରି ଭରସା ଦେଇ ଚାଲିଥାଏ ସେ । କିନ୍ତୁ ଯେତେବେଳେ ଏହି ଲାପଟପ ଧୋକା ଦିଏ ସେତେବେଳେ ଅକଲ ଗୁଡୁମ ହୋଇଯାଏ । ଯାବତୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଉ ଖୋଲି ହୁଏନି । ତାକୁ ପୁଣି ଟଣାଓଟରା ନାନାଦି ପରପଞ୍ଚ କରି ହୁଏତ ତଥ୍ୟ ସବୁକୁ ଆଦାୟ କରିହୁଏ । କିନ୍ତୁ ସେଥିରେ ବି ଶତ ପ୍ରତିଶତ ଗ୍ୟାରେଣ୍ଟି ନାହିଁ । ଯନ୍ତ୍ର ଯେତିକି ସହଜ ଓ ସୁବିଧା । ତା'ର ପଛରେ ସେତିକି କଷ୍ଟ ଓ ଯନ୍ତ୍ରଣା ରହିଛି । ଯନ୍ତ୍ର ଉପରେ ଭରସା କରି ବଞ୍ଚୁଥିବା ମଣିଷ ଏମିତି ସଙ୍କଟଜନକ ସ୍ଥିତିରେ ପଡୁଛି । ଯନ୍ତ୍ର ଖାଲି କଷ୍ଟ ଦେଉନି । ମଣିଷର ଶକ୍ତି ଓ ସାମର୍ଥ୍ୟ ଉପରେ ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯନ୍ତ୍ରବତ୍ ମଣିଷ ଅସମୟରେ ଯାବତୀୟ ରୋଗକୁ ଆମନ୍ତ୍ରଣ କରୁଛି । ପିଲାଟି ବେଳରୁ ମୋବାଇଲ ଦେଖି ଭାତ ଖାଉଥିବା ପିଲା ସ୍କୁଲକୁ ଗଲାବେଳକୁ ଆଖିରେ ଚଷମା ଲଗେଇବାକୁ ପଡୁଛି । ସମୟ ପୂର୍ବରୁ ବୟସର ଭାରରେ ମଣିଷ ଯେତିକି ନଇଁ ପଡୁଛି, ସେତିକି ରୋଗର ଶିକାର ହେଉଛି । ଆଖି କାନର କ୍ଷମତା ଶୀଘ୍ର ଚାଲି ଯାଉଛି । ବୌଦ୍ଧିକ ପରିଚାଳନାରେ ମଣିଷ ଅନେକ ସମୟରେ ବ୍ୟର୍ଥ ହେଉଛି । ଯାନ୍ତ୍ରିକ ସମସ୍ୟା ହୁଏତ ସାମୟିକ ଛଟପଟ କରେ । ଯନ୍ତ୍ର ସଜାଡିଗଲେ ଜୀବନ ପୁଣି ମଧୁମୟ ହୋଇଯାଏ । କିନ୍ତୁ ଅଦୃଶ୍ୟ ଭାବେ ନିଜର ସାଥୀ ପାଲଟି ଯାଇଥିବା ଯାନ୍ତ୍ରିକ ଯନ୍ତ୍ରଣା କ୍ରମଶଃ ନିଜର ଅଗୋଚରରେ ଶାରୀରିକ ଓ ମାନସିକ ଯନ୍ତ୍ରଣାରେ ପରିଣତ ହୋଇପଡେ । ତାରି ପରିସରରୁ ମୁକୁଳିବା ସହଜ ହୋଇପାରେନା ମଣିଷ । ପରେ ଛଟପଟ ହୋଇ ଜୀବନ ଜିଇବାକୁ ବାଧ୍ୟ । ଏସବୁ କଥା ମନକୁ ଛୁଇଁଲାବେଳେ ସେହି ତଥାକଥିତ ଅବସରପ୍ରାପ୍ତ ସାର୍‌ଙ୍କ ହସହସ ଚେହେରା ମନେ ପଡିଗଲା । ମନରେ ପ୍ରଶ୍ନ ସୃଷ୍ଟି ହେଲା ଆଜି ବି କ'ଣ ସତରେ ସାର୍‌ଙ୍କ ଭଳି ବଞ୍ଚିହେବ ଏବଂ ଯାନ୍ତ୍ରିକ ଯନ୍ତ୍ରଣାରୁ ମୁକ୍ତି ମିଳିବ !

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା
ମୋ– ୯୪୩୭୯୦୯୬୭୧

## ଏଇ ଭାରତରେ

ମୋବାଇଲ ପୁରୁଣା ହୋଇଗଲେ ତାହାକୁ ଫିଙ୍ଗି ଦିଆଯାଉଛି । ଏହା ଇ-ୱେଷ୍ଟ ପରିବେଶ ଲାଗି କ୍ଷତିକାରକ । କିନ୍ତୁ ପୁରୁଣା ମୋବାଇଲକୁ ରିସାଇକ୍ଲିଂ କରି ଦିଲ୍ଲୀର ଦୁଇ ସାଙ୍ଗ ଅଭିନୀତ ସିଂ ଓ ସକେତ ସୌରଭ ଚଳିତବର୍ଷ ୨୪୦ କୋଟି ଟଙ୍କାରୁ ଅଧିକ ରୋଜଗାର କରିପାରିଛନ୍ତି । ସେମାନେ 'ରି-ଫିଟ ଗ୍ଲୋବାଲ' କମ୍ପାନୀ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି । ସେମାନେ ରିସାଇକ୍ଲିଂ କରି ଏବେ ସୁଦ୍ଧା ୧.୭୫ ମିଲିୟନରୁ ଊର୍ଦ୍ଧ୍ୱ ୟୁନିଟ୍ ବିକ୍ରି କରି ସାରିଲେଣି । ଉଭୟ ଅଭିଜିତ ଓ ସକେତ ଚାକିରି କରିଥିଲେ । ତାହାକୁ ଛାଡ଼ି ୨୦୧୭ରେ ସେମାନେ ରିଫିଟ ଗ୍ଲୋବାଲ କମ୍ପାନୀ କରି ଇ-ୱେଷ୍ଟ ହ୍ରାସ କରିବାକୁ ପୁରୁଣା ମୋବାଇଲ ରିସାଇକ୍ଲିଂ ଆରମ୍ଭ କରିଥିଲେ । ସେମାନେ ଏବେ ସୁଦ୍ଧା ୫୫,୦୦୦ରୁ ୬୫,୦୦୦ ଫୋନ ପ୍ରତି ମାସରେ ରିସାଇକ୍ଲିଂ କରିପାରୁଛନ୍ତି । ପ୍ରଥମେ ଦୁଇସାଙ୍ଗ ପ୍ରତ୍ୟେକ ୧୫ ଲକ୍ଷ ଟଙ୍କା ଋଣ କରି ବିଜ୍‌ନେସ ଆରମ୍ଭ କରିଥିଲେ । ପ୍ରଥମେ ଏହି କମ୍ପାନୀ ସକେତ ଓ ଅଭିନୀତଙ୍କ ସମେତ ୭ ଜଣଙ୍କୁ ନେଇ ଆରମ୍ଭ କରାଯାଇଥିଲା । ସେମାନେ ରିସାଇକ୍ଲିଂ ପରେ ଫୋନଗୁଡ଼ିକୁ କାରରେ ନେଇ ରାସ୍ତାରେ ବିକ୍ରି କରିବା ଆରମ୍ଭ କରିଥିଲେ । ଦୁଇ ବର୍ଷ କଠିନ ପରିଶ୍ରମ କରିବା ପରେ ସଫଳତା ପାଇଥିଲେ । ସେମାନେ ଅଫ୍‌ଲାଇନ ଓ ଅନ୍‌ଲାଇନରେ ଏହି ଫୋନ୍ ବିକ୍ରି କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୫ ମାର୍ଚ୍ଚ ୧୯୭୫**

- ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକମାନଙ୍କୁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ସୁପାରିଶ କରିଥିବା ଦରମାହାର ଦେବାକୁ ପଶ୍ଚିମବଙ୍ଗ ସରକାରଙ୍କ ନିଷ୍ପତ୍ତି ।
- ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ବାବଦରେ ପଞ୍ଚମ ଯୋଜନା ଟିଠାରେ ମୋଟ ୧୨୯ କୋଟି ୫୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ।
- ହେଲିକପ୍ଟର ଦୁର୍ଘଟଣାରେ ଚିଲ୍ଲୀ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଓସ୍କାର ବୋନିଲାଙ୍କ ସମେତ ଅନ୍ୟ ୮ ଜଣ ପଦାତିକ ବାହିନୀ ଅଫିସରଙ୍କ ମୃତ୍ୟୁ ।

## ପାଠକ ଶ୍ରେଷ୍ଠ ବିଚାରକ

### ଆଣ୍ଟିବାୟୋଟିକ୍ସ ରୋକ

ମହାଶୟ,

ଆଣ୍ଟିବାୟୋଟିକ୍ସର ଉଦ୍ଭାବନ ମାନବ ସମାଜ ପାଇଁ କୌଣସି ବରଦାନରୁ କମ ନୁହେଁ । ମାତ୍ର ଏହାର ଅତ୍ୟଧିକ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ବିଶେଷ କ୍ଷତିକାରକ । ଡାକ୍ତରଙ୍କ ବିନା ପରାମର୍ଶରେ ମନଇଚ୍ଛା ଆଣ୍ଟିବାୟୋଟିକ୍ସ ଖାଇବା ଯୋଗୁ ଶରୀରରେ ଆଣ୍ଟିବାଇକ୍ରୋବାୟଲ ପ୍ରତିରୋଧ ବୃଦ୍ଧି ପାଉଛି । ଏଥିପାଇଁ ବର୍ଷକୁ ପ୍ରାୟ ୭ ଲକ୍ଷ ଲୋକଙ୍କ ଜୀବନ ଯାଉଛି । କେନ୍ଦ୍ର ସରକାର ଏ ଦିଗରେ କଠୋର ନିର୍ଦ୍ଦେଶନାମା ଜାରି କରିଛନ୍ତି । ବିନା ପ୍ରେସକ୍ରିପସନରେ ଆଣ୍ଟିବାୟୋଟିକ୍ସ ବିକ୍ରି କରାଯାଇପାରିବ ନାହିଁ । ଡାକ୍ତର ବି ଲେଖିଲେ ନିର୍ଦ୍ଦିଷ୍ଟ କାରଣ ଦର୍ଶାଇବେ । ନଚେତ୍ ଲାଇସେନ୍‌ସ ରଦ୍ଦ ହେବାର ସମ୍ଭାବନା ରହିଛି । କ୍ୟାନ୍‌ସର ବା ସଡ଼କ ଦୁର୍ଘଟଣାରେ ଯେତିକି ଲୋକ ମୃତ୍ୟୁବରଣ କରୁଛନ୍ତି ତାକୁ ଟପିଯିବ ଏହାକୁ ସେବନ କରୁଥିବା ବ୍ୟକ୍ତିଙ୍କ ମୃତ୍ୟୁ ସଂଖ୍ୟା । ତେଣୁ ଏବେଠାରୁ ଆଣ୍ଟିବାୟୋଟିକ୍ସ ଉପରେ ଅଙ୍କୁଶ ଲାଗିବା ଜରୁରୀ ।

– ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଇଚ୍ଛାଶକ୍ତିରୁ ସଫଳ ବ୍ୟବସାୟୀ



ଶରତ କୁମାର ସାହୁ

**ପିଲାଟି ଦିନରୁ ଶାନ୍ତ ସରଳ ସ୍ୱଭାବର ମେଧାବୀ ଛାତ୍ର ଜଣକ ସମୟକ୍ରମେ ସୁନ୍ଦରଗଡ଼ ଜିଲାର ବଣାଇରୁ ଉଚ୍ଚ ଶିକ୍ଷା ଶେଷକରି ଭୁବନେଶ୍ୱରର କୃଷି ମହାବିଦ୍ୟାଳୟ ବା ଓୟୁଏଟିରେ ଉଚ୍ଚତର ଶିକ୍ଷା ସମାପ୍ତକରି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ନିଯୁକ୍ତି ପାଇଥିଲେ ମଧ ମନରେ ଥିଲା କିଛି ସ୍ୱତନ୍ତ୍ର କାର୍ଯ୍ୟ ଓ ଅନ୍ୟମାନଙ୍କୁ ପରୋକ୍ଷ ଓ ପ୍ରତ୍ୟକ୍ଷରେ ନିଯୁକ୍ତି ଯୋଗାଇବା ସହ ସମାଜ ପାଇଁ କିଛି କରିବାର ଇଚ୍ଛା ଏବଂ ଅଭିଳାଷରୁ ଏସ୍‌ପିପିଏଲ୍‌ର ଅଭ୍ୟୁଦୟ ହୋଇଥିଲା। ଦୀର୍ଘ ୧୦ବର୍ଷ ମଧରେ ଅନେକ ସଫଳତା ଓ ସମ୍ମାନ ପାଇଥିବା ଷ୍ଟଲ୍‌ୱାର୍ଟ ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍(ଏସ୍‌ପିପିଏଲ୍)ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଶରତ କୁମାର ସାହୁଙ୍କ ସହ ଧରିତ୍ରୀର ବିଶେଷ ଆଳାପ..**

**ପ୍ର–ଓଡ଼ିଶା ବଜାରରେ ହାଉସିଂ ପ୍ରକଳ୍ପର ଚାହିଦା କିଭଳି ରହିଛି?**

ଉ– ଓଡ଼ିଶା ବଜାରରେ ବିଭିନ୍ନ ବର୍ଗର ହାଉସିଂ ପ୍ରକଳ୍ପର ବ୍ୟାପକ ଚାହିଦା ରହିଛି। ବିଶେଷକରି ସ୍ୱତନ୍ତ୍ର ଗୃହ ( ଡୁପ୍ଲେକ୍ସ) ଏବଂ ବିଳାସମୟ (ମଲ୍ଟି ଫାସିଲିଟି) ଆପାର୍ଟମେଣ୍ଟର ଚାହିଦା ଓ ଆବଶ୍ୟକତା ଅନ୍ୟ ପ୍ରକଳ୍ପ ଅପେକ୍ଷା ସର୍ବାଧିକ ରହିଛି।

**ପ୍ର– ଗୃହ ନିର୍ମାଣକାରୀଙ୍କ ପାଇଁ ରେରା ନିୟମାବଳୀ କିଭଳି ଗୁରୁତ୍ୱ ବହନ କରୁଛି?**

ଉ– ବର୍ତ୍ତମାନ ସମୟରେ ଗ୍ରାହକ ଗୃହ ନିର୍ମାଣକାରୀଙ୍କ ନିକଟରେ ନିଜର ହକ୍ ଦର୍ଶାଇ ପାରୁଛି। କାରଣ ସେମାନଙ୍କ ପାଇଁ ସରକାରଙ୍କ ନୀତି ନିୟମ ଓ ଆଇନ ସାଙ୍ଗକୁ ନିୟାମକ ବା ରେରା ଏକ ମାଧ୍ୟମ ପାଲଟିଛି। ପୂର୍ବରୁ ରେରା କିମ୍ବା ସରକାରଙ୍କ ପକ୍ଷରୁ ବର୍ତ୍ତମାନ ପରି ସଜାଗ ନ ଥିବାରୁ ଗୃହ ନିର୍ମାଣକାରୀମାନେ ମନମୁଖି କାର୍ଯ୍ୟ କରୁଥିଲେ। ଫଳରେ ଗ୍ରାହକ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିଲେ। ହେଲେ ବର୍ତ୍ତମାନ ସରକାର ଓ ରେରା ନିୟମାବଳୀ ଅନୁଯାୟୀ ସବୁ କାର୍ଯ୍ୟ କରାଯାଉଥିବାରୁ ଶିଳ୍ପରେ ସ୍ୱଚ୍ଛତା ଏବଂ ଗ୍ରାହକଙ୍କ ମନରେ ଭୟ ଦୂର ସହ ବିଶ୍ୱାସଭାବ ସୃଷ୍ଟି ହୋଇଛି।

**ପ୍ର– କେଉଁ ବର୍ଗର ଲୋକ (ଗ୍ରାହକ) ଘର କିଣିବାକୁ ପସନ୍ଦ କରିଥାନ୍ତି?**

ଉ– ସମାଜରେ ରହିବା ପାଇଁ ସବୁ ବର୍ଗର ଲୋକଙ୍କୁ ଘରଟିଏ ଆବଶ୍ୟକ ଥିବାବେଳେ ସହରରେ ରହିବା ପାଇଁ ସକ୍ଷମ ଗ୍ରାହକଙ୍କ ମନରେ ଏହା ଏକ ସ୍ୱପ୍ନ ହୋଇଥାଏ। ହେଲେ ସକ୍ଷମ ମଧ୍ୟରେ ଗ୍ରାହକ ତା'ର ସୁବିଧା ଓ ଆବଶ୍ୟକ ଅନୁଯାୟୀ ଘର କିଣିଥାଏ। ସହରରେ ଘର କିଣିବାକୁ ବିଶେଷ ବୃତ୍ତିଧାରୀ (ଡାକ୍ତର,ଆଇନଜୀବୀ,ସିଏ,ସିଏସ୍,ଶିକ୍ଷକ, ଆଇଟି ପ୍ରେଫଶନାଲ,ଇଞ୍ଜିନିୟର ପ୍ରମୁଖ) ସକ୍ଷମ ଗ୍ରାହକ ସହିତ ସରକାରୀ ଚାକିରିଆ ଏବଂ ବ୍ୟବସାୟୀମାନେ ସେମାନଙ୍କର ପୁଞ୍ଜି ଓ ଚାହିଦା ସହ ବିଳାସପୂର୍ଣ୍ଣକୁ ଗୁରୁତ୍ୱ ଦେଇଥାନ୍ତି।

**ପ୍ର– ଟିକସ ଓ ପଞ୍ଜୀକରଣ ମଧ୍ୟରେ ପ୍ରକଳ୍ପର ପରିକଳ୍ପନା କିପରି କରିଥାନ୍ତି?**

ଉ– ବର୍ତ୍ତମାନ ସମୟରେ ଗୋଟିଏ ପ୍ରକଳ୍ପ କରିବା ଏବଂ ପ୍ରକଳ୍ପର ଶେଷ ପର୍ଯ୍ୟନ୍ତ ଆବଶ୍ୟକ ସମସ୍ତ ହିସାବପତ୍ର ସହିତ ସରକାରୀ ଖର୍ଚ୍ଚ ଆଦିର ହିସାବକୁ ନଜରରେ ରଖି ନୂତନ ପ୍ରକଳ୍ପ କରିବାକୁ ପଡ଼ିଥାଏ। ଗୋଟିଏ ପଟରେ ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତାକୁ ଦେଖିବାକୁ ଗଲାବେଳେ ଅପରପକ୍ଷରେ ସରକାରୀ ଓ ନିୟାମକଙ୍କ ନୀତିନିୟମ ଓ ଟିକସକୁ ମଧ ହିସାବକୁ ନେବାକୁ ପଡିଥାଏ। ପରିଶେଷରେ ପ୍ରକଳ୍ପ କରିବା ଓ କାରବାରକୁ ମଧ ଆଖିଆଗରେ ରଖିବାକୁ ପଡ଼ିଥାଏ।

**ପ୍ର–ରାଜ୍ୟ ସରକାରଙ୍କ ନୂଆ ପଞ୍ଜୀକରଣ ନିୟମାବଳୀକୁ କିଭଳି ଦେଖୁଛନ୍ତି?**

ଉ– ଗତ କିଛି ବର୍ଷ ହେବ ଉଭୟ କ୍ରେତା ଓ ବିକ୍ରେତାଙ୍କ ମଧରେ କିଛି ସରକାରୀ କଟକଣା ଓ ନିୟମାବଳୀ ସବୁ ପକ୍ଷଙ୍କ ପାଇଁ ବାଧକ ସାଜୁଥିଲା। ହେଲେ ବର୍ତ୍ତମାନ ସମୟରେ ସବୁ ପକ୍ଷଙ୍କ ପ୍ରସ୍ତାବ ଉପରେ ବ୍ୟାପକ ଆଲୋଚନା ପରେ ସରକାର ଏକ ଉତ୍ତମ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ସବୁ ପକ୍ଷ ଖୁସି ଥିବାବେଳେ କାରବାର ଓ ମାଲିକାନା ଆଦିରେ କୌଣସି ସମସ୍ୟା ରହିବ ନାହିଁ।

**ପ୍ର– ଦରଦାମ ବୃଦ୍ଧିର ପ୍ରଭାବ ବ୍ୟବସାୟକୁ କିଭଳି ପ୍ରଭାବିତ କରୁଛି?**

ଉ– ବର୍ତ୍ତମାନ ସମୟରେ ଦରବୃଦ୍ଧି ଓ ବଜାର ଦର ହାଉସିଂ ପ୍ରକଳ୍ପ ପାଇଁ ଏକ ବଡ ସମସ୍ୟା ପାଲଟିଛି। କାରଣ ହାଉସିଂ ପ୍ରକଳ୍ପ ପାଇଁ ଆବଶ୍ୟକ କଞ୍ଚାମାଲ ଏବଂ ମାନବ ସମ୍ବଳ ସହିତ ସରକାରୀ ଟିକସ ଗତ କିଛି ବର୍ଷ ମଧ୍ୟରେ ୫% ଅଧିକ ବୃଦ୍ଧି ପାଇଥିଲାବେଳେ ପ୍ରକଳ୍ପ ପାଇଁ ଆବଶ୍ୟକ ଜମିର ଦର ଜମିର ମାଲିକାନା ସ୍ୱତ୍ୱ ଥିବା ମାଲିକଙ୍କଠାରୁ ଉଚ୍ଚ ଦରରେ କ୍ରୟ କରିବାକୁ ପଡୁଛି।

**ପ୍ର– ଆଶାୟୀ ଉଦ୍ୟୋଗୀଙ୍କୁ ଆପଣଙ୍କ ବାର୍ତ୍ତା କ'ଣ ରହିବ?**

ଉ– ଘରୋଇ ବଜାରରେ ଗୃହ ନିର୍ମାଣ ଏକ ପ୍ରମୁଖ କ୍ଷେତ୍ର ହୋଇଥିଲାବେଳେ ଉତ୍ସାହୀ ଓ ଆଶାୟୀ ଯୁବବର୍ଗ ଏ କ୍ଷେତ୍ରରେ ସେମାନଙ୍କର ଯୋଗଦାନ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଦେଖିବା ସହିତ ସହନଶୀଳତା, ବିଶ୍ୱାସ, ଭରସା ଓ କଠିନ ପରିଶ୍ରମର ଆବଶ୍ୟକତା ରହିଛି।

**ପ୍ର– ଆଗାମୀ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ କ'ଣ କହିବେ?**

ଉ– ବ୍ୟବସାୟର ଅଭିବୃଦ୍ଧି ଓ କାରବାର ପାଇଁ ଆଗାମୀ ଯୋଜନା ବା ନୂତନ ପ୍ରକଳ୍ପର ଆବଶ୍ୟକତା ରହିଛି। ସେହି ଅନୁସାରେ କମ୍ପାନୀ ଆଗାମୀ ଦିନରେ ଅନେକ ହାଉସିଂ ପ୍ରକଳ୍ପ ସହ ଏକ ସ୍ୱତନ୍ତ୍ର ପ୍ରକଳ୍ପ ଭୁବନେଶ୍ୱରର ଗଙ୍ଗପଡ଼ାଠାରେ ବରିଷ୍ଠ ନାଗରିକଙ୍କ ପାଇଁ ବିଶେଷ ମାନର ଗୃହ ପ୍ରକଳ୍ପ ହେବାକୁ ଯାଉଛି।

# ଆଜି ଓଡ଼ିଶା ଆସୁଛନ୍ତି ମୋଦି

**ଭୁବନେଶ୍ୱର,୪।୩(ସୁନିତ୍ ମିଶ୍ର)**

- ୧୯,୬୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ
- ସରକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀ
- ମୋଦିଙ୍କ ଗସ୍ତ ମେଣ୍ଟ ଚର୍ଚ୍ଚାର ଚୂଡ଼ାନ୍ତ ରୂପରେଖ ରଖିବ ବୋଲି ଚର୍ଚ୍ଚା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଅପରାହ୍ନ ୨ଟା ୪୦ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ହେଲିକପ୍ଟର ଯୋଗେ ସିଧା ଚଣ୍ଡିଖୋଲର ବେଣାପୁର ସଭାସ୍ଥଳକୁ ଯିବେ। ଅପରାହ୍ନ ୩ଟା ୧୫ ମିନିଟ୍‌ରେ ଲୋକାର୍ପଣ ଓ ଶିଳାନ୍ୟାସ ଆଦି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ୩ଟା ୩୦ ମିନିଟ୍‌ରେ ପାଖ ପଡ଼ିଆରେ ଆୟୋଜିତ 'ମୋଦି ଗ୍ୟାରେଣ୍ଟି' ବିଶାଳ ସଭାରେ 'ବିକଶିତ ଓଡ଼ିଶା–ବିକଶିତ ଭାରତ' ଯୋଦ୍ଧାମାନଙ୍କୁ ସମ୍ବୋଧିତ କରିବେ। ମୋଦିଙ୍କ ସଭାରେ ଉକ୍ତ ଅଞ୍ଚଳବାସୀଙ୍କୁ ଉପସ୍ଥିତ ରହିବାକୁ ରାଜ୍ୟ ସଭାପତି ମନମୋହନ ସାମଲ ଅନୁରୋଧ କରିଛନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇପାରନ୍ତି ବୋଲି ଜଣାପଡ଼ିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ମୋଦି ଚଣ୍ଡିଖୋଲରେ ୧୯,୬୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚରେ ଏକାଧିକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ। ଓଡ଼ିଶାର ପ୍ରାଚୀନ ସଂସ୍କୃତି, ଗରିମାମୟ ଇତିହାସ, ବୈଭବଶାଳୀ ପରମ୍ପରା, ପ୍ରାଚୁର୍ଯ୍ୟମୟ ଐତିହ୍ୟ ଓ କଳା, ଖାଦ୍ୟପେୟ, ବେଶଭୂଷାକୁ ବିଶ୍ୱଦରବାରରେ ପହଞ୍ଚାଇଛନ୍ତି। ମୋଦି ୨୦୧୯ରେ ରାଜ୍ୟବାସୀଙ୍କୁ କହିଛନ୍ତି, 'ସେ ଆପଣଙ୍କ ଭଲ ପାଇବାକୁ ସୁଧ ସହିତ ଫେରାଇବେ'। ଗତ ୧୦ ବର୍ଷରେ ମୋଦି ସରକାର 'ଓଡ଼ିଶାର ବିକାଶ ପାଇଁ ୧୮.୮୩ ଲକ୍ଷ କୋଟି ଟଙ୍କା ଦେଲେ ଏବଂ ଓଡ଼ିଆଙ୍କୁ ଅଗ୍ରାଧିକାର ଓ ଉପଯୁକ୍ତ ମର୍ଯ୍ୟାଦା ଦେଲେ'। ଓଡ଼ିଆଙ୍କ ପାଇଁ ମୋଦିଙ୍କ ମର୍ଯ୍ୟାଦାକୁ ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟବାସୀ ଲୋକ ସଭା ଓ ବିଧାନସଭା ଆସନରେ ଆଶୀର୍ବାଦ ଦେଇ ୩ୟ ଥର ପ୍ରଧାନମନ୍ତ୍ରୀ ଭାବେ ବିଜୟମୁକୁଟ ପିନ୍ଧାଇ ସ୍ୱାଗତ କରିବେ। ମୋଦି ଯାହା କହନ୍ତି ତାହା କରନ୍ତି, ଏହା ହିଁ ମୋଦି ଗ୍ୟାରେଣ୍ଟି। ଚଣ୍ଡିଖୋଲ ଜନସଭାରେ ମୋଦିଙ୍କ ଉଦ୍‌ବୋଧନ କାର୍ଯ୍ୟକର୍ତ୍ତାଙ୍କୁ ନୂତନ ଉର୍ଜା ଯୋଗାଇବ ବୋଲି ମନମୋହନ କହିଛନ୍ତି।

ଅନ୍ୟପକ୍ଷରେ ନିକଟରେ ଭାଜପା ୧୬ଟି ରାଜ୍ୟ ଏବଂ ୨ଟି କେନ୍ଦ୍ର ଶାସିତ ଅଞ୍ଚଳରୁ ୧୯୫ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା। ହେଲେ ସେଥିରେ ଓଡ଼ିଶାରୁ କୌଣସି ପ୍ରାର୍ଥୀଙ୍କ ନାଁ ଘୋଷଣା କରାଗଲା ନାହିଁ। ମୋଦି ୫ ତାରିଖରେ ଓଡ଼ିଶା ଗସ୍ତ ସାରି ଫେରିବା ପରେ ମେଣ୍ଟ ନେଇ କିଛି ଆଭାସ ଦେବେ ବୋଲି ରାଜ୍ୟ ରାଜନୀତିରେ ଏକପ୍ରକାର ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ଭାଜପାର ରାଜ୍ୟ ସଭାପତିଙ୍କଠାରୁ ଆରମ୍ଭକରି ପ୍ରଭାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି କଥାକୁ ଖଣ୍ଡନ କରିସାରିଲେଣି। ତଥାପି ମଧ ଏ ପ୍ରକାର ଚର୍ଚ୍ଚା ବନ୍ଦ ହେବାର ନାଁ ଧରୁନାହିଁ। ଯେହେତୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ଭିତରେ ଭାଜପା ଶୀର୍ଷ ନେତୃତ୍ୱ ଓଡ଼ିଶାକୁ ସ୍ଥାନ ଦେଲେ ନାହିଁ ଏବଂ ୫ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରହିଛି ସେହି ଦୃଷ୍ଟିକୋଣରୁ ଏଭଳି ଆଶଙ୍କା କରାଯାଉଥିବା କୁହାଯାଉଛି।

# 'ଭୋଟର ତାଲିକାରେ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଚାଲିଛି'

**ଭୁବନେଶ୍ୱର,୪।୩(ସୁନିତ୍ ମିଶ୍ର)**

ଓଡ଼ିଶାର ଚୂଡ଼ାନ୍ତ ଭୋଟର ତାଲିକା ଗତ ଜାନୁଆରୀ ୫ ତାରିଖରେ ପ୍ରକାଶ ପାଇବା ପରେ ଏହାର ପରଦିନଠାରୁ ଭୋଟର ତାଲିକାରେ ନିରନ୍ତର ଅଦ୍ୟତନ କାର୍ଯ୍ୟ ଚାଲୁଛି। ଇତିମଧ୍ୟରେ ଭୋଟର ତାଲିକାରେ ୧.୯୦ ଲକ୍ଷ ନୂଆ ଭୋଟର ଯୋଗ ଦେଇଛନ୍ତି ଓ ରାଜ୍ୟରେ ଗତ ୨ ମାସରେ ସମୁଦାୟ ଭୋଟରଙ୍କ ସଂଖ୍ୟା ୩.୩୨ କୋଟିରୁ ବଢ଼ି ୩.୩୪ କୋଟିରେ ପହଞ୍ଚିଛି। ଏହି ସମୟରେ ୩୬ ହଜାର ଯୁବ ନିର୍ବାଚକ ଭୋଟର ତାଲିକାରେ ଯୋଗଦେବା ଫଳରେ ଯୁବ ଭୋଟରଙ୍କ ସଂଖ୍ୟା ୭.୫୪ ଲକ୍ଷରୁ ବଢ଼ି ୭.୯୧ ଲକ୍ଷରେ ପହଞ୍ଚିଛି। ୫୮ ହଜାର ଦିବ୍ୟାଙ୍ଗ ଭୋଟର ତାଲିକାରେ ଯୋଡ଼ିହେବା ଫଳରେ ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୪.୫୭ ଲକ୍ଷରୁ ବଢ଼ି ୫.୧୫ ଲକ୍ଷରେ ପହଞ୍ଚିଛି। ଏହା ବ୍ୟତୀତ ଲକ୍ଷେରୁ ଅଧିକ ମହିଳା ଭୋଟର ତାଲିକାରେ ଯୋଡ଼ିହେବା ଫଳରେ ଲିଙ୍ଗ ଅନୁପାତ ୯୭୨ରୁ ବଢ଼ି ୯୭୪ରେ ପହଞ୍ଚିଛି। ଯେଉଁ ଯୋଗ୍ୟ ଭୋଟରମାନେ ଏବେ ସୁଦ୍ଧା ତାଲିକାରେ ନାମ ପଞ୍ଜୀକରଣ କରିନାହାନ୍ତି, ସେମାନେ ଫର୍ମ ନଂ ୬ରେ, ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ଓ ସ୍ଥାନାନ୍ତରଣ ନିମନ୍ତେ ଭୋଟର ଫର୍ମ ନଂ–୮ରେ ଆବେଦନ କରିପାରିବେ। ଏ ବାବଦରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ମଧ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଓ ତ୍ରୁଟି ସଂଶୋଧନ କାର୍ଯ୍ୟରେ ଭୋଟରଙ୍କୁ ସହାୟତା କରୁଛନ୍ତି। ଏହା ସହିତ ଅନ୍‌ଲାଇନ୍ ମାଧ୍ୟମରେ ପୋର୍ଟାଲ କିମ୍ବା ଭୋଟର ହେଲପ୍‌ଲାଇନ୍ ଆପ୍ ଡାଉନ୍‌ଲୋଡ୍ କରି ଜଣେ ନିର୍ବାଚକ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଓ ତ୍ରୁଟି ସଂଶୋଧନ ଇତ୍ୟାଦି କାର୍ଯ୍ୟ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ବେଦିରୁ ଉଠି କଲେ ରକ୍ତଦାନ

**ଅନୁଗୋଳ ରକ୍ତଭଣ୍ଡାରରେ ବର-କନିଆଁ**

**ଅନୁଗୋଳ, ୪।୩**
**(ଅମିତ କୁମାର ସାମଲ)**

ରକ୍ତ ଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ମିଳିତ ଭାବେ ନେଇଥିଲେ ନିଷ୍ପତ୍ତି। ସେଥିପାଇଁ ବିବାହ ସରିବା ମାତ୍ରେ ବେଦିରୁ ଉଠି ସିଧା ପହଞ୍ଚିଥିଲେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାରରେ। ରକ୍ତ ଭଣ୍ଡାର ସମ୍ମୁଖରେ ଫୁଲରେ ସାଜସଜ୍ଜା ହୋଇଥିବା ଗାଡ଼ି ଲାଗିବା ଓ ସେଥିରୁ ବର–କନିଆଁ ଓହ୍ଲାଇବା ପରେ ଚକିତ ହୋଇଯାଇଥିଲେ ସେଠାରେ ଉପସ୍ଥିତ ରୋଗୀ, ଡାକ୍ତର, କର୍ମଚାରୀଙ୍କ ସହ ଅନ୍ୟମାନେ। ତେବେ ବର–କନିଆଁଙ୍କ ନିଷ୍ପତ୍ତି ସମ୍ପର୍କରେ ଶୁଣିବା ପରେ ସମସ୍ତେ ପ୍ରଶଂସା କରିଥିଲେ ଅନୁଗୋଳ ବ୍ଲକ ବାରଗୌଣିଆ ଗ୍ରାମର ବର କୁମୁଦ ସାହୁ ଓ ରାଣୀଗୁଡ଼ାର କନିଆଁ ପଙ୍କଜିନୀ ସାହୁଙ୍କୁ। ଏହାପରେ ନବ ଦମ୍ପତି ସେମାନଙ୍କ ନାମ ପଞ୍ଜୀକରଣ କରିବା ସହ ରକ୍ତଦାନ କରିଥିଲେ। ଏହି ମହତ କାର୍ଯ୍ୟ କରିବା ପରେ ଯାଇ ସେମାନେ ଦାମ୍ପତ୍ୟ ଜୀବନ ଆରମ୍ଭ କରିବାକୁ ପୂର୍ବରୁ ସ୍ଥିର କରିଥିଲେ ବୋଲି କୁମୁଦ ଓ ପଙ୍କଜିନୀ ପ୍ରକାଶ କରିଛନ୍ତି।



ବର ରକ୍ତ ଦାନ କରୁଥିବା ବେଳେ ନିକଟରେ କନିଆଁ ଉପସ୍ଥିତ ଅଛନ୍ତି।

# ସରିଲା ମାଟ୍ରିକ୍ ପରୀକ୍ଷା

**୧୫ରୁ ମୂଲ୍ୟାୟନ**

**କଟକ,୪।୩(କାର୍ତ୍ତିକ ସାହୁ)**

ଚଳିତବର୍ଷର ମାଟ୍ରିକ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଙ୍ଗଳବାର ଶେଷ ହୋଇଛି। ଆସନ୍ତା ୧୫ ତାରିଖରୁ ମୂଲ୍ୟାୟନ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ଓଡ଼ିଶାର ମୋଟ୍ ୫୬ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ମୂଲ୍ୟାୟନ ଆରମ୍ଭ ହେବାର ୧୫ ଦିନ ମଧ୍ୟରେ ଖାତାଦେଖା କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପରୀକ୍ଷକମାନଙ୍କ ନିଯୁକ୍ତି ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏଥିପାଇଁ ଜିଲା ଶିକ୍ଷାଧିକାରୀମାନଙ୍କୁ ସୂଚନା ଦିଆଯାଇଥିବା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ପାଇଁ ୫ ଲକ୍ଷ ୫୧ ହଜାର ୬୧୧ ଜଣ, ମୁକ୍ତ ବିଦ୍ୟାଳୟ ପାଇଁ ୭୮୩୧ ଓ ମଧ୍ୟମା ପରୀକ୍ଷା ନିମନ୍ତେ ୩୦୩୭ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ରାଜ୍ୟରେ ମୋଟ୍ ୩,୦୪୭ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ ସେଣ୍ଟର କରାଯାଇଥିଲା। ସମ୍ବେଦନଶୀଳ ଅଞ୍ଚଳର ୨୨ଟି ଥାନାରେ ନୋଡାଲ ସେଣ୍ଟର କରାଯାଇଥିଲା। ନୋଡାଲ କେନ୍ଦ୍ରଗୁଡ଼ିକୁ ୨୪ ଘଣ୍ଟିଆ ସୁରକ୍ଷାବଳୟ ସହ ସିସିଟିଭି ନଜରରେ ରଖାଯାଇଥିଲା। ପ୍ରଥମ ଥର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ଭିଲାନ୍ସର ଉପଯୋଗ କରି ସିଧାସଳଖ ବୋର୍ଡ ମୁଖ୍ୟାଳୟରୁ କେତେକ କେନ୍ଦ୍ରରେ ପରୀକ୍ଷା ପରିଚାଳନାକୁ ନିୟନ୍ତ୍ରଣ କରାଯାଇଥିଲା। ଅସାଧୁ ଉପାୟ ଅବଲମ୍ବନକୁ ରୋକିବା ପାଇଁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଥିଲା। ଏସବୁ ସତ୍ତ୍ୱେ କେତେକ ପରୀକ୍ଷା କେନ୍ଦ୍ରରେ ଅନିୟମିତତା ହୋଇଥିବା ଜଣାଯିବା ପରେ ବୋର୍ଡ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଥିଲା। ଅପରପକ୍ଷରେ କପି କରି କେତେଜଣ ପରୀକ୍ଷାର୍ଥୀ ସ୍କ୍ୱାଡ୍ ହାତରେ ଧରାପଡ଼ିଥିଲେ। ପ୍ରଥମ ଭାଷା ପରୀକ୍ଷାରେ ୧୦, ଦ୍ୱିତୀୟ ଭାଷା ଇଂଲିଶ ବିଷୟରେ ୪୨, ଗଣିତରେ ୫୧, ତୃତୀୟ ଭାଷା ପରୀକ୍ଷାରେ ୭ ଓ ବିଜ୍ଞାନ ବିଷୟରେ କପି ୯ ଜଣ ପରୀକ୍ଷାର୍ଥୀ ସ୍କ୍ୱାଡ୍ ହାତରେ ଧରାପଡିଥିଲେ। ତେବେ ଶେଷ ଦିନରେ ସାମାଜିକ ବିଜ୍ଞାନ ପରୀକ୍ଷା ସୁଚାରୁରୂପେ ସମାପନ ହୋଇଥିବା ବୋର୍ଡ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସୂଚନା ଦିଆଯାଇଥିବା ଜଣାପଡିଛି।

# ଶଲ୍ୟ ଚିକିତ୍ସକ ସତ୍ୟବ୍ରତ ମହାପାତ୍ରଙ୍କ ପରଲୋକ

**ଭୁବନେଶ୍ୱର/ବ୍ରହ୍ମପୁର,୪।୩**
**(ବନ୍ଦନା ସେଠୀ/ନରସିଂହ ସାହୁ)**



ବରିଷ୍ଠ ଶଲ୍ୟ ଚିକିତ୍ସକ ସତ୍ୟବ୍ରତ ମହାପାତ୍ରଙ୍କ ଭୁବନେଶ୍ୱରସ୍ଥିତ ଧର୍ମବିହାର ବାସଭବନରେ ରବିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ଶେଷ ଶଯ୍ୟା ନିକଟରେ ଧର୍ମପତ୍ନୀ ଉଷା ଦାଶ, ଦୁଇ ପୁତ୍ର ବିଶ୍ୱରଞ୍ଜନ, ପ୍ରିୟରଞ୍ଜନ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ସୋମବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

୧୯୪୧ରେ ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ଜନ୍ମଗ୍ରହଣ କରିଥିବା ଡା. ମହାପାତ୍ର ଜଣେ ଛାତ୍ରନେତା ଭାବେ ବେଶ୍ ପରିଚିତ ଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନ୍ଦୋଳନ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଦାୟିତ୍ୱରେ ଥିବାବେଳେ ଆତ୍ମଦାହ ଚେତାବନୀ ଦେବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ସେ ଜଣେ ଜଣାଶୁଣା ଡାକ୍ତର ଭାବେ ଆସିକା, ବ୍ରହ୍ମପୁର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ, ଛତ୍ରପୁର ଓ ଖୋର୍ଦ୍ଧା ହସ୍ପିଟାଲରେ କାର୍ଯ୍ୟକରି ସାଧାରଣ ଲୋକ ତଥା ଗରିବ ଲୋକଙ୍କ ଅତିପ୍ରିୟ ଥିଲେ। ହଜାର ହଜାର ରୋଗୀଙ୍କର ମାଗଣା ଅସ୍ତ୍ରୋପଚାର କରିଥିଲେ। ସମାଜବାଦୀ ନେତା ରାମ ମନୋହର ଲୋହିଆ, ପୂର୍ବତନ ଲୋକ ସଭା ବାଚସ୍ପତି ରବି ରାୟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ସରଳ ଓ ସଚ୍ଚୋଟ ଜୀବନ ବିତାଉଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱର୍ଗତ ମହାପାତ୍ର ଝାଡ଼ଖଣ୍ଡ ରାଜ୍ୟର ସ୍ୱାସ୍ଥ୍ୟ ପରାମର୍ଶଦାତା ଭାବେ ମନୋନୀତ ହୋଇ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଝାଡ଼ଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦିନେଶ ଷଡ଼ଙ୍ଗୀ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ସାମ୍ବାଦିକ ରବି ରଥ, ନିରାକର ଭଞ୍ଜ, ସମାଜବିଜ୍ଞାନୀ ଭଗବାନ ସାହୁ, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ମଧ୍ୟାହ୍ନଭୋଜନରେ ଝିଟିପିଟି

**୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ**

**ଭଦ୍ରକ,୪।୩(ସନାତନ ରାଉତ)**



ମଧ୍ୟାହ୍ନ ଭୋଜନ ଥାଳିରେ ଝିଟିପିଟି।

ଭଦ୍ରକ ପୌରପାଳିକା ଅଧୀନ ବଡ଼ଶଙ୍କରପୁର ଉର୍ଦ୍ଦୁ ୟୁଜିଏମ୍‌ଇ ସ୍କୁଲରେ ସୋମବାର ମଧ୍ୟାହ୍ନଭୋଜନରେ ଝିଟିପିଟି ବାହାରିଛି। ମଧ୍ୟାହ୍ନଭୋଜନ ଖାଇଥିବା ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ଭଦ୍ରକ ଗେଲପୁରସ୍ଥିତ ମାତୃ, ଶିଶୁ ବିଭାଗ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ଜଣାଯାଇଛି।

ସୂଚନା ଅନୁଯାୟୀ, ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଉଥିବା ସମୟରେ ଜଣେ ଛାତ୍ରଙ୍କ ଭାତ ଥାଳିରୁ ଝିଟିପିଟି ବାହାରିଥିଲା। ପରେ ମଧ୍ୟାହ୍ନଭୋଜନ ଖାଇଥିବା ଛାତ୍ରୀଛାତ୍ରଙ୍କର ବାନ୍ତି ହେବା ସହ ମୁଣ୍ଡ ବୁଲାଇଥିଲା। ସେମାନଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ନିଆଯାଇଥିଲା। ମୀର ୱାସିମ(୮), ସମିନା ଖାତୁନ(୮), ଗୁଲବାହାର ଖାତୁନ(୧୦), ମୁସ୍କାନ ଖାତୁନ (୧୦), ସମାମା କାଦ୍ରୀ(୧୩), ଖୁସୁବ୍ ଖାତୁନ(୮), ମେହକ କାଦ୍ରୀ(୧୧)ଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ପଣ୍ଡା କହିଛନ୍ତି, ଖାଦ୍ୟରୁ ଝିଟିପିଟି ବାହାରିଥିବା ଜାଣିବା ପରେ ମଧ୍ୟାହ୍ନଭୋଜନ ବଣ୍ଟନ ବନ୍ଦ କରାଯାଇଥିଲା। ସମସ୍ତଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମେଡିକାଲକୁ ନିଆଯାଇଥିଲା। ପ୍ରଥମେ ୧୭ ଓ ପରେ ୫ ଛାତ୍ରୀଛାତ୍ର ଡାକ୍ତରଖାନା ଆସିଥିଲେ। ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଥିବା ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ କହିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗର ନୂତନ ପ୍ରିଣ୍ଟିଂ ପ୍ରେସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୪।୩(ଅସମାପିକା ସାହୁ)**

ସ୍ୱାସ୍ଥ୍ୟ ବିଭାଗର ଏକ ନୂତନ ପ୍ରିଣ୍ଟିଂ ପ୍ରେସ୍‌କୁ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ଉଦ୍‌ଘାଟନ କରିଛନ୍ତି। ଏଠାରେ ସଂଯୋଗ ହୋଇଥିବା ନୂଆ ସ୍ୱୟଂଚାଳିତ ମଲ୍ଟି କଲର ପ୍ରିଣ୍ଟିଂ ମେଶିନ୍ ଏକଘଣ୍ଟାରେ ପ୍ରାୟ ୧୩ ହଜାର ମଲ୍ଟିକଲର ପୋଷ୍ଟର ପ୍ରିଣ୍ଟ୍ କରିପାରିବ। ଏହି ମଲ୍ଟି କଲର ପ୍ରିଣ୍ଟିଂ ମେଶିନ୍ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳରେ ନିର୍ମିତ ହୋଇଥିବାରୁ ଅଳ୍ପ ସ୍ଥାନରେ ରହିପାରିବ ଏବଂ କମ୍ ବିଦ୍ୟୁତ୍ ଖର୍ଚ୍ଚରେ କମ୍ ସମୟରେ ଅତି ଉଚ୍ଚମାନର ବିଭିନ୍ନ ପ୍ରକାର ମୁଦ୍ରଣ ସାମଗ୍ରୀ ପ୍ରସ୍ତୁତ କରିପାରିବ। ଏଭଳି ଏକ ଉଚ୍ଚ ବୈଷୟିକ ଜ୍ଞାନକୌଶଳ ଯୁକ୍ତ ମେଶିନ୍ ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟାନ୍ୟ ସରକାରୀ ବିଭାଗଗୁଡ଼ିକର ମୁଦ୍ରଣ କାର୍ଯ୍ୟ ମଧ ସହଜରେ ହୋଇପାରିବ। ଜନସଚେତନତା ନିମନ୍ତେ ବିଭିନ୍ନ ପ୍ରକାର ଲିଫ୍‌ଲେଟ୍, ପୋଷ୍ଟର, ବୁକ୍‌ଲେଟ୍ ଭଳି ମୁଦ୍ରିତ କମ୍ୟୁନିକେଶନ ମାଟେରିଆଲ ପ୍ରସ୍ତୁତି ଓ ବିଭାଗୀୟ କର୍ମଚାରୀଙ୍କୁ ତାଲିମ ପ୍ରଦାନ ନିମନ୍ତେ ପାଠ୍ୟପୁସ୍ତିକା ମୁଦ୍ରଣ କାର୍ଯ୍ୟ ସହଜ ହୋଇପାରିବ। ରାଜ୍ୟରେ ସ୍ୱାସ୍ଥ୍ୟସେବାର ମାନ ସୁଦୃଢ଼ୀକରଣ ନିମନ୍ତେ ଆରମ୍ଭ ହୋଇଥିବା ରୂପାନ୍ତରଣ ପ୍ରକ୍ରିୟାର ଏହା ଏକ ଅଂଶ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ, ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ।

# ଲାଞ୍ଚ ନେଇ ଧରାପଡିଲେ ଅମିନ

**ଲୋଇସିଂହା,୪।୩ (ସୁଶାନ୍ତ ବାରିକ)**



ଗିରଫ ଅମିନ ସଦାନନ୍ଦ ସାହୁ।

ମ୍ୟୁଟେସନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେଇ ଧାରା ପଡିଛନ୍ତି ବଲାଙ୍ଗୀର ଜିଲା ଆଗଲପୁର ତହସିଲ ଅଫିସର ଅମିନ ସଦାନନ୍ଦ ସାହୁ(୪୭)। ଡୁଡୁକା ଗ୍ରାମର ରବୀନ୍ଦ୍ର ପଟେଲଙ୍କଠାରୁ ସେ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଟିମ ଚଢାଉ କରି ଧରିଥିଲା। ଗିରଫ ପରେ ସଦାନନ୍ଦଙ୍କୁ ବଲାଙ୍ଗୀର ଭିଜିଲାନ୍ସ ଅଫିସକୁ ନିଆଯାଇଛି। ଏନେଇ ସମ୍ବଲପୁର ଭିଜିଲାନ୍ସ କେସ (ନଂ ୫/୨୪)ରେ ଏକ ମାମଲା ରୁଜୁ ହୋଇଥିବା ବଲାଙ୍ଗୀର ଭିଜିଲାନ୍ସ ଡିଏସପି ପୁଲସ୍ତି ଛତ୍ରିଆ କହିଛନ୍ତି।

ସୂଚନା ଅନୁଯାୟୀ, ଡୁଡୁକା ଗ୍ରାମର ସ୍ୱର୍ଗତ ବ୍ରଜକିଶୋର ପଟେଲଙ୍କ ପୁଅ ହେଉଛନ୍ତି ରବୀନ୍ଦ୍ର। ବ୍ରଜଙ୍କ ନାମରେ ଜମି ପଟ୍ଟା ରହିଛି। ଏହି ପଟ୍ଟା ଇଜିମାଇଲିରେ ଥିବାରୁ ସମସ୍ୟାର ସମ୍ମୁଖୀନ ହେଉଥିଲେ ରବୀନ୍ଦ୍ର। ଏଥିପାଇଁ ପାର୍ଟିସନ କରି ପଟ୍ଟା ପାଇଁ ସେ ଆବେଦନ କରିଥିଲେ। ହେଲେ ନଭେମ୍ବର ୨୦୨୩ ମସିହାରୁ ଅମିନ ସାହୁଙ୍କ ପାଖକୁ ସେ ଯାଉଥିଲେ ହେଁ ବିଭିନ୍ନ ଆଳ ଦେଖାଇ ପଟ୍ଟା ପ୍ରଦାନରେ ସେ ଅବହେଳା କରି ଆସୁଥିଲେ। ପରେ ୫ହଜାର ଟଙ୍କା ଦେଲେ କାମ ହୋଇଯିବ ବୋଲି କହିଥିଲେ। ଏହାପରେ ରବୀନ୍ଦ୍ର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ସୋମବାର ପୂର୍ବ ଯୋଜନା ମୁତାବକ ଅମିନ ସାହୁ ତହସିଲ ଅଫିସର ଉପରମହଲା ରେକର୍ଡ ରୁମରେ ଥିବାବେଳେ ଦାବି ମୁତାବକ ୫ ହଜାର ଟଙ୍କା ଦେଇଥିଲେ ରବୀନ୍ଦ୍ର। ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ନେଇଥିଲେ। ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି ଛତ୍ରିଆଙ୍କ ନେତୃତ୍ୱରେ ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ର, ହୃଦୟାନନ୍ଦ କାଲୋ ଓ ଟିମ୍ ଏହି ଚଢାଉରେ ସାମିଲ ଥିଲେ।

# ଡିଗ୍ରୀ ମହିଳା କଲେଜରେ ଅନ୍ତର୍ଜାତିକ ମହିଳା ଦିବସ ପାଳିତ

**ଖଡ଼ିଆଳ,୪।୩**
**(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ଡିଗ୍ରୀ ମହିଳା କଲେଜରେ ଅନ୍ତର୍ଜାତିକ ମହିଳା ଦିବସ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ପାଳିତ ହୋଇଯାଇଛି। ସିନିୟର୍ ସିଭିଲ ଜଜ୍ ତଥା ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଚିନ୍ମୟୀ ଜେନା ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରୀତି ତ୍ରିପାଠୀ ଯୋଗଦେଇ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ ହୋଇଥିବା ବେଳେ ମହିଳାମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାରେ ଆଇନ ସହାୟତା କରିଛି। ଆସନ୍ତା ୮ ତାରିଖ ଶିବରାତ୍ରୀ, ଶିବ ମଧ ଆର୍ଦ୍ଧନାରୀ ରୂପେ ସମାଜକୁ ବାର୍ତ୍ତା ପୁରୁଷ ଏବଂ ମହିଳା ସମାନ ଅଟନ୍ତି। ସଭାରେ ଡ. ମେଜର ରାମ ଚନ୍ଦ୍ର ମିଶ୍ର ଯୋଗ ଦେଇଥିବା ବେଳେ କଲେଜ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ ଯୋଗଦେଇଥିଲେ। ପ୍ରିୟଙ୍କା ମୁଣ୍ଡ ଅତିଥି ପରିଚୟ କରିଥିବା ବେଳେ ଓକିଲ ସଂଘ ସମ୍ପାଦକ କିଶୋର ବାଗ ଯୋଗ ଦେଇଥିଲେ। ପୁଷ୍ପାଞ୍ଜଳୀ ପ୍ରଧାନୀ ଧନ୍ୟବାଦ ଦେଇଥିଲେ। ମହିଳା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଉପରେ ମହିଳାଙ୍କୁ ସ୍ୱୟଂ ସ୍ୱରୁପା କରିପାରିଛି। କଲେଜ କର୍ମଚାରୀ ରେବତୀ ନାଏକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେ ଅଧ୍ୟାପିକା, ଛାତ୍ରୀମାନେ ଯୋଗଦେଇଥିଲେ।

# ପୂର୍ବ ଭୋଟ ଦେଖି ଭାଜପାରେ ଅଧିକ ଆଶାୟୀ

## ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ

ଜଗତ୍‌ସିଂହପୁର, ୪।୩
(ପ୍ରମୋଦ କୁମାର ନାୟକ)

ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ୨୦୦୯, ୨୦୧୪ ଓ ୨୦୧୯ରେ ବିଜୟଲାଭ କରିଥିଲେ। ଭାଜପା ଆସନ୍ତା ନିର୍ବାଚନରେ ଏଠାରେ ଉତ୍ତମ ପ୍ରଦର୍ଶନ କରିବ ବୋଲି ଅଣ୍ଟାଭିଡ଼ିଛି। ତୁଳନାତ୍ମକ ଭାବେ ଗତ ସାଧାରଣ ଓ ପଞ୍ଚାୟତ ନିର୍ବାଚନ ବେଳେ ଭାଜପାର ଭୋଟ ପ୍ରତିଶତ ବୃଦ୍ଧି ପାଇଥିବାରୁ ଦଳରେ ଆଶାୟୀଙ୍କ ସଂଖ୍ୟା ବଢୁଥିବା ଲକ୍ଷ୍ୟ କରାଯାଉଛି।

୨୦୧୯ ନିର୍ବାଚନ ଭାଜପା ପାଇଁ ନୂଆ ସୁଯୋଗ ସୃଷ୍ଟି କରିଥିଲା। ଏହି ସମୟରେ ଦେଶରେ ଭାଜପାର ଲହର ଥିଲା। ବରିଷ୍ଠ ବିଜେଡି ନେତା ଡ. ଦାମୋଦର ରାଉତ ସେତେବେଳେ ଭାଜପାରେ ମିଶି ଏହି ଆସନରୁ ପ୍ରାର୍ଥୀ ମଧ୍ୟ ହୋଇଥିଲେ। ରାଜନୈତିକ ବିଚକ୍ଷଣତା ଦେଖାଇ ସେ ବିଜେଡିର ସିଂହଭାଗ ଭୋଟରଙ୍କୁ ପ୍ରଭାବିତ କରି ବିଜୟୀ ହେବେ ବୋଲି କୁହାଯାଇଥିଲା। କିନ୍ତୁ ସେଭଳି କିଛି ହେଲା ନାହିଁ। ଜିତିବା ତ ଦୂରର କଥା ସେ ଦ୍ୱିତୀୟ ସ୍ଥାନରେ ରହିପାରି ନ ଥିଲେ। କିନ୍ତୁ ଭାଜପା ଲାଭବାନ ହୋଇଥିଲା। ୨୦୦୯ରେ ଏହି ଦଳ ସପକ୍ଷରେ ମାତ୍ର ୩.୭୮% ଓ ୨୦୧୪ରେ ୨.୦୫% ଭୋଟ ଯାଇଥିବାବେଳେ ୨୦୧୯ରେ ୧୯.୫% ଅର୍ଥାତ୍ ୩୭,୬୧୧ ଖଣ୍ଡ ମିଳିଥିଲା। ଗତ ନିର୍ବାଚନରେ ବିଜେଡି ୫୩.୮୩% ଓ କଂଗ୍ରେସ ପ୍ରାର୍ଥୀ ୨୫.୫୩% ଭୋଟ ପାଇଥିଲେ। ସେଇଠୁ ସମୀକରଣ ବଦଳିବା ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଡ. ରାଉତ ଭାଜପା ଛାଡ଼ିଦେଇଥିଲେ ସୁଦ୍ଧା ଏହି ଦଳ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା। ବରଂ ୨୦୨୨ ଜିଲା ପରିଷଦ ନିର୍ବାଚନ ସମୟରେ ଭାଜପା ସପକ୍ଷରେ ଅଧିକ ଭୋଟ ପଡ଼ିଥିଲା। ତା'ପରଠାରୁ ଭାଜପା ସପକ୍ଷରେ ଜନମତ ବଢୁଥିବା ଦଳୀୟ ନେତା ଓ କର୍ମୀଙ୍କ ପକ୍ଷରୁ ଯୁକ୍ତି କରାଯାଉଛି। ସମ୍ଭବତଃ ସେଥିପାଇଁ ଆଶାୟୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ରାଜନୈତିକ ସମୀକ୍ଷକମାନେ ମଧ୍ୟ ମତ ଦେଉଛନ୍ତି। ତେବେ ଏହି ଭୋଟ ବ୍ୟାଙ୍କ ବଢ଼ିବା ପଛରେ କ୍ଷୀରୋଦ ଚନ୍ଦ୍ର ପରିଡ଼ାଙ୍କ ଭୂମିକା ଅଧିକ ଥିବା ସେତେବେଳେ ଆଲୋଚନା ହୋଇଥିଲା। ପରିଡ଼ା ନିର୍ବାଚନମଣ୍ଡଳୀରେ ଅନ୍ୟତମ ସୁସଂଗଠକ ଭାବେ ଜଣାଶୁଣା। ତାଙ୍କ ପୃଷ୍ଠଭୂମି ଦେଖିଲେ ଜଣାଯାଏ ସେ ୧୯୮୦ରୁ ଆର୍‌ଏସ୍‌ଏସ୍ ଏବଂ ୧୯୮୨ରୁ ଏବିଭିପି ସହ ସଂଶ୍ଳିଷ୍ଟ। ୨୦୨୧ରୁ ସରକାରୀ ଚାକିରିରୁ ଅବସର ନେବା ପରେ ଭାଜପାରେ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଭାବେ ସେ କାର୍ଯ୍ୟ କରି ଆସୁଛନ୍ତି। ଏଥିସହ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଦଳୀୟ ସାଂଗଠନିକ କାର୍ଯ୍ୟ ପରିଚାଳନା ପାଇଁ ସଂଯୋଜକ ଦାୟିତ୍ୱରେ ଅଛନ୍ତି। ୨୦୨୪ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ପରିଡ଼ା କହିଛନ୍ତି।


କ୍ଷୀରୋଦ ପରିଡ଼ା


ସଞ୍ଜୟ ମହାନ୍ତି


ଶିବବ୍ରତ ଦାସ

ସେହିପରି ଦଳ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶିବବ୍ରତ ଦାସ ମଧ୍ୟ ଆଶାୟୀ ତାଲିକାରେ ଅଛନ୍ତି। ସେ ଗତ ନିର୍ବାଚନ ସମୟରେ କଂଗ୍ରେସ ଛାଡ଼ି ଭାଜପାରେ ମିଶିଥିଲେ। ପୂର୍ବରୁ କଂଗ୍ରେସ ଜିଲା ପରିଷଦ ସଭ୍ୟ ଥିଲେ। ବାଲିକୁଦା ଅଞ୍ଚଳରେ ଜଣେ ଜଣାଶୁଣା ବ୍ୟକ୍ତି। ଭାଜପା ସ୍ୱତନ୍ତ୍ର ନିମନ୍ତ୍ରିତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତିଙ୍କ ନାମ ମଧ୍ୟ ଆଲୋଚନାକୁ ଆସିଛି। ସେ ୨୦୧୯ ନିର୍ବାଚନ ସମୟରେ ଭାଜପାରେ ସାମିଲ ହୋଇଥିଲେ। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶଶିକାନ୍ତ ପରିଡ଼ା ଦଳୀୟ ଟିକେଟ ଦୌଡ଼ରେ ଅଛନ୍ତି। ଅନୁରୂପ ଭାବେ ହରିୟାଣାରେ ରହୁଥିବା ସତ୍ୟ ସାରଥି ମହାନ୍ତି ୨/୩ ମାସ ପୂର୍ବରୁ ନିର୍ବାଚନମଣ୍ଡଳୀରେ ପହଞ୍ଚି ଭାଜପା ସାଂଗଠନିକ କାର୍ଯ୍ୟରେ ମନୋନିବେଶ କରୁଛନ୍ତି। ସେ ଏଥର ପ୍ରାର୍ଥୀ ହେବା ପାଇଁ ଆଶାୟୀ। କିନ୍ତୁ ସେ କେତୋଟି ଘଟଣାରେ ବିବାଦୀୟ ହୋଇ ପଡ଼ିଥିବା ଚର୍ଚ୍ଚା ହେଉଛି। ଗତ ଜାନୁଆରୀ ୨୯ରେ ଏରସମାରେ ତାଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ କରାଯିବାକୁ ସ୍ଥିର ହୋଇଥିଲା। କିନ୍ତୁ ତାହା ହଠାତ୍ ବାତିଲ ହେବା ଭିନ୍ନ ବାର୍ତ୍ତା ଦେଇଛି। ପୁଣି ମାର୍ଚ୍ଚ ୩ରେ ଏହି ପର୍ବ ଏରସମା ନୁହେଁ, ବାଲିକୁଦାରେ ଅନୁଷ୍ଠିତ ହୋଇଥିଲେ ହେଁ ରାଜ୍ୟ ସଭାପତି ମନମୋହନ ସାମଲ ସେଠାକୁ ନ ଆସିବା ଦଳ କାହା ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଉଛି ତାହା ଦେଖିବାରେ ଅଛି।

# ରାଜ୍ୟ, କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ଜନଜାଗରଣ ସୃଷ୍ଟି କର: ଅଜୟ କୁମାର

ଭୁବନେଶ୍ୱର,୪।୩(ସୁନିତ୍ ମିଶ୍ର)

ଓଡ଼ିଶାର ପ୍ରତ୍ୟେକ ଗ୍ରାମରେ କଂଗ୍ରେସର ପୁରୁଣା ନେତା, ମହିଳା, ଯୁବକର୍ମୀ ଓ ସମର୍ଥକଙ୍କ ମଧ୍ୟରେ ବିପୁଳ ଉତ୍ସାହ ଭରି ରହିଛି। ସେମାନଙ୍କ ଉଦ୍ୟମ ଓ ସହଯୋଗରେ ସଙ୍ଗଠନ ଅଧିକ ଦୃଢ଼ ଓ କ୍ରିୟାଶୀଳ ହେବ। ଦେଶରୁ ଗରିବୀ ଓ ବେରୋଜଗାର ହଟାଇବା ନିମନ୍ତେ ଅତୀତରେ କଂଗ୍ରେସ ସରକାର ଯେଉଁ ସୁଚିନ୍ତିତ ପଦକ୍ଷେପମାନ ଗ୍ରହଣ କରିଥିଲେ, ତାହା ଅଦ୍ୟାବଧି କୌଣସି ସରକାର କରିନାହାନ୍ତି ବୋଲି ଓଡ଼ିଶା ପ୍ରଭାରୀ ଅଜୟ କୁମାର କହିଛନ୍ତି। ସୋମବାର ସ୍ଥାନୀୟ ଏକ ଘରୋଇ ହୋଟେଲରେ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ପକ୍ଷରୁ ଆୟୋଜିତ ଦିନିକିଆ କର୍ମଶାଳା 'ସଂକଳ୍ପ'ରେ ଏଭଳି ନିଷ୍ପତ୍ତି ହୋଇଛି। ଏଥିରେ ଯୋଗଦେଇ ଅଜୟ କହିଛନ୍ତି ଯେ, ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅନ୍ୟାୟ ଏବଂ ବିଫଳତା ସମ୍ପର୍କରେ ଜନଜାଗରଣ ସୃଷ୍ଟି କରିବା କ୍ଷେତ୍ରରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଗୁରୁଦାୟିତ୍ୱ ନିର୍ବାହ କରିବ। ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ଦଳ ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ। ଗଣମାଧ୍ୟମ ସେଲ୍‌ର ଜିଲା ଓ ବ୍ଲକସ୍ତରର କାର୍ଯ୍ୟକର୍ତ୍ତାମାନେ ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବେ ବୋଲି ସେ କହିଛନ୍ତି।

### କଂଗ୍ରେସ ପକ୍ଷରୁ ଦିନିକିଆ 'ସଂକଳ୍ପ' କର୍ମଶାଳା ଆୟୋଜିତ

ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଛନ୍ତି, ବିଭାଗର ଜିଲା ଏବଂ ବ୍ଲକସ୍ତରର କାର୍ଯ୍ୟକର୍ତ୍ତାମାନଙ୍କ ଆଗାମୀ ରଣନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଦଳୀୟ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ଏବଂ ତୃଣମୂଳସ୍ତରର କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି। ତେଣୁ ଉଭୟ ଭାଜପା ଓ ବିଜେଡିର ଅସଲ ଚେହେରା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ସାମ୍ନାକୁ ଆଣିବାକୁ ଅଜୟ କୁମାର କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ, ବର୍ତ୍ତମାନ ଦଳର ନେତା ଓ କର୍ମୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି। ଆଗାମୀ ନିର୍ବାଚନରେ ଦଳ ନିଶ୍ଚିତ ଭାବେ ଭଲ ପ୍ରଦର୍ଶନ କରିବ।

# ପଦ୍ମ ଧରିଲେ ପ୍ରେମାନନ୍ଦ, ରାଜୁ, ନରେନ

ଭୁବନେଶ୍ୱର,୪।୩(ସୁନିତ୍ ମିଶ୍ର)

ସାଧାରଣ ନିର୍ବାଚନ ପୂର୍ବରୁ ବହୁ ବିଜେଡି ଓ କଂଗ୍ରେସ ନେତା ଦଳ ଛାଡ଼ି ଆସି ଭାଜପାରେ ଯୋଗ ଦେବାରେ ଲାଗିଛନ୍ତି। କଂଗ୍ରେସ ଓ ବିଜେଡିର ଅନେକ ଆଗଧାଡ଼ିର ନେତାମାନେ ଭାଜପାରେ ସାମିଲ ହେଉଛନ୍ତି। ସୋମବାର ପୂର୍ବତନ ମନ୍ତ୍ରୀ ତଥା ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ଭଦ୍ରକ ଧାମନଗରର ପୂର୍ବତନ ବିଧାୟକ ରାଜୁ ଦାସ ଓ ଭଦ୍ରକର ପୂର୍ବତନ ବିଧାୟକ ନରେନ ପଲେଇ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଏହି ନେତାମାନେ ନିଜ ନିଜର ସମର୍ଥକମାନଙ୍କ ସହ ଆସି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ନେତା ସମୀର ମହାନ୍ତି ଓ ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ ଏବଂ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାରେ ଏହି ନେତାମାନଙ୍କ ସାମିଲ ହେବା ଦ୍ୱାରା ଦଳର ସଙ୍ଗଠନ ସେସବୁ ଅଞ୍ଚଳରେ ଅଧିକ ସୁଦୃଢ଼ ହେବ ବୋଲି ଚର୍ଚ୍ଚା ହେଉଛି।

### ସେ ଦଳରେ ଆଲୋଚନା କରିବାର ବାତାବରଣ ଆଉ ନାହିଁ: ପ୍ରେମାନନ୍ଦ

ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ ନିକଟରେ ବିଜେଡିରୁ ଇସ୍ତଫା ଦେଇଥିଲେ। ଦଳରେ ଅଣଦେଖା କରାଯାଉଥିବା ଅଭିଯୋଗ ଆଣି ପ୍ରେମାନନ୍ଦ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଭାଜପାରେ ଯୋଗଦେବା ପରେ ପ୍ରେମାନନ୍ଦ କହିଛନ୍ତି, ଦଳର ସେ ଜଣେ ଶୃଙ୍ଖଳିତ କର୍ମୀ ଥିଲେ। ହେଲେ ତାଙ୍କ ନିର୍ବାଚନମଣ୍ଡଳୀରେ ଯେଉଁ ସମସ୍ୟା ହେଲା ସେ ବିଷୟରେ ନେତାଙ୍କ ସହ ଆଲୋଚନା କରିହେଲାନି। ତେଣୁ ଗତ ଅକ୍ଟୋବରରୁ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଏହାକୁ ସାର୍ବଜନୀନ କରିଥିଲେ। ସେଠି ଆଉ ସେମିତି ବାତାବରଣ ନାହିଁ ଯେଉଁଠାରେ ଆଲୋଚନା କରିହେବ। ତେଣୁ ସେଠି ରହିବାକୁ ଠିକ୍ ଲାଗିଲାନି ବୋଲି ପ୍ରେମାନନ୍ଦ କହିଛନ୍ତି। ସେହିପରି ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ(ରାଜୁ ଦାସ) ପଦ୍ମ ଧରିଛନ୍ତି। ଧାମନଗର ଉପନିର୍ବାଚନ ବେଳେ ସେ ବେଶ୍ ଚର୍ଚ୍ଚାରେ ଥିଲେ। ଉପନିର୍ବାଚନରେ ସେ ବିଜେଡିରୁ ପ୍ରାର୍ଥୀ ହେବାକୁ ଦାବିଦାର ଥିବାବେଳେ ଦଳ କିନ୍ତୁ ତାଙ୍କୁ ଟିକେଟ ଦେଇ ନ ଥିଲା। ଦଳ ବହୁ ବୁଝାଶୁଝା କରିବା ସତ୍ତ୍ୱେ ସେ ସ୍ୱାଧୀନରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ ମଧ୍ୟ ସେ ପରାଜିତ ହୋଇଥିଲେ। ହେଲେ ଏହି ଆସନରୁ ଉପନିର୍ବାଚନରେ ଭାଜପା ବିଜୟୀ ହୋଇଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ବହୁ ଅଙ୍କକଷା ପରେ ବିଜେଡି ସହ ରାଜୁଙ୍କର ଥିବା ବିବାଦ ତୁଟି ନ ଥିଲା। ଶେଷରେ ସେ ପଦ୍ମ ଧରିଛନ୍ତି।

କଂଗ୍ରେସ ଛାଡ଼ିବା ପରେ ଭଦ୍ରକର ପୂର୍ବତନ ବିଧାୟକ ନରେନ ପଲେଇ ଭାଜପାରେ ସାମିଲ ହୋଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ରବିବାର ସେ କଂଗ୍ରେସର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିଲେ। ନରେନ ପଲେଇ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ଭଦ୍ରକ ବିଧାୟକ ଥିଲେ। ଗତ ସାଧାରଣ ନିର୍ବାଚନରେ ସେ କଂଗ୍ରେସରୁ ଆଶାୟୀ ଥିଲେ ସୁଦ୍ଧା ଶେଷ ମୁହୂର୍ତ୍ତରେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ସେବେଠୁ କଂଗ୍ରେସରେ ଥାଇ ମଧ୍ୟ ସକ୍ରିୟ ରାଜନୀତିଠାରୁ ସେ ଦୂରେଇ ରହିଥିଲେ।


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ଧାମନଗରର ପୂର୍ବତନ ବିଧାୟକ ରାଜୁ ଦାସ ଓ ଭଦ୍ରକର ପୂର୍ବତନ ବିଧାୟକ ନରେନ ପଲେଇ ଭାଜପାରେ ସାମିଲ ହୋଇଛନ୍ତି।

# ବିଜେଡିକୁ ଘାରିଛି ଦଳବଦଳ ଆଶଙ୍କା

ଯାଜପୁର ଅଫିସ,୪।୩
(ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି)

ଯାଜପୁର ଜିଲାରେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ବିଜେଡି ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଚଳାଇଛି। ପଞ୍ଚାୟତ ନିର୍ବାଚନରେ ବିଜେଡି ଯେଉଁଭଳି ଭାବେ ଅସନ୍ତୋଷ ଓ ବିଦ୍ରୋହର ସାମ୍ନା କରିଥିଲା, ତାହା କିଭଳି ନ ଘଟିବ ସେ ଦିଗରେ ଚେଷ୍ଟା କରୁଛି। ଏହା ସତ୍ତ୍ୱେ ନିକଟରେ ବରୀର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ଭାଜପାରେ ଯୋଗଦେବା ଯାଜପୁର ରାଜନୀତିକୁ ଏକ ରକମ ସରଗରମ କରିଦେଇଛି। ବରୀ ପରେ ଏବେ କୋରେଇ ଉପରେ ସମସ୍ତଙ୍କ ନଜର। କାରଣ ଫେବୃଆରୀ ୨୫ରେ ମାଳଆନନ୍ଦପୁର ଛକରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ 'କୋରେଇ ଦାୟିତ୍ୱ ମୋର' ବୋଲି ଯାଜପୁର ବିଧାୟକ ତଥା ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଘୋଷଣା କରିଥିଲେ। ଏଇ ପଦିଏ କଥାରେ କୋରେଇରେ ଦଳୀୟ ଆଶାୟୀ ନେତା ଓ କର୍ମୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ିଯାଇଛି। ଏପରିକି କୋରେଇରୁ ବବି ଟିକେଟ ନେଇପାରନ୍ତି ବୋଲି ସବୁଠି ଚର୍ଚ୍ଚା। ଏଭଳି ସ୍ଥଳେ କୋରେଇ ଓ ଯାଜପୁର ବିଧାନସଭା ଆସନକୁ ନେଇ ଜିଲାରେ ନୂଆ ରାଜନୈତିକ ସମୀକରଣ ଦେଖାଦେଇପାରେ ବୋଲି ଆଶଙ୍କା କରାଗଲାଣି।

### କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ



ପଞ୍ଚାୟତ ନିର୍ବାଚନ ପରେ ଜିଲାର ବିଭିନ୍ନ ସ୍ଥାନରେ ଭାଜପା ମହାମିଶ୍ରଣ ପର୍ବ ଆରମ୍ଭ କରିଆସିଛି। ତୁଳନାତ୍ମକ ଭାବେ ଭାଜପାର ଶକ୍ତିବୃଦ୍ଧି ହେଉଥିବାରୁ ଦଳ ଭିତରେ ଆଶାୟୀ ଉତ୍ସାହିତ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ବିଜେଡିକୁ ପରାସ୍ତ କରିବା ପାଇଁ ଭାଜପା ଯେଭଳି ଭାବେ ବିକଳ୍ପ ରାଜନୈତିକ ଦଳ ହୋଇ ପାରିବ ନାହିଁ, ସେଭଳି ରାଜନୈତିକ ବାତାବରଣ ସୃଷ୍ଟି କରିବାକୁ ଶାସକ ଦଳ ମଧ୍ୟ ପ୍ରସ୍ତୁତି ଚଳାଇଛି। ଅନ୍ୟପକ୍ଷରେ ଭାଜପା ଶିବିରରେ ଟିକେଟ ଆଶାୟୀ ବିଶ୍ୱଜିତ୍ ନାୟକ ଓ ଆଲେକଜାଣ୍ଡାର ଦାସ ପଦକ୍ଷେପ ନେଉଛନ୍ତି। ନିକଟରେ ବ୍ୟାସନଗର ପୌର ପରିଷଦ ଅଞ୍ଚଳରେ ଦାସ ପ୍ରାୟ ୫ହଜାର ଲୋକଙ୍କୁ ନେଇ ବଳ ପ୍ରଦର୍ଶନ କରିଛନ୍ତି। ଭାଜପାର ଏଭଳି ପ୍ରଦର୍ଶନ ବିଜେଡିକୁ ସାମାନ୍ୟ ଚିନ୍ତିତ କରିଛି। କଂଗ୍ରେସ ଭଳି ଭାଜପା ଯେ ଏତେ ଦୁର୍ବଳ ନୁହେଁ, ତାହା ବିଜେଡି ହୃଦୟଙ୍ଗମ କରିପାରିଛି। ତେଣୁ ବାହାରକୁ ବିଜେଡିର ରଣନୀତି ଦୃଶ୍ୟ ହେଉ ନ ଥିଲେ ମଧ୍ୟ ଭାଜପାର ଗତିରୋଧ କରିବାକୁ ବିଜେଡି ସବୁ ପ୍ରକାର କୌଶଳ ଆପଣାଇଛି। ସେଥିରେ ପାଣିକୋଇଲିକୁ ଏନ୍‌ଏସି ଘୋଷଣା ଅନ୍ୟତମ।

ବବିଙ୍କ କୋରେଇ ପ୍ରତି ଅଧିକ ଆନ୍ତରିକତା ଦେଖାଇବା ବିଧାୟକ ଅଶୋକ ବଳ, ପୂର୍ବତନ ବିଧାୟକ ତଥା 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସନାୟକ ଓ ବ୍ୟାସନଗରର ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ ମଧ୍ୟ ଚିନ୍ତାରେ ଅଛନ୍ତି। ଏଭଳିସ୍ଥିତିରେ ଭାଜପା ଟିକେଟ ଆଶ୍ୱାସନା ଦେଲେ କୋରେଇ ଅଞ୍ଚଳର କେତେ ଜଣ ଜଣାଶୁଣା ବିଜେଡି ନେତା ଭାଜପାକୁ ଡେଇଁପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଚଣ୍ଡିଖୋଲ ଗସ୍ତ କରୁଥିବାରୁ ଭାଜପା ନେତା ଓ କର୍ମୀ ଉତ୍ସାହିତ ଅଛନ୍ତି। ଏହି ଉତ୍ସାହକୁ ଦେଖି ଯଦି ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀ ପରବର୍ତ୍ତୀ କାର୍ଯ୍ୟପନ୍ଥା ଭାବେ ଭାଜପାରେ ସାମିଲ ହୋଇଯାଆନ୍ତି, ତାହା ହେଲେ କୋରେଇ ରାଜନୀତି ଅଧିକ ରୋଚକ ହେବ ବୋଲି ଚର୍ଚ୍ଚା ହେଲାଣି।

# ଭାଜପାରେ ପୂର୍ବତନ ମନ୍ତ୍ରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ

ଢେଙ୍କାନାଳ,୪।୩(ରତନ ନାୟାର)

ଢେଙ୍କାନାଳ ସହର କଲେଜ ବାଇପାସସ୍ଥିତ ଭାଜପାର ଜିଲା କାର୍ଯ୍ୟାଳୟଠାରେ ସୋମବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନିକଟରେ କଂଗ୍ରେସ ଛାଡ଼ିଥିବା ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁରେଶ ପାଣିଗ୍ରାହୀ ଓ ସରୋଜ ପଟ୍ଟନାୟକ, ବିଜେଡିରୁ ନିଲମ୍ବିତ ହୋଇଥିବା କଙ୍କଡ଼ାହାଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁଙ୍କ ସମେତ ୬୦୦ରୁ ଊର୍ଦ୍ଧ୍ୱ କର୍ମୀ ଏହି ମହାମିଶ୍ରଣ ପର୍ବରେ ଉପସ୍ଥିତ ରହି ଭାଜପାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ନିକଟରେ ଭାଜପାରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ ଓ ଜିଲା ପରିଷଦର ପୂର୍ବତନ ଉପସଭାପତି କୋଦଣ୍ଡଧର ସାହୁ ମଧ୍ୟ ନିଜ ସମର୍ଥକଙ୍କ ଗହଣରେ ଉପସ୍ଥିତ ଥିଲେ।

# ବିଜେଡିରେ ବଣାଁଇ କିଷାନ ସମାଜ ସଭାପତି, କର୍ମୀ

ଭୁବନେଶ୍ୱର,୪।୩(ଅନିଲ ଦାସ)

ସୁନ୍ଦରଗଡ଼ ଜିଲାର ବଣାଁଇ କିଷାନ ସମାଜର ସଭାପତି ଓ ସମ୍ପାଦକଙ୍କ ସମେତ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସୋମବାର ଶଙ୍ଖ ଭବନଠାରେ ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରୀତି ରଞ୍ଜନ ଘଡ଼ାଇ, ସୁନ୍ଦରଗଡ଼ ଜିଲାର ସହପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ ଓ ବଣାଁଇ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଷ୍ଟାଲିନ ପରିଜାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ କିଷାନ ସମାଜ କର୍ମୀଙ୍କୁ ଘଡ଼ାଇ, ମଲ୍ଲିକ ଓ ପରିଜା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି । କିଷାନ ସମାଜର ଯୋଗଦାନ ଫଳରେ ବିଶେଷ କରି ସୁନ୍ଦରଗଡ଼ ଜିଲାରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ୩ ବିଜେଡି ନେତା କହିଛନ୍ତି। ବିଜେଡିରେ ସାମିଲ୍ ହୋଇଥିବା ବଣାଁଇ କିଷାନ ସମାଜ ସଭାପତି ରତ୍ନାକର କିଷାନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗଦେଇଛନ୍ତି । ଦଳ ଆଗକୁ ଯାହା ଦାୟିତ୍ୱ ଦେବ ତାକୁ ସୂଚାରୁ ରୂପେ ତୁଲାଇବେ । ଦଳ ସେମାନଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ବଣାଁଇ କିଷାନ ସମାଜ ସମ୍ପାଦକ ଉମ କିଷାନଙ୍କ ସମେତ ଗୋଲ ବଦନ କିଷାନ, ହରିହର କିଷାନ, ମିଶ୍ର କିଷାନ, ବନେଶ୍ୱର କିଷାନ, ଚରଣ ପ୍ରଧାନ, ପ୍ରାଣକୃଷ୍ଣ କିଷାନ, ମୁନା କିଷାନ, ବାସୁଦେବ କିଷାନ, ରାଧା କିଷାନ, ରଣଜିତ କିଷାନ, ଲକ୍ଷ୍ମୀ କିଷାନ, ମଞ୍ଜୁଲତା କିଷାନ, ଚମ୍ପାବତୀ କିଷାନ, ମାଳତୀ କିଷାନ, ନିରୁପମା କିଷାନଙ୍କ ସହ ଦୁଇ ହଜାରରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ୍ ହୋଇଛନ୍ତି। ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଛନ୍ତି।

# ହାଇକୋର୍ଟ ଝାଟ, ବଢ଼ିଲା ମୋକିମଙ୍କ ନିର୍ବାଚନୀ ଅଡୁଆ

କଟକ,୪।୩(ଶିଳ୍ପା ପ୍ରିୟଦର୍ଶିନୀ)

କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ୍‌ଙ୍କୁ ହାଇକୋର୍ଟଙ୍କ ଝଟକା ଲାଗିଛି । ୨୦୧୯ ନିର୍ବାଚନ ବେଳେ ନାମାଙ୍କନପତ୍ରରେ ଆପରାଧିକ ମାମଲାର ସବିଶେଷ ତଥ୍ୟ ଦେଇ ନ ଥିବା ଓ ଜାଣିଶୁଣି କେତେକ କାଟେଗୋରିକୁ ଛାଡ଼ି ଯାଇଥିବା ଅଭିଯୋଗରେ ମୋକିମ୍‌ଙ୍କ ବିଧାୟକ ପଦକୁ ରଦ୍ଦ କରିଦିଆଯାଇଛି। ସୂଚନା ଦିଆଯାଇପାରେ ଯେ, ସେତେବେଳେ ମୋକିମ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିବା ବର୍ତ୍ତମାନର ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଏ ସଂକ୍ରାନ୍ତରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଏବର ରାୟ ଅନୁଯାୟୀ ମୋକିମ୍ ବର୍ତ୍ତମାନର କଟକ-ବାରବାଟୀ ବିଧାୟକ ନୁହନ୍ତି କିମ୍ବା ପୂର୍ବତନ ବିଧାୟକ ଭାବେ ଅଭିହିତ ହୋଇପାରିବେ ନାହିଁ। ନିର୍ବାଚନକୁ କିଛିଦିନ ଥିବା ବେଳେ ହାଇକୋର୍ଟଙ୍କ ଝାଟ ମୋକିମ୍‌ଙ୍କ ଅଡୁଆ ବଢ଼ାଇ ଦେବା ସ୍ୱାଭାବିକ।

ମୋକିମ୍‌ଙ୍କ ବିଧାୟକ ପଦ ରଦ୍ଦ ହେବା ପରେ କଟକର ରାଜନୈତିକ ପାଣିପାଗ ରୋଚକ ହେବା ସହ ସାଧାରଣରେ ଏ ନେଇ ଫୁସୁରୁଫାସୁର ଆରମ୍ଭ ହୋଇଯାଇଛି। ଏପରି ରାୟ ଆସିବା ଫଳରେ ଆସନ୍ତା ନିର୍ବାଚନରେ ଦଳ ମୋକିମଙ୍କୁ ଟିକେଟ ଦେବ କି ନାହିଁ କଥା ଉଠିଲାଣି। ଯଦି କଂଗ୍ରେସ ଟିକେଟ୍ ଦେବ, ତେବେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ଭୋଟର କେତେଦୂର ତାଙ୍କ ଉପରେ ଭରସା କରିବେ ତାହା ଗୁରୁତ୍ୱପୂର୍ଣ୍ଣ ବିଷୟ । ଏଥିସହିତ ଏହା ମଧ୍ୟ ଆଲୋଚନା ହେଉଛି, ବହୁବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତଥ୍ୟ ମାଗିବାରେ ମୋକିମ ସର୍ବଦା ଆଗରେ ରହିଛନ୍ତି। ହେଲେ ନିର୍ବାଚନରେ ନିଜର ଆପରାଧିକ ତଥ୍ୟ ନ ଦେଇ ଲୁଚାଇ ରଖିବା ଯୋଗୁ ସେ ସାଧାରଣରେ ସମାଲୋଚିତ ହୋଇଛନ୍ତି। କେତେ ଜଣ କହିବା ଆରମ୍ଭ କଲେଣି ଯେ, ନିର୍ବାଚନ ସମୟରେ ମୋକିମ ଆପରାଧିକ ତଥ୍ୟ ପ୍ରଦାନ କରିଥିଲେ ହୁଏତ ସାଧାରଣ ଲୋକ ତାଙ୍କୁ ଭୋଟ ନ ଦେଇ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ସେତେବେଳେ ପ୍ରତିଦ୍ୱନ୍ଦ୍ୱୀ ଥିବା ପ୍ରାର୍ଥୀଙ୍କୁ ବିଜୟୀ କରାଇଥାଆନ୍ତେ।


ମହମ୍ମଦ ମୋକିମ୍

ଉପରୋକ୍ତ ପ୍ରସଙ୍ଗ ନେଇ ମାମଲା କରିଥିବା ଦେବାଶିଷ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ୨୦୧୯ ନିର୍ବାଚନରେ ତାଙ୍କୁ ମିଶାଇ ଅନ୍ୟ ପ୍ରାର୍ଥୀଙ୍କ ସହ ଅନ୍ୟାୟ ହୋଇଛି। ସାଧାରଣ ଲୋକ ଯିଏ ଭୋଟ ଦେଇ ଆମକୁ ବିଜୟୀ କରାଉଛନ୍ତି ସେମାନଙ୍କୁ ତଥ୍ୟ ଲୁଚାଇ ରଖିବା ନିନ୍ଦନୀୟ ଘଟଣା। ବଡ଼ କଥା ହେଉଛି କି ଯାଞ୍ଚ ସମୟରେ ଯେଉଁ ରିଟର୍ନିଂ ଅଫିସର ରହିଥିଲେ ତାଙ୍କ ସହ ମୋକିମ ହୁଏତ ସଲାସୁତରା କରିଛନ୍ତି; ଯେଉଁଥିପାଇଁ ରିଟର୍ନିଂ ଅଧିକାରୀ ସମସ୍ତ ଘଟଣା ଜାଣି ମଧ୍ୟ ତାଙ୍କ ପ୍ରାର୍ଥୀପତ୍ର ଖାରଜ କରି ନ ଥିଲେ। ହେଲେ ଏହି ସତ୍ୟ ସାମ୍ନାକୁ ଆଣି ହାଇକୋର୍ଟ ପ୍ରମାଣିତ କରିଛନ୍ତି ବୋଲି ଦେବାଶିଷ କହିଛନ୍ତି। ସେ ପୁଣି କହିଛନ୍ତି, ୨୦୧୯ ନିର୍ବାଚନ ପ୍ରଚାର ସମୟରେ ଭୋଟରଙ୍କୁ ସେ ସଚେତନ କରାଇଥିଲେ ଯେ, ମୋକିମ ଜଣେ ଅପରାଧୀ। ତାଙ୍କ ନାଁରେ ବହୁ ମାମଲା ରହିଛି। ହେଲେ ସାଧାରଣ ଲୋକେ ତାଙ୍କୁ ବିଶ୍ୱାସ କରି ନ ଥିଲେ। ଏବେ ଲୋକେ ଠିକ୍ ବୁଝି ସାରିଛନ୍ତି। ଏଭଳି କଳଙ୍କିତ ବ୍ୟକ୍ତିଙ୍କୁ ଲୋକେ ଭୋଟ ଦେବା ପୂର୍ବରୁ ବିଚାର କରନ୍ତୁ। ମୋକିମ୍ ଆଗାମୀ ନିର୍ବାଚନ ନ ଲଢ଼ିବାକୁ ଭାବିବା ଦରକାର। କାରଣ ସେ ଯଦି ଦୋଷୀ ଓ ପ୍ରକୃତରେ ତାଙ୍କର ଆତ୍ମସମ୍ମାନ ଥିବ, ତେବେ ସେ ନିର୍ବାଚନ ଲଢ଼ିବା କଥା ଭାବିବେ ନାହିଁ ବୋଲି ଦେବାଶିଷ କହିଛନ୍ତି।

ଅପରପକ୍ଷରେ ମୋକିମ୍ କହିଛନ୍ତି, ୨୦୧୯ ଅବଧିରେ ବିଧାନସଭାର କାର୍ଯ୍ୟକାଳ ସମାପ୍ତ ହୋଇସାରିଛି। ୨୦୨୪ ନିର୍ବାଚନ ପାଇ ସେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ନିର୍ବାଚନ ଲଢ଼ି ଉଚିତ ଜବାବ ଦେବେ। ହାଇକୋର୍ଟ ରାୟ ପ୍ରକାଶ କରିଛନ୍ତି। ତେଣୁ ସେ ତାଙ୍କ ଆଇନଜୀବୀଙ୍କ ସହ ପରାମର୍ଶ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବି ବୋଲି ମୋକିମ୍ କହିଛନ୍ତି।

## ସଂକ୍ଷେପରେ

### ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି

**ଖପ୍ରାଖୋଲ, ୪।୩(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭାଗୃହରେ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଗୌରବ ଶିବାଜୀ ଇସବାୱାଲ, ଆରକ୍ଷୀ ଅଧିକ୍ଷକ ରଷିକେଶ ଖିଲାରି ଯୋଗଦେଇ ଜନଅଭିଯୋଗର ଶୁଣାଣି କରିଥିଲେ। ମୋଟ ୫୦ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୪୬ଟି ବ୍ୟକ୍ତିଗତ ଓ ୪ଟି ଗୋଷ୍ଠୀଗତ ଥିଲା। ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଅବସରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଡିଏଫଓ ସୁଦର୍ଶନ ବେହେରା, ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ବେହେରା, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ କୁମାର ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ କୁଳମଣି ଭୋଇ, ଜିପିଇଓ ପରମେଶ୍ୱର ନାଏକଙ୍କ ସମେତ ବିଭିନ୍ନ ବିଭାଗର ଜିଲା, ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

### କିଶୋର କୌଶଳ କକ୍ଷ କାର୍ଯ୍ୟକ୍ରମ

**ପାଟଣାଗଡ, ୪।୩(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ ବ୍ଲକ ଅନ୍ତର୍ଗତ ମରୁଆଁ ଓ ପାଡେଲ ହାଇସ୍କୁଲ ପରିସରରେ ମମତା ଏଚ୍ଆଇଏମ୍ସି ସଂସ୍ଥା ପ୍ରୋଜେକ୍ଟ ଜାଗୃତି ତରଫରୁ ଜୀବନ କୌଶଳ କକ୍ଷ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ବେନଜାମିନ ନାୟକଙ୍କ ତତ୍ତ୍ୱାବଧାନରେ ଦିଲ୍ଲୀରୁ ଆସିଥିବା ପ୍ରିୟା ପ୍ରକାଶ ରାୟ କିଶୋରୀ କିଶୋରଙ୍କୁ ସେମାନଙ୍କ ଜୀବନରେ ହେଉଥିବା ଭାବନାତ୍ମକ ପରିବର୍ତ୍ତନକୁ ଖେଳ ମାଧ୍ୟମରେ ଜଣାଇଥିଲେ। ଏଥିସହିତ ବାର୍ତ୍ତାଳାପ, ସମସ୍ୟାର ସମାଧାନ, ଆତ୍ମସମ୍ମାନ ରକ୍ଷା, ଠିକ ନିଷ୍ପତ୍ତି ନେବା, ସମୟର ସତ ଉପଯୋଗ କରି ନିଜ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିପାରିବେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୩ ଶହରୁ ଊର୍ଦ୍ଧ୍ୱ କିଶୋରୀକିଶୋର ଅଂଶଗ୍ରହଣ କରିଥିଲେ। ବ୍ଲକ ସୁପରଭାଇଜର ସୁରେଶ ଚନ୍ଦ୍ର ପସାୟତ, କାର୍ଯ୍ୟକର୍ତ୍ତା ପବିତ୍ର ମୋହନ ରଣା, ଅଗାଧୁ ବେହେରା, ସୁନିତା ପସାୟତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଗଙ୍ଗାଧର ଜ୍ୟୋତି ରଥ ପରିକ୍ରମା ଶୁଭାରମ୍ଭ

**ପାଟଣାଗଡ଼, ୪।୩(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ ଏନଏସିସ୍ଥିତ ଭୁଲିଆ ଧର୍ମଶାଳାଠାରେ ନିଖିଳ ଓଡ଼ିଶା ମେହେର (ଭୁଲିଆ) ସମାଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକ ଉତ୍ସବ ଉପଲକ୍ଷେ ଜ୍ୟୋତିରଥର ଶୁଭାରମ୍ଭ ହୋଇଛି। ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ରଥର ଶୁଭାରମ୍ଭ କରିଥିଲେ। ପରେ ଜ୍ୟୋତି ରଥ ସହ ଭୁଲିଆ ସମାଜର ଶତାଧିକ ମହିଳା ଓ ପୁରୁଷ ସହରର ମୁଖ୍ୟ ରାସ୍ତା ଦେଇ ଏକ ଶୋଭାଯାତ୍ରାରେ ଗଙ୍ଗାଧର ପାର୍କଠାରେ ପହଞ୍ଚି ଥିଲେ। ସେଠାରେ ଥିବା କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏନଏସି ଉପନଗରପାଳ ପ୍ରଫୁଲ୍ଲ କୁମାର ମେହେର, ବିଜୟ ମେହେର, ଡା. ବୃନ୍ଦାବନ ମେହେର, ତେଜରାଜ ମେହେର, ରାଜେଶ ମେହେର, ପୁଷ୍ପାଞ୍ଜଳି ମେହେର, ସେବତୀ ମେହେର, ରୋଜି ମେହେର ଯୋଗଦେଇଥିଲେ।

### ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ

**ଟିଟିଲାଗଡ, ୪।୩(ଶରତ ମିଶ୍ର)**

ଟିଟିଲାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡ଼ଙ୍ଗୀ ସାମ୍ପ୍ରତିକ ସ୍ଥିତିରେ ଶିଶୁର ସ୍ଥିତି ଓ ମାତାପିତାଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ। ସମ୍ମାନୀତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା ଓ ଶେଷ ଦେବ ମେହେର ଉପସ୍ଥିତ ଥିଲେ। ଶିଶୁ ବଟିକା ପ୍ରମୁଖ ସଂଯୁକ୍ତା ପାଣିଗ୍ରାହୀ ସ୍ୱାଗତ ଭାଷଣ, ବରିଷ୍ଠ ଆଚାର୍ଯ୍ୟ ମୋତି ପୁଟେଲ ମଞ୍ଚ ପରିଚାଳନା କରିଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ଟିଟିଲାଗଡ଼, ୪।୩ (ଶରତ ମିଶ୍ର)**

ଟିଟିଲାଗଡ ଅବକାରୀ ଅଧିକାରୀ ଆଶିଷ ବେହେରାଙ୍କ ନେତୃତ୍ୱରେ ସୋମବାର ଶଗଡଘାଟ ଗ୍ରାମ ଛକ ନିକଟରେ ଜଣେ ବାଇକ ଆରୋହୀଙ୍କଠାରୁ ୧୦.୫୩୦କେଜି ଗଞ୍ଜେଇ ଜବତ କରିଛି। ବାଇକ(ନମ୍ବର ଓଡି ୦୩ ୱାଇ ୫୦୧୪)କୁ ସନ୍ଦେହ କରି ଯାଞ୍ଚ ସମୟରେ ଗଞ୍ଜେଇ ଜବତ ହୋଇଥିଲା। ବୌଦ୍ଧ ଜିଲା ଘଣ୍ଟପଡା ଥାନା ଗୁନ୍ଦୁଟିଡ଼ା ଗ୍ରାମର କୁଳମଣୀ ସାହୁଙ୍କୁ ଗିରଫ କରାଯାଇଛି।

# ଜମିପଟ୍ଟା ଦାବିରେ ଜିଲାପାଳ ଅଫିସ ଘେରାଉ

- ଭୂମିହୀନଙ୍କୁ ଶୀଘ୍ର ଜମିପଟ୍ଟା ପ୍ରଦାନ କର
- ଆବଶ୍ୟକ ସ୍ଥଳେ ଜଳଚର କିସମ ପରିବର୍ତ୍ତନ କର
- ଭୂମିହୀନଙ୍କୁ ପଟ୍ଟା ନ ମିଳିଲେ ହେବ ଆଇନ ଅମାନ୍ୟ ଆନ୍ଦୋଳନ
- ବିକ୍ଷୋଭ ସମାବେଶରେ ଗର୍ଜିଲେ ନରସିଂହ, ସମରେନ୍ଦ୍ର



ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ ଦାବି ନେଇ ଜିଲାପାଳ ଅଫିସ ଘେରାଉ ପରେ ପ୍ରତିବାଦ ସଭା କରାଯାଉଛି।

**ବଲାଙ୍ଗୀର, ୪।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ ଦାବି ନେଇ ସୋମବାର ସହସ୍ରାଧିକ ଭୂମିହୀନଙ୍କ ସମାବେଶରେ ନଗର କଂଗ୍ରେସ ପକ୍ଷରୁ ବଲାଙ୍ଗୀର ଜିଲାପାଳ ଅଫିସ ଘେରାଉ କରାଯାଇଥିଲା। ଏହି ଘେରାଉ ଏବଂ ବିକ୍ଷୋଭ ସମାବେଶରେ ବିଧାୟକ ନରସିଂହ ମିଶ୍ର ଏବଂ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗଦାନ କରିଥିଲେ। ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ପଡାର ଗରିବ, ଭୂମିହୀନ ଏବଂ ମଧ୍ୟବିତ୍ତ ପରିବାର ଯୋଗ ଦେଇଥିଲେ।

ଏଆଇସିସି ସଦସ୍ୟ ସମରେନ୍ଦ୍ର ତାଙ୍କ ବକ୍ତବ୍ୟରେ ଜୀବିକା ଅନ୍ୱେଷଣରେ ଗାଁରୁ ସହରକୁ ଆସି ସରକାରୀ ଜମିରେ ଘର କରି ରହୁଥିବା ଗରିବ ଲୋକଙ୍କୁ ସରକାର କିଭଳି ବେଦଖଲ କରିବା ଚକ୍ରାନ୍ତ କରୁଛନ୍ତି କହିଥିଲେ। ସୁପ୍ରିମ କୋର୍ଟ ଗରିବ ଲୋକଙ୍କ ଜୀବନ ଜୀବିକା ଉଚ୍ଛେଦ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ସେମାନଙ୍କୁ ତାଙ୍କ ବାସସ୍ଥାନରୁ ବେଦଖଲ କରାଯାଇପାରିବ ନାହିଁ। ବରଂ ସେଠାରେ ଜମିପଟ୍ଟା ଦେଇ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ, ମହାରାଣୀ ସାଗର ଓ ଲକ୍ଷ୍ମୀଯୋର ଅଞ୍ଚଳରେ ଯେଉଁ ଜଳଚର ଜାଗା ରହିଛି ଓ ସେଠାରେ ଆଉ ପାଣି ରହୁନାହିଁ ବରଂ ଲୋକେ ବସବାସ କରୁଛନ୍ତି ସେପରି ସ୍ଥାନର ଜମି କିସମ ପରିବର୍ତ୍ତନ କରାଯାଇ ପଟ୍ଟା ପ୍ରଦାନ କରାଯାଇପାରିବ। ସହରର ଇନ୍ଦିରାନଗର, ରାଜୀବ ନଗର, ଇଚ୍ଛାପଡା, ତୁଳସୀନଗର, ଲଳିତନଗର, ବିଷ୍ଣୁମୁଣ୍ଡା, ବେହେରାପାଲି, ସତୀପଡା ଆଦି ଅଞ୍ଚଳର ସରକାରୀ ଜାଗାକୁ ଜାଗା ମିଶନ ଯୋଜନା ମାଧ୍ୟମରେ ଗରିବଙ୍କୁ ପଟ୍ଟା ପ୍ରଦାନ କରାଯାଉ ବୋଲି ସେ ଦାବି କରିଥିଲେ। ସ୍ଥାନୀୟ ସରକାରୀ ଦଳ ରାଜନେତା ଯେଉଁମାନେ ୭୦୦ ଏକର ସିଲିଂ ଜମି ଚଞ୍ଚକତା କରି ସାଧାରଣ ଜନତାଙ୍କୁ କୋଟି କୋଟି ଟଙ୍କାରେ ବିକ୍ରି କରୁଛନ୍ତି ସେମାନେ କିଭଳି ଭାବେ ଗରିବଙ୍କ କଥା ବୁଝିବେ ବୋଲି ପ୍ରଶ୍ନ କରିଥିଲେ। ରାଜ୍ୟ ସରକାର ସରକାରୀ ଜମି ଜବରଦଖଲକାରୀଙ୍କ ବିରୁଦ୍ଧରେ ଆଣିଥିବା କଡା ବିଧାୟକ ନରସିଂହ ମିଶ୍ରଙ୍କ ପ୍ରବଳ ବିରୋଧ ଯୋଗୁ ରାଜ୍ୟପାଳଙ୍କ ଅନୁମୋଦନ ପାଇଲା ନାହିଁ। ଏଭଳିକି ବଲାଙ୍ଗୀରର ଗରିବ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ପାଇଁ ସେ ବିଧାନସଭା, ଗୃହ କମିଟି ତଥା ନିଜ ନିର୍ବାଚନୀ ମଣ୍ଡଳୀ ସମୀକ୍ଷା ବୈଠକରେ ଅଧିକାରୀ ମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ କହିସାରିଥିବା କହିଥିଲେ। ଆଜିର ସଭାରେ ବିଧାୟକ ନରସିଂହ ମିଶ୍ର ଗରିବ ଲୋକଙ୍କୁ କିଭଳି ସେମାନେ ଯେଉଁ ସ୍ଥାନରେ ଅଛନ୍ତି ସେଇ ସ୍ଥାନରେ ପଟ୍ଟା ପ୍ରଦାନ କରାଯିବ ସେଇ ପଦକ୍ଷେପ ନେବାକୁ ଆଜି ଜିଲାପାଳଙ୍କ ସହ ଆଲୋଚନା କରିଥିଲେଏବଂ ଜିଲାପାଳ ଏଦିଗରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା କହିଥିଲେ। ଗରିବ ଲୋକମାନେ କିଭଳି ସରକାରୀ ଜମିରୁ ଉଚ୍ଛେଦ ନହେବେ ଓ ନ୍ୟାୟ ପାଇବେ ସେଦିଗରେ ସେ ପଦକ୍ଷେପ ନେବେ ଏବଂ ଆବଶ୍ୟକ ପଡିଲେ ନ୍ୟାୟିକ ଲଢ଼େଇ କରିବେ ବୋଲି କହିଥିଲେ। ଆଜି ସହରର ସମସ୍ତ ଗରିବଙ୍କୁ ଶୀଘ୍ର ଜମିପଟ୍ଟା ପ୍ରଦାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କୁ ଦାବିପତ୍ର ଦିଆଯାଇଥିଲା। ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ବିକ୍ଷୋଭ ସମାବେଶର ସଭା ପରିଚାଳନା କରିଥିଲେ। ବହୁ କଂଗ୍ରେସ କର୍ମୀଙ୍କ ସହ ସହରର ବିଭିନ୍ନ ପଡାର ସହସ୍ରାଧିକ ମହିଳା ଓ ପୁରୁଷ ସମାବେଶରେ ଯୋଗଦାନ କରିଥିଲେ।

### ନାଗରିକ ମଞ୍ଚ ବୈଠକରେ ଜିଲା ଦାବି ପ୍ରସଙ୍ଗ ଉଠିଲା

**ସର୍ଗିଗୁଡ଼ା, ୪।୩(ବୈକୁଣ୍ଠ ନାଗ)**

ଟିଟିଲାଗଡ଼ ନାଗରିକ କମିଟିର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଛ। ସର୍ବସମ୍ମତିକ୍ରମେ ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାତ୍ରୀ ସଭାପତି, ପଦ୍ମନାଭ ବେହେରା ଓ ରାଜେନ୍ଦ୍ର ନାରାୟଣ ମିଶ୍ର ଉପସଭାପତି, ମୋହନଲାଲ ଜୈନ ସାଧାରଣ ସମ୍ପାଦକ, ମନୋଜ ହାତୀ ସଙ୍ଗଠକ ସମ୍ପାଦକ, ଦୀପକ ସମ୍ପାଦାର ଓ ଶମ୍ଭୁ ପ୍ରସାଦ ଗୋଏଲ ସମ୍ପାଦକ, ପ୍ରକାଶ ଗୋଏଲ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ସହରରେ ନାଗରିକ ମଞ୍ଚ ଏକ ସିଭିଲ ସୋସାଇଟି ଭାବେ ଅନେକ କାର୍ଯ୍ୟ କରି ଆସିଛି। ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନଥିବା ନେଇ ବୈଠକରେ ଚିନ୍ତା ପ୍ରକାଶ ପାଇଥିଲା। ଦୀର୍ଘ ୩୨ ବର୍ଷ ଧରି ଟିଟିଲାଗଡ଼ ଜିଲା ଦାବୀ ନେଇ ସରକାର ଅଣଶୁଣା କରୁଥିବା ବୈଠକରେ ଜିଲା କ୍ରିୟାନୁଷ୍ଠାନ କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟିଟିଲାଗଡ଼ ଜିଲା ଦାବି ନେଇ ଅନେକ ଥର ସାକ୍ଷାତ କରିଥିଲେ ହେଁ ଦାବିକୁ ସରକାର ଅଣଦେଖା କରୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଇନଜୀବୀ ଲକ୍ଷ୍ମୀକାନ୍ତ ମହାପାତ୍ର, ଶିକ୍ଷାବିତ୍ ଜଗନ୍ନାଥ ପଣ୍ଡା, ବ୍ୟବସାୟୀ ସଂଘ ସଭାପତି ଶମ୍ଭୁ ପ୍ରସାଦ ଗୋଏଲ, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ଆଇନଜୀବୀ ସୁଧିର ମିଶ୍ର, ରମାକାନ୍ତ ଖମାରୀ, ଅଞ୍ଜଳି ବେହେରା, କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ପାଟଣାଗଡ, ୪।୩ (ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ ଗଡଭିତରସ୍ଥିତି ପାଟଣେଶ୍ୱରୀ ଉତ୍ସବ ଭବନରେ ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ବକ୍ତବ୍ୟ ରଖି ଲିଙ୍ଗଗତ ବୈଷମ୍ୟକୁ ଦୁରକରି ସମାନତା ରକ୍ଷାକରିବା,ଗର୍ଭସ୍ଥ ଶିଶୁର ଲିଙ୍ଗ ଜାଣିବାପାଇଁ ଡାକ୍ତରୀ କୌଶଳର ବ୍ୟବହାର ନକରିବାକୁ କହିଥିଲେ। ଏହି ଅବସରରେ ୟୁନିଟ ତରଫରୁ ଅରୁଣାର ଜିଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଶିଶୁ ସୁରକ୍ଷା ସମ୍ପର୍କିତ ସୁରକ୍ଷା, ଯତ୍ନ, ସେହ୍ନ, ଶ୍ରଦ୍ଧା ଉପରେ ମତପ୍ରକାଶ କରିଥିଲେ। ରାଜ୍ୟ ସରକାର ଆଇଟିଆଇ, ପାଲି ଟେକ୍ନିକ ଇଞ୍ଜିନିୟରିଂ ମାଗଣାରେ ପାଠ ପଢ଼ାଉଛନ୍ତି। ତେଣୁ ଛାତ୍ରୀମାନେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଏହି ସୁଯୋଗର ଲାଭ ଉଠାନ୍ତୁ ବୋଲି କହିଥିଲେ। ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଏନଏସି ଅଧ୍ୟକ୍ଷା ମାନସୀ ବିଶାଳ ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ବିଡିଓ ସୁମନ ମିଞ୍ଜ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ସୁପରଭାଇଜର ଅଯୋଧ୍ୟା ଧରୁଆ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଅରୁଣ କୁମାର ଖୁଆସ ମଞ୍ଚ ପରିଚାଳନା କରିଥିବାବେଳେ ମିଶନ ଶକ୍ତିର ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର ବିଭୂତି ଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ତ୍ରିମୂର୍ତ୍ତି କପ କ୍ରିକେଟ ଟୁର୍ନାମେଣ୍ଟ
### ବଲାଙ୍ଗୀର ୟୁନିଭରସିଟି ଇଲେଭେନ ଚାମ୍ପିୟନ

**ଦେଓଗାଁ, ୪।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ବୁଡାବାହାଲରେ ଚାଲିଥିବା ତ୍ରିମୂର୍ତ୍ତି କପ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ଖପ୍ରାଖୋଲ ଓ ବଲାଙ୍ଗୀର ୟୁନିଭରସିଟି ଇଲେଭେନ ମଧ୍ୟରେ ହୋଇଥିଲା। ବଲାଙ୍ଗୀର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୧୭୦ରନ କରିଥିଲା। ଜବାବରେ ଖପ୍ରାଖୋଲ ୧୯.୨ ଓଭରରେ ୧୫୬ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଫଳରେ ବଲାଙ୍ଗୀର ଚାମ୍ପିୟନ ହୋଇଥିଲା। ବିଜୟ କୁମାର ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଶୁଶିଳ କୁମାର ଚାନ୍ଦ ଓ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇ ଚାମ୍ପିୟନ ଓ ରନରଅପ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ଧ୍ରୁବଳେଶ୍ୱର ବକୁଳ, ମାରୁତି ଜେନା, ପ୍ରେମାନନ୍ଦ ମାହାକୁର, କୁନୁ ଖମାରୀ, ଏକାମ୍ର ମାହାକୁର, ଆଲୋକ ସିଂ ନିନା, ସହଯୋଗ କରିଥିଲେ।

## ଉଚ୍ଛେଦ ଫେଲ୍ ମାରିବାରୁ ପଟ୍ଟା ମାଗୁଛନ୍ତି: ବିଜେଡି

**ବଲାଙ୍ଗୀର, ୪।୩**
**(ବୀରେନ୍ଦ୍ର କୁମାର ଝାଙ୍କର)**




ଖବରଦାତା ସମ୍ମିଳନୀରେ ବିଜେଡି ନେତୃବର୍ଗ।

ବଲାଙ୍ଗୀର ନଗର କଂଗ୍ରେସ ପକ୍ଷରୁ ସୋମବାର ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କରିବା ଦାବି ନେଇ ଜିଲାପାଳ ଅଫିସ ଘେରାଉ କରାଯାଇଥିଲା। କଂଗ୍ରେସର ଜମିପଟ୍ଟା ଦାବିରେ ଘେରାଉ କାର୍ଯ୍ୟକ୍ରମକୁ ସମାଲୋଚନା କରାଯାଇ ବିଜେଡି ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନରେ ଖବରଦାତା ସମ୍ମିଳନୀ କରାଯାଇଥିଲା। ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତି ଉଚ୍ଛେଦ ଉଦ୍ୟମ କରି ଫେଲ ମାରିବା ପରେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଏବେ ପଟ୍ଟା ପ୍ରଦାନ ନାଟକ କରୁଥିବା ଅଭିଯୋଗ ଆଣିଥିଲେ। ପୂର୍ବରୁ ଜବରଦଖଲ ଉଚ୍ଛେଦ କରିବାକୁ କହୁଥିବା ବିଧାୟକ ଏବେ ଭୋଟ୍ ପାଇଁ ଦୋମୁହାଁ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ଆଣିଥିଲେ। ବିଜେଡି ଯୋଗୁ ଗରିବ ଲୋକଙ୍କ ଘରଭଙ୍ଗା ଅଟକିଛି ବୋଲି ସେ କହିଥିଲେ। ମହାରାଣୀସାଗର ନିକଟ ଇଚ୍ଛାପଡା, ଇନ୍ଦିରାନଗର, ଲକ୍ଷ୍ମୀଯୋର ଖଣ୍ଡିରେ ରହୁଥିବା ଗରିବଙ୍କ ଘରକୁ ଉଚ୍ଛେଦ କରିବାକୁ ସେ ବାରମ୍ବାର ବିଧାନସଭା, ହାଉସ କମିଟି ଓ ନିର୍ବାଚନ ମଣ୍ଡଳୀ ସମୀକ୍ଷା ବୈଠକରେ ପ୍ରଶାସନକୁ ଚାପ ପକାଉଥିଲେ। ଯେତେବେଳେ ତାଙ୍କ ଉଦ୍ଦେଶ୍ୟ ସାଧିତ ହେଲା ନାହିଁ ତଥା ଗରିବଙ୍କ ଘର ଭଙ୍ଗାଇବାରେ ସେ ବିଫଳ ହେଲେ ଏବେ ନିଜ ମନ୍ତବ୍ୟ ବଦଳାଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଇନ୍ଦିରାନଗରରେ ଉଚ୍ଛେଦ ନ କରିବା ପାଇଁ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟିତ୍ରୀ ଭୋଇ ଏବଂ ସମସ୍ତ ବିଜେଡି କାଉନସିଲରଙ୍କୁ ଶ୍ରେୟ ଦେଇଥିଲେ। ଏଭଳିକି ଲକ୍ଷ୍ମୀଯୋର ଖଣ୍ଡିରେ ମାତ୍ର ୨୦ଫୁଟ ଉଚ୍ଛେଦ କରାଯିବାକୁ ଏବଂ ଇନ୍ଦିରାନଗରର ଗରିବ ଲୋକଙ୍କ ଘର ନ ଭାଙ୍ଗିବାକୁ ପ୍ରସ୍ତାବ ପାରିତ ହୋଇଥିବା ସୂଚନା ଦେଇଥିଲେ। ଇନ୍ଦିରାନଗରରେ ୩କୋଟି ଟଙ୍କା ଅନୁଦାନରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ ଏବଂ ସେଠାକାର ସମସ୍ତ ମନ୍ଦିରର ରୂପାନ୍ତରଣ ପାଇଁ ଅର୍ଥମଞ୍ଜୁର ହୋଇଥିବା କହିଥିଲେ। ବଲାଙ୍ଗୀରର ଭୂମିହୀନଙ୍କୁ ବିଷ୍ଣୁମୁଣ୍ଡାଠାରେ ଜମି ଓ ଘର ଦିଆଯାଉଥିବା ସେ କହିଥିଲେ। ଖବରଦାତା ସମ୍ମିଳନୀରେ ପୌରାଧ୍ୟକ୍ଷା ଲିକା ସାହୁ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ନଗର ବିଜେଡି ସଭାପତି ଶମ୍ଭୁ ନାଗ, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦ୍ୟୁତ୍ ମିଶ୍ର ଉପସ୍ଥିତ ରହି ବିଧାୟକ ମିଶ୍ର ଏବଂ ତାଙ୍କପୁତ୍ର ସମରେନ୍ଦ୍ର ମିଶ୍ରଙ୍କୁ କଡାଭାଷାରେ ସମାଲୋଚନା କରିଥିଲେ।

## ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଅଣଦେଖା



ଦେଓଗାଁ ବିଜୟାନନ୍ଦ ସମବାୟ ଚିନିକଳ ଭିତରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି।

**ଦେଓଗାଁ, ୪।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଗରପାଲି ନିକଟରେ ପ୍ରାୟ ୧୧ ବର୍ଷ ହେଲା ବନ୍ଦ ହୋଇ ପଡିରହିଛି ବିଜୟାନନ୍ଦ ସମବାୟ ଚିନିକଳ। ଏହି ଚିନିକଳ ମଧ୍ୟରେ ଓଡିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରହିଛି। ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟ ନେଇ ବନ୍ଦ ପଡିଥିବା ପୋନ୍ନି ସୁଗର କାରଖାନାକୁ ୨୦୦୦ ମସିହାରେ ହଠାତ କ୍ଷତି ଦର୍ଶାଇ ବନ୍ଦ କରିଦିଆଯାଇଥିଲା। ଅନେକ ବାଦ ବିବାଦ ପରେ ୨୦୦୫ ମସିହାରେ ବିଜୟାନନ୍ଦ କୋଅପରେଟିଭ ସୁଗର ମିଲ ଲିଃ ନାମରେ କାରଖାନାର

### ବନ୍ଦ ପଡ଼ିଛି ବିଜୟାନନ୍ଦ ଚିନିକଳ

ପୁନରୁଦ୍ଧାର କରାଯାଇଥିଲା। ସେହି ସମୟରେ ଏଠାରେ ବିଜୁ ପଟ୍ଟନାୟକଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ପୁଣି ୨୦୧୩ ମସିହାରେ ପୁନଶ୍ଚ କ୍ଷତି ଦର୍ଶାଇ ଚିନିକଳ ବନ୍ଦପଡିବା ପରଠାରୁ ଆଜି ପର୍ଯ୍ୟନ୍ତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଫୁଲ ମାଳଟିଏ ପଡିନାହିଁ। ଏପରିକି ଉକ୍ତ ସ୍ଥାନକୁ ସଫେଇ ମଧ୍ୟ କରାଯାଉ ନ ଥିବା ଦେଖିବାକୁ ମିଳିଛି। ରାଜ୍ୟ ତଥା ରାଜ୍ୟ ବାହାରେ ବିଜୁ ବାବୁଙ୍କୁ ଲୋକେ ମନେ ପକାଉଥିବା ବେଳେ ଏଠାରେ ଥିବା ପ୍ରବାଦପୁରୁଷଙ୍କ ପ୍ରତିମୂର୍ତ୍ତି ପ୍ରତି ଏଭଳି ଅବସ୍ଥା ଦେଖି ନେତା ତଥା ପ୍ରଶାସନର ମାର୍ଚ୍ଚ ୫ର ବିଜୁବାବୁଙ୍କର ୧୦୮ତମ ଜନ୍ମଦିବସର ପ୍ରସ୍ତୁତିକୁ ନେଇ ସାଧାରଣରେ ନାନାକଥା ଆଲୋଚନା ହେଉଛି।

## ସ୍ଥାନୀୟ ବ୍ୟକ୍ତିଙ୍କୁ ବିଧାୟକ ପ୍ରାର୍ଥୀ କର

### ବିଜେଡି ସ୍ୱାଭିମାନ ମଞ୍ଚର ବୈଠକ

**ଲୋଇସିଂହା,୪।୩ (ସୁଶାନ୍ତ ବାରିକ)**



ବୈଠକରେ ଉପସ୍ଥିତ ବିଜେଡି ସ୍ୱାଭିମାନ ମଞ୍ଚ ସଭ୍ୟମାନେ।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଜେଡି ସ୍ୱାଭିମାନ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ଜଗବନ୍ଧୁ ପଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର ସକ୍ରିୟ ବିଜେଡି କର୍ମୀ ଉପସ୍ଥିତ ଥିଲେ। ରାଜ୍ୟରେ ବିକାଶ ଧାରା ଚାଲିଥିଲା ବେଳ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ତାର ବ୍ୟତିକ୍ରମ ଦେଖାଦେଇଛି। ଏଠାରେ ବିଜେଡି କର୍ମୀ ଅବହେଳିତ ହୋଇ ପଡିଥିବାରୁ ସ୍ୱାଭିମାନ ମଞ୍ଚ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ୨୦୧୪ ନିର୍ବାଚନରେ ଦଳ ପ୍ରତି କୁଠାରଘାତ କରିଥିବା ବ୍ୟକ୍ତିଙ୍କୁ ଏଠାକାର ସାଙ୍ଗଠନିକ ଦାୟିତ୍ୱ ଦିଆଯାଇଛି। ହେଲେ ସେ ବିଜେଡି କର୍ମୀଙ୍କୁ ଅଣଦେଖା କରି ଅଣ ବିଜେଡି ଏବଂ ଠିକାଦରଙ୍କୁ କାମ ବିକ୍ରି କରି ସଙ୍ଗଠନ ଚଳାଇଛନ୍ତି ବୋଲି ଅଭିଯୋଗ କରିଥିଲେ ବରିଷ୍ଠ କର୍ମୀ ପ୍ରବୀର ଭୋଇ। ସେ ଆହୁରି କହିଥିଲେ ୨୦୦୯ ନିର୍ବାଚନ ସମୟରୁ ଏଠାରେ ନିର୍ବାଚନ ମଣ୍ଡଳୀ ବାହାର ଅଞ୍ଚଳର ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ ଦେଉଛି। ପରେ ସେମାନେ ସ୍ଥାନୀୟ ବିଜେଡି କର୍ମୀଙ୍କୁ ଅଣଦେଖା କରୁଛନ୍ତି। ଏହି କାରଣରୁ ହିଁ ଜନ୍ମ ନେଇଛି ସ୍ୱାଭିମାନ ମଞ୍ଚ ବୋଲି ସେ କେହିଥିଲେ। ଏହି ବୈଠକରେ କେତେକ ପ୍ରସ୍ତାବ ପାରିତ କରାଯାଇଛି। ୨୦୨୪ ନିର୍ବାଚନରେ ସ୍ଥାନୀୟ ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିବାକୁ ପ୍ରସ୍ତାବ ପାରିତ କରାଯାଇଛି। ଏଥିସହ ବୁଥ୍, ଗ୍ରାମ ପଞ୍ଚାୟତ ଏବଂ ବ୍ଲକସ୍ତରରେ ବିଜେଡି ସଙ୍ଗଠନ ସୁଦୃଢ଼ କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ସହଦେବ ସା, ନବକିଶୋର ନାଏକ, ସମ୍ପତ ନନ୍ଦ, ଭରତଭୂଷଣ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାଭିମାନ ମଞ୍ଚରେ କେଁ

ଲୋଇସିଂହା ନିର୍ବାଚନ ମଣ୍ଡଳୀ ସ୍ଥାନୀୟ ନେତୃତ୍ୱକୁ ଅଗ୍ରାଧିକାର ଦେବା ଉଦ୍ଦେଶ୍ୟରେ ୨୦୧୪ ମସିହାରୁ ଗଠିତ ହୋଇଛି ବିଜେଡି ସ୍ୱାଭିମାନ ମଞ୍ଚ। ମଞ୍ଚ ବାହାର ଅଞ୍ଚଳର ବ୍ୟକ୍ତିଙ୍କୁ ଏଠାରେ ବିଧାୟକ ପ୍ରାର୍ଥୀ କରିବାକୁ ବାରଣ କରି ଆସୁଛି। ହେଲେ ଗତ କିଛି ମାସ ହେଲା ମଞ୍ଚ ପକ୍ଷରୁ କୌଣସି କାର୍ଯ୍ୟକ୍ରମ ଅୟୋଜିତ ହୋଇ ନ ଥିଲା। ନେତୃତ୍ୱକୁ ଦାୟୀ କରାଯାଇ ଶନିବାର ବୁର୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ବୈଠକରେ ସ୍ୱାଭିମାନ ମଞ୍ଚର ନେତୃତ୍ୱ ପରିବର୍ତ୍ତନ କରାଯାଇଥିଲା। ଏଥିରେ ଜଗବନ୍ଧୁ ପଧାନ ସଭାପତି ଏବଂ ଭରତଭୂଷଣ ପଧାନଙ୍କୁ ଉପସଭାପତି ଦାୟିତ୍ୱ ଦିଆଯାଇଥିଲା। ମଞ୍ଚକୁ ସକ୍ରିୟ କରିବା ପାଇଁ ନେତୃତ୍ୱ ପରିବର୍ତ୍ତନ କରାଯାଇଥିବା କୁହାଯାଇଥିଲା। ହେଲେ ଉକ୍ତ ବୈଠକରେ ପୂର୍ବ କାର୍ଯ୍ୟକର୍ତ୍ତାମାନେ ଅନୁପସ୍ଥିତ ଥିବାରୁ ସ୍ୱାଭିମାନ ମଞ୍ଚ ମଧ୍ୟରେ କେଁ ଥିବା ସାଧାରଣରେ ଆଲୋଚନା ହେଉଛି।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ମହିଳା ଦିବସ ପ୍ରସ୍ତୁତି ବୈଠକ

**ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ସାମାଜିକ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ପାଇଁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ମୁଖ୍ୟ ମୁକୁନ୍ଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ । ବରଗଡ଼ ସହରସ୍ଥିତ ରେନ୍‌ବୋ ପବ୍ଲିକ ସ୍କୁଲରେ ଏଥର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯିବ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୩୪ ମହିଳାଙ୍କୁ ଗାଁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ ବୋଲି ଟ୍ରଷ୍ଟର ମିଡ଼ିଆ ସେଲ୍ ପ୍ରମୁଖ ମନୀଷ ଶର୍ମା ସୂଚନା ଦେଇଛନ୍ତି । ବୈଠକରେ ଟ୍ରଷ୍ଟ ମୁଖ୍ୟ ଉପଦେଷ୍ଟା ଶିବାନନ୍ଦ ମଟାରୀଙ୍କ ସମେତ ବୃନ୍ଦାବନ ବେହେରା, ସଂଯୁକ୍ତା ଶତପଥୀ, ହିମାଂଶୁ ଶେଖର ମେହେର, ରୀନା ବାଗ, ଶ୍ୟାମସୁନ୍ଦର ମେହେର, ଡ. ଅଜିତ କୁମାର ନାଥ, ଡ. ସୁଜିତ କୁମାର ଶତପଥୀ, ପରେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

### ରାସ୍ତାରେ ବହୁଛି ନର୍ଦ୍ଦମା ପାଣି



**ବରପାଲି,୪।୩ (ଚିତ୍ତରଞ୍ଜନ ସାହୁ):** ବରପାଲି ବ୍ଲକ ଅଧୀନ ବାରଗୁଡା ପଞ୍ଚାୟତର ବାରଗୁଡା ଗ୍ରାମରେ ଦୀର୍ଘଦିନ ହେଲା ଡ୍ରେନ ସଫେଇ କରାଯାଇ ନ ଥିବାରୁ ଗାଁ ରାସ୍ତାରେ ନର୍ଦ୍ଦମା ପାଣି ବହୁଛି । ଫଳରେ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି । ଗ୍ରାମବାସୀ ଏ ନେଇ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ପାରି ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ଦିଗରେ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି ।

### କଳା ମଣ୍ଡପ, ପ୍ରେକ୍ଷାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଶ୍ରୀମା ସଙ୍ଗୀତ ସମିତିର କଳା ମଣ୍ଡପ ଏବଂ ପ୍ରେକ୍ଷାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି । ସମିତିର କାର୍ଯ୍ୟକାରୀ ସଭାପତି ଜୟକୃଷ୍ଣ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ମହାନଦୀ କୋଲ୍ଡ ଫିଲ୍ଡର ଡେପୁଟି ମ୍ୟାନେଜର ଅତୁଲ ହୁଡ୍ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ମା' ବାଗ୍‌ଦେବୀ, ଶ୍ରୀମା, ଶ୍ରୀ ଅରବିନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଭିତ୍ତିପ୍ରସ୍ତର ଫଳକ ଉନ୍ମୋଚନ କରାଯାଇଥିଲା । ସମିତି ସମ୍ପାଦକ ଦିଲୀପ କୁମାର ପଣ୍ଡା ସମିତିର ପୂର୍ଣ୍ଣାଙ୍ଗ କ୍ରମ ବିକାଶ ଓ ବର୍ତ୍ତମାନର ସ୍ଥିତି ଭବିଷ୍ୟତ ଉପରେ ବିବରଣୀ ପ୍ରଦାନ କରିଥିଲେ । ଏମ୍‌ପି ପୂଜାରୀ ମହାନଦୀ କୋଲ୍ଡ ଫିଲ୍ଡର ସିଏସ୍‌ଆର ପାଣ୍ଠିରୁ କିଭଳି ବରଗଡ଼ ଲାଭାନ୍ୱିତ ହୋଇଛି ଏବଂ ଆଗକୁ ମଧ୍ୟ ଏହି ଧାରା ବଜାୟ ରହିବ, ସେ ନେଇ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ହୁଡ୍ ପ୍ରକଳ୍ପର ସୁବିନିଯୋଗ ପାଇଁ ପରାମର୍ଶ ଦେଇଥିଲେ । ମଞ୍ଚାସୀନ ଅତିଥି ସୁରେଶ୍ୱର ଶତପଥୀ ସମିତିର ଅଗ୍ରଗତି ପାଇଁ ଶୁଭ କାମନା ଜଣାଇଥିଲେ । ସମିତିର ବରିଷ୍ଠ ସଦସ୍ୟା ସୁଜାତା ସାହୁ ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ପ୍ରଥମ ଅଧ୍ୟକ୍ଷ ପଞ୍ଚାନନ ଆଚାର୍ଯ୍ୟ ପ୍ରାରମ୍ଭିକ ସ୍ଥିତି ସୂଚନା ଦେଇଥିଲେ । ସୁଧାରାଣୀ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ କ୍ଷୀରେଶ୍ୱର ମହାନନ୍ଦ, କୋଷାଧ୍ୟକ୍ଷ ମଳୟ ମହାନ୍ତି, ଧନପତି ମହାପାତ୍ର, ରାଜେନ୍ଦ୍ର ଦାଶ, ଉପସଭାପତି ଯଶବୀର ସିଂ, ସର୍ଦ୍ଦାର ପ୍ରୀତମ ସିଂ, କମ୍ବୁପାଣି ମିଶ୍ର, ଶୁଭେନ୍ଦୁ ସାହୁ, ଅଚ୍ୟୁତାନନ୍ଦ ବାରିକ, ଦଧିବାବନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । କଳା ଶିକ୍ଷକ କୁଳମଣି ଭୋସାଗର, ରାଧେଶ୍ୟାମ ନାୟକ, ଲବ ପ୍ରଧାନ, ତୁଳାରାମ ମହାନନ୍ଦ, ଜୟନ୍ତ ନନ୍ଦ, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଜମିନ, ଜଙ୍ଗଲ ଅଧିକାର ସଂଗଠନର ପ୍ରତିନିଧିବୃନ୍ଦ ।

# ଜଙ୍ଗଲ ଜମି ଅଧିକାର ଆଇନ ଉଲ୍ଲଂଘନ

**ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ)**

ଗରିବ, ଭୂମିହୀନଙ୍କ ପାଇଁ ରାଜ୍ୟ ସରକାର ମୋ ଜମି, ମୋ ଘରଡ଼ିହ, ବସୁନ୍ଧରା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ମାତ୍ର ଏହି ଯୋଜନା ବାଟବଣା ହୋଇପଡ଼ିଥିବା ବେଳେ ଜଙ୍ଗଲ ଜମି ଅଧିକାର ଆଇନକୁ ଉଲ୍ଲଂଘନ କରାଯାଉଛି । ଏଭଳି ଅଭିଯୋଗ ନେଇ ସୋମବାର ବରଗଡ଼ର ଜମିନ, ଜଙ୍ଗଲ ଅଧିକାର ସଙ୍ଗଠନ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛି । ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ୧୫୦ରୁ ଊର୍ଦ୍ଧ୍ୱ ଗ୍ରାମରେ ପ୍ରତ୍ୟକ୍ଷ ଏବଂ ଜିଲାର ସମସ୍ତ ଅଞ୍ଚଳରେ ପରୋକ୍ଷ ଭାବେ ୨୦୦୪ ମସିହାରୁ ଗରିବ ଲୋକଙ୍କ ଜମି ଅଧିକାର ଏବଂ ଜଙ୍ଗଲ ଅଧିକାର ମିଳିବାକୁ ଉଦ୍ୟମ ଜାରି ରହିଛି । ୨୦୦୬ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରାଯିବା ସମେତ ଉପରୋକ୍ତ ଯୋଜନାରେ ଗରିବ ଭୂମିହୀନ, ଜମି ଭୋଗଦଖଲକାରୀ ଦାବିଦାରମାନଙ୍କୁ ଅଧିକାର ମିଳିବାକୁ ପଦ୍ମପୁର ଉପଖଣ୍ଡସ୍ତରୀୟ ଜଙ୍ଗଲ ଅଧିକାର କମିଟି ଗାଇସିଲେଟ, ପଦ୍ମପୁର, ପାଇକମାଳ, ଝାରବନ୍ଧ ତହସିଲଦାରଙ୍କୁ ଦାବିପତ୍ର ଦିଆହୋଇଆସୁଛି । ମାତ୍ର ସେହି ଦାବି ସମୂହକୁ ପ୍ରଶାସନିକ କ୍ଷେତ୍ରରେ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି ।

ସେହିପରି ଆବଶ୍ୟକ ଜିଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ଓ ଉପଖଣ୍ଡସ୍ତରୀୟ ଜଙ୍ଗଲ ଅଧିକାର କମିଟି ବୈଠକ କରାଯାଇ ଦାବିଦାରମାନଙ୍କ ଅଧିକାର ସାବ୍ୟସ୍ତ ହେବା ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଯାଉଛି । ଜଙ୍ଗଲ ଅଧିକାର କମିଟି ଗୁଡ଼ିକର କାର୍ଯ୍ୟକ୍ରମକୁ ସକ୍ରିୟ ନ କରି କେବଳ ରାଜସ୍ୱ ଗ୍ରାମ ଗୁଡ଼ିକରେ ତାଲିକା ଅନୁସାରେ କାମ କରି ୨୦୦୬ ଜଙ୍ଗଲ ଅଧିକାର ଆଇନ ବ୍ୟବସ୍ଥାକୁ ଉଲ୍ଲଂଘନ କରାଯାଉଛି । ଏପରିକି ସକ୍ରିୟ ଭାବେ କାମ କରୁଥିବା ଜଙ୍ଗଲ ଅଧିକାର କମିଟି ଗୁଡ଼ିକ ଅଜାଣତରେ ଆଉ ଗୋଟିଏ ଜଙ୍ଗଲ ଅଧିକାର କମିଟି ଗଠନ କରି ଗୋଷ୍ଠୀ କନ୍ଦଳକୁ ଆମନ୍ତ୍ରଣ କରାଯାଉଥିବା ଅଭିଯୋଗ ହୋଇଛି । ଫଳରେ ୨୦୦୬ ଜଙ୍ଗଲ ଅଧିକାର ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ସହିତ ଭୂମିହୀନମାନଙ୍କୁ ବାସଜମି ଏବଂ ଚାଷଜମି ଯୋଗାଇ ଦେବା ପାଇଁ ଜମିନ, ଜଙ୍ଗଲ ଅଧିକାର ସଙ୍ଗଠନ ଦାବି କରିଛି । ସଙ୍ଗଠନ ସଭାପତି ଜଗମୋହନ ସିଦାର, ସମ୍ପାଦକ ଅର୍ଜୁନ ସାହୁଙ୍କ ନେତୃତ୍ୱରେ ସଭ୍ୟମାନେ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ ।

## ପାଚିକା ସଂଘର ବିକ୍ଷୋଭ ପ୍ରଦର୍ଶନ

**ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ)**



ଜିଲାପାଳଙ୍କ ଅଫିସରେ ପାଚିକା, ପାଚକଙ୍କ ବିକ୍ଷୋଭ ।

ରାଜ୍ୟର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା, ପାଚକଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ କରି ପାଚିକା, ପାଚକଙ୍କ ମଧ୍ୟରେ ଅସନ୍ତୋଷ ତେଜି ଉଠିଛି । ଏହି କ୍ରମରେ ସୋମବାର ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ, ବରଗଡ଼ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହା ସହିତ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସଂଘ ପାଚିକା, ପାଚକଙ୍କ ସର୍ବନିମ୍ନ ଦୈନିକ ମଜୁରୀ ୩୫୬ଟଙ୍କା ସମେତ ୧୦ଦଫା ଦାବି ନେଇ ସଂଘ ଦୀର୍ଘଦିନରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛି । ମାତ୍ର ଏପର୍ଯ୍ୟନ୍ତ ସେ ଦିଗରେ କିଛି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ବୁଧବାରଠାରୁ ପାଚିକା, ପାଚକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେହିପରି ଗୁରୁବାର ବିଧାନସଭା ସମ୍ମୁଖରେ ବିଶାଳ ପ୍ରତିବାଦ ସମାବେଶ କରିବା ପାଇଁ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସ୍ମାରକପତ୍ରରେ ସୂଚନା ଦିଆଯାଇଛି । ସ୍ମାରକପତ୍ର ପ୍ରଦାନବେଳେ ବରଗଡ଼ ଜିଲା ଶାଖାର ବହୁସଂଖ୍ୟକ ପାଚିକା, ପାଚକ ଉପସ୍ଥିତ ଥିଲେ ।

## ଆଶ୍ରମ ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଅତାବିରା,୪।୩(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଲହଣ୍ଡା ଗ୍ରାମରେ ଥିବା ସ୍ୱାମୀ ଶିବାନନ୍ଦ ଆଶ୍ରମ ପ୍ରତିଷ୍ଠା ଉତ୍ସବ ପାଇଁ ସୋମବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ଆସନ୍ତା ଏପ୍ରିଲ ୨, ୩ ଏବଂ ୪ତାରିଖ ତିନିଦିନ ଧରି ଆଶ୍ରମର ପ୍ରତିଷ୍ଠା ସମାରୋହ କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି ଦୟାସାଗର ମେଣ୍ଡଲୀ ସୂଚନା ଦେଇଛନ୍ତି । ଶୁଭସ୍ତମ୍ଭ ସ୍ଥାପନ ସମୟରେ ପଣ୍ଡିତ ଡୋଲାମଣି ଶତପଥୀ, ପ୍ରଭାକର ଶତପଥୀ ପ୍ରମୁଖ ହୋମଯଜ୍ଞ, ମନ୍ତ୍ରପାଠ କରିଥିଲେ । ହରିହର ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ଯଦୁମଣି ବଢ଼େଇ, ଶଶୀଭୂଷଣ ମହାକୁର, ସନ୍ତୋଷ ଦେହେରୀ, କମଳୀ ଷଡ଼ଙ୍ଗୀ, ସବିତା ମିଶ୍ର ପ୍ରମୁଖ ଶୁଭସ୍ତମ୍ଭ ସ୍ଥାପନ ସମୟରେ ଉପସ୍ଥିତ ଥିଲେ ।

## ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ

**ବରଗଡ଼,୪।୩ (ପ୍ରେମାନନ୍ଦ ଖମାରୀ)**



ନଦୀପଡ଼ାରେ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ ।

ବରଗଡ଼ର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଆନୁକୂଲ୍ୟରେ ସ୍ଥାନୀୟ ସାର କାରଖାନା ନିକଟ ନଦୀପଡ଼ାରେ ରବିବାର ପିଲାଙ୍କ ପାଖରେ ପାଠାଗାର ଏବଂ ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାଠାଗାର ସମ୍ପାଦକ ରବିନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ରେଣୁ ଦାସଶର୍ମା, ମୀନା ପଣ୍ଡା, ଆଲୋକ ରଞ୍ଜନ ଦାଶ, ସାମାଜିକ କର୍ମୀ ବାସମତୀ ବନଛୋର, ରାଜକୁମାର ବନଛୋର, ଶିକ୍ଷାବିତ୍ ସତ୍ୟେନ୍ଦ୍ରୀୟ ଦେବତା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପାଠ୍ୟଦାନ କରିଥିଲେ । ବରିଷ୍ଠ ସଦସ୍ୟ ଅର୍ଜୁନ ସେଟ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଉତ୍ସାହିତ ହୋଇ ପାଠ ପଢ଼ିଥିଲେ । ଆସ ଆମେ ପଢ଼ିବା କାର୍ଯ୍ୟକ୍ରମର ସଂଯୋଜକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

## ବରପାଲିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ବରପାଲି,୪।୩ (ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ବ୍ଲକ ପରିସରରେ ସୋମବାର ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ମୋଟ ୪୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଏହି ଅଭିଯୋଗଗୁଡ଼ିକ ମୁଖ୍ୟତଃ ଆବାସ ଯୋଜନା, ଭତ୍ତା ଆଦି ଉପରେ ରହିଥିଲା । ପାଟକୁଲୁଣ୍ଡା ଅଞ୍ଚଳରେ ଗରିବ ଭୂମିହୀନ ଆଦିବାସୀ ପରିବାର ଜମିପଟ୍ଟା ପାଇ ନ ଥିବା ଅଭିଯୋଗ ଉପରେ ଜିଲାପାଳ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଖେମେଷରା ଓ ବାରଗୁଡ଼ା ପଞ୍ଚାୟତର ବହୁ ଏସ୍‌ଏଚ୍‌ଜି ମହିଳା ବେଆଇନ ଚୋରା ମଦ କାରବାର ବନ୍ଦ କରିବା ପାଇଁ ନିବେଦନ କରିଥିଲେ । କାର୍ଯ୍ୟକ୍ରମରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିରୂପମା ଷଡଙ୍ଗୀ, ଉପ ଜିଲାପାଳ କୁମାର ନାଗଭୂଷଣ, ତହସିଲଦାର ରୁକ୍ମଣି ମେହେର, ବ୍ଲକ ଅଧକ୍ଷା ରୀନା ଥଇତ, ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।



ଜନଶୁଣାଣି ଶିବିରରେ ମଞ୍ଚାସୀନ ଅଧିକାରୀ ।

## ଭିଆର୍‌ପିଙ୍କୁ ମିଳୁନି ବକେୟା ପାଉଣା

**ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଅଧିନରେ କାର୍ଯ୍ୟରତ ଗ୍ରାମ୍ୟ ସାଧନ କର୍ମୀ(ଭିଆରପି)ମାନେ ସେମାନଙ୍କ ସମସ୍ୟା ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ । ଏଭଳି ଅଭିଯୋଗ ନେଇ ସୋମବାର ବରଗଡ଼ ଜିଲା ଗ୍ରାମ୍ୟ ସାଧନ କର୍ମୀ ସଂଘ ଜିଲାପାଳଙ୍କୁ ଫେରାଦ ହେବା ସହିତ ଧାରଣାରେ ବସିଥିଲେ । ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରି ସେମାନଙ୍କ ଦାବି ସମୂହ ପୂରଣ ପାଇଁ ନିବେଦନ କରାଯାଇଛି ।

୨୦୧୭ରୁ ଭିଆରପିମାନେ ନିଯୁକ୍ତ ହୋଇ ରାଜ୍ୟ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମେତ ଏନ୍‌ଏସ୍‌ଏପି, ଏନ୍‌ଏଫ୍‌ଏସ୍‌ଏ, ଆଇସିଡିଏସ, ମମତା, ସିପିସି ଆଦି ଯୋଜନାରେ କାର୍ଯ୍ୟ କରିଆସୁଛନ୍ତି । ନିଜ ପଞ୍ଚାୟତ ସମେତ ଦୂରସ୍ଥାନରେ ରହିଥିବା ବିଭିନ୍ନ ପଞ୍ଚାୟତକୁ ଯାଇ ସେମାନେ କାର୍ଯ୍ୟ କରୁଛନ୍ତି । ଏଥିପାଇଁ ସେମାନଙ୍କ ଗସ୍ତଖର୍ଚ୍ଚ ମଧ୍ୟ ବହନ କରିବାକୁ ପଡୁଛି । ମାତ୍ର ସେମାନଙ୍କୁ ଠିକ୍ ସମୟରେ ପାଉଣା ମିଳୁ ନ ଥିବା ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଭିଆରପିମାନେ କହିଛନ୍ତି । ଏପରିକି ଗତ ୩ ସାମାଜିକ ସମୀକ୍ଷା ଅବଧିର ପାଉଣା ଏପର୍ଯ୍ୟନ୍ତ ସେମାନଙ୍କୁ ମିଳିନାହିଁ । ଅନ୍ୟପଟେ ପଡ଼ୋଶୀ ଜିଲାର ଭିଆରପିମାନେ ତାହା ପାଇସାରିଛନ୍ତି । ଫଳରେ ବକେୟା ପାଉଣା ତୁରନ୍ତ ପ୍ରଦାନ, ଭିଆରପିମାନଙ୍କୁ ସ୍ଥାୟୀ ନିଯୁକ୍ତି, ମୋବାଇଲ ଏବଂ ସ୍କୁଟି ପ୍ରଦାନ ପାଇଁ ସଂଘ ଦାବି କରିଛି । ଅନୁପମା ଦାଶ, ବବିନା ବେଗମ, କଳ୍ପନା ଦୀପ, ମମତା ନନ୍ଦ, ସସ୍ମିତା ସାହୁ, ନନ୍ଦିତା ବେହେରା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।



ଜିଲାପାଳଙ୍କ ଅଫିସ ପରିସରରେ ଭିଆରପିମାନଙ୍କ ଧାରଣା ।

## ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ

**ପାଇକମାଳ,୪।୩(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ଗ୍ରୀଡ୍ ପରିସରରେ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ଓ ଲାଇନମ୍ୟାନ ଦିବସ ସୋମବାର ପାଳିତ ହୋଇଯାଇଛି । ଏ ନେଇ ଅନୁଷ୍ଠିତ ସଭାରେ ଏସ୍‌ଡିଓ ମନୋରଞ୍ଜନ ନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି, ଜେଇ ଶ୍ରୀକାନ୍ତ ସାହୁ ଓ ପ୍ରକାଶ ସିଂ, ଇଏସଓ( ବି) ସୂର୍ଯ୍ୟ ତିର୍କି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ସୁରକ୍ଷା ଦିବସ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଲାଇନମ୍ୟାନ ପ୍ରିୟବ୍ରତ ମେହେର, ସୁଧାକର ଗର୍ତିଆଙ୍କ ସମେତ ୩୫ଜଣ ଯୋଗ ଦେଇଥିଲେ । ଶଶାଙ୍କ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉତ୍ତମ ହାଇସ୍କୁଲରେ ସମ୍ବର୍ଦ୍ଧନା ସମାରୋହ



ସମ୍ବର୍ଦ୍ଧନା ସମାରୋହରେ ଅତିଥିବୃନ୍ଦ ।

**ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ)**

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଉତ୍ତମ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବ୍ଲକ ଅନ୍ତର୍ଗତ ପକ୍ଷୀଗ୍ରାମ ଭାବେ ପରିଚିତ ଗୋବିନ୍ଦପୁରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା ଅଧ୍ୟକ୍ଷତା କରିଥିଲେ । ସମ୍ବର୍ଦ୍ଧନା ସମାରୋହରେ ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟା କଳ୍ପନା ପ୍ରଧାନ, ଉତ୍ତମ ସରପଞ୍ଚ ହୀରାଧର ସାହୁ, ସତ୍ୟଭୂଷଣ ସାହୁ, ସହକାରୀ ବ୍ଲକ ଶିକ୍ଷାଧିକାରୀ ମଦନ ମୋହନ ସାହୁ, ରାହୁଲ ସେଠ, ମୋହନ କାଲୋ, ପରିବେଶ ଗବେଷକ ସଞ୍ଜୟ ଖମାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଉତ୍ତମ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ମିଳିଥିବା ବେଷ୍ଟ ଆୱାର୍ଡ, ବେଷ୍ଟ ହେଡମାଷ୍ଟର୍ସ ଆୱାର୍ଡ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଆଲୁମିନି ଆୱାର୍ଡ ପାଇଁ ଆଲୁମିନି ଅର୍ଜୁନ ସାମଲ, ନୋଦିତ କୁମାର ସାହୁ, ଗ୍ରାମ ପଞ୍ଚାୟତ ଆୱାର୍ଡ ପାଇଁ ସରପଞ୍ଚ ହୀରାଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ରୋହିତ ଭୁଏ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଶିକ୍ଷକ ରତ୍ନାକର ଖଡ଼ିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମାଜିକ ବାସନ୍ଦ, ଅତ୍ୟାଚାର ଅସହ୍ୟ

**ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ)**



ଜିଲାପାଳ ଅଫିସ ଆଗରେ ପରିବାର ଲୋକଙ୍କ ଧାରଣା ।

**ଜିଲାପାଳଙ୍କ ଅଫିସ ଆଗରେ ଧାରଣା**

ବରଗଡ଼ ଜିଲା ଭଟଲି ବ୍ଲକ ଅଧୀନ କହେନମୁଣ୍ଡା ଗ୍ରାମର ଶୋଭାରାମ ଭୁଏଙ୍କ ପରିବାର ଲୋକଙ୍କୁ ଗ୍ରାମରେ ସାମାଜିକ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ୨୦୨୩ନଭେମ୍ବର ୨୦ତାରିଖରୁ ତାଙ୍କ ପରିବାର ଉପରେ ଏଭଳି ଅତ୍ୟାଚାର ହୋଇଥିବାବେଳେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ଏହାର କୌଣସି ସମାଧାନ ହୋଇପାରିନାହିଁ । ଏହାର ପ୍ରତିବାଦରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଶୋଭାରାମ ସପରିବାର ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଛନ୍ତି । ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେ କହିଛନ୍ତି ।

ପ୍ରକାଶ ଯେ, ପ୍ରାୟ ଅଢ଼େଇ ମାସ ତଳେ ଶୋଭାରାମଙ୍କ ପରିବାର ଲୋକଙ୍କୁ ସାମାଜିକ ବାସନ୍ଦ କରାଯାଇଥିଲା । ଫଳରେ ତାଙ୍କ ପରିବାରକୁ ଗ୍ରାମରେ ନିଆଁ, ପାଣି ବନ୍ଦ କରାଯାଇଥିବା ବେଳେ ଦୋକାନରୁ ରାଶନ ସାମଗ୍ରୀ ମଧ୍ୟ ଦିଆଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି । ଏପରିକି ତାଙ୍କ ପରିବାର ଲୋକଙ୍କ ସହିତ ଗ୍ରାମର କେହି କଥାବାର୍ତ୍ତା ହେଲେ ତାଙ୍କ ଉପରେ ମଧ୍ୟ ଜରିମାନା କରାଯିବ ବୋଲି କିଛି ଲୋକ ନିଷ୍ପତ୍ତି ନେଇଥିବାରୁ ଗାଁ ଲୋକେ ମଧ୍ୟ ତାଙ୍କ ପରିବାରଠାରୁ ଦୂରେଇ ଯାଉଛନ୍ତି ବୋଲି ଶୋଭାରାମ ଅଭିଯୋଗ କରିଛନ୍ତି । କେବଳ ସେତିକି ନୁହେଁ, ଶୋଭାରାମ ରାଜ୍ୟ ସରକାରଙ୍କ ଗଭୀର ନଳକୂପ ଯୋଜନାର ଜଣେ ଲାଭାର୍ଥୀ ଅଟନ୍ତି । ୨୦୨୩ ଅଗଷ୍ଟ ୧୦ତାରିଖରୁ ଗ୍ରାମର ସମସ୍ତ ଗଭୀର ନଳକୂପକୁ ବିଦ୍ୟୁତ ସଂଯୋଗ ହୋଇସାରିଛି । ମାତ୍ର ତାଙ୍କ ନଳକୂପକୁ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି । କେବଳ ବିଦ୍ୟୁତ ଖୁଣ୍ଟ ପୋତାଯିବା ଏବଂ ମିଟର, ମୋଟର ଦେବାରେ ତାହା ସୀମିତ ରହିଥିବା ଶୋଭାରାମ କହିଛନ୍ତି । ଗ୍ରାମର କିଛି ଲୋକ ଧମକଚମକ ଦେବା ଯୋଗୁ ତାଙ୍କ ନଳକୂପକୁ ବିଦ୍ୟୁତ ସଂଯୋଗ ହୋଇ ପାରି ନ ଥିବା ସେ ଅଭିଯୋଗ କରିଛନ୍ତି ।

ତାଙ୍କ ପରିବାର ପ୍ରତି ଏଭଳି ଅନ୍ୟାୟ, ଅତ୍ୟାଚାରକୁ ନେଇ ଶୋଭାରାମ ଗତବର୍ଷ ଡିସେମ୍ବର ୧୭ ଓ ୧୯ତାରିଖରେ ଭଟଲି ଥାନା, ଅଗଷ୍ଟ ୨ତାରିଖରେ ଭଟଲି ତହସିଲଦାର, ଗତ ମାସ ୨୬ତାରିଖରେ ଜିଲାପାଳଙ୍କୁ ଲେଖି ଜଣାଇଛନ୍ତି । ମାତ୍ର ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରିନାହିଁ । ଅନ୍ୟପଟେ ଦିନକୁ ଦିନ ତାଙ୍କ ପରିବାର ପ୍ରତି ଅତ୍ୟାଚାର ବଢୁଥିବାରୁ ପରିବାର ଲୋକଙ୍କ ଜୀବନ ଅସୁରକ୍ଷିତ ଥିବା ଶୋଭାରାମ ଅଭିଯୋଗ କରି ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

## ସଂକ୍ଷେପରେ

### ମ୍ୟାଲେରିଆରେ ଯବାନ ମୃତ

ରାଉରକେଲା,୪।୩(ସଙ୍ଗୀତା ଜେନା): ଝାଡ଼ଖଣ୍ଡରେ ନିୟୋଜିତ ଜଣେ ସିଆରପିଏଫ୍ ଯବାନ୍ ସେକ୍ଟର-୧୯ ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)ରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଲକ୍ଷ୍ମଣ୍ ରାମ( ୪୮)। ଏ ନେଇ ସେକ୍ଟର-୧୯ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଲକ୍ଷ୍ମଣ୍ ୧୯୯୧ରେ ସିଆରପିଏଫ୍‌ରେ ଯୋଗ ଦେଇଥିଲେ। ସେ ଏବେ ଝାଡଖଣ୍ଡ ୧୩୪ ବାଟାଲିୟନ୍ ଡାଲଟନ୍‌ଗଞ୍ଜ ପକ୍ଷରୁ ଜରେଇକେଲା କାଲିଆପୋଷରେ ସବ୍‌ଇନ୍ସପେକ୍ଟର ର୍‍ୟାଙ୍କରେ ଚାକିରି କରୁଥିଲେ। ୪ ଦିନ ତଳେ ସେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଆଇଜିଏଚ୍‌ରେ ଭର୍ତ୍ତି ହୋଇଥିଲେ।

### ମାମୁ ଘରେ ଭଣଜାଙ୍କ ମୃତଦେହ ଜବତ

ରାଉରକେଲା,୪।୩(ସଙ୍ଗୀତା ଜେନା): ଛେଣ୍ଡ ଥାନା ଅଧୀନ ଛେଣ୍ଡ-୧ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ତାଙ୍କ ଭଣଜାଙ୍କ ଝୁଲନ୍ତା ମୃତଦେହକୁ ସୋମବାର ଜବତ କରାଯାଇଛି। ମୃତକ ହେଲେ ଶକ୍ତିରଞ୍ଜନ ରାଉତ(୨୪)। ଶକ୍ତି ତାଙ୍କ ମାମୁଁ ପ୍ରଶାନ୍ତ ରାଉତଙ୍କ ଘରେ ରହୁଥିଲେ। ରବିବାର ରାତିରେ ଖାଇ ସାରି ଶୋଇବାକୁ ଯାଇଥିଲେ। ସୋମବାର ସକାଳୁ ସେ କବାଟ ଖୋଲି ନ ଥିଲେ। ମାମୁଁଘର ଲୋକେ ସନ୍ଦେହ କରି କବାଟ ଭାଙ୍ଗିବାରୁ ଶକ୍ତି ସିଲିଂ ଫ୍ୟାନରେ ଗାମୁଛା ଲଗାଇ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୯/୨୪) ରୁଜୁ ହୋଇଛି।

### ୩ ଲକ୍ଷ ଲୁଟି ନେଲେ ଦୁର୍ବୃତ୍ତ

ରାଉରକେଲା,୪।୩(ସଙ୍ଗୀତା ଜେନା): ଝିରପାଣି ଥାନା ଅଧୀନ କୋଏଲନଗର ଅଞ୍ଚଳରୁ ସୋମବାର ପୂର୍ବାହ୍ନରେ ୩ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୪୧/୨୪) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ଜଗଦା ନିବାସୀ ମୃତ୍ୟୁଞ୍ଜୟ ପତି ପୂର୍ବାହ୍ନ ସାଢ଼େ ୧୧ଟାରେ କୋଏଲନଗର ଏସ୍‌ବିଆଇ ଶାଖାରୁ ପ୍ରାୟ ୩ ଲକ୍ଷ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ସେ ବ୍ୟାଙ୍କରୁ ବାହାରୁଥିବା ବେଳେ ୨ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ହାତରୁ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟି ନେଇ ଫେରାର ହୋଇଯାଇଥିଲେ। ଉକ୍ତ ବ୍ୟାଗରେ ଆଧାରକାର୍ଡ ଓ ଜରୁରୀ କାଗଜପତ୍ର ଥିବା ପତି ଏତଲାରେ ଉଲ୍ଲେଖ କରିଛନ୍ତି ।

### ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ

ହେମଗିର,୪।୩ (ଚୈତନ୍ୟ ପଟେଲ): ସୁନ୍ଦରଗଡ ଜିଲା ହେମଗିର ବ୍ଲକସ୍ଥିତ କୋଡବାହାଲ ଆଞ୍ଚଳିକ ମହିମା ଆଶ୍ରମଠାରେ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଲା,ଭାଗବତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। କମିଟି ତରଫରୁ ବ୍ୟାପକ ଆୟୋଜନ କରାଯାଇଛି ।

# ବସ୍‌ଷ୍ଟାଣ୍ଡରେ ଅବ୍ୟବସ୍ଥା, ଯାତ୍ରୀ ହୀନସ୍ତା

ରାଉରକେଲା,୪।୩(ଦିନେଶ ମିଶ୍ର)



ଅବହେଳିତ ଡିଏଭି ଛକରେ ଥିବା ବସ୍ ଷ୍ଟପେଜ୍।

ରାଉରକେଲା ସହରରେ ଯାତ୍ରୀଙ୍କ ପାଇଁ ମୋ ବସ୍‌ସେବା ଯୋଗାଇ ଦିଆଯାଇଛି। ସହରରେ ମୋ ବସ୍ ଚଳାଚଳ ଯୋଗୁ ବହୁ ଯାତ୍ରୀ ଉପକୃତ ହେଉଥିଲେ ମଧ୍ୟ କିଛି ଅବ୍ୟବସ୍ଥା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୩ ଜାନୁଆରୀ ୫ତାରିଖରେ ପ୍ରଥମ ପର୍ଯ୍ୟାୟରେ ରାଉରକେଲା ସହରରେ ୩୫ଟି ମୋ ବସ୍ ଚଳାଚଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଧୀରେ ଧୀରେ ଏହି ବସ୍‌ର ଚାହିଦା ବଢିବାରୁ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ରାଜ୍ୟ ସରକାର ଆଉ ୨୫ଟି ବସ୍ ପ୍ରଦାନ କରିଥିଲେ। ଏହି ବସ୍ ଚଳାଚଳ କରିବାରୁ ସହରରେ ଯାତ୍ରୀମାନଙ୍କ ଯାତାୟାତ ସୁଗମ ହୋଇଥିଲା। ପରେ ବସ୍ ଚଳାଚଳ ପାଇଁ ରୁଟ ନମ୍ବର ସାଙ୍ଗକୁ ବସ୍ ନମ୍ବର ଓ ଷ୍ଟପେଜ ପାଇଁ ସ୍ଥାନ ନିର୍ଣ୍ଣୟ କରାଗଲା। ସହରର ପାନପୋଷ ଛକ, ଉଦିତନଗର ଆମ୍ବେଦକର ଛକ, ଏସ୍‌ଆଇ ଛକ, ପାୱାରହାଉସ ରୋଡ୍, ପ୍ଲାଣ୍ଟସାଇଟ, ଡିଏଭି, ବାସନ୍ତୀ କଲୋନୀ ଭଳି ବିଭିନ୍ନ ଛକ ସ୍ଥାନମାନଙ୍କରେ ମୋ ବସ୍ ଷ୍ଟପେଜ୍‌ମାନ ନିର୍ମାଣ କରାଯାଇଥିଲା। ସହରରେ ବର୍ତ୍ତମାନ ମୋ ବସ୍ ଚାହିଦା ବଢିଥିବାବେଳେ ବିଭିନ୍ନ ବସ୍ ଷ୍ଟପେଜରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସେହିପରି ବସ୍‌ଷ୍ଟାଣ୍ଡ ଗୁଡିକରେ କୌଣସି ବସ୍ ରୁଟ୍ ନମ୍ବର ସୂଚିତ କରାଯାଇ ନ ଥିବାବେଳେ କେତେ ନମ୍ବର ବସ୍ କେଉଁଠିକି ଓ କେଉଁ ସମୟରେ ଯିବ ତାହା ଦର୍ଶାଯାଇନାହିଁ। ଫଳରେ ଯାତ୍ରୀମାନେ ଜାଣି ନ ପାରି ହଇରାଣ ହେଉଛନ୍ତି। ମୋ ବସ୍‌ଷ୍ଟାଣ୍ଡରେ ବସ୍ ଯିବାଆସିବା ନିର୍ଦ୍ଧାରିତ ସମୟ ସୂଚିତ କରାଯାଇ ନ ଥିବାରୁ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିରହୁଛନ୍ତି। ୧୨୧ ନମ୍ବର ମୋ ବସ୍ ଡିଏଭି ସରୋବରରୁ ବାହାରି ବାସନ୍ତୀ କଲୋନୀ ହୋଇ ଯାଉଥିବାବେଳେ କୌଣସି ସ୍ଥାନରେ ଷ୍ଟପେଜ୍ ବ୍ୟବସ୍ଥା ନାହିଁ। ଫଳରେ ଲୋକେ ରାସ୍ତାକଡରେ ଛିଡା ହୋଇ ବସ୍‌କୁ ଅପେକ୍ଷା କରୁଥିବାବେଳେ ମଝି ରାସ୍ତାରେ ମଧ୍ୟ ବସ୍‌ରେ ଚଢୁଥିବା ଅଭିଯୋଗ ହୋଇଛି। ସେହିପରି ବିଭିନ୍ନ ମୋ ବସ୍‌ଷ୍ଟାଣ୍ଡରେ ଆଲୋକୀକରଣ ବ୍ୟବସ୍ଥା ନାହିଁ। ରାତି ସମୟରେ ଷ୍ଟ୍ରିଟ ଲାଇଟ ତଳେ ଯାତ୍ରୀ ବସ୍‌କୁ ଅପେକ୍ଷା କରୁଛନ୍ତି। ବର୍ତ୍ତମାନ ସହର ଭିତରୁ ଲାଠିକଟା, ବୀରମିତ୍ରପୁର, ଏନ୍‌ଆଇଟି, ବେଦବ୍ୟାସ ଭଳି ବିଭିନ୍ନ ସ୍ଥାନକୁ ସମୁଦାୟ ୬୦ରୁ ଊର୍ଦ୍ଧ୍ୱ ବସ ଚଳାଚଳ କରୁଛି। ଏହି ବସ୍ ଚଳାଚଳ ଯୋଗୁ ବହୁ ଯାତ୍ରୀ ଉପକୃତ ହେଉଥିଲେ ମଧ୍ୟ ମୋ ବସ୍‌ଷ୍ଟାଣ୍ଡରେ ବସ୍‌ରୁଟ୍ ଓ କେଉଁ ବସ୍ କେଉଁଠିକୁ ଯାଉଛି ତାହା ସୂଚିତ କରାଗଲେ ସହରବାସୀ ଉପକୃତ ହୁଅନ୍ତେ ବୋଲି ଆଲୋଚନା ହେଉଛି। ଏ ନେଇ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ଯେଉଁଳି ଭାବେ ମୋ ବସ୍ ବ୍ୟବସ୍ଥା ଯୋଗାଇ ଦେବା କଥା ତାହା ସମ୍ପୂର୍ଣ୍ଣ ହୋଇନାହିଁ। ଆଗାମୀ ୬ ମାସ ଭିତରେ ସହରକୁ ଇଲେକ୍ଟ୍ରିଚାଳିତ ମୋ ବସ୍ ଆସୁଛି। ଏହି ବସ୍ ଚଳାଚଳ ବ୍ୟବସ୍ଥା ସମୟରେ ରୁଟ ସହିତ ସ୍ଥାନୀୟ ପ୍ରଶାସନ ଓ ଆରଏମ୍‌ସି ମିଶି ସହରରେ ଥିବା ମୋ ବସ୍ ଷ୍ଟପେଜ୍‌ର ଉନ୍ନତୀକରଣ ସାଙ୍ଗକୁ ଯାତ୍ରୀଙ୍କ ସମସ୍ତ ସୁବିଧାକୁ ଦୃଷ୍ଟିରେ ରଖାଯିବ ବୋଲି ଏଡିଏମ୍ କୁଲକର୍ଣ୍ଣି କହିଥିଲେ।

### ମହିଳାଙ୍କୁ ମାଡ଼ ମାରି ୟୁଟ୍ୟୁବ୍ ଖବରଦାତା ଗିରଫ

ରାଉରକେଲା,୪।୩(ଦିନେଶ ମିଶ୍ର): ରାଉରକେଲା ସେକ୍ଟର-୩ ଥାନା ଅଧୀନ କବି ସମ୍ରାଟପାଲି ଅଞ୍ଚଳର ଜଣେ ମହିଳାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଅନ୍ୟ ଜଣେ ମହିଳା ୟୁଟ୍ୟୁବ୍ ଖବରଦାତାଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୪୨/୨୪) ରୁଜୁ କରି ଅଭିଯୁକ୍ତାଙ୍କୁ ସୋମବାର କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁସାରେ, ସେକ୍ଟର-୫ସ୍ଥିତ କବିସମ୍ରାଟପାଲି ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ପୁଅ ଓ ଗିରଫ ଯୁବତୀଙ୍କ ମଧ୍ୟରେ ଦୀର୍ଘବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ଯୁବକ ଜଣଙ୍କ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ କହିବାରୁ ସେ ରାଜି ନ ହୋଇ ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପର୍କ ରଖିଥିଲେ। ଏ ବିଷୟରେ ଯୁବକ ଓ ତାଙ୍କ ପରିବାର ଲୋକେ ଜାଣିବା ପରେ ଯୁବତୀଙ୍କୁ ବାରଣ କରିଥିଲେ। ଫଳରେ ଯୁବତୀ ଜଣଙ୍କ ତାଙ୍କ ପ୍ରଥମ ପ୍ରେମିକଙ୍କ ମା'ଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତା ଯୁବତୀଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ଗିରଫ ଯୁବତୀ ଜଣଙ୍କ ରାଉରକେଲା ଅଞ୍ଚଳର ଜଣେ ୟୁଟ୍ୟୁବ୍ ଖବରଦାତା ବୋଲି ଜଣାପଡିଛି।

### ସରକାରୀ କଲେଜରେ ରକ୍ତଦାନ ଶିବିର



ଶିବିରରେ ଜଣେ ଛାତ୍ର ରକ୍ତ ଦାନ କରୁଛନ୍ତି।

ସୁନ୍ଦରଗଡ,୪।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ମହା ବିଦ୍ୟାଳୟର ଶିକ୍ଷା ବିଭାଗ, ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସର ମିଳିତ ସହଯୋଗରେ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରର ପ୍ରାରମ୍ଭରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅନ୍ୟ ମହାବିଦ୍ୟାଳୟରୁ ଆସିଥିବା ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଓ ଶ୍ମଶାନ ବନ୍ଧୁମାନେ ଉପସ୍ଥିତ ଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଗରୁଡେଶ୍ୱର ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ କହିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ସେବା ମନୋଭାବ ରଖି କାମକଲେ ଦେଶ ଓ ଜାତିର ଉନ୍ନତି ସାଧିତ ହୋଇପାରିବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଲଳିତ ରଞ୍ଜନ ସାହୁ କହିଥିଲେ। ଉଚ୍ଚଶିକ୍ଷା ବିଭାଗର ଡେପୁଟି ସେକ୍ରେଟାରୀ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟର ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାହ୍ନୁଚରଣ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ରକ୍ତଦାନର ଉପକାରିତା, କେଉଁମାନେ ରକ୍ତ ଦାନ କରିପାରିବେ, କେଉଁମାନେ କରିପାରିବେ ନାହିଁ ଆଦି ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ଦିଲ୍ଲୀପ କୁମାର ଷଡଙ୍ଗୀ, ନୀରଦ ବରଣ ଖୁଣ୍ଟିଆ ଯୋଗଦେଇଥିଲେ। ଶେଷରେ ରକ୍ତଦାନ ଓ ସମାଜସେବାକ୍ଷେତ୍ରରେ ପ୍ରମୁଖ ବ୍ୟକ୍ତି ବିଶେଷ ଏବଂ ଶ୍ମଶାନ ବନ୍ଧୁଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡ. ଶମ୍ଭୁ ଶଙ୍କର ଦୀପ ସଂଯୋଜନା କରିଥିବା ବେଳେ ସହକାରୀ ପ୍ରଫେସର ଦିପାଞ୍ଜଳି ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ପ୍ରଫେସର ବସନ୍ତ କୁମାର ମହାକୁର, ପ୍ରତାପ ପ୍ରଧାନ, ସାତି ପଟେଲ, ଜ୍ୟୋତି ପ୍ରକାଶ ପଟେଲ, ଶୁଭମ କୁମାର ମେହେର ପ୍ରମୁଖ ସାହାଯ୍ୟ କରିଥିଲେ ।



ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

# ଶିକ୍ଷାଳୟ ହେଉଛି ଜୀବନ ବିକାଶ ମନ୍ଦିର

ରାଉରକେଲା,୪।୩(ଦିନେଶ ମିଶ୍ର)

**ମ୍ୟୁନିସିପାଲ କଲେଜର ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମ**

ରାଉରକେଲା ମ୍ୟୁନିସିପାଲ କଲେଜ ପରିସରରେ ମହାବିଦ୍ୟାଳୟର ବାର୍ଷିକ ପତ୍ରିକା 'ଅନନ୍ୟା'ର ଉନ୍ମୋଚନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଡ. ଦାଭିନ୍ଦର କୌରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠପଢ଼ା ସମୟରେ ଛାତ୍ରୀଛାତ୍ରମାନେ ଜୀବନର ଲକ୍ଷ୍ୟ ସ୍ଥିର କରି ତାର ପୂର୍ତ୍ତି ପାଇଁ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଉରକେଲା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋଜ ମହାନନ୍ଦ ଉପସ୍ଥିତ ରହି ଛାତ୍ରୀଛାତ୍ର ଶୃଙ୍ଖଳା ଓ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିପାରିବେ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସନାତନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷାଳୟ ହେଉଛି ଜୀବନ ବିକାଶର ମନ୍ଦିର। ତେଣୁ ପ୍ରତ୍ୟେକ ବିଦ୍ୟାର୍ଥୀ ଏହାର ସଦୁପଯୋଗ କରି ଗୁରୁଜନଙ୍କ ନାମ ଟେକ ରଖିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅଧ୍ୟାପିକା ଦୀପ୍ତିରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଂରାଜୀ ଅଧ୍ୟାପିକା ଚନ୍ଦ୍ରଲେଖା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଯୁକ୍ତ ୨ ଓ ୩ର କଳା, ବିଜ୍ଞାନ, ବାଣିଜ୍ୟ ବିଭାଗ, ବିବିଏ, ବାଣିଜ୍ୟ ସ୍ନାତକୋତ୍ତର, ସମର ଶିକ୍ଷାବାହିନୀ, ଜାତୀୟ ସେବା ସଂସ୍ଥା ଓ ଖେଳ କୁଦରେ ଉତ୍କର୍ଷତା ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପିକା ଡ. ଦିବ୍ୟକାନ୍ତି ବିଲୁଙ୍ଗଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ବିଜୟ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଝିରପାଣିରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ରାଉରକେଲା,୪।୩(ସଙ୍ଗୀତା ଜେନା)

ଝିରପାଣି ସ୍ଥିତ ସୃଷ୍ଟି ମଡେଲ ସ୍କୁଲରେ ରବିବାର ମେଗା ସ୍ୱାସ୍ଥ୍ୟପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ରାଧାନାଥ ଶତପଥୀ (ଶିଶୁ ବିଶେଷଜ୍ଞ), ରାମଚନ୍ଦ୍ର ମେହେର (ଚକ୍ଷୁ), ଭାଗୀରଥୀ ଯୋଶୀ (ଇଏନ୍‌ଟି), ଏସ୍.କେ. ସେନାପତି(ଅସ୍ଥି), ପ୍ରତିଭା ଷଡଙ୍ଗୀ (ସ୍ତ୍ରୀ ରୋଗ) ପ୍ରମୁଖ ଉପସ୍ଥିତ ରହି ପରୀକ୍ଷା କରିଥିଲେ। ସ୍ଥାନୀୟ ଗ୍ରାମର ପ୍ରାୟ ୨ଶହ ଗ୍ରାମବାସୀ ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସୁଶାନ୍ତ ତ୍ରିପାଠୀ, ଚନ୍ଦ୍ରଶେଖର ଶତପଥୀ, ପ୍ରକାଶ ଅଗ୍ରୱାଲ, ସମ୍ପାଦିକା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ୟୋତ୍ସ୍ନା ନନ୍ଦ ଓ ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ।

### ସକାରାତ୍ମକ ଭାବନା ସେବା ପାଇଁ ପ୍ରେରଣା ଦିଏ




ଜଣେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା,୪।୩(ଦିନେଶ ମିଶ୍ର)

**ଦି ମିରର ଫାଉଣ୍ଡେଶନର ବାର୍ଷିକୋତ୍ସବ ପାଳିତ**

ରାଉରକେଲା ସେକ୍ଟର-୧୬ସ୍ଥିତ ଶ୍ରଦ୍ଧା ଅନୁଷ୍ଠାନ ପରିସରରେ ଦି ମିରର ସୋଶିଆଲ ଫାଉଣ୍ଡେଶନର ୯ମ ବାର୍ଷିକୋତ୍ସବ ସଭାପତି ବିଶ୍ୱଜିତ ରାଉତଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜସେବୀ ଶ୍ରଦ୍ଧା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସକରାତ୍ମକ ଭାବନା ଥିବା ବ୍ୟକ୍ତି ହିଁ ସେବା କରିବାକୁ ପ୍ରେରିତ ହୋଇଥାଏ ବୋଲି କହିଥିଲେ। ଏଆଇସିୟୁଟିର ଅଧ୍ୟକ୍ଷା ରାଜଲକ୍ଷ୍ମୀ ପାତ୍ର, ନିହାରିକା ବସ୍ତିଆ, ବିନୋଦ ପଣ୍ଡା, ସୁଶିଲ ସେଠୀ, ପ୍ରଫୁଲ୍ଲ ସୁନାନି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଦୀର୍ଘଦିନ ଧରି ଦିବ୍ୟାଙ୍ଗମାନଙ୍କ ସେବା କରି ଆସୁଥିବା ସମାଜସେବୀ କାର୍ତ୍ତିକ ପାଣ୍ଡବଙ୍କୁ ଅନୁଷ୍ଠାନ ପକ୍ଷରୁ 'ଦି ମିରର ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶ୍ରଦ୍ଧା ଅନୁଷ୍ଠାନର ବିଦ୍ୟାର୍ଥୀମାଙ୍କୁ କିଭଳି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିହେବ ଏବଂ ସେମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିହେବ ସେ ନେଇ ଆଲୋଚନା ହୋଇଥିଲା। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ନିଃଶୁଳ୍କ ଦନ୍ତଚିକିତ୍ସା ଶିବିର କରାଯାଇଥିଲା। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଦନ୍ତ ଚିକିତ୍ସା କରିଥିଲେ। ଏହି ଶିବିରରେ ରାଉରକେଲାର ଦାନ୍ତ ଡାକ୍ତର ଶ୍ୱେତା ବର୍ମା ଯୋଗଦେଇ ଚିକିତ୍ସା କରିଥିଲେ। ଶାନ୍ତିଲତା ବାରିକ, ବନୋଜ ବିଶ୍ୱାଳ, ଈପ୍‌ସିତା ବିଶ୍ୱାଳ, ରୀତା ସାମଦ, ରିଙ୍କି କୁମାରୀ, ଲଳିତ ସାମଦ, ରାଜେଶ ଦାସ, କଲ୍ୟାଣୀ ଦାସ, ଦିବାକର ଦାସ, କାର୍ତ୍ତିକ ରାଉତ, ସରୋଜ ପ୍ରଧାନ, ଏଚ୍. କେ. ନାୟକ ପ୍ରମୁଖ ସହଯୋଗ କରିଥିଲେ। ପୂର୍ଣ୍ଣିମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ନିଖୋଜ ମାମଲାରେ ଅଟକଙ୍କୁ ଛାଡିବା ପାଇଁ ଥାନା ଘେରାଉ

ରାଉରକେଲା,୪।୩(ସଙ୍ଗୀତା ଜେନା)

ଝିରପାଣି ସାପ୍ତାହିକ ହାଟକୁ ବୋଲେରୋରେ ପରିବା ଚାଷୀମାନଙ୍କୁ ନେଇ ଚାଳକ ମଙ୍ଗଲୁ ଓରାମ ନିଖୋଜ ମାମଲା ଭିନ୍ନ ମୋଡ଼ ନେଉଛି। ନିଖୋଜ ବ୍ୟକ୍ତିଙ୍କୁ ଖୋଜି ଆଣିବାକୁ ତାଙ୍କ ପରିବାର ଓ ଗ୍ରାମବାସୀ ରବିବାର ଦିନତମାମ ଥାନା ଘେରାଉ କରିଥିବା ବେଳେ ଝିରପାଣି ଥାନା ପୋଲିସ ଉକ୍ତ ହାଟରୁ ସୋମବାର ଜଣେ ବ୍ୟକ୍ତିଙ୍କୁ ଆଣି ଅଟକ ରଖିଛି। ତେବେ ଉକ୍ତ ଅଟକ ବ୍ୟକ୍ତିଙ୍କୁ ଛାଡିବା ଦାବିରେ ସନ୍ଧ୍ୟାରେ ୫୦ରୁ ଊର୍ଦ୍ଧ୍ୱ ପରିବା ବେପାରୀ ଥାନା ଘେରାଉ କରିଥିଲେ। ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି ବୋଲି କହିବା ପରେ ଲୋକେ ଥାନା ବାହାରକୁ ଯାଇଥିଲେ।

# ଭଲିବଲ ଟୁର୍ନାମେଣ୍ଟ: ହରିୟାଣା ଚାମ୍ପିୟନ

ରାଉରକେଲା,୪।୩(ଦିନେଶ ମିଶ୍ର)




ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳି।

ରାଉରକେଲା ସେକ୍ଟର-୨୦ ସ୍ଥିତ ରାଇଜିଂ ଖେଳ ପଡିଆରେ ରାଇଜିଂ କ୍ଲବ ପକ୍ଷରୁ ଚାଲିଥିବା ଅଲ ଇଣ୍ଡିଆ ଭଲବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଛତିଶଗଡ ଓ ହରିୟାଣା ମଧ୍ୟରେ ଖେଳାଯାଇଥିଲା। ଏଥିରେ ହରିୟାଣା ଦଳ ଛତିଶଗଡକୁ ୩-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳ ହରିୟାଣାକୁ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଛତିଶଗଡ ଦଳକୁ ୧୧ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ପ୍ରତିଯୋଗିତାର ଶ୍ରେଷ୍ଠ ଷ୍ଟ୍ରାଇକର ଭାବେ ହରିୟାଣାର ରଜତ ଓ ଶ୍ରେଷ୍ଠ ଖେଳାଳି ଭାବେ ଛତିଶଗଡ ଦଳର ଯସ୍‌ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ସଟ୍‌ର ଭାବେ ତୟାବ ଓ ବିକାଶଙ୍କ ସମେତ ଶ୍ରେଷ୍ଠ ଲିବୋରୋ ଭାବେ ପପୁଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ରେଫରି ନିରଞ୍ଜନ ନାୟକ, ସଞ୍ଜୀବ ଚାନ୍ଦ, ଆଦିକନ୍ଦ ପରିଡା, ସଞ୍ଜୀବ ମହାନ୍ତି, ସୁଶାନ୍ତ ଗୌଡ, ସସ୍ମିତା ଦାସ, ଆନ୍ନା କେରକେଟ୍ଟା, ସୁଜୟ ନାୟକ, ଦୁର୍ଗାମାଧବ ନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ସାଙ୍ଗଠନିକ ସମ୍ପାଦକ ଶିଶିର ସାହୁ, ସାଧାରଣ ସମ୍ପାଦକ ଦେବୀ ପ୍ରସାଦ ମିଶ୍ର, କମଳାକାନ୍ତ ନାୟକ, ବିନୋଦ ରାୟ, ରମେଶ ପ୍ରଧାନ, ସଞ୍ଜୟ ଦାସ, ରମେଶ ଚନ୍ଦ୍ର ମହାନ୍ତି, ସତ୍ୟନାରାୟଣ ପ୍ରଧାନ, ସମୀର ରାୟ, ଅନୀଲ ସିଂ, ସୌଭାଗ୍ୟ ମିଶ୍ର, ଦୁଷ୍ମନ୍ତ ପାତ୍ର, ଅମର ଦାସ, ଇନ୍ଦ୍ରଜିତ ସିଂ, ଧରଣୀଧର ବିଶ୍ୱାଳ, ମନୋଜ ତିୱାରି ପ୍ରମୁଖ ସହଯୋଗ କରିଥିଲେ ।

# ଖୋଲୁନି ଶକ୍ତିବଜାର, ଯୋଜନା ବାଟବଣା

ରାଉରକେଲା, ୪।୩(ସଙ୍ଗୀତା ଜେନା)




କୋଏଲନଗରରେ ବନ୍ଦ ପଡ଼ିଥିବା ଶକ୍ତିବଜାର।

ମହିଳା ସଶକ୍ତୀକରଣ ଓ ସ୍ୱାବଲମ୍ବନକୁ ରାଜ୍ୟ ସରକାର ପ୍ରାଥମିକତା ଦେଇ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଖର୍ଚ୍ଚ କରୁଛନ୍ତି। ପଶୁପାଳନ, ଛତୁଆ, ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ୟୁନିଟ୍, ବ୍ୟବସାୟ ଆଦି କରିବାକୁ ଏସ୍‌ଏଚ୍‌ଜିଗୁଡିକୁ ଋଣ ସହାୟତା ଓ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଏସ୍‌ଏଚ୍‌ଜି ଉତ୍ପାଦ ଗୁଡ଼ିକ ବିକ୍ରି କରିବାକୁ ସୁଯୋଗ ପ୍ରଦାନ କରାଯାଉଥିବାବେଳେ ରାଉରକେଲା କୋଏଲ ନଗରରେ ୫ବର୍ଷ ତଳେ ମହିଳା ସ୍ୱାବଲମ୍ବନ କେନ୍ଦ୍ର ବା ରାଉରକେଲା ମହାନଗର ନିଗମ ପରିଚାଳିତ ଶକ୍ତିବଜାର ବନ୍ଦ ହୋଇ ରହିଛି। ଫଳରେ ଜିଲାରେ ରାଉରକେଲା (ଶିଳ୍ପାଞ୍ଚଳ) ବିଶ୍ରା, ନୂଆଗାଁ, କୁଆଁରମୁଣ୍ଡା ଆଦି ବ୍ଲକଗୁଡ଼ିକରେ ଏସ୍‌ଏଚ୍‌ଜି ମହିଳାମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରି କରିବାରେ ଅସୁବିଧା ଭୋଗୁଛନ୍ତି।

ସୂଚନା ଅନୁସାରେ, ରାଉରକେଲା ଶିଳ୍ପାଞ୍ଚଳରେ ସେକ୍ଟର-୫ କେନ୍ଦ୍ରରେ ୨ ହଜାରରୁ ଊର୍ଦ୍ଧ୍ୱ, ଉଦିତନଗର ସ୍ଥିତ ଓରାମପଡ଼ାରେ ୧୧୧୦, ସିଭିଲଟାଉନଶିପ୍‌ରେ ୮ଶହ ସମେତ ମୋଟ ୪ ହଜାରରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ରହିଛି। ସେହିପରି ବିଶ୍ରା ବ୍ଲକର ଝିରପାଣି, ଜମସେରା, କପାଟମୁଣ୍ଡା, ମନ୍‌କୋ, ତୁଲସୀକାନି, ବନ୍ଧମୁଣ୍ଡା ସମେତ ୧୪ଟି ପଞ୍ଚାୟତରେ ୧୪୪୧ ଏସ୍‌ଏଚ୍‌ଜି ପଞ୍ଜୀକୃତ ହୋଇଛି। କୁଆଁରମୁଣ୍ଡା ଓ ନୂଆଗାଁ ବ୍ଲକରେ ୨ହଜାର ୫ଶହରୁ ଊର୍ଦ୍ଧ୍ୱ ମହିଳା ଗୋଷ୍ଠୀ ରହିଛନ୍ତି। ଏହି ମହିଳା ଗୋଷ୍ଠୀ ଗୁଡିକ କିଛି ନା କିଛି ସାମଗ୍ରୀ ଉତ୍ପାଦନ କରୁଛନ୍ତି। ତେବେ ସେମାନଙ୍କ ଅଞ୍ଚଳରେ ଏହି ଉତ୍ପାଦଗୁଡିକର ବଜାର ବ୍ୟବସ୍ଥା ନ ଥିବାରୁ ସେମାନେ ଶକ୍ତିବଜାର ଉପରେ ଆଶା ରଖିଥିଲେ। ତେବେ କୋଏଲନଗର ଶକ୍ତିବଜାର ବନ୍ଦ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆର୍‌ଏମ୍‌ସି ମିଶନ ଶକ୍ତି ସିଏମ୍‌ଏମ୍‌ୟୁ ପ୍ରିୟବ୍ରତ ମହାପାତ୍ରଙ୍କୁ ପଚରାଯିବାରୁ ସେ କହିଥିଲେ, ରାଜ୍ୟ ମିଶନ ଶକ୍ତିର ଯୁଗ୍ମ ସଚିବ କିଛିଦିନ ତଳେ ଉକ୍ତ ବଜାରର ସ୍ଥିତି ସମୀକ୍ଷା କରିଛନ୍ତି। ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଏହାର ନବୀକରଣ ଓ ପୁନରୁଦ୍ଧାର ପାଇଁ ପ୍ଲାନିଂ ଓ ଏଷ୍ଟିମେଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବଜାର ନୂତନ ରୂପରେଖ ପାଇବ ବୋଲି ମହାପାତ୍ର କହିଥିଲେ।

ସୂଚନାଯୋଗ୍ୟ, ୨୦୧୯ରେ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ କୋଏଲନଗର ମଧ୍ୟସ୍ଥଳରେ ଏହି ଶକ୍ତିବଜାର ନିର୍ମିତ ହୋଇଥିଲା। ବଜାରରେ ଥିବା ୪୪ଟି ଦୋକାନକୁ ମହିଳା ବ୍ୟବସାୟୀ ଓ ଏସ୍‌ଏଚ୍‌ଜିକୁ ଆବଣ୍ଟନ କରାଯାଇଥିଲା। ପରେ ଏହା ପ୍ରଶାସନିକ ଉଦାସୀନତା ଯୋଗୁ ଚାଲି ପାରି ନ ଥିଲା। ପରବର୍ତ୍ତୀ ସମୟରେ ବ୍ୟବସାୟରେ କ୍ଷତି ଦର୍ଶାଇ ବଜାରକୁ ବନ୍ଦ କରିଦିଆଯାଇଥିଲା। ରକ୍ଷଣାବେକ୍ଷଣ ଓ ଉଚିତ୍ ମରାମତି ଅଭାବରୁ ଉକ୍ତ ବଜାରର ସମ୍ପତି ନଷ୍ଟ ହୋଇଗଲାଣି। ବଜାର ପରିସର ବଣବୁଦା ଓ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି।

**ସଂକ୍ଷେପରେ**

## ଅଧ୍ୟାପକ ମନୋଜ ହୋତାଙ୍କ ବିୟୋଗରେ ଶୋକସଭା

**ସମ୍ବଲପୁର,୪।୩ (ଭବାନୀ ଶଙ୍କର ଭୋଇ)**

ବୀର ସୁରେନ୍ଦର ସାଏ ମହାବିଦ୍ୟାଳୟର ଅଧକ୍ଷ ମନୋଜ ହୋତାଙ୍କ ବିୟୋଗରେ ଯୁଯୋମୁରା ସ୍ଥିତ ରାଜୀବ ଭବନଠାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ମିର୍ଦ୍ଧା ସଭାପତିତ୍ୱ କରିଥିଲେ। ମନୋଜ ହୋତାଙ୍କର ଗତ ୨୯ ଫେବୃଆରୀରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଥିଲା। ସେ ଜଣେ ମିଷ୍ଟଭାସି ବ୍ୟକ୍ତିତ୍ୱ ଥିଲେ ବୋଲି ଶୋକସଭାରେ ମତ ଦିଆଯାଇଥିଲା। ସେ ଜୁଯୋମୁରାର ପୂର୍ବତନ ଫୁଟବଲ ଖେଳାଳି ଥିଲେ। ସେ ବୀର ସୁରେନ୍ଦ୍ର ସାଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ରହିଥିଲେ। ଉପସ୍ଥିତ ସମସ୍ତ ବ୍ୟକ୍ତି ତାଙ୍କର ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ। ଯୁଯୋମୁରା ଅଞ୍ଚଳ ପାଇଁ ତାଙ୍କର ଅନୁପସ୍ଥିତି ଏକ ଅପୂରଣୀୟ ସ୍ଥାନ ହୋଇ ରହିବ ବୋଲି ଉପସ୍ଥିତ ବକ୍ତାମାନେ ମତ ଦେଇଥିଲେ। ଏହି ଶୋକ ସଭାରେ ନୃସିଂହ ଦେହୁରୀ, ଲିଙ୍ଗରାଜ ଦାସ, ବିଜୟ ସେଠୀ, ଜଗଦୀଶ ବେହେରା, ଅଶ୍ୱିନୀ ଦେହୁରୀ, ସନଜୟ ବିଶ୍ୱାଳ, ଅରୁଣ ଦେହୁରୀ, ଜଗଦୀଶ ପ୍ରଧାନ, ଭୂପିନ୍ଦ୍ର ସିଂ, ପୂର୍ବତନ ଜୁଯୋମୁରା ସରପଞ୍ଚ ହୃରସି ଅମାନ୍ତ, ରମେଶ ବିଶ୍ୱାଳ, ଆଦିତ୍ୟ ନାଇକ ପ୍ରମୁଖ ଉପସ୍ଥିତ ଥିଲେ।

## ଜାଗା ମିଶନରେ ସାମିଲ ପାଇଁ ପରଦେଶୀପଡ଼ା ବାସିନ୍ଦା ଜିଲାପାଳଙ୍କ ଦ୍ୱାରସ୍ଥ

**ସମ୍ବଲପୁର,୪।୩ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ପରଦେଶୀପଡା ବାସିନ୍ଦା ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜାଗା ମିଶନରେ ସେମାନଙ୍କୁ ସାମିଲ କରାଯାଇ ନ ଥିବା ନେଇ ଜିଲାପାଳଙ୍କୁ ଅବଗତ କରାଇଥିଲେ। ପରଦେଶୀପଡା ବାସିନ୍ଦା ଦୀର୍ଘ ବର୍ଷ ହେବ ପଡାରେ ସ୍ଥାୟୀ ବାସିନ୍ଦା ହୋଇ ରହିଆସିଛନ୍ତି । ସେମାନଙ୍କର ଭୋଟର କାର୍ଡ ଠାରୁ ଆରମ୍ଭ କରି ଆଧାରକାର୍ଡ ପରଦେଶୀ ପଡା ନାମରେ ରହିଛି । ତେବେ ରାଜ୍ୟ ସରକାର ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଜାଗା ମିଶନରେ ଦଶ ହଜାର ପରିବାରକୁ ଜମି ପ୍ରଦାନ କରିଥିବାବେଳେ ପରଦେଶୀପଡା ସେଥିରୁ ବାଦ ପଡିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଜମିପଟ୍ଟା ନ ଥିବାରୁ ସରକାରଙ୍କ ସୁବିଧା ପାଇବାରୁ ସେମାନେ ବଞ୍ଚିତ ହେଉଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେମାନଙ୍କୁ ଜାଗା ମିଶନ ଯୋଜନାରେ ସାମିଲ କରାଯାଇ ଜମିପଟ୍ଟା ଦେବାକୁ ପ୍ରଶାସନ ବ୍ୟବସ୍ଥା କରିବାକୁ ସୋମବାର ପରଦେଶୀପଡା ଅଞ୍ଚଳବାସୀ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏନେଇ ଅତିରିକ୍ତ ଜିଲାପାଳ ସମ୍ବଲପୁରର ସମସ୍ତ ବସ୍ତିଗୁଡିକ ଉପରେ ସର୍ଭେ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯାଇଥିବା କହିଥିଲେ। ତେବେ ସେ ପରଦେଶୀପଡା ବାବଦରେ ଅନୁଧ୍ୟାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ପଡାବାସୀ କହିଛନ୍ତି।

# ୬ରୁ ପ୍ରଥମ ସମ୍ବଲପୁରୀ ଧନୁଯାତ୍ରା

**ସମ୍ବଲପୁର,୪।୩(ବି.ଶଙ୍କର)**

ସମ୍ବଲପୁରୀ ଧନୁଯାତ୍ରା ଚଳିତ ମାର୍ଚ୍ଚ ୬ରୁ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ସମ୍ବଲପୁରୀ ଧନୁଯାତ୍ରା ଦୀର୍ଘ ପାଞ୍ଚ ଦିନ ଧରି ଚାଲିବାକୁ ସ୍ଥିତ ହୋଇଛି। ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଧନୁଯାତ୍ରାର କଂସ ଦରବାର ଓ ରଙ୍ଗସଭା। ଏହି ଯାତ୍ରାରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ଅପରାହ୍ନରେ ମହାରାଜ କଂସ ହାତୀ ଉପରେ ବିରାଜମାନ ହୋଇ ନଗର ପରିକ୍ରମା କରିବେ। ପ୍ରଥମ ଥର ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ହେଉଥିବାରୁ ସମ୍ବଲପୁରୀ ନୃତ୍ୟଗୀତ ଓ କଳାସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଇଛି। ସୋମବାର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ୬ ତାରିଖରେ ରାଜ ଅତିଥି ସେବା, ରଙ୍ଗସଭା, ଉଗ୍ରସେନଙ୍କ ଗାଦିଚ୍ୟୁତ ଓ କଂସ ମହାରାଜ ଆସନରେ ବିରାଜମାନ ହେବେ। ୭ରେ ଶ୍ରୀକୃଷ୍ଣ ଜନ୍ମ ଓ ଗୋପପୁର ପ୍ରେରଣ ସହିତ ବିଜୁଳି କନ୍ୟା


ଆୟୋଜିତ ଖବରଦାତା ସମ୍ମିଳନୀରେ ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁ ସୂଚନା ଦେଉଛନ୍ତି।

ଆବିର୍ଭାବ କାର୍ଯ୍ୟକ୍ରମ ରହିଛି। ୮ରେ ପୁତନା ମୃତ୍ୟୁ ସମାଚାର ସହ କୃଷ୍ଣ ବଧ ପାଇଁ ମନ୍ତ୍ରୀ ପରିଷଦ ସହ ମହାରାଜ କଂସ ଗୁପ୍ତ ମନ୍ତ୍ରଣା କରିବା କାର୍ଯ୍ୟକ୍ରମ । ୯ରେ କୃଷ୍ଣଙ୍କ ଜଳକ୍ରୀଡ଼ା ସହ କାଳୀୟ ଦଳନ ଓ ୧୦ରେ ଅକ୍ରୁର ଗମନ ଏବଂ କଂସ ବଧ କାର୍ଯ୍ୟକ୍ରମ କରାଯିବ। ସମ୍ବଲପୁର ସହର ମଥୁରା ନଗରୀ ଏବଂ ମୁନିସିପାଲିଟି ଛକ ସ୍ଥିତ ଗଙ୍ଗାଧର ମଣ୍ଡପକୁ କଂସ ଦରବାର ଓ ଚାଉଁରପୁର ଗ୍ରାମକୁ ଗୋପପୁର କରାଯାଇଛି। ଗୋପପୁରରୁ କୃଷ୍ଣଙ୍କୁ ଅକ୍ରୁର ଆଣିବା ସମୟର ଦୃଶ୍ୟକୁ ଆକର୍ଷଣୀୟ କରାଯାଇଛି ବୋଲି ସଞ୍ଜୟ କହିଥିଲେ । ଏହି ୫ଦିନ ପର୍ଯ୍ୟନ୍ତ ଚାଉଁରପୁର ଗ୍ରାମବାସୀ ଆମିଷ ଭକ୍ଷଣକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ସ୍ଥିର କରିଛନ୍ତି। ନଗର ପରିକ୍ରମା ସମୟରେ ମହାରାଜ କଂସ ଯେପରି ସହରର ସମସ୍ତ ସ୍ଥାନକୁ ଯାଇପାରିବେ, ସେ ଦିଗରେ ରୋଡ୍ ମ୍ୟାପ ତିଆରି କରାଯାଉଛି ବୋଲି କର୍ମକର୍ତ୍ତାମାନେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି। ଏହି ଧନୁଯାତ୍ରାରେ କଂସ ଭୂମିକାରେ ଫନୀନ୍ଦ୍ର କୁମାର ପଣ୍ଡା, ଉଗ୍ରସେନ ଭୂମିକାରେ ଘୁନୁ ଚରଣ ପାଢ଼ୀ, ଦୁର୍ମିଳ ରାକ୍ଷସ ଭୂମିକାରେ ଲଳିତ ମୋହନ ବେବର୍ତ୍ତା, ନାରଦ ଭୂମିକାରେ ସନ୍ତୋଷ ରାୟଗୁରୁ, ଅକ୍ରୁର ଭୂମିକାରେ ସତ୍ୟନାରାୟଣ ସାହୁ, ଯଶୋଦା ଭୂମିକାରେ ଅର୍ଣ୍ଣପୂର୍ଣା ମିଶ୍ର, ଦେବକୀ ଭୂମିକାରେ ପ୍ରିୟଙ୍କା ପ୍ରଧାନ, ନନ୍ଦ ରାଜା ଭୂମିକାରେ ଯୋଗେଶ ନନ୍ଦ, ରୋହିଣୀ ଭୂମିକାରେ ସୁରେଖା ସାହୁ, ଶ୍ରୀକୃଷ୍ଣ ଭୂମିକାରେ ଓମ ସାଇରାମ ଓ ବଳରାମ ଭୂମିକାରେ ସତ୍ୟବ୍ରତ ଅଂଶଗ୍ରହଣ କରିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ପାଦକ ଗୁଣମଣି ସଲିମା, ନିର୍ଦ୍ଦେଶକ ବାବୁଲୁ ବାଗ, ଫଣିନ୍ଦ୍ର ପଣ୍ଡା , ଗୋପପୁର କମିଟିର ସଭାପତି ଆଦିତ୍ୟ ନାୟକ ଓ ସମ୍ପାଦକ ଗଣେଶ ମହନ୍ତମ ମଞ୍ଚାସୀନ ଥିବାବେଳେ ସମସ୍ତ କମିଟି ସଦସ୍ୟ ଓ କଳାକାରମାନେ ଉପସ୍ଥିତ ଥିଲେ ।

- ପାଞ୍ଚଦିନ ଧରି ଚାଲିବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ
- ସମ୍ବଲପୁର ହୋଇଛି ମଥୁରା ନଗରୀ
- ଗୋପପୁର ଚାଉଁରପୁରରେ ପାଞ୍ଚ ଦିନ ଆମିଷ ବନ୍ଦ
- ଗଙ୍ଗାଧର ମଣ୍ଡପ ହେବ କଂସ ଦରବାର
- ହାତୀ ଉପରେ ବିରାଜମାନ ହୋଇ ନଗର ପରିକ୍ରମା କରିବେ କଂସ ମହାରାଜ
- ସ୍ଥାନୀୟ କଳାକାରଙ୍କୁ ପ୍ରାଧାନ୍ୟ

## ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ: ଅବିନାଶ, ତନ୍ମୟ ଚାମ୍ପିୟନ



ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଅତିଥି ଓ ଖେଳାଳି।

**କୁଚିଣ୍ଡା,୪।୩(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବିଜୁପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅନୁଗୋଳ ଜିଲାର ଅବିନାଶ ମହାନ୍ତି ଓ ତନ୍ମୟ ସାହୁ ଚାମ୍ପିୟନ ହୋଇଥିବାବେଳେ ସେହି ଜିଲାର ଅମ୍ଲାନ ଗଡନାୟକ ଓ ଅନିର୍ବାଣ ସାମନ୍ତ ରନର୍ସଅପ୍ ହୋଇଥିଲେ। ଟୁର୍ନାମେଣ୍ଟକୁ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଲକ୍ଷପତି ନନ୍ଦ ପରିଚାଳନା କରିଥିଲେ। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ତଥା କ୍ରୀଡା ସଂଘ ସମ୍ପାଦକ ରବିନାରାୟଣ ନାଏକ,ଏନ୍‌ଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ନବୀନ ବାଗେ, ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଦର୍ଶନ ପାଣି, କାନାଡା ବ୍ୟାଙ୍କ ମ୍ୟାନେଜର ରାଜେଶ ଜୟପୁରିଆ, ବନ୍ଧନ ବ୍ୟାଙ୍କ ମ୍ୟାନେଜର ରାଜୀବ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଏହାକୁ କୁଚିଣ୍ଡା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ଶର୍ମା ଓ ସମ୍ପାଦକ ସିମନ ଦ୍ୱିବେଦୀ ପରିଚାଳନା କରିଥିଲେ।

## ମଧ୍ୟାହ୍ନଭୋଜନ ପାଚିକାପାଚକ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ସମ୍ବଲପୁର,୪।୩ (ଭବାନୀ ଶଙ୍କର ଭୋଇ)**

ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ପାଚକ ମହାସଂଘ ପକ୍ଷରୁ ସୋମବାର ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ୧୦ ଦଫା ଦାବିପୁରଣ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ୧୦ ଦଫା ଦାବି ଶୀଘ୍ର ପୂରଣ ନ ହେଲେ ଆଗାମୀ ୭ ମାର୍ଚ୍ଚ ଠାରୁ ବିଧାନସଭା ସମ୍ମୁଖରେ ବିରାଟ ଧାରଣା ସମାବେଶ କରାଯିବ ସେନେଇ ଦାବିପତ୍ର ଦିଆଯାଇ ଜିଲା ପ୍ରଶାସନକୁ ସୂଚନା ଦିଆଯାଇଛି। ଏଥିରେ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ମହାସଂଘ ସମ୍ବଲପୁର ଜିଲାର ସମସ୍ତ ପ୍ରତିନିଧି ଉପସ୍ଥିତ ରହିଥିଲେ ।

# ଆଦିବାସୀ ନୃତ୍ୟ, ଗୀତରେ ଦର୍ଶକ ବିଭୋର


ସମ୍ବଲପୁରରେ ଜନଜାତି ମହୋତ୍ସବ ଉଦଯାପନୀ ଉତ୍ସବରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

**ସମ୍ବଲପୁର,୪।୩(ବି.ଶଙ୍କର)**

**ଜାତୀୟ ଜନଜାତି ମହୋତ୍ସବ ଉଦ୍‌ଯାପିତ**

ଜାତୀୟ ଜନଜାତି ମହୋତ୍ସବ ପରିଚୟ–୨୦୨୪ ରବିବାର ରାତିରେ ସମ୍ବଲପୁର ଅଇଁଠାପାଲି ସ୍ଥିତ ବିର୍ସା ମଇଦାନଠାରେ ଉଦ୍‌ଯାପିତ ହୋଇଯାଇଛି। ଜିଲା ଓ ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ଆଦିବାସୀ ନୃତ୍ୟ, ଗୀତ ଓ ବାଦ୍ୟରେ ଦର୍ଶକ ବିଭୋର ହୋଇଥିଲେ। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଦିବାସୀ କଳା, ସଂସ୍କୃତି ଓ ଐତିହ୍ୟକୁ ନେଇ ଜନଜାତି ମହୋତ୍ସବ ହୋଇଛି। ଏହା ଦ୍ୱାରା ଜନଜାତିର ଜନସାଧାରଣ ଉପଯୁକ୍ତ ମଞ୍ଚରେ ସେମାନଙ୍କ ପାରଦର୍ଶିତା ପ୍ରତିପାଦନ କରିଛନ୍ତି। ସେହିପରି ସେମାନଙ୍କ ନିର୍ମିତ ସାମଗ୍ରୀ ପ୍ରଦର୍ଶିତ ହେବା ସହ ବିକ୍ରି ମଧ୍ୟ ହୋଇଛି। ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗଦେଇ ଜନଜାତିଙ୍କ ନୃତ୍ୟ, ଗୀତ ଓ ବାଦ୍ୟ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ନୃତ୍ୟଗୁରୁ ସୁରେନ୍ଦ୍ର ଟପ୍ପୋ ଓ ଟିପିଡବ୍ଲ୍ୟୁଓଡିଏଲ ସିଏସଆର ମୁଖ୍ୟ ଅରୁଣରା ମାରଣ୍ଡି ସମ୍ମାନିତ ଅତିଥି ଥିଲେ। ମହୋତ୍ସବ ଆୟୋଜକ ସା ଫାଉଣ୍ଡେସନ ପରିଚାଳନା ଟ୍ରଷ୍ଟି ଶୁଭାଶିଷ ଦାସଙ୍କ ପରିଚାଳନାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ଚନ୍ଦ୍ରଶେଖର ଦାଶ, ଅମିୟ କୁମାର ମହାନ୍ତି, ସିଦ୍ଧାର୍ଥ ପ୍ରଧାନ, ପ୍ରଭାତ କୁମାର ସେଠୀ, ମନିଷ କୁମାର ଅଗ୍ରୱାଲ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ସମ୍ବଲପୁର ସମେତ ସୁନ୍ଦରଗଡ଼ ଜିଲା ଏବଂ ଝାଡ଼ଖଣ୍ଡ ରାଜ୍ୟର ଜନଜାତି କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ସୂଚନାଯୋଗ୍ୟ ଯେ, ପ୍ରଥମ ଥର ପାଇଁ ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆଠାରେ ଏହି ଜାତୀୟ ମହୋତ୍ସବ ଫେବୃୟାରୀ ୨୫ ରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏହି ମହୋତ୍ସବରେ ଦେଶର ୧୨ଟି ରାଜ୍ୟ ଏବଂ ଓଡ଼ିଶାର ୧୪ଟି ଜିଲାରୁ କଳାକାରମାନେ ସାମିଲ ହୋଇଥିଲେ। ସେହିପରି ଜନଜାତି ମହୋତ୍ସବରେ ଲୁପ୍ତ କଳା ଓ ସଂସ୍କୃତି ପ୍ରଦର୍ଶିତ ହୋଇଥିଲା। ପ୍ରଥମ ଦିନରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୧୪ଟି ନୃତ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜମିବାଡିକୁ ନେଇ ୨ପରିବାର ମଧ୍ୟରେ ଗଣ୍ଡଗୋଳ

**ରେଢାଖୋଲ, ୪।୩(ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ ସହର ଖନ୍ଦାଡିପ ସାହିରେ ଜମିବାଡିକୁ ନେଇ ୨ଟି ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉଭୟ ପରିବାରର ୨ ଭାଇଙ୍କ ମଧ୍ୟରେ ସୋମବାର ସକାଳେ ଟାଙ୍ଗିଆରେ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଖନ୍ଦାଡିପ ସାହିର ସ୍ୱର୍ଗତ ହରି ନାଏକଙ୍କ ନାମରେ ଥିବା ଜମି ତାଙ୍କ ୨ ପୁଅ ଅଚ୍ୟୁତ ନାଏକ ଓ ଡମ୍ବରୁ ନାଏକ ଚାଷବାସ କରିଆସୁଥିଲେ। ଗତ ପ୍ରାୟ ୮ମାସ ହେବ ସେହି ସାହିର ପ୍ରଫୁଲ୍ଲ ଜେନାଙ୍କ ୨ପୁଅ ସୁଶାନ୍ତ ଓ ସୁଶିଳ ଯୋରଜବରଦସ୍ତ ନାଏକ ପରିବାରର ଜମିରେ ବନ୍ଧ ଖୋଳିଦେଇଥିଲେ। ଏ ନେଇ ଅଚ୍ୟୁତ ନାଏକ ଅନେକ ଥର ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ କୋର୍ଟରେ ଆଶ୍ରୟ ନେବାକୁ ପରାମର୍ଶ ଦେଇଥିଲେ। ଏପରିକି ଅଚ୍ୟୁତ ନାଏକ ତହସିଲଦାରଙ୍କ ନିକଟରେ ଜମି ଡିମାରକେସନ କରିବାକୁ ମଧ୍ୟ ଆବେଦନ କରି ନିରାଶ ହୋଇଥିଲେ। ପରେ ଜିଲାପାଳଙ୍କ ଠାରେ ଅଭିଯୋଗ କରି ମଧ୍ୟ ନିରାଶ ହେବା ପରେ ଚୁପ ରହିଥିଲେ। ତେବେ ଏହି ଘଟଣାକୁ ନେଇ ସୋମବାର ସକାଳେ ସୁଶିଳ ଓ ସୁଶାନ୍ତ ଜେନା ଟାଙ୍ଗିଆ ଧରି ଡମ୍ବରୁ ନାଏକଙ୍କ ଘରକୁ ପଶି ଡମ୍ବରୁଙ୍କୁ ଆକ୍ରମଣ କରିଥିବା ନେଇ ତାଙ୍କ ସ୍ତ୍ରୀ ଦିପିକା ନାଏକ ରେଢାଖୋଲ ଥାନାରେ ଅଭିଯୋଗ କରିଥିବାବେଳେ ସୁଶାନ୍ତଙ୍କ ମା' କ୍ଷୀରାବ୍ଧି ଜେନା ତାଙ୍କ ପୁଅ ସୁଶିଳଙ୍କୁ ଡମ୍ବରୁ ଓ ଅଚ୍ୟୁତ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ପରିବାରର ଅଭିଯୋଗକୁ ନେଇ ୫୫ ଓ ୫୬ ନମ୍ବରରେ ୨ଟିପୃଥକ ମାମଲା ରୁଜୁ କରିଛି। ଉଭୟ ପକ୍ଷଙ୍କୁ ଥାନାକୁ ଡାକି ତଦନ୍ତ କରୁଥିବା ଜଣାପଡିଛି।

## ୩୭ ବର୍ଷ ପରେ ଏକାଠି ହେଲେ, ଖୁସି ବାଣ୍ଟିଲେ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏକାଠି ହୋଇଛନ୍ତି।

**ନାକଟିଦେଉଳ,୪।୩(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାମୁରା ସାଲେଇଡିପ ଉଚ୍ଚ ବିଦ୍ୟାଳୟର ୧୯୮୬ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିନି ପାର୍କ ଠାରେ ରବିବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦୀର୍ଘ ୩୭ ବର୍ଷ ପରେ ପୁରାତନ ଛାତ୍ରୀଛାତ୍ର ଏକାଠି ହୋଇ ନିଜ ଭିତରେ ଖୁସି ବାଣ୍ଟିଥିଲେ। ୧୯୮୬ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ର ଦୁର୍ଯ୍ୟୋଧନ ପ୍ରଧାନ, ଅଶୋକ କୁମାର ଅଗ୍ରୱାଲା, ମନୋଜ କୁମାର ଷଡ଼ଙ୍ଗୀ, ଲମ୍ବୋଦର ଦାଶ ଏବଂ ବିଜୟ କୁମାର ପ୍ରଧାନଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟରେ ପାଠପଢା ସମୟର ଅନୁଭୂତିକୁ ବର୍ଣ୍ଣନା କରିବା ସହିତ ନିଜ ଭିତରେ ଭାବର ଆଦାନ ପ୍ରଦାନ କରିଥିଲେ। ଏଥିସହିତ ପୁରୁଣା ଦିନର ସ୍ମୃତିଗୁଡ଼ିକୁ ସବୁ ରୋମନ୍ଥନ କରିଥିଲେ। ଏହି ଅବସରରେ ଆୟୋଜକମାନଙ୍କ ପକ୍ଷରୁ ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା। ଅନ୍ୟ ପକ୍ଷରେ ଏହିପରି ବନ୍ଧୁମିଳନ କାର୍ଯ୍ୟକ୍ରମ ଚଳିତବର୍ଷ ପରି ପ୍ରତିବର୍ଷ ପାଳନ କରାଯିବା ସହ ସମସ୍ତେ ସମସ୍ତଙ୍କର ସୁଖଦୁଃଖରେ ଏକାଠି ହେବାକୁ ସଂକଳ୍ପ ନେଇଥିଲେ।

## ପଞ୍ଚଖଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ: ଅଙ୍ଗାବିରା ଚାମ୍ପିୟନ

**ନାକଟିଦେଉଳ, ୪।୩(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜାମୁଯୋରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଡ଼ାନାଲୀ ଗ୍ରାମର କୁଡ଼ାନାଲୀ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ପଞ୍ଚଖଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଙ୍ଗାବିରା ଦଳ ଚାମ୍ପିୟନ ହୋଇଛି। ଗତ ୨୦ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ସମୁଦାୟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଅଙ୍ଗାବିରା ଏବଂ ଛେଣ୍ଡିପଦା ମଧ୍ୟରେ ଆୟୋଜିତ ହୋଇଥିଲା। ଟସ୍ ଜିଣି ଅଙ୍ଗାବିରା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୨ଟି ଉଇକେଟ ହରାଇ ୧୧୩ରନ୍ ସଂଗ୍ରହ କରିଥିଲେ। ଜବାବରେ ଛେଣ୍ଡିପଦା ଦଳ ୧୦ ଓଭରରେ ସମୁଦାୟ ଉଇକେଟ ହରାଇ ୮୪ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଟୁର୍ନାମେଣ୍ଟରେ ଅଙ୍ଗାବିରା ଦଳର ରାହୁଲ କୁମାରଙ୍କୁ ଉଭୟ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ ରାହୁଲ କୁମାର ପ୍ରଧାନ ଏବଂ ବିଭୂତି ପାତ୍ର। ମନୋଜ କୁମାର ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମୀନକେତନ ପ୍ରଧାନ, ପୂର୍ବତନ ସମିତିସଭ୍ୟ ଲଳିତା ମାଝି, ଉଗ୍ରସେନ ମାଝି ପ୍ରମୁଖ ଯୋଗଦେଇ ବିଜେତା ଅଙ୍ଗାବିରା ଏବଂ ଉପବିଜେତା ଛେଣ୍ଡିପଦା ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଶେଷରେ ସୁଦାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ କାହ୍ନା ମାଝି, ଚିକୁ ମାଝି, ଲିକୁ ପ୍ରଧାନ, ନଗେନ ମାଝି, ସୁମନ୍ତ ଦେହୁରୀ ଏବଂ ସୁବ୍ରତ ଦେହୁରୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ପଞ୍ଚଖଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# ସାଇକେଲରେ ୨୦ ହଜାର କିଲୋମିଟର ଯାତ୍ରା

**ସମ୍ବଲପୁର, ୪।୩ (ଭବାନୀଶଙ୍କର ଭୋଇ)**

ପରିବେଶ ସଚେତନତା ଲକ୍ଷ୍ୟ ରଖି ଦେଢବର୍ଷ ତଳେ ବରଗଡ ନୂଆଗଡରୁ ବାହାରିଥିବା ନନ୍ଦିଘୋଷ ଖମାରୀ ଏହା ଭିତରେ ୨୦ ହଜାର କିଲୋମିଟର ସାଇକେଲରେ ଯାତ୍ରା କରି ସାରିଛନ୍ତି। ତାଙ୍କର ସାଇକେଲ ଯାତ୍ରା ଭିତରେ ସେ ବୁଲିଛନ୍ତି ୨୮ଟି ରାଜ୍ୟ। ଦେଶଭ୍ରମଣ କରି ସୋମବାର ସମ୍ବଲପୁର ପହଞ୍ଚିଥିବା ଅବସରରେ ତାଙ୍କୁ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କୁଲତା ସମାଜର ସମ୍ବଲପୁରର ସଭାନେତ୍ରୀ ଯଶୋବନ୍ତୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଦେବଉମ ପଧାନ, ହାରାଧନ ପଧାନ, ଅଭିରାମ ଖମାରୀ, ସମାରୁ ବାରିକ, କ୍ଷୀରୋଦ ପଧାନ, ନିର୍ମଳ ପଧାନ, ଚୁଡାମଣୀ ବାରିକ, ବିବେକା ଭୋଇ, ଆଲୋକ ସାହୁ, ଦେବଦତ୍ତ ସାହୁ, ଅକ୍ଷୟ ପଧାନ, ହାରାଧନ ଭୋଇ, ପ୍ରବୀଣ ବାରିକ, ମଧୁସୂଦନ ଭୋଇ ପ୍ରମୁଖ ଉପସ୍ଥିତ ରହି ସାଇକେଲ ଯାତ୍ରୀ ନନ୍ଦିଘୋଷ ଖମାରୀଙ୍କୁ ସ୍ୱାଗତ କରିଥିଲେ। ମନ୍ଦିର ପୂଜକ ସୁଦାମ ପଧାନ ଏବଂ ଦେବୀପ୍ରସାଦ ଭୋଇ ରଣେଶ୍ୱର ରାମଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ନନ୍ଦିଘୋଷ ତାଙ୍କର ଦେଢବର୍ଷର ସାଇକେଲ ଯାତ୍ରାର



ନନ୍ଦିଘୋଷ ଖମାରୀଙ୍କୁ ସମ୍ବଲପୁରରେ ସ୍ୱାଗତ କରାଯାଉଛି।

ଅଭିଜ୍ଞତା ବିଷୟରେ କହିଥିଲେ। ସାଇକେଲର ଅଧିକ ବ୍ୟବହାର ପରିବେଶ ସହ ମଣିଷକୁ ମଧ୍ୟ ସୁସ୍ଥ ରଖିବ ବୋଲି ସେ କହିଥିଲେ। ନନ୍ଦିଘୋଷଙ୍କ ବାପା ତପୋଧନ ଖମାରୀ ଜଣେ କ୍ଷୁଦ୍ର ଚାଷୀ ଏବଂ ମା' ଦ୍ରୌପଦୀ ଖମାରୀ ଜଣେ ଗୃହିଣୀ। ତିନି ଭାଇ ଭଉଣୀ ଭିତରେ ସବା ସାନ ନନ୍ଦିଘୋଷ ସାଇକେଲରେ ଦେଶ ଭ୍ରମଣ କରିବା ସ୍ୱପ୍ନ ପୂରଣ କରିବାକୁ ୨୦୨୨ମସିହା ସେପ୍ଟେମ୍ବର ୫ରେ ନୂଆଗଡ଼ ଗାଁରୁ ବାହାରିବା ସମୟରେ କେବେ ଘରକୁ ଫେରିବେ ତାହା ଜାଣି ନ ଥିଲେ। ତେବେ ନିଜର ସଂକଳ୍ପ ବଳରେ ସେ ଦେଢବର୍ଷ ହେବ ବିଭିନ୍ନ ରାଜ୍ୟ ବୁଲି ପରିବେଶ ସଚେତନତାର ବାର୍ତ୍ତା ପ୍ରଚାର କରିପାରିଛନ୍ତି। ନିଜର ଯାତ୍ରା ଭିତରେ ସେ ବିଭିନ୍ନ ଥାନା, ସ୍କୁଲ, ମନ୍ଦିର, ମସଜିଦ ଗୀର୍ଜାଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ରାତ୍ରୀ ଯାପନ କରିଥିବା କହିଥିଲେ। ବିଶେଷକରି ମହାରାଷ୍ଟ୍ରରେ ସାଇକେଲ ପ୍ରତି ଅଧିକ ଆଗ୍ରହ ରହିଥିବାବେଳେ ଭାରତର ଚାରିଆଡେ ସମ୍ବଲପୁରୀ ଗୀତ ଏବଂ ନାଚ ପ୍ରତି ଲୋକଙ୍କ ଆଗ୍ରହ ରହିଥିବା ନନ୍ଦିଘୋଷ କହିଛନ୍ତି। ଲୋକେ ସମ୍ବଲପୁରୀ ଭାଷା ବୁଝି ନ ପାରିଲେ ମଧ୍ୟ ଭାଷାର ଲାଳିତ୍ୟ ଏବଂ ସମ୍ବଲପୁରୀ ବଜାକୁ ବେଶ ଉପଭୋଗ କରୁଥିବା ସେ କହିଛନ୍ତି। ଖରା, ବର୍ଷା, ଶୀତ ବର୍ଷର ସବୁ ସମୟରେ ସେ ସାଇକେଲ ଚଳାଇ ନିଜ ଯାତ୍ରାକୁ ଆଗକୁ ବଢାଇ ଆସିଛନ୍ତି। ପ୍ରତି ରାଜ୍ୟରେ ପ୍ରାୟ ପନ୍ଦର ଦିନ ସମୟ ରହିବା ସହ ସେଠାକାର ଖାଦ୍ୟପେୟ, ଭାଷା, ସଂସ୍କୃତି ବିଷୟରେ ଅବଗତ ହୋଇପାରିଥିବା କହିଛନ୍ତି। ୨୬ ବର୍ଷୀୟ ନନ୍ଦିଘୋଷ ୨୮ଟି ରାଜ୍ୟ ଭ୍ରମଣ ସମୟରେ ପରିବାରଠାରୁ ଦେଢବର୍ଷ ହେବ ଦୂରରେ ରହିଛନ୍ତି। ତେବେ ସେ ନିଜ ଅଭିଯାନକୁ ଆଗକୁ ବଢାଇବା ସହ ବହୁ ଯୁବକ ପାଇଁ ପ୍ରେରଣା ପାଲଟିଛନ୍ତି।

# ଝଡ଼ର ଇଗଲ



ସମଗ୍ର ଦେଶରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ପ୍ରାୟ ଅଢ଼େଇ ବର୍ଷ ପୂର୍ବରୁ ତାକୁ ଏଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ କାର୍ଯ୍ୟକାରୀ କରିଥିଲେ ଏକ ନୂଆ ରୂପରେ। ଆଇନରେ ବ୍ୟାପକ ସଂଶୋଧନ ଆଣି ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ରଖିଥିଲେ ୩୩% ଆସନ ସଂରକ୍ଷଣ ବ୍ୟବସ୍ଥା। ଅର୍ଥାତ୍ କ୍ଷମତା ବିକେନ୍ଦ୍ରୀକରଣ ଓ ମହିଳାଙ୍କୁ ସୁରକ୍ଷା

## ପଞ୍ଚାୟତିରାଜ ଦିବସ ଓ ବିଜୁବାବୁ

ଏବଂ ସମ୍ମାନ ପ୍ରଦାନ କ୍ଷେତ୍ରରେ ସେ ଥିଲେ ଭାରତବର୍ଷର ଜଣେ ଅଗ୍ରଗଣ୍ୟ ଓ ଦୃଷ୍ଟାନ୍ତ ସୃଷ୍ଟିକାରୀ ନେତା। ଏହି କାରଣରୁ ତାଙ୍କ ଜନ୍ମ ଦିବସକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଲେ ଏବଂ ସେବେଠାରୁ (୧୯୯୩) ପ୍ରତିବର୍ଷ ମାର୍ଚ୍ଚ ୫ ତାରିଖରେ ପାଳନ କରାଯାଉଛି ପଞ୍ଚାୟତିରାଜ ଦିବସ।

ବେଳେବେଳେ ମହାକାଳକୁ ଚକିତ କରି ଏମିତି ଜଣେ ଜଣେ ଯୋଗଜନ୍ମା ପୁରୁଷ ଜନ୍ମ ନିଅନ୍ତି, ଯିଏ ନିଜର ଅସାଧାରଣ ବ୍ୟକ୍ତିତ୍ୱ ବଳରେ ଇତିହାସ ସୃଷ୍ଟି କରନ୍ତି, ଇତିହାସକୁ ବଦଳାଇ ଦିଅନ୍ତି ଏବଂ ଇତିହାସ ନିର୍ମାଣ ପାଇଁ ଉତ୍ତର ପୁରୁଷଙ୍କ ଆଖିରେ ଭରିଦିଅନ୍ତି ଅସରନ୍ତି ସ୍ୱପ୍ନ। ସେମାନଙ୍କ କୀର୍ତ୍ତିକୁ ଧାରଣା କରି ଧନ୍ୟ ହୁଏ ଇତିହାସ। ସେହିଭଳି ଜଣେ ବଳିଷ୍ଠ ଓ ଗରିଷ୍ଠ ଜାତିପ୍ରାଣ ବ୍ୟକ୍ତିତ୍ୱ ଥିଲେ କଳିଙ୍ଗବୀର ବିଜୁ ପଟ୍ଟନାୟକ। ତାଙ୍କ ନାମ ଉଚ୍ଚାରଣ ମାତ୍ରକେ ଓଡ଼ିଆଙ୍କ ଆଖି ଆଗରେ ନାଚିଯାଏ ଶିଖର ଛୁଇଁଥିବା ଜଣେ ଉତ୍ତୁଙ୍ଗ ମଣିଷର ଛବି। ପଢ଼ିଆରେ ଫୁଟବଲ ଖେଳିବାଠାରୁ ଆକାଶରେ ବିମାନ ଉଡ଼ାଇବା ପର୍ଯ୍ୟନ୍ତ ସବୁଥିରେ ସେ ଥିଲେ ସାହସୀ, ଧୁରନ୍ଧର ଓ ଦୁର୍ଦ୍ଧର୍ଷ। ନିଜର ଘଟଣାବହୁଳ ଜୀବନରେ ସେ ପିଲାଟିବେଳୁ ଏମିତି କିଛି କାମ କରି ଯାଇଛନ୍ତି, ଯାହା କେବଳ ତାଙ୍କରି ଦ୍ୱାରା ସମ୍ଭବ ଏବଂ ସେହି କାରଣରୁ ତାଙ୍କ ଦୁଃସାହସ, ନିର୍ଭୀକତା ଓ ଦେଶପ୍ରେମକୁ କେନ୍ଦ୍ର କରି ଗଢ଼ିଉଠିଛି ଅନେକ କାହାଣୀ ଓ କିମ୍ବଦନ୍ତୀ। ୧୯୨୩ ମସିହା ଘଟଣା। ସେତେବେଳେ ସେ ସାତ ବର୍ଷ ବୟସର ଚପଳ ବାଳକ। କେଇଦିନ ଧରି ପେଟରେ ଅନୁଭବ କଲେ ଯନ୍ତ୍ରଣା। କ୍ରମଶଃ ଯନ୍ତ୍ରଣା ବଢ଼ିବାକୁ ଲାଗିଲା ଏବଂ ତାହା ଅସହ୍ୟ ହେବାରୁ ବ୍ୟସ୍ତବିବ୍ରତ ହୋଇ ପଡ଼ିଲେ ମାତା ଆଶାଲତା ଦେବୀ ଓ ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ। ପୁଅକୁ ଡାକ୍ତରଖାନା ନେବାରୁ ଜଣାପଡ଼ିଲା ଆପେଣ୍ଡିସାଇଡ୍ ଫାଟିଯାଇଛି, ଯାହା ତୁରନ୍ତ ଅପରେଶନ ହେବା ଦରକାର। ମାତ୍ର ସେଠାରେ ତତ୍କାଳ ନିଶ୍ଚେତକ ବ୍ୟବସ୍ଥା ଉପଲବ୍ଧ ହୋଇ ନ ପାରିବା କାରଣରୁ ଚିନ୍ତିତ ହୋଇପଡ଼ିଲେ କର୍ତ୍ତବ୍ୟରତ ଡାକ୍ତର। ବିନା ନିଶ୍ଚେତକରେ ଅପରେଶନ କଲେ ପିଲା କଷ୍ଟ ସହିପାରିବ କି ନାହିଁ ତାହାହିଁ ଥିଲା ତାଙ୍କ ପାଇଁ ଚିନ୍ତାର କାରଣ। ବାଳକ ବିଜୁ ଅବସ୍ଥାର ଗୁରୁତ୍ୱ ଉପଲବ୍ଧି କରିନେଇଥିଲେ ଏବଂ ଖୁବ୍ ନିର୍ଭୀକତାର ସହିତ ଡାକ୍ତରଙ୍କୁ କହିଥିଲେ, ଆପଣ ଅପରେଶନ କରନ୍ତୁ, ମୁଁ ପ୍ରସ୍ତୁତ। ପିଲାଟିର ଏଭଳି ସାହସ ଦେଖି ଡାକ୍ତର ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ଅପରେଶନ ପରେ କହିଥିଲେ ବ୍ରେଭ ଆଣ୍ଡ ଡେୟାରିଂ ବୟ।

୧୯୨୬ ମସିହା କଥା। ମହାତ୍ମା ଗାନ୍ଧୀଙ୍କୁ ଦେଖିବା ପାଇଁ ସେ ପହଞ୍ଚିଗଲେ କଟକ ସ୍ୱରାଜ ଆଶ୍ରମରେ। ଭିଡ଼ ଠେଲି ଆଗକୁ ଯିବାବେଳେ ତାଙ୍କ ପିଠିରେ ବାଜିଲା ଫିରିଙ୍ଗୀ ପୋଲିସର ଲାଠି ପ୍ରହାର। ପୋଲିସର ଏଭଳି ନିର୍ମମ ଆଚରଣ ସେଦିନ ତାଙ୍କ ପ୍ରାଣକୁ ଏମିତି ଆଘାତ ଦେଲା ଯେ, ସେ ଖୋଜି ବସିଲେ ପ୍ରତିବାଦର ଉପାୟ। ମନେମନେ ପ୍ରତିଜ୍ଞା କଲେ ବଡ଼ ହେଲେ ସେ ଏମିତି ଦୁର୍ଦ୍ଧର୍ଷ ହେବେ, ଯା'ଦେଖି ପୋଲିସ ତାଙ୍କ ଉପରେ ଅଜାଡ଼ି ଦେବ ପ୍ରଶଂସା। ସତକୁ ସତ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ସୈନ୍ୟଙ୍କ କବଳରୁ ଗୋରା ପରିବାରକୁ ଦକ୍ଷତାର ସହିତ ଉଦ୍ଧାର କରିବା କ୍ଷେତ୍ରରେ ସେ ଯେଉଁ ସାହସିକତା ପ୍ରଦର୍ଶନ କଲେ, ସେଥିରେ ଅଭିଭୂତ ହୋଇ ତାଙ୍କୁ ମେଡାଲ ପିନ୍ଧେଇ ସମ୍ବର୍ଦ୍ଧିତ କଲେ ତତ୍କାଳୀନ ଭାଇସ୍‌ରାୟଙ୍କ ପତ୍ନୀ। ଏକଦା ଡଙ୍ଗାରେ ରିଲିଫ୍ ସାମଗ୍ରୀ ନେଇ କନିକା ବନ୍ୟାଞ୍ଚଳକୁ ଯାଉଥିଲେ ଉତ୍କଳମଣି ଗୋପବନ୍ଧୁ ଦାଶ। ସାଥିରେ ଥିଲେ ୧୨ ବର୍ଷର ବାଳକ ବିଜୁ ପଟ୍ଟନାୟକ ଓ ଅନ୍ୟ କେତେ ଜଣ ସ୍ୱେଚ୍ଛାସେବୀ। ନଈ ମଝିରେ ଗୋପବନ୍ଧୁ ଧରିଥିବା ଛତାଟି ଡଙ୍ଗାରୁ ପାଣି ଭିତରକୁ ଖସିପଡ଼ିଲା ଅସାବଧାନତାବଶତଃ। ଭଉଁରି କାଟୁଥିବା ନଈ ଭିତରକୁ ସହସା ଲମ୍ଫଦେଇ ଛତାଟିକୁ ଉଠାଇ ଆଣିଲେ ବାଳକ ବିଜୁ। ଚକିତ ହୋଇ ନଈକୁ ଚାହିଁଥା'ନ୍ତି ପଣ୍ଡିତ ଗୋପବନ୍ଧୁ ଓ ଅନ୍ୟମାନେ। ସେମାନଙ୍କ ଉଦ୍‌ବେଗକୁ ଲକ୍ଷ୍ୟ କରି କହିଲେ– ଏ ଛତା ସାଧାରଣ ଛତା ନୁହେଁ, ଦାସେ ଆପଣଙ୍କ ଛତା। ଏହି ଛତା ସହିତ ଯୋଡ଼ି ହୋଇ ରହିଛି ଓଡ଼ିଆଙ୍କ ସେବା ଓ ତ୍ୟାଗର ସଂସ୍କୃତି। ତେଣୁ ମୋ ଆଖି ଆଗରେ ସେ ଛତା ଭାସିଯିବ, ମୁଁ ନିରବରେ ଦେଖିଥାଆନ୍ତି କେମିତି?

କିଲା ପଡ଼ିଆରେ ଅବତରଣ କରୁଥିବା ବିମାନକୁ ଛୁଇଁବାକୁ ଯାଇ ଯେଉଁଦିନ ସେ ଗୋରା ସାହେବଠାରୁ ମାଡ଼ ଖାଇଥିଲେ, ସେଦିନ ତାଙ୍କ ମନକୁ ଘାରିଲା ନିଜେ ଉଡ଼ାଜାହାଜ ଉଡ଼େଇବାର ନିଶା। ତେଣୁ ଏକ ପ୍ରତିଜ୍ଞାବଦ୍ଧ ପ୍ରୟାସ ନେଇ ସେ ଇରୋନେଟିକ୍ ଇଞ୍ଜିନିୟରିଂ ପଢ଼ିଲେ ଏବଂ ଜଣେ ଦୁର୍ଦ୍ଧର୍ଷ ବୈମାନିକ ଭାବରେ ବିମାନ ଚାଳନା କରି ସୃଷ୍ଟିକଲେ ଗୋଟିଏ ପରେ ଗୋଟିଏ ଇତିହାସ। ୧୯୪୨ ମସିହା ଜୁଲାଇ ୨୩ ତାରିଖ ବର୍ଷାଭିଜା ସକାଳ। କଲିକତା ଏୟାର୍‌ପୋର୍ଟରୁ ଉଡ଼ିବାକୁ ପ୍ରସ୍ତୁତ ହେଉଥାଏ ତାଙ୍କ ଡାକୋଟା ବିମାନ। ଆକାଶରେ ଚାଲିଥାଏ ମାଳମାଳ ଭସା ବାଦଲର ଲୁଚକାଳି ଖେଳ। ଧୀରେ ଧୀରେ ବଢୁଥାଏ ପବନର ବେଗ। ପାଇଲଟ୍‌କୁ ସତର୍କ କରାଇଦେବା ଉଦ୍ଦେଶ୍ୟରେ ଜଣେ କେହି କହିଲେ ଖୁବ୍ ପ୍ରବଳ ବେଗରେ ମାଡ଼ିଆସୁଛି ଝଡ଼। ଉଡ଼ାଣ ଭରିବା ଆଗରୁ ସୂଚନାଦାତାଙ୍କ ଉଦ୍ଦେଶ୍ୟରେ ତାଙ୍କ ପାଟିରୁ ସ୍ୱତଃ ବାହାରି ପଡ଼ିଲା ବିଜୁର ବିମାନ ଉଡ଼େ ଝଡ଼ର ଉପରେ। ତା'ପରେ ବିମାନ ନେଇ ସେ ଉଡ଼ିଗଲେ ଆକାଶର ମଥାନ ଉପରକୁ। ସାଧାରଣତଃ ପକ୍ଷୀମାନେ ଝଡ଼ର ସୂଚନା ପାଇଲେ ଉଡ଼ିଯାଆନ୍ତି ନିରାପଦ ସ୍ଥାନକୁ। ମାତ୍ର ଝଡ଼ ଆସୁଛି ବୋଲି ଜାଣି ସୁଦ୍ଧା ଇଗଲ୍ କେବଳ ଆକାଶରେ ଉଡ଼ିପାରେ ନିର୍ଭୀକ ଭାବରେ। ଝଡ଼ର ବେଗ ଯେତିକି ବଢ଼େ, ସେତିକି ଉପରକୁ ଉଠେ ଇଗଲ୍। ସେଦିନ ଠିକ୍ ସେମିତି ଝଡ଼ ବତାସକୁ ଫୁତ୍‌କାରରେ ଉଡ଼ାଇ ଦେଇ କଲିକତାରୁ ଜାଭାରେ ପହଞ୍ଚି ଯାଇଥିଲା ତାଙ୍କ ଡାକୋଟା ବିମାନ। ସେଠାରେ ଡଚ୍ ସେନା ଆଖିରେ ଆଙ୍ଗୁଠି କେଞ୍ଚି ଇଣ୍ଡୋନେସିଆର ଦୁଇ ତୁଙ୍ଗ ନେତା ସନତ ସହରିନ ଓ ମହମ୍ମଦ ହାଟ୍ଟାଙ୍କୁ ଉଡ଼ାଇ ଆଣିଥିଲେ ନୂଆଦିଲ୍ଲୀ। ଏଭଳି ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କୁ ମିଳିଥିଲା ଇଣ୍ଡୋନେସିଆର ସର୍ବୋଚ୍ଚ ପୁରସ୍କାର 'ଭୂମିପୁତ୍ର' ଉପାଧି। ସେ ହିଁ ଥିଲେ ପ୍ରଥମ ଭାରତୀୟ, ଯିଏ ଅଶାନ୍ତ କଶ୍ମୀର ଉପତ୍ୟକାରେ ଯୁଦ୍ଧ ବିମାନ ଅବତରଣ କରାଇ ଦୂର କରିଥିଲେ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ଚିନ୍ତା।

ବିଜୁବାବୁ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ତାଙ୍କର ଅଭିଳଷିତ ସ୍ୱପ୍ନ ଥିଲା ଓଡ଼ିଶାର ବିକାଶ। ତା'ର ରୂପରେଖ ଆଙ୍କିବାକୁ ଯାଇ ସେ କହୁଥିଲେ ରାଜ୍ୟର ପ୍ରତ୍ୟେକ ଲୋକଙ୍କ ମୁଣ୍ଡ ଉପରେ ଖଣ୍ଡିଏ ଭଲ ଛାତ, ସବୁ ପରିବାରକୁ ପିଇବା ପାଣି, ସବୁ ପିଲାଙ୍କ ପାଇଁ ଭଲ ସ୍କୁଲ ଓ ସମସ୍ତଙ୍କ ପାଇଁ ମାଗଣାରେ ଭଲ ସ୍ୱାସ୍ଥ୍ୟସେବା ଇତ୍ୟାଦି ଯୋଗାଇବା ଥିଲା ତାଙ୍କର ଲକ୍ଷ୍ୟ। ଏଥିସହ ଚାହୁଁଥିଲେ ଓଡ଼ିଆ ଜାତି ତା'ର ନିଜର କୃତିତ୍ୱକୁ ନେଇ ବିଶ୍ୱ ଦରବାରରେ ସୃଷ୍ଟି କରୁ ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା। ଏଭଳିବଡ଼ ବଡ଼ ସ୍ୱପ୍ନ ଦେଖିବାର ଭରପୂର ଲକ୍ଷ୍ୟ ନେଇ ସେ ରବୀନ୍ଦ୍ରନାଥ ଟାଗୋରଙ୍କ ଉକ୍ତିକୁ ଉଦ୍ଧାର କରି କହନ୍ତି– ''ଯେତେବେଳେ ବି ସ୍ୱପ୍ନ ଦେଖିବ ବଡ଼ବଡ଼ ସ୍ୱପ୍ନ ଦେଖ। କେବଳ ବଡ଼ବଡ଼ ସ୍ୱପ୍ନ ଦେଖିଲେ ବଡ଼ବଡ଼ କାର୍ଯ୍ୟ କରିହେବ।''

ରାଜନୀତିରେ ବିଜୁବାବୁ ଥିଲେ ଜଣେ ଭିନ୍ନ ବ୍ୟକ୍ତିତ୍ୱ। ଓଡ଼ିଶାର ପ୍ରାୟ ଏମିତି କୌଣସି ଅଞ୍ଚଳ ନାହିଁ, ଯେଉଁଠି ପଡ଼ିନାହିଁ ତାଙ୍କ ପାଦ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ବା କେନ୍ଦ୍ରମନ୍ତ୍ରୀ ଭାବରେ ବିଜୁ ପଟ୍ଟନାୟକ ଦୀର୍ଘକାଳ ଧରି କ୍ଷମତାସୀନ ନ ଥିଲେ ସତ, ମାତ୍ର ଜଣେ ମହାନ୍ ଜନନାୟକ ଭାବରେ ଲୋକଙ୍କ ହୃଦୟ ଭିତରେ ସେ ଅଛନ୍ତି ଓ ରହିବେ କାଳ କାଳ ପାଇଁ।

**–ଡ. ପ୍ରଫୁଲ୍ଲ କୁମାର ସାହୁ**
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪



ପତ୍ନୀ ଜ୍ଞାନ ପଟ୍ଟନାୟକ, ପୁତ୍ର ନବୀନଙ୍କ ସହ ବିଜୁ ପଟ୍ଟନାୟକ।

# କର୍ମଭୂମି କେନ୍ଦ୍ରାପଡ଼ା

ବିଜୁ ପଟ୍ଟନାୟକ ଓ କେନ୍ଦ୍ରାପଡ଼ା, ନିବିଡ଼ ସମ୍ପର୍କର ଅନ୍ୟତମ ଉଦାହରଣ। ବିଜୁବାବୁଙ୍କ ରାଜନୈତିକ ଜୀବନ ପ୍ରସଙ୍ଗ ଉଠିଲେ କେନ୍ଦ୍ରାପଡ଼ା ନିଶ୍ଚିତ ସାମ୍ନାକୁ ଆସିବ। ଅଫୁରନ୍ତ ସ୍ନେହ ମାଧ୍ୟମରେ କେନ୍ଦ୍ରାପଡ଼ା ବିଜୁବାବୁଙ୍କ ରାଜନୈତିକ ବ୍ୟକ୍ତିତ୍ୱକୁ କରିଛି ଉଚ୍ଚାଙ୍ଗ। ୧୯୭୧ରେ ଭଞ୍ଜନଗର ସମେତ ୪ ବିଧାନସଭାରେ ପ୍ରାର୍ଥୀ ହୋଇଥିଲେ ବିଜୁବାବୁ, ମାତ୍ର ସବୁଠି ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଦଳୀୟ ଜିତାପଟ ହୋଇଥିଲେ ମଧ୍ୟ ସେ ମୁଖ୍ୟମନ୍ତ୍ରୀ ହୋଇ ପାରି ନ ଥିଲେ। ବିଶ୍ୱନାଥ ଦାସ ମୁଖ୍ୟମନ୍ତ୍ରୀ ହୋଇଥିଲେ। ବିଜୁବାବୁଙ୍କ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ କେନ୍ଦ୍ରାପଡ଼ା ଜିଲାବାସୀ ତାଙ୍କ ଉତ୍ସାହ ବଢ଼ାଇଥିଲେ। ତତ୍କାଳୀନ ସମୟରେ ଅପ୍ରତିଦ୍ୱନ୍ଦ୍ୱୀ ନେତା ପ୍ରହଲ୍ଲାଦ ମଲ୍ଲିକ ୨ଟି ସ୍ଥାନରୁ ବିଜୟୀ ହୋଇଥିବାରୁ ଇସ୍ତଫା ପରେ ଉପ ନିର୍ବାଚନରେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୁବାବୁ ଜିତିଥିଲେ। ଓଡ଼ିଶାର ମୁକୁଟବିହୀନ ରାଜନେତାଙ୍କୁ ଜିଲାବାସୀଙ୍କ ଏହି ରାଜନୈତିକ ସହଯୋଗ ବନ୍ଧୁ ଭାବେ ଗ୍ରହଣ କରିଥିଲା। ୧୯୭୧ର ସାମୁଦ୍ରିକ ଝଡ଼ ସମୟରେ ବିଜୁବାବୁ ଖାତିର ନ କରି ସାତଭାୟା, କାନପୁର ସମେତ ଉପାନ୍ତ ଅଞ୍ଚଳର ବିଭିନ୍ନ ସ୍ଥାନକୁ ଗସ୍ତ କରିଥିଲେ। ଅଞ୍ଚଳକୁ ସଜାଡିବାରେ ତାଙ୍କର ଅନବରତ ପ୍ରୟାସ ରହିଥିଲା। ୧୯୭୪ରେ ମୋଟ ୬୧,୯୯୦ ଭୋଟରୁ ୩୯,୮୮୧ ଖଣ୍ଡ ଭୋଟ ହାତେଇଥିଲେ। ୧୯୭୭ ନିର୍ବାଚନରେ କେନ୍ଦ୍ରାପଡ଼ା ଲୋକ ସଭାକୁ ପ୍ରତିନିଧିତ୍ୱ କରି ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ମନ୍ତ୍ରିମଣ୍ଡଳରେ ଖଣି ଓ ଇସ୍ପାତ ମନ୍ତ୍ରୀ ହୋଇଥିଲେ। ଯୁବଶକ୍ତିଙ୍କ ଉପରେ ବିଜୁବାବୁ ଭରସା କରିଥିଲେ। ତାଙ୍କର ପ୍ରେରଣାରେ ବହୁ ଯୁବନେତା ଜିଲା ବିକାଶ ପାଇଁ ଆଗଭର ହୋଇଥିଲେ। ୧୯୮୦ରେ ସେ କେନ୍ଦ୍ରାପଡ଼ା ଲୋକ ସଭା ଓ ପାଟକୁରା ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। ପରେ ବିଜୟ ମହାପାତ୍ରଙ୍କୁ ପାଟକୁରା ବିକାଶ ପାଇଁ ବାଛିଥିଲେ। ୧୯୮୪ରେ ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ହୋଇଥିଲା। ସମଗ୍ର ଦେଶରେ କଂଗ୍ରେସ ପ୍ରତି ସମର୍ଥନର ସୁଅ ଥିଲା। ତେବେ କେନ୍ଦ୍ରାପଡ଼ାବାସୀ ବିଜୁବାବୁଙ୍କୁ ବିଜୟୀ କରାଇଥିଲେ। କେନ୍ଦ୍ରାପଡ଼ା ସହର ମୀରପାଟଣାର ଦୀନବନ୍ଧୁ ସାହୁ ଥିଲେ ତାଙ୍କର ପରାମର୍ଶଦାତା। କର୍ମଭୂମି ଭାବେ କେନ୍ଦ୍ରାପଡ଼ାର ବିକାଶ ପାଇଁ ଜିଲାର ୪ ବିଧାୟକଙ୍କୁ ମନ୍ତ୍ରୀ ପଦ ପ୍ରଦାନ ବିଜୁବାବୁଙ୍କ ପରି ବିରଳ ବ୍ୟକ୍ତିତ୍ୱ ପାଇଁ ସମ୍ଭବ ହୋଇପାରିଥିଲା। ଏଥିପାଇଁ କେନ୍ଦ୍ରାପଡ଼ାକୁ ମନ୍ତ୍ରୀପଡ଼ା ଭାବେ ଗଣନା କରାଯାଏ।

– ଜଗନ୍ନାଥ ଧଳ, କେନ୍ଦ୍ରାପଡ଼ା

## ଗଞ୍ଜାମରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ଘୋଷଣା କରିଥିଲେ ବିଜୁବାବୁ

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଗଞ୍ଜାମ ଜିଲାରୁ ହିଁ ଆରମ୍ଭ ତାଙ୍କର ରାଜନୈତିକ ଜୀବନ। ସ୍ୱାଧୀନତା ପରବର୍ତ୍ତୀ ୧୯୫୧–୫୨ ପ୍ରଥମ ନିର୍ବାଚନରେ ଜଗନ୍ନାଥପ୍ରସାଦ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ବିଧାୟକ ହୋଇଥିଲେ ବିଜୁବାବୁ। ୧୯୫୭ ନିର୍ବାଚନରେ ସୋରଡ଼ା ବିଧାନସଭା କ୍ଷେତ୍ରରୁ ପୁଣି କଂଗ୍ରେସ ବିଧାୟକ ହୋଇଥିଲେ। ଏହାର ୪୫ ବର୍ଷ ପରେ ୧୯୯୬ ଲୋକସଭା ନିର୍ବାଚନରେ ସେ ଆସିକା ଆସନରୁ ଜନତା ଦଳରୁ ଏମପି ନିର୍ବାଚିତ ହୋଇଥିଲେ। ତାଙ୍କ ନିକଟତମ କଂଗ୍ରେସ ପ୍ରାର୍ଥୀ ଅଖିଳ ଭାରତ ଯୁବ କଂଗ୍ରେସର ପ୍ରାକ୍ତନ ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମଚନ୍ଦ୍ର ରଥଙ୍କୁ ପରାସ୍ତ କରିଥିଲେ। ୧୯୯୬ ଲୋକସଭା ନିର୍ବାଚନ ଗଞ୍ଜାମ ଜିଲାରେ ରୋଚକ ହୋଇଥିଲା। ବ୍ରହ୍ମପୁରରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ବିଜୁବାବୁ ଆସିକାରୁ ଲଢ଼ିଥିଲେ। ନରସିଂହ ରାଓ ଜନତା ଦଳ ପ୍ରାର୍ଥିନୀ ଭି. ସୁଜ୍ଞାନ କୁମାରୀ ଦେଓଙ୍କୁ ପରାସ୍ତ କରିଥିଲେ। ଦୁଇ ଜାତୀୟ ସ୍ତରର ରାଜନେତା ବିଜୁବାବୁ ଓ ନରସିଂହ ରାଓ ଲୋକସଭାକୁ ନିର୍ବାଚିତ ହୋଇ ଗଞ୍ଜାମ ଜିଲାର ଗୌରବ ବଢ଼ାଇଥିଲେ। ତେବେ ୧୯୯୭ ଏପ୍ରିଲ ୧୭ରେ ବିଜୁବାବୁଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ଉତ୍ତରାଧିକାରୀ ଭାବେ ଆସିକା ଲୋକସଭା ଉପନିର୍ବାଚନରେ ନବୀନ ପଟ୍ଟନାୟକ ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ସୂଚନାଯୋଗ୍ୟ, ୧୯୯୦ରେ ଗଞ୍ଜାମରେ ପ୍ରଳୟଙ୍କରୀ ବନ୍ୟା ହୋଇଥିଲା। ଋଷିକୂଲ୍ୟା, ଘୋଡ଼ାହାଡ଼ ଓ ବଡ଼ନଦୀର ସେତୁ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। କୋରାପୁଟ ଓ କନ୍ଧମାଳ ଜିଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁବାବୁ ବହୁବାର ହେଲିକପ୍ଟରରେ ଆସି ବ୍ରହ୍ମପୁର ଓ ଛତ୍ରପୁରରେ ସ୍ଥିତି ସମୀକ୍ଷା କରି ଜିଲାବାସୀଙ୍କୁ ଆଶ୍ୱସନା ଦେଇଥିଲେ।

୧୯୯୧ ମାର୍ଚ୍ଚ ୫ ତାରିଖରେ ତାଙ୍କ ଜନ୍ମଦିନ ଅବସରରେ ଛତ୍ରପୁରଠାରେ ଆୟୋଜିତ ହୋଇଥିଲା ବିଶାଳ ସମାବେଶ। ସେହି ଦିନ ଏହି ସମାବେଶରେ ପଞ୍ଚାୟତ ଓ ପୌର ନିର୍ବାଚନରେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷଣ ଘୋଷଣା କରିଥିଲେ ବିଜୁବାବୁ। ମଙ୍ଗଳବାର ପଞ୍ଚାୟତରାଜ ଦିବସ ପାଳନ ହେବ। ସେହି ପ୍ରବାଦ ପୁରୁଷଙ୍କୁ ଜିଲାବାସୀ ମନେପକାଇବେ।

**–ନରସିଂହ ସାହୁ,** ବ୍ରହ୍ମପୁର



ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ବିଜୁବାବୁ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ସୋମବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।






ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ପୂର୍ବତନ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓଙ୍କ ସହ ବିଜୁବାବୁ।



ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡଭାନୀଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଭି.ପି. ସିଂଙ୍କ ସହ ବିଜୁ ପଟ୍ଟନାୟକ।

# ସଜାନ୍ତୁ ପିଲାଙ୍କ ରୁମ୍



**ପିଲାଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ଥିଲେ ସେଠାକାର ଇଣ୍ଟେରିୟର ଡିଜାଇନ୍ ଅନ୍ୟ ରୁମ୍ ଭଳି ନ କରି ପିଲାଙ୍କ ରୁଚିକୁ ଦୃଷ୍ଟିରେ ରଖି କରନ୍ତୁ...**

- ପିଲାଙ୍କ ରୁମ୍‌ରେ କିଛି ଫର୍ନିଚର ରଖିବାକୁ ଚାହୁଁଥିଲେ ତାହା ଅନ୍ୟ ରୁମ୍‌ର ଫର୍ନିଚର ତୁଳନାରେ ଟିକେ ଛୋଟ କରନ୍ତୁ। ସାଧାରଣ ସାଇଜ୍‌ର ଫର୍ନିଚର ଭଳି ହେଲେ ପିଲାଙ୍କୁ ବ୍ୟବହାର କରିବା ପାଇଁ ଆରାମଦାୟକ ହେବ ନାହିଁ। ବରଂ ଛୋଟ ସାଇଜ୍‌ର ହୋଇଥିଲେ ସେମାନେ ନିଜ ଇଚ୍ଛା ଅନୁସାରେ ଘରକୁ ସଜାଇପାରିବେ।
- ପିଲାଙ୍କ ରୁମ୍ ସବୁବେଳେ ବଡ଼ ହୋଇଥିବା ଦରକାର। ଅଧିକାଂଶ ପିଲାଙ୍କ ପାଇଁ ରୁମ୍‌କୁ ଛୋଟ କରିଥାନ୍ତି। କିନ୍ତୁ ସେମାନଙ୍କ ରୁମ୍ ବଡ଼ ରହିଲେ ସେମାନେ ଖେଳିବା କିମ୍ବା ଅନ୍ୟ କିଛି ଆକ୍ଟିଭିଟି କରିବା ପାଇଁ ସୁଯୋଗ ପାଇପାରିବେ।
- ପିଲାମାନେ ସାଧାରଣତଃ ଘରର କାନ୍ଥକୁ ଅପରିଷ୍କାର କରି ଦେଇଥାନ୍ତି। ତେଣୁ ସେହି ରୁମ୍‌ରେ ଆପଣ ଚାହିଁଲେ ୱାଲପେପର ଲଗାଇ ପାରିବେ। ଆବଶ୍ୟକ ହେଲେ ୱାଲପେପର ବଦଳାଇ ପାରିବେ ଏବଂ କାନ୍ଥରେ କୌଣସି ଦାଗ ଲାଗିବ ନାହିଁ।
- ପିଲାଙ୍କ ମନପସନ୍ଦ ଅନୁସାରେ ଘର ଭିତରକୁ ରଙ୍ଗ କରନ୍ତୁ। ଆବଶ୍ୟକ ହେଲେ ଏକ ଥିମ୍‌ରେ ମଧ୍ୟ ଘରେ ରଙ୍ଗ ଦେଇପାରିବେ ଯାହା ପିଲାଙ୍କୁ ଖୁବ୍ ଆକୃଷ୍ଟ କରିବ ଏବଂ ସେମାନଙ୍କ ମନରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିପାରିବ।
- ପିଲାଙ୍କ ରୁମ୍‌ରେ ଷ୍ଟଡି ଟେବୁଲ୍ ଫିକ୍ସ କରନ୍ତୁ ନାହିଁ। ଫଳରେ ସେମାନେ ନିଜ ଇଚ୍ଛା ଅନୁସାରେ ଯେକୌଣସି ସ୍ଥାନକୁ ନେଇ ପଢ଼ିପାରିବେ।

# ଶାଢ଼ି ଲୁକ୍

**ଉତ୍ସବ ସମୟରେ ଶାଢ଼ି ପିନ୍ଧିବାର ଏକ ଭିନ୍ନ ଆକର୍ଷଣ ରହିଥାଏ। ପୂଜା ହେଉ କିମ୍ବା କୌଣସି ସ୍ଥାନକୁ ବୁଲିବାକୁ ଯିବା ସମୟରେ ଆପଣ ବିଭିନ୍ନ ଡିଜାଇନର ଶାଢ଼ି ଆପଣେଇପାରିବେ...**



- ଆଜିକାଲି ଏମ୍ବ୍ରୋଡେରି କାମ ହୋଇଥିବା ଶାଢ଼ିର ଅଧିକ ଆଦର ରହିଛି। ଉଭୟ ହାତ କାମ ଓ ମେଶିନରେ ଏମ୍ବ୍ରୋଡେରି କାମ ବେଶ୍ ସୁନ୍ଦର ଦେଖାଯାଏ। ତେଣୁ କୌଣସି ମନ୍ଦିର କିମ୍ବା ପାର୍ଟିକୁ ଯାଉଥିଲେ ଏହି ପ୍ରକାର ଶାଢ଼ି ପିନ୍ଧିପାରିବେ। ଏଭଳି ଶାଢ଼ି ସହ କୁନ୍ଦନ ୱାର୍କର ବିଭିନ୍ନ ଜୁଏଲେରି ପିନ୍ଧିଲେ ଭଲ ଲାଗିବ।
- ପୂଜା ସ୍ଥାନକୁ ଯିବାର ଥିଲେ ଆପଣ ହଳଦିଆ ରଙ୍ଗର କିମ୍ବା ଫ୍ଲୋରାଲ ପ୍ରିଣ୍ଟର ଶାଢ଼ି ପିନ୍ଧିପାରିବେ। ଏହା ଆପଣଙ୍କ ଲୁକ୍‌କୁ ଆକର୍ଷଣୀୟ କରିପାରିବ।
- ଯଦି କୌଣସି ସ୍ଥାନକୁ ବୁଲିବାକୁ ଯାଉଥାନ୍ତି ତେବେ ଲାଲ୍, ସିଲ୍‌ଭର କଲର କିମ୍ବା ବ୍ରାଉନ କଲର ପିନ୍ଧି ଯାଆନ୍ତୁ। ଏହା ଆପଣଙ୍କୁ ଗର୍ଜିଅସ୍ ଲୁକ୍ ଦେବ।
- ଅଫ୍ ହ୍ୱାଇଟ୍‌ର ପ୍ଲେନ୍ ଶାଢ଼ିରେ ଡିଜାଇନ ବର୍ଡର ଥିବା ଶାଢ଼ି ଉଭୟ କାଜୁଆଲ୍, ୱେଷ୍ଟର୍ନ ଓ ଏଥେନିକ୍ ଲୁକ୍ ଦେଇଥାଏ। ଏହା ବ୍ୟତୀତ ହ୍ୱାଇଟ୍ ପୋଲ୍‌କା ପ୍ରିଣ୍ଟ ଶାଢ଼ିରେ ପ୍ଲେନ୍ ବ୍ଲାଉଜ୍ ମଧ୍ୟ ସିମ୍ପଲ ଲୁକ୍ ଦେଇଥାଏ। ଲାଲ୍ ରଙ୍ଗର ଫ୍ଲୋରାଲ ପ୍ରିଣ୍ଟ ଶାଢ଼ି ମଧ୍ୟ ବେଶ୍ ଗର୍ଜିଅସ୍ ଲୁକ୍ ଦେବ। ତେଣୁ ଏହିସବୁ ରଙ୍ଗର ଶାଢ଼ି ପିନ୍ଧି ଆପଣ ଯେକୌଣସି ସ୍ଥାନକୁ ଯାଇପାରିବେ।

# ନ କହିଲେ ଭଲ

**ହୁଏତ କଥାଟି ମିଛ ହୋଇ ନ ପାରେ। କହିବା ଜରୁରୀ ମଧ୍ୟ ନୁହେଁ ତଥାପି ବି ସମ୍ପର୍କକୁ ସୁନ୍ଦର କରିବା ପାଇଁ କିଛି କଥା ନ କହିବା ଭଲ। ସମସ୍ତଙ୍କୁ ଭଲପାଇବାର ଡୋରିରେ ବାନ୍ଧି ରଖିବାକୁ କେଉଁସବୁ କଥା ଆଦୌ କହିବେ ନାହିଁ ସେସବୁ ଜାଣିବା ଦରକାର...**





କଥାରେ ଅଛି ଗଢ଼ି ଜାଣିଲେ ଘର ସୁନ୍ଦର। ଏଥିପାଇଁ ଗୃହିଣୀଙ୍କୁ ଅନେକ ପ୍ରକାରର ତ୍ୟାଗ ଓ ବୁଝାମଣା ଦରକାର। ଭଲପାଇବା, ବିଶ୍ୱାସ ଆଉ ଭରସାରେ ସମ୍ପର୍କକୁ ନିଜର କରିହୁଏ। ତେବେ ବିବାହ ପରେ ମହିଳାଙ୍କ ପାଇଁ ଶାଶୁଘରେ ପ୍ରତ୍ୟେକ ସମ୍ପର୍କର ସ୍ୱତନ୍ତ୍ର ମହତ୍ତ୍ୱ ରହିଥାଏ। ତେଣୁ ସମସ୍ତଙ୍କ ସହ ଏକାଠି ରହି ଘରେ ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ଦିଗକୁ ଦୃଷ୍ଟି ଦେବାକୁ ହେବ। ଏସବୁ ମଧ୍ୟରେ ଏମିତି କିଛି ପ୍ରସଙ୍ଗ ରହିଥାଏ ଯାହାକୁ ଅନ୍ୟମାନଙ୍କ ଆଗରେ ଏମିତିକି ସ୍ୱାମୀଙ୍କ ଆଗରେ ମଧ୍ୟ ପ୍ରକାଶ କରିବା କଥା ନୁହେଁ। ନିଜର ଜିହ୍ୱା ଉପରେ ନିୟନ୍ତ୍ରଣ ନ ରଖିଲେ ସମ୍ପର୍କ ଭାଙ୍ଗିବାକୁ ବେଶି ସମୟ ଲାଗି ନ ଥାଏ। ତେଣୁ କେଉଁ ସବୁ ପ୍ରସଙ୍ଗରେ ନିଜ ସାଥୀ ଓ ପରିବାର ଲୋକଙ୍କ ସହ ଆଦୌ ଆଲୋଚନା କରିବା କଥା ନୁହେଁ ସେ ନେଇ ସବୁ ଗୃହିଣୀ ଜାଣି ରଖିବା ଦରକାର।

**ପୁରୁଣା ସମ୍ପର୍କର ଗୁରୁତ୍ୱ:** ବିବାହ ପରେ ଅନେକ ପ୍ରକାରର ନୂଆ ସମ୍ପର୍କରେ ବନ୍ଧା ହୋଇଥାନ୍ତି ଗୃହିଣୀ। ଭବିଷ୍ୟତକୁ ସୁନ୍ଦର କରି ଗଢ଼ିବା ପାଇଁ ସବୁ ସମ୍ପର୍କକୁ ଭଲଭାବେ ବୁଝିବା ଦରକାର। ତେଣୁ ବିବାହ ପୂର୍ବରୁ ଛାଡ଼ି ଯାଇଥିବା ସମ୍ପର୍କକୁ ଅଧିକ ଗୁରୁତ୍ୱ ଦେବା ଠିକ୍ ନୁହେଁ। ଆଉ ଯଦି ବି କୌଣସି ସମ୍ପର୍କର ଗୁରୁତ୍ୱ ଅନୁଭବ କରୁଥାନ୍ତି ସେମାନଙ୍କ ଆଗରେ ଜଣାଇବା ଠିକ୍ ନୁହେଁ। ଖାଲି ସେତିକି ନୁହେଁ ଯଦି ଅତୀତରେ ଅନ୍ୟ କାହା ସହ ଅତି ଘନିଷ୍ଠ ସମ୍ପର୍କ ଥିଲା ସେମାନଙ୍କ ସହ ସମ୍ପର୍କ ରଖିବା ତ ଠିକ୍ ନୁହେଁ ଏହା ବ୍ୟତୀତ ସେନେଇ ଆଲୋଚନା ମଧ୍ୟ କରନ୍ତୁ ନାହିଁ। ଏମିତିକି ସ୍ୱାମୀଙ୍କ ଆଗରେ ମଧ୍ୟ ଏ ପ୍ରସଙ୍ଗରେ କୌଣସି ଚର୍ଚ୍ଚା କରିବା ଠିକ୍ ନୁହେଁ। ଏପରି ହେଲେ ହୁଏତ ସମ୍ପର୍କରେ ବିରାଟ ବଡ଼ ଫାଟ ସୃଷ୍ଟି ହୋଇପାରେ।

**ବିରୋଧୀ ଆଲୋଚନା:** ପରିବାରର କୌଣସି ସଦସ୍ୟଙ୍କ ଆଗରେ ଅନ୍ୟ ସଦସ୍ୟଙ୍କ ବିରୋଧରେ କିଛି କହିବା ମଧ୍ୟ ଭୁଲ୍। ଏମିତିକି ସ୍ୱାମୀଙ୍କ ଆଗରେ ମଧ୍ୟ ତାଙ୍କ ପରିବାରର କୌଣସି ବ୍ୟକ୍ତିଙ୍କ ବିଷୟରେ ନକାରାତ୍ମକ କଥା କହିଲେ ତାର ପ୍ରଭାବ ଆଦୌ ଭଲ ହୋଇ ନ ଥାଏ। ବରଂ ନିଜର ନକାରାତ୍ମକ ବିଚାର ନେଇ ଗୁରୁତ୍ୱ ହରାଇବାର ଆଶଙ୍କା ରହିଥାଏ। ବରଂ ଏପରି କ୍ଷେତ୍ରରେ ପରସ୍ପର ମଧ୍ୟରେ ସମ୍ପର୍କ ସୁଧାରିବା ପାଇଁ ଯାହା ପଦକ୍ଷେପ ନେଇପାରନ୍ତି। ଜଣଙ୍କ ବିଷୟରେ ଅନ୍ୟ କାହା ଆଗରେ ଯଦି ସକାରାତ୍ମକ କଥା କହିବେ ତାହେଲେ ସମସ୍ତଙ୍କ ସହ ଆପଣଙ୍କ ସମ୍ପର୍କ ଭଲ ହେବା ସହିତ ଏକ ସୁନ୍ଦର ପରିବେଶ ସୃଷ୍ଟି ହୋଇପାରିବ।

**ଚାହୁଁ ନ ଥିବା ସମ୍ପର୍କ:** ଏପରି କୌଣସି ସମ୍ପର୍କ ଯାହା ପରିବାରର କୌଣସି ବ୍ୟକ୍ତି ଚାହୁଁ ନ ଥିବେ ସେଭଳି ସମ୍ପର୍କ ରଖିବା ଆଦୌ ଠିକ୍ ନୁହେଁ। ଯଦି କୌଣସି କାରଣବଶତଃ ସେହି ସମ୍ପର୍କ ସହିତ ଯୋଗାଯୋଗରେ ରହିଥାନ୍ତି ତେବେ ଘରର କୌଣସି ଲୋକଙ୍କୁ ସେନେଇ କିଛି କହିବା ମଧ୍ୟ ଠିକ୍ ହେବ ନାହିଁ। ହୁଏତ ପରିସ୍ଥିତିରେ କୌଣସି ଭଲ ଉଦେଶ୍ୟ ରଖି ଆପଣ ସେଭଳି କୌଣସି ବ୍ୟକ୍ତିଙ୍କ ସହିତ ଯୋଗାଯୋଗ ରଖିଥିବେ ଅବା ଫୋନରେ କ୍ୱଚିତ୍ କଥା ହେଉଥିବେ କିନ୍ତୁ ତାଙ୍କ ବିଷୟରେ ସ୍ୱାମୀଙ୍କ ଆଗରେ ମଧ୍ୟ ପ୍ରକାଶ କରିବା କଥା ନୁହେଁ। ଏପରି କଥାକୁ ନେଇ ଖୁବ୍ ଶୀଘ୍ର ସମ୍ପର୍କ ଭାଙ୍ଗି ଯିବାର ଆଶଙ୍କା ରହିଥାଏ।





### ଏମାନେ କ'ଣ କରନ୍ତି



**ଭାବିଚିନ୍ତି କଥା କହେ:** ବିବାହ ପରେ ସବୁ ଝିଅଙ୍କୁ ନିଜ କଥାବାର୍ତ୍ତା ଉପରେ ଧ୍ୟାନ ଦେବାକୁ ହୋଇଥାଏ। ସମସ୍ତଙ୍କ ସହ ସମ୍ପର୍କ ଭଲ ରଖିବାକୁ ହେଲେ ମତେ ବିଭିନ୍ନ ବିଷୟରେ ଭାବିଚିନ୍ତି କଥା କହିବାକୁ ହୁଏ। ଏମିତିକି ବିବାହ ପୂର୍ବରୁ କିଭଳି ବୁଲାବୁଲି କରୁଥିଲି କିମ୍ବା କେଉଁ ସାଙ୍ଗମାନଙ୍କ ସହ ଅଧିକ ଘନିଷ୍ଠ ଥିଲି ଓ କିଭଳି ସମୟ କଟାଉଥିଲି ସେନେଇ ଶାଶୁଘରେ କାହା ଆଗରେ ଚର୍ଚ୍ଚା କରେନି। ଆଉ ମୋର ପୁରୁଷ ବନ୍ଧୁମାନଙ୍କ ସହ ଏବେ ଯଦିଓ ଯୋଗାଯୋଗ ରହିଛି ସେମାନଙ୍କ ସହ ସେଭଳି ଘନିଷ୍ଠତା ନାହିଁ। ସେମାନଙ୍କ ବିଷୟରେ ଆଦୌ ଆଲୋଚନାର ମଧ୍ୟ ଆବଶ୍ୟକତା ଥିବା କେବେ ଅନୁଭବ କରିନି।

*–ଗୀତାଞ୍ଜଳି ସାହୁ, ଗୃହିଣୀ, ଭୁବନେଶ୍ୱର*



**ସତର୍କ ରହେ:** ବିବାହ ପୂର୍ବରୁ ସାଙ୍ଗମାନଙ୍କ ସହ ବହୁତ ବୁଲୁଥିଲି। ଏବେ ନା ଆଉ ବୁଲିବାକୁ ଯାଉଛି ନା ବୁଲାବୁଲି ନେଇ କାହା ଆଗରେ କେବେ କିଛି କହିଛି। ଖାଲି ସେତିକି ନୁହେଁ ଶାଶୁଘରେ ଜଏଣ୍ଟ ଫାମିଲି ଥିଲା ଏବେ ଅଲଗା ହୋଇଛନ୍ତି। ସେଥିପାଇଁ କିଛି ସମ୍ପର୍କରେ ତିକ୍ତତା ଆସିଛି ସତ କିନ୍ତୁ ସେମାନେ ମୋ ସହ ଫୋନ୍‌ରେ କଥାବାର୍ତ୍ତା ହୁଅନ୍ତି ଓ ସୁଖଦୁଃଖ ବୁଝନ୍ତି। ହେଲେ ଶାଶୁଘରେ ଏବେ ଏନେଇ କାହାକୁ କିଛି କହେନି କିମ୍ବା ସେମାନଙ୍କ ସହ ଘର କଥା କିଛି ଆଲୋଚନା କରେନି। ଖାଲି କିଛି ଭଲମନ୍ଦ ଖବର ନେଇ କଥାବାର୍ତ୍ତା ହୁଏ। ଏମିତି କେତେ କଥା ଅଛି ଯେଉଁ ବିଷୟରେ ସମସ୍ତଙ୍କ ସହ ଆଲୋଚନା କରିବା ଦ୍ୱାରା ବିପରୀତ ପ୍ରଭାବ ପଡେ। ସେନେଇ ସତର୍କ ରହିଥାଏ।

*–ପ୍ରଭାସିନୀ ବେହେରା, କର୍ମଜୀବୀ, କଟକ*

**ଏକାନ୍ତ ବ୍ୟକ୍ତିଗତ:** ସମସ୍ତଙ୍କର କିଛି ନା କିଛି ଏକାନ୍ତ ବ୍ୟକ୍ତିଗତ କଥା ରହିଥାଏ। ଆପଣଙ୍କର ନିଜର ଯଦି ସେଭଳି କିଛି କଥା ରହିଥାଏ ତେବେ ସେନେଇ ମଧ୍ୟ ଖୋଲାଖୋଲି କହିବା ଫଳରେ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଏମିତିକି ଘରର ଅନ୍ୟ କୌଣସି ସଦସ୍ୟଙ୍କ ବିଷୟରେ ଯଦି ଏଭଳି କିଛି ଏକାନ୍ତ ବ୍ୟକ୍ତିଗତ କଥା ଜାଣିଥାନ୍ତି ତେବେ ସେସବୁ କଥାକୁ ଯଥାସମ୍ଭବ ଗୋପନୀୟ ରଖିବା ଦରକାର। ଏଭଳି କିଛି କଥା ନ କହିବା ହିଁ ପରିବାରରେ ସମସ୍ତଙ୍କୁ ଖୁସିରେ ରଖିଥାଏ।

**ଅନ୍ୟମାନଙ୍କର ଖରାପ ଗୁଣ:** ସମସ୍ତଙ୍କର ସବୁ ଗୁଣ ଭଲ ହୋଇ ନ ଥାଏ। କିଛି ନା କିଛି ଖରାପ ଗୁଣ ବା ଅଭ୍ୟାସ ପ୍ରାୟ ସମସ୍ତଙ୍କର ରହିଥାଏ। କିନ୍ତୁ କାହାର ଖରାପ ଗୁଣକୁ ସମସ୍ତଙ୍କ ଆଗରେ ସାଙ୍ଗେ ସାଙ୍ଗେ କହିବା ଆଦୌ ଠିକ୍ ନୁହେଁ। ବରଂ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକାନ୍ତରେ ତାଙ୍କ ମାନସିକ ଅବସ୍ଥାକୁ ଲକ୍ଷ୍ୟ କରିବା ପରେ ହିଁ କିଛି କହିବା ଠିକ୍ ହେବ। ଯଦି ସେହି ବ୍ୟକ୍ତିଙ୍କୁ ସୁଧାରିବାକୁ ଚାହୁଁଥାନ୍ତି ଏବଂ ତାଙ୍କୁ ଆପଣ ପରାମର୍ଶ ଦେଇ ପାରୁଥିବା ଭଳି ସମ୍ପର୍କ ଥାଏ ତେବେ କହିହେବ, ନଚେତ୍ ଏନେଇ କିଛି ନ କହିବା ମଧ୍ୟ ଭଲ।

**ବିଶ୍ୱାସର କଥା:** ପରିବାରରେ ସମସ୍ତଙ୍କ ସହ ଗୃହିଣୀମାନେ ଭିନ୍ନ ଭିନ୍ନ ସମ୍ପର୍କରେ ବନ୍ଧା ହୋଇଥାନ୍ତି। ତେଣୁ କେହି ବିଶ୍ୱାସରେ ଆପଣଙ୍କୁ କିଛି କଥା କହିଥିଲେ ସେନେଇ ଅନ୍ୟ ଆଗରେ କହିବା ମଧ୍ୟ ନୈତିକତାର ବିରୋଧ ହୋଇଥାଏ। ଏଭଳି କ୍ଷେତ୍ରରେ ସ୍ୱାମୀଙ୍କୁ ମଧ୍ୟ କହିବା ଠିକ୍ ହେବ ନାହିଁ। ଏମିତି କିଛି କଥା ନ କହିଲେ ହିଁ ପରିବାର ସୁଖଶାନ୍ତିରେ ଆଗକୁ ଚାଲିପାରିବ।

## ସୌନ୍ଦର୍ଯ୍ୟ

# ଅଏଲ୍ ମେକ୍‌ଅପ୍



**ସେଲିବ୍ରିଟି ମେକ୍‌ଅପ୍ ନିମନ୍ତେ ବିଭିନ୍ନ ପ୍ରକାର ଫେସିଆଲ ଅଏଲ୍ ମଧ୍ୟ ବ୍ୟବହାର କରାଯାଏ। ତେବେ ନାଚୁରାଲ୍ ଗ୍ଲୋ ନିମନ୍ତେ ଏହାର ବ୍ୟବହାର କିପରି କରିବେ ଜାଣି ରଖନ୍ତୁ...**

- ମେକ୍‌ଅପ୍ ନିମନ୍ତେ ଫାଉଣ୍ଡେଶନ ଲଗାଇବା ପୂର୍ବରୁ ପ୍ରଥମେ ମୁହଁରେ ଫେସିଆଲ୍ ଅଏଲ ଲଗାନ୍ତୁ। ଏପରି କଲେ ତ୍ୱଚାରେ ଆର୍ଦ୍ରତା ରହିପାରିବ। ଏହା ସହ ଫାଉଣ୍ଡେଶନ ଲୁଜ୍ ରହିବ ଓ ଲଗାଇବା ସହଜ ହେବ। ତେବେ ଫେସ୍ ଅଏଲକୁ ଲଗାଇ କିଛି ସମୟ ଛାଡ଼ି ତା' ପରେ ମେକ୍‌ଅପ୍ ନିଅନ୍ତୁ।
- ତ୍ୱଚାର ଗ୍ଲୋ ବଢ଼ାଇବାକୁ ଫେସ୍ ପ୍ରାଇମର ଲଗାନ୍ତୁ। ତେବେ ତ୍ୱଚା ଅଧିକ ଶୁଷ୍କ ହୋଇଥିଲେ ଗ୍ଲୋ ଏନହାନ୍‌ସର ପ୍ରାଇମର ସହ କିଛି ବୁନ୍ଦା ଫେସ୍ ଅଏଲ୍ ଲଗାନ୍ତୁ। ତେବେ ଲଗାଇବା ପୂର୍ବରୁ ପ୍ରଥମେ ପ୍ରାଇମର ସହ ଅଏଲକୁ ଭଲଭାବେ ମିଶାନ୍ତୁ। ନଚେତ୍ ଫାଉଣ୍ଡେଶନ ଲଗାଇବାରେ ଅସୁବିଧା ହେବ।
- ଫାଉଣ୍ଡେଶନ ସହ ବି ଫେସ୍ ଅଏଲ୍ ମିଶାଇ ଲଗାଇପାରିବେ। ଏହା ତ୍ୱଚାକୁ ଏକ ନାଚୁରାଲ୍ ଗ୍ଲୋ ଦେଇଥାଏ। ପ୍ରଥମେ ଫାଉଣ୍ଡେଶନକୁ ଅଏଲ ସହ ବ୍ରଶ୍‌ରେ ଭଲଭାବେ ମିଶାନ୍ତୁ, ଏହାପରେ ମୁହଁ ଓ ବେକରେ ହାଲ୍‌କା ଭାବରେ ଲଗାନ୍ତୁ।
- ମେକ୍‌ଅପ୍ ସରିବା ପରେ ସାମାନ୍ୟ ଫେସ୍ ଅଏଲ୍ ବ୍ୟବହାରକରି ଚିକ୍‌ବୋନ୍‌କୁ ହାଇଲାଇଟ୍ କରନ୍ତୁ। ଏହା ଏକ ଆକର୍ଷଣୀୟ ଲୁକ୍ ଦେଇପାରିବ। ଏଥିପାଇଁ ହାଇଲାଇଟର ସହ ଅଳ୍ପ ଅଏଲ୍ ନେଇ ଆଙ୍ଗୁଠି ସାହାଯ୍ୟରେ ଲଗାନ୍ତୁ।
- ମୁହଁରେ ମେକ୍‌ଅପ୍ କରିସାରିବା ପରେ ଓଠରେ ଲିପ୍‌ଷ୍ଟିକ୍ ସହ ମଧ୍ୟ ଫେସ୍ ଅଏଲ୍ ଲଗାନ୍ତୁ। ଲିପ୍‌ଷ୍ଟିକ୍ ଲଗାଇ ସାରିବା ପରେ ଅଳ୍ପ ଫେସ୍ ଅଏଲ୍ ନେଇ ଓଠରେ ହାଲ୍‌କା ଭାବେ ଲଗାନ୍ତୁ। ଫଳରେ ଓଠ ବି ବହୁ ସୁନ୍ଦର ଦିଶିବ।



## ଖାଦ୍ୟରୁଚି

# ବ୍ରୋକଲି ପରଟା



**ଆବଶ୍ୟକ ସାମଗ୍ରୀ–**
ଅଟା– ୨ କପ୍, ବ୍ରୋକଲି– ୧ଟି (ଛୋଟ), ସିଝା ଆଳୁ– ୧ଟି, ପନିର– ୧୫୦ ଗ୍ରାମ୍, ଚାଟ ମସଲା– ୧ ଚାମଚ, ଭଜା ଜିରାଗୁଣ୍ଡ– ୧ ଚାମଚ, ଧନିଆପତ୍ର– ୨ ବଡ଼ ଚାମଚ, କଞ୍ଚାଲଙ୍କା– ୨ଟି, ଜୁଆଣି ଅଧା ଚାମଚ, ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**ପ୍ରଥମେ ଅଟାରେ ୨ ଚାମଚ ତେଲ ଓ ଲୁଣ ପକାଇ ଚକଟି ଦିଅନ୍ତୁ। ଏହାକୁ ଅଧଘଣ୍ଟା ପାଇଁ ଘୋଡ଼ାଇ ରଖନ୍ତୁ। ବ୍ରୋକଲିକୁ କଟରରେ କୋରି ରଖନ୍ତୁ। ପନିରକୁ ମଧ୍ୟ ବ୍ରୋକଲି ଭଳି କୋରାଇ ରଖନ୍ତୁ। ଧନିଆପତ୍ର ଓ କଞ୍ଚାଲଙ୍କା ମଧ୍ୟ ଛୋଟ ଛୋଟ କରି କାଟି ରଖନ୍ତୁ। ଏବେ ସିଝା ଆଳୁ, ବ୍ରୋକଲି, ପନିର ସହ ଅନ୍ୟ ସମସ୍ତ ସାମଗ୍ରୀକୁ ଲୁଣ ସହିତ ମିଶାଇ ସାମାନ୍ୟ ଭାଜି ନିଅନ୍ତୁ। ଏହାପରେ ଚକଟା ହୋଇ ରହିଥିବା ଅଟାକୁ ବଡ଼ ବଡ଼ ଗୁଳାକରି ଦିଅନ୍ତୁ। ଅଟାଗୁଳାକୁ ମୋଟାକରି ଛୋଟ ଛୋଟ କରି ବେଲି ଦିଅନ୍ତୁ। ଏବେ ଏଥିରେ ପ୍ରସ୍ତୁତ ହୋଇ ରହିଥିବା ବ୍ରୋକଲି ପୁରକୁ ଅଟା ମଝିରେ ରଖି ପୁଣି ଥରେ ଗୋଲକରି ଧୀରେ ଧୀରେ ରୁଟି ପରି ବେଲି ଦିଅନ୍ତୁ। ତେବେ ଆଳୁ ପରଟା ପରି ଏହାକୁ ସାମାନ୍ୟ ମୋଟାକରି ବେଲନ୍ତୁ। ଏବେ ଗ୍ୟାସ୍‌ରେ ତାୱା ଗରମକରି ସେଥିରେ ଏହାକୁ ତେଲ କିମ୍ବା ଘିଅ ଦେଇ ସେକି ଦିଅନ୍ତୁ। ଗରମ ଗରମ ପରଟାକୁ ଚଟଣି କିମ୍ବା ତରକାରି ସହ ଖାଇପାରିବେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ଖଡ଼ିଆଲ,୪।୩(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଲୋହରାପାଲି ଗ୍ରାମରେ ସାପ କାମୁଡ଼ାରେ ଜଣେ ଯବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଅମିତ ଶବର (୨୬)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସୋମବାର ପୂର୍ବାହ୍ଣ ୧୦ଟାରେ ଅମିତ ଶ୍ରମିକ ଭାବେ କାମ କରୁଥିବା ବେଳେ କୌଣସି ବିଷଧର ସାପ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅମିତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଅଧିକ ତଦନ୍ତ କରୁଥିବା ଏସଆଇ ସୁବୋଧ ଖୁଜୁର ପ୍ରକାଶ କରିଛନ୍ତି।

### ବୋରୱେଲରେ ବିଦ୍ୟୁତ୍ ସଂଯୋଗ ପାଇଁ ଦାବିପତ୍ର

**ନୂଆପଡ଼ା,୪।୩(ମକାରୁ ବେମାଲ)**

ନୂଆପଡା ଜିଲାରେ ଚାଷୀ ବୋରୱେଲ କରି ବର୍ଷ ବର୍ଷ ବିତିଯାଇଥିଲେ ହେଁ ବିଦ୍ୟୁତ୍ ସଂଯୋଗ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ସଂଯୋଗ କରାଗଲେ ଗରିବ ଚାଷ ଚାଷ କରି ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିବାରେ ସହାୟକ ହୋଇପାରନ୍ତା ବୋଲି କନ୍ଦା ମାଝି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହୋଇ ପଡିଲେଣି। ଶେଷରେ ନିରାଶ ହୋଇ ନୂଆପଡା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଭାବେ ଜଣାଇଛନ୍ତି। ଏହାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ନୂଆପଡା ସଦର ବ୍ଲକ ସାହିପଲା ପଞ୍ଚାୟତ ସାଲେପଡା ଗାଁର କନ୍ଦା ମାଝି ଚାଷ ଜମିରେ ଚାଷ କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଗ୍ରୁପ ବୋରୱେଲ ଖନନ କରିବା ପାଇଁ ୨୦୧୭ରେ ଆବେଦନ କରିଥିଲେ। ତାହା ମଞ୍ଜୁର ହୋଇ ୨୦୧୮ରେ ଚାଷ ଜମିରେ ଖନନ କରାଗଲା। ବିଦ୍ୟୁତ୍ ଖୁଣ୍ଟ ପୋତା ହୋଇ ତାର ମଧ ଟଣାଯାଇଛି। କିନ୍ତୁ ୭ ବର୍ଷ ବିତି ଯାଇଥିଲେ ମଧ ବିଦ୍ୟୁତ୍ ସଂଯୋଗ ହୋଇ ପାରିନାହିଁ। ନୂଆପଡା ଉଠା ଜଳ ସେଚନ ବିଭାଗ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ବିଦ୍ୟୁତ୍ ସଂଯୋଗ ପାଇଁ ଚିଠି ନଂ-୧୨୯/୨୦୧୮ ଅନୁଯାୟୀ ଏକ ଚିଠି ପଠାଯାଇଛି। ହେଲେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ବର୍ଷବର୍ଷ ବିତି ଯାଇଥିଲେ ମଧ ବିଦ୍ୟୁତ୍ ସଂଯୋଗ ହୋଇପାରୁ ନାହିଁ।

# ୩ ବର୍ଷ ହେଲା ଅଧାପନ୍ତରିଆ ବାଲିଗାଡ଼ ସେତୁ

**ଥୁଆମୂଳ ରାମପୁର,୪।୩(ଦୁର୍ଗା କୀର୍ତ୍ତି)**



କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦରମହକୁମାସ୍ଥିତ ବାଲିଗାଡ ନାଳ ଥୁଆମୂଳ ରାମପୁରଠାରୁ ପୋଖରା ଗ୍ରାମକୁ ସଂଯୋଗ କରୁଥିବା ନିର୍ମାଣାଧୀନ ବିଜୁ ସେତୁ ମନ୍ଥର ଗତିରେ ଚାଲିଥିବାରୁ ତାହା ଏବେ ଅଧାପନ୍ତରିଆ ଭାବେ ପଡିରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣାଧୀନ ପୋଲ ଅଟକଳ ମୂଲ୍ୟ ୨ କୋଟି ୧୯ ଲକ୍ଷ ୩୨ ହଜାର ଟଙ୍କା ରହିଛି। ଏହି ସେତୁ ନିର୍ମାଣ ଗତ ୩ ବର୍ଷ ତଳେ ଆରମ୍ଭ ହୋଇଥିଲା। ୨୦୨୧ ଡିସେମ୍ବର ୩୦ରେ ଆରମ୍ଭ ହୋଇ ୨୯ ସେପ୍ଟେମ୍ବର ୨୦୨୨ରେ କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ତଦାରଖ ପାଇଁ କୌଣସି ଦିନ ଗ୍ରାମ୍ୟ ଉନ୍ନୟନ ବିଭାଗ ଜେଇ କିମ୍ବା କୌଣସି ଅଧିକାରୀଙ୍କୁ ଏଠାରେ ଦେଖିବାକୁ ମିଳିନାହିଁ। କେବଳ ଠିକାଦାରଙ୍କ ମୁନ୍ସି ବ୍ୟତୀତ କୌଣସି ଅଧିକାରୀଙ୍କ ଦେଖା ମିଳେନି, ପୁଣି ଏହି ପୋଲରେ ନିମ୍ନମାନର ସିମେଣ୍ଟ, ଲୁହରଡ଼ ବ୍ୟବହୃତ ହୋଇଛି ବୋଲି ଅଭିଯୋଗ ହେଉଛି।

ଏଠାରେ କୌଣସି ବ୍ରିଜ ନ ଥିବାରୁ ଜନସାଧାରଣ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖିନ ହେଉଥିଲେ। ଅଞ୍ଚଳବାସୀଙ୍କ ଦାବି ପରେ ୮ ନଭେମ୍ବର ୨୦୨୧ରେ ଏଠାରେ ଏକ ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନକ୍ରମେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଥୁଆମୂଳ ରାମପୁରଠାରୁ ପୋଖରା ଗ୍ରାମ ତଥା ସେ ଅଞ୍ଚଳର ଅନ୍ୟ ଗ୍ରାମ ପାଇଁ ଯାତାୟାତ କ୍ଷେତ୍ର ପଥ ସୁଗମ ପରିକଳ୍ପନା କରାଗଲା। ଏହି ବିଜୁ ସେତୁ ନିର୍ମାଣ କାମ ମନ୍ଥର ଗତିରେ ଚାଲିଥିବା ଯୋଗୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏଥିପ୍ରତି ତୂରନ୍ତ ପ୍ରଶାସକ ପକ୍ଷରୁ ହସ୍ତକ୍ଷେପ କରି ବିଜୁ ସେତୁ ଯୋଜନା ନାମରେ ଚାଲିଥିବା ଏହି ସେତୁ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଅଞ୍ଚଳବାସୀ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସମ୍ପାଦନ କରୁଥିବା ଜେଇ ମନୋଜ ନାଏକ ସହ ଫୋନ ଯୋଗେ ଯୋଗାଯୋଗ କରି ଏହି ବିଷୟ ଉପରେ ପଚାରିବାକୁ ଚେଷ୍ଟା କରିଥିଲେ ମଧ ଯୋଗାଯୋଗ ହୋଇପାରିଲା ନାହିଁ, ସେ ତାଙ୍କ ଫୋନ ଉଠାଉ ନାହାନ୍ତି। ଆଗକୁ ଦେଖିବାକୁ ବାକି ରହିଲା ସେତୁ ନିର୍ମାଣ କାର୍ଯ୍ୟ କେବେ ଶେଷ କରାଯାଉଛି।

# ଜିଲାପାଳଙ୍କ ଜନଶୁଣାଣି ଶିବିର


ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଭବାନୀପାଟଣା,୪।୩(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳଙ୍କ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଏସପି ଆନନ୍ଦ ଗୁରୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୧୬୨ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୩୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୨୧ଟି ଅଭିଯୋଗର ସମାଧାନ ତତକ୍ଷଣା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭ଜଣଙ୍କୁ ସନ୍ତାନଙ୍କ ପାଠପଢ଼ା, ଚିକିତ୍ସା, ଅକ୍ଷମତା ଚିକିତ୍ସା ଓ ଅନ୍ୟାନ୍ୟ ବାବଦରେ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ସେମାନେ ହେଲେ ବିନିତା ପ୍ରଧାନଙ୍କୁ ୫ହଜାର ଟଙ୍କା, ଭବାନୀ ମହାନନ୍ଦଙ୍କୁ ୨ହଜାର ଟଙ୍କା, ଜ୍ୟୋତି ଶଙ୍କର ଦାସଙ୍କୁ ୩୦ ହଜାର ଟଙ୍କା, କୁନ୍ତଳା ତାଣ୍ଡିଙ୍କୁ ୧ ହଜାର, ଦମୟନ୍ତୀ ସରାଫଙ୍କୁ ୨ହଜାର ଟଙ୍କା, ରାମ ନାଗଙ୍କୁ ୧ହଜାର ଟଙ୍କା ଓ ଜ୍ୟୋତ୍ସ୍ନା ବାଗଙ୍କୁ ୨ହଜାର ଲୋକ ଟଙ୍କା ମଞ୍ଜୁର କରାଯାଇଥିଲା।

# କନ୍ୟା ସୁରକ୍ଷା କବଚ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ

### ନବଜାତ ଶିଶୁଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଭବାନୀପାଟଣା,୪।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ଚିକିତ୍ସାଳୟରେ ଥିବା ଏମସିଏଚ କୋଠାରେ ସୋମବାର ଭାରତ ସରକାରଙ୍କ ଅଧୀନ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଅନ୍ତର୍ଗତ ନବଜାତ ଶିଶୁକନ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଓ କନ୍ୟାସୁରକ୍ଷା କବଚ ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଉଦଘାଟନ କରିଥିଲେ। ପରେ ସେ କନ୍ୟାସନ୍ତାନଙ୍କ ପିତାମାତାଙ୍କୁ ସମ୍ମାନପତ୍ର ଓ କନ୍ୟା ସୁରକ୍ଷା କବଚ ପ୍ରଦାନ କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଞ୍ଜନ କୁମାର ମିତ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାକେଶ କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ଜିଲା କାର୍ଯ୍ୟକ୍ରମ ପରିଚାଳକ ଜାତୀୟ ସ୍ୱାସ୍ଥ୍ୟ ମିଶନ ଭବାନୀ ଶଙ୍କର ସାହୁ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ଶିଶୁ ରୋଗ ବିଶେଷଜ୍ଞ ଓ ସ୍ୱାସ୍ଥ୍ୟ ସେବିକା ତଥା ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଅଂଶୁମାନ ବାବୁ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲାର ବିଭିନ୍ନ କ୍ଷେତ୍ରରୁ ଆସିଥିବା କନ୍ୟାସନ୍ତାନଙ୍କ ୫ଜଣ ପିତାମାତାଙ୍କୁ ସମ୍ମାନିତ କରାଯାଇଥିଲା। ସର୍ବମୋଟ ଜିଲାର ୧୫ଶହ କନ୍ୟାସନ୍ତାନ ତଥା ସେମାନଙ୍କ ପିତାମାତାଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା।


ଜଣେ କନ୍ୟା ସନ୍ତାନ ମାତାପିତାଙ୍କୁ ସମ୍ମାନିତ କରାଯାଉଛି।

### ସ୍କୁଲ ରୋଷେଇ ଗୃହ ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ନୂଆପଡ଼ା,୪।୩(ମକାରୁ ବେମାଲ)**

ନୂଆପଡା ସଦର ବ୍ଲକ ସାହିପଲା ପ୍ରାଥମିକ ବିଦ୍ୟାଳୟରେ ରୋଷେଇ ଘର ନିର୍ମାଣ ପାଇଁ ସୋମବାର ସ୍କୁଲ ପରିଚାଳନା କମିଟି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୫୮ରେ ସ୍ଥାପିତ ଏହି ବିଦ୍ୟାଳୟରେ ଭଲ ଶ୍ରେଣୀ କୋଠରି ଘର କିମ୍ବା ରୋଷେଇ ଘର ନାହିଁ। ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୬୬ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୨ଟି କୋଠରି ବିଶିଷ୍ଟ ବିଦ୍ୟାଳୟରେ ୫ଟି ଶ୍ରେଣୀର ଛାତ୍ରୀଛାତ୍ର କିଭଳି ବସି ଅଧ୍ୟୟନ କରୁଥିବେ ତାହା ସହଜେ ଅନୁମେୟ। ଗୋଟିଏ କୋଠରିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲା ବସି ପାଠ ପଢୁଥିବା ବେଳେ ଅନ୍ୟ ଏକ କୋଠରିରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ବସି ଅଧ୍ୟୟନ କରୁଛନ୍ତି। ରୋଷେଇ ଗୃହ ନ ଥିବାରୁ ସ୍କୁଲ ବାରଣ୍ଡାରେ ରୋଷେଇ କାର୍ଯ୍ୟ ହେଉଛି। ରୋଷେଇ ଧୂଆଁରେ ଛାତ୍ରୀଛାତ୍ରମାନେ ପାଠପଢି ପାରୁ ନ ଥିବା ଅଭିଯୋଗ କରିଛନ୍ତି। ସ୍କୁଲ କାର୍ଯ୍ୟାଳୟ ନ ଥିବାରୁ କାଗଜାତ ଓ ବିଦ୍ୟାଳୟ ଉପକରଣ ସବୁ ଶ୍ରେଣୀ କୋଠରି ଭିତରେ ରଖାଯାଉଛି। ଗୋଦାମ ଘର ଅଭାବରୁ ପିଲାଙ୍କ ମଧ୍ୟାହ୍ନ ଭୋଜନ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ମଧ ଶ୍ରେଣୀ କୋଠରି ଭିତରେ ରଖାଯାଉଥିବାରୁ ଛାତ୍ରୀଛାତ୍ରଙ୍କୁ ବସିବା ପାଇଁ ଅସୁବିଧା ହେଉଛି। ଶୀଘ୍ର ରୋଷେଇ ଘର ଓ ଆବଶ୍ୟକ ଶ୍ରେଣୀ କୋଠରି ନିର୍ମାଣ କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଦାବି କରିଛନ୍ତି।

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ


ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

**ନୂଆପଡ଼ା,୪।୩(ମକାରୁ ବେମାଲ)**

ସ୍ଥାନୀୟ ସଦଭାବନା ସଭା ଗୃହଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ହେମକାନ୍ତ ସାଏ ଉପସ୍ଥିତ ରହି ହିତାଧିକାରୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏହିଅବସରରେ ଜିଲା ମୁଖ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ସଦର ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ, ସଦର ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲାସ୍ତରୀୟ ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶିବିରରେ ଜିଲାର ମୋଟ ୧୩୨ଜଣ ହିତାଧିକାରୀ ନିଜର ସମସ୍ୟା ଜିଲାପାଳଙ୍କୁ ଜଣାଇଥିଲେ। କେତେ ସମସ୍ୟା ତୁରନ୍ତ ସମାଧାନ ହୋଇଥିଲା ବେଳେ ରହିଯାଇଥିବା ସମସ୍ୟାଗୁଡିକୁ ଶୀଘ୍ର ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ପାନୀୟ ଜଳ, ଆବାସ ଗୃହ, ରାଶନ କାର୍ଡ, ଗମନାଗମନ, ବିଜୁଳି, ବାର୍ଦ୍ଧକ୍ୟ ଭତ୍ତା ଆଦି ସମାସ୍ୟା ରହିଥିଲା। ଉକ୍ତ ଅଭିଯୋଗ ଶିବିର ହେଉଥିବା ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ସମସ୍ୟା ନେଇ ଆସିଥିବା ହିତାଧିକାରୀମାନେ ପାଣି ପାଇଁ ଡହଳ ବିକଳ ହେଉଥିବା ଅଭିଯୋଗ ହେଉଛି। ଛାଇର ବ୍ୟବସ୍ଥା ନ ଥିବାରୁ ଲୋକେ ଗଛମୂଳେ ବିଶ୍ରାମ ନେଇଥିଲେ। ଗ୍ରୀଷ୍ମ ପ୍ରବାହ ଜାରି ହେଉଥିଲେ ମଧ ଜିଲା ପ୍ରଶାସନ ଛାଇର ବ୍ୟବସ୍ଥା କିମ୍ବା ପାଣି ସୁବିଧା କରୁ ନ ଥିବାରୁ ହିତାଧିକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

# ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଲାଞ୍ଜିଗଡ଼,୪।୩(ରମେଶ ଚନ୍ଦ୍ର ନାୟକ)**



କଳାହାଣ୍ଡିଜିଲା ଲାଞ୍ଜିଗଡ ବ୍ଲକ ଲାଖବାହାଲି ଗ୍ରାମପଞ୍ଚାୟତ ଅଧୀନ ରୁଘାଗୁ ଖେଳ ପଡିଆଠାରେ ଏସବିଆଇ ଫାଉଣ୍ଡେସନ ଓ ଗ୍ରାମ ବିକାଶ ମିଳିତ ଆନୁକୂଲ୍ୟରେ ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବ୍ଲକର ପାହାଡ଼ପଡାର, ମାଲିପୁବାଙ୍ଗ, ବେନଗାଁ, ବିଜେପୁର, ଲାଖବାହାଲି ସମେତ ୫ଟି ପଞ୍ଚାୟତର ବିଭିନ୍ନ ହାଇସ୍କୁଲ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୫୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଉଭୟ ଛାତ୍ରୀଛାତ୍ରଙ୍କ ପାଇଁ ୧ ଶହ ମିଟର ଦୌଡ, ୨ ଶହ ମିଟର ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ମ୍ୟୁଜିକ ଚେୟାର, ପୁଚି, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ବକ୍ତୃତା, ସଂଗୀତ, ନୃତ୍ୟ, ପ୍ରବନ୍ଧ ଲିଖନ ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ବେନଗାଁ ଏସବିଆଇ ଶାଖା ପ୍ରବନ୍ଧକ ସୁବ୍ରତ ମାଝି, ଗ୍ରାମ ଉନ୍ନୟନ କମିଟି ସଦସ୍ୟ ଖଗେଶ୍ୱର ନାଏକ, ଗ୍ରାମ ବିକାଶରୁ ସୁନୀଲ କେ.ଥମୋଶ, ସ୍ମିତ ଦାସ ପ୍ରମୁଖ ଉପସ୍ଥିତ ରହି ଉପାନ୍ତ ଅଞ୍ଚଳର ଛାତ୍ରୀଛାତ୍ରମାନେ ନିଜର ପ୍ରତିଭାକୁ ପ୍ରଦର୍ଶନ କରି କିଭଳି ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିବା ସହିତ ନିଜର ନେତୃତ୍ୱ ଓ ବ୍ୟକ୍ତିତ୍ୱକୁ ଆଗକୁ ବଢ଼ାଇ ପାରିବେ ବୋଲି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହିତ ଦିଗଦର୍ଶନ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରୁଘାଗୁଡା ଯୁବସଂଘ କମିଟି ସଦସ୍ୟ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମ ବିକାଶ ସାଥି ଓ କର୍ମୀ ପ୍ରମୁଖ ସହଯୋଗ କରିଥିଲେ।

### ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ମରଣାନ୍ତକ ଆକ୍ରମଣ

**ଖଡ଼ିଆଳ,୪।୩(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭୋଜପୁର ଗ୍ରାମର ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ ଆସିଛି। ଖବର ପାଇ ପରିବାର ଲୋକେ ତାଙ୍କୁ ଖଡ଼ିଆଳ ଡାକ୍ତରଖାନାରେ ଚିକିତ୍ସା କରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଭୋଜପୁର ଗ୍ରାମର ତୁଳାରାମ ପଟେଲଙ୍କ ପୁଅ ରେଶମ ଗାଁ ହାଇସ୍କୁଲରେ ପଢ଼ନ୍ତି। ଏବର୍ଷ ତାଙ୍କ ମାଟ୍ରିକ ପରୀକ୍ଷା କେନ୍ଦ୍ର ନିକଟ ଭୁଲିଆସିକୁଆଁ ହାଇସ୍କୁଲରେ ପଡ଼ିଛି। ସୋମବାର ଶେଷ ପରୀକ୍ଷା ଦେଇ ବାହାରକୁ ବାହାରିବା ପରେ ମୋହରା ଗ୍ରାମର ପିଲାମାନେ ତାଙ୍କୁ ଆକ୍ରମଣ କରିଥିଲେ। ରେଶମଙ୍କ ମୁଣ୍ଡ ଫାଟିବା ସହ ହାତ ଓ ବେକରେ ଆଘାତ ଲାଗିଛି। ରେଶମଙ୍କ କହିବାନୁଯାୟୀ ତାଙ୍କର ଜଣେ ସଂପର୍କୀୟ ଭଉଣୀ ମଧ ପରୀକ୍ଷା ଦେଉଥିଲେ। ଗତ ଶନିବାର କିଛି ପିଲା ଭଉଣୀଙ୍କ ନମ୍ବର ମାଗିବାରୁ ସେ ମନା କରିଥିଲେ। ଫଳରେ ଉକ୍ତ ପିଲାମାନେ ତାଙ୍କୁ ଆକ୍ରମଣ କରିଛନ୍ତି।

# ରିଷିଡ଼ା ଡାକ୍ତରଖାନାକୁ ସିଏଚ୍‌ସି ମାନ୍ୟତା ଦାବି

### ତେଜୁଛି ଜନଅସନ୍ତୋଷ

**ରିଷିଡ଼ା,୪।୩(ସୁଶାନ୍ତ ମଲ୍ଲିକ)**




କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ମାନ୍ୟତା ଦେବା ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇଆସୁଛି। ଏ ନେଇ ଜିଲା ଚିକିତ୍ସା ଅଧିକରୀ କାର୍ଯ୍ୟାଳୟରୁ ରାଜ୍ୟ ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପଜିଟିଭିଟି ରିପୋର୍ଟ ମଧ ଗତ ଜୁଲାଇ ମାସରୁ ପଠାଯାଇଛି। ହେଲେ ଅଦ୍ୟାବଧି ରାଜ୍ୟ ସରକାର ପଦକ୍ଷେପ ନେଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ସ୍ୱାସ୍ଥ୍ୟଜନିତ ସମସ୍ୟା ବି ବଢୁଥିବାରୁ ଏହାକୁ ଅପଗ୍ରେଟ କରିବା ଆବଶ୍ୟକତା ରହିଛି। ସୂଚନା ଯେ, ୧୯୬୨ରେ ପ୍ରତିଷ୍ଠିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରିଷିଡ଼ା, ପୌରକେଲା, ଗଜବାହାଲ, ରାଜପୁର, ତେରେସିଂହା ପଞ୍ଚାୟତ ସମେତ ଏମ୍. ରାମପୁର ବ୍ଲକ ଗୋଛାଡେଗେନ ପଞ୍ଚାୟତ କେତେକ ଗାଁ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ କେତେକ ଗାଁ ନିର୍ଭର କରିଥାନ୍ତି। ପ୍ରାୟ ୪୦ ହଜାରରୁ ଅଧିକ ସଂଖ୍ୟକ ଲୋକ ନିର୍ଭର କରୁଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ଜଣେ ଏମବିବିଏସ ଡାକ୍ତର, ଆୟୁଷ, ଫାର୍ମାସିଷ୍ଟ ଓ ହାତଗଣତି କିଛି କର୍ମଚାରୀ ଅଛନ୍ତି। ଏଠାରେ ନିୟୋଜିତ କେତେକ କର୍ମଚାରୀଙ୍କୁ ଅନ୍ୟତ୍ର ଡେପୁଟେଶନରେ ପଠାଯାଇଥିବା ଜଣାପଡିଛି। ଏହି ଡାକ୍ତରଖାନା ସରକାରୀସ୍ତରରେ ଏଏଚ (ଏରିଆ ହସ୍ପିଟାଲ) ମାନ୍ୟତା ପାଇଥିଲେ ମଧ ବାସ୍ତବରେ ସିଏଚସି (ନ୍ୟୁ) ଭଳି ରହିଛି। ଏହାର ଅପଗ୍ରେଟ ପାଇଁ ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କଳାହାଣ୍ଡି ଗସ୍ତ ସମୟରେ ଦାବିପତ୍ର ଦିଆଯାଇଥିଲା। ପ୍ରକାଶ ଥାଉକି ତେରେସିଂହାରେ ନୂତନ ପିଏଚସି ଥିଲେ ମଧ ସେଠାକାର ଲୋକ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି।

# ସାଧାରଣ ନିର୍ବାଚନରେ ଭଲ ପ୍ରଦର୍ଶନ ପାଇଁ ରଣନୀତି ପ୍ରସ୍ତୁତ

**ଭବାନୀପାଟଣା,୪।୩(ଉତ୍ତମ କୁମାର ଦାଶ)**



ଜିଲା କଂଗ୍ରେସର ଜରୁରୀ ବୈଠକ।

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଏକ ହୋଟେଲରେ ସୋମବାର ଜିଲା କଂଗ୍ରେସ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧକ୍ଷତାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ତଥା ଓଡିଶା ପ୍ରଦେଶ ସହ ପ୍ରଭାରୀ ସେହେନାଜ ହୁସେନ ଚୌଧୁରୀ ଯୋଗଦେଇଥିଲେ। ଅଖିଳ ଭାରତୀୟ କଂଗ୍ରେସ କମିଟି ପର୍ଯ୍ୟବେକ୍ଷ୍ୟକ ମୁଦଗର ଚୌଧୁରୀ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ମିତ୍ରଭାନୁ ମହାପାତ୍ର, କଂଗ୍ରେସ ଯୁବ ନେତା ସାଗର ଚରଣ ଦାଶ, କଳାହାଣ୍ଡି ପ୍ରଭାରୀ ଦ୍ୱାରିକା ମହାପାତ୍ର, ବଳଭଦ୍ର ମାଝି, ତୁଲେଶ୍ୱର ନାଏକ, ଦ୍ରୋପଦୀ ମାଝି ପ୍ରମୁଖ ଯୋଗଦେଇ ଥିଲେ। ବୈଠକରେ ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ସମସ୍ତ ବିଧାନସଭା ଓ ଲୋକ ସଭାରେ କିପରି ଭଲ ପ୍ରଦର୍ଶନ କରିବ ସେଥିପରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ସମସ୍ତେ ମତଭେଦ ଭୁଲି ଏକତ୍ରିତ ହୋଇ ନିର୍ବାଚନ ଲଢ଼ିବାକୁ ସେହେନାଜ ଆହ୍ୱାନ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ସରୋଜ ବାଗ ସମସ୍ତେ କଂଗ୍ରେସ ଦଳର ନୀତି ଆଦର୍ଶକୁ ପାଥେୟ କରି ଏକତ୍ରିତ ଭାବେ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ କରିବାକୁ ମତ ଉପସ୍ଥାପନ କରିଥିଲେ। ବୈଠକରେ ଜିଲା ସଭାପତିଙ୍କ ସହ ଜିଲା ସାଧାରଣ ସମ୍ପାଦକ, ସମ୍ପାଦକ, ଉପସଭାପତି, ବ୍ଲକ ସଭାପତି, ସମସ୍ତ ସେଲ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# କଳାହାଣ୍ଡି ଜିଲା: ସରିଲା ମାଟ୍ରିକ ପରୀକ୍ଷା

**ଭବାନୀପାଟଣା,୪।୩(ଉତ୍ତମ କୁମାର ଦାଶ)**

ଚଳିତବର୍ଷର ମାଟ୍ରିକ ପରୀକ୍ଷା ସୋମବାରରେ ଶେଷ ହୋଇଛି। ଶେଷ ଦିନରେ ସାମାଜିକ ବିଜ୍ଞାନ ପରୀକ୍ଷାରେ ୨୨ ହଜାର ୨୨୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୫୬୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିଲେ। ୬ ଦିନ ପରୀକ୍ଷାରେ ଜିଲାର ୩୩୦୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିଲେ। ପ୍ରଥମ ଦିନରେ ୫୭୫, ଦ୍ୱିତୀୟ ଦିନରେ ୫୨୯, ତୃତୀୟ ଦିନରେ ୫୪୭, ଚତୁର୍ଥ ଦିନରେ ୫୪୭, ପଞ୍ଚମ ଦିନରେ ୫୪୭ ଓ ଷଷ୍ଠ ତଥା ଶେଷ ଦିନରେ ୫୬୧ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ତେବେ କେଉଁ କାରଣରୁ ଏତେ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ନ ଦେବା ତାହା ଏବେ ଚିନ୍ତାର ବିଷୟ ହୋଇଛି।

### ପରୀକ୍ଷାରେ ଅନୁପସ୍ଥିତ ୩୩୦୬ ଛାତ୍ରୀଛାତ୍ର

କଳାହାଣ୍ଡି ଜିଲାର ୩୪୨ଟି ହାଇସ୍କୁଲର ମୋଟ ୨୨ ହଜାର ୭୮୨ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ଏଥିରେ ରେଗୁଲାର, ଏକ୍ସ ରେଗୁଲାର ଓ କରସପଣ୍ଡେନ୍ସ ଛାତ୍ରୀଛାତ୍ର ରହିଥିଲେ। ସେହିପରି ଶିକ୍ଷା ବିଭାଗ ସ୍କ୍ୱାର୍ଡ ଦ୍ୱାରା ୩ଜଣ ଛାତ୍ରୀଛାତ୍ର କପି କରି ଧରା ପଡି ମାଲପ୍ରାକ୍ଟିସ ହୋଇଥିବା ଜଣାପଡିଛି। ଚଳିତବର୍ଷ ଜିଲାର ୧୩୪ଟି ପରୀକ୍ଷା କେନ୍ଦ୍ର ଓ ଗୋଟେ ଏସଓଏସସି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ସେହିପରି ୧୩ଟି ନୋଡାଲ ସେଣ୍ଟର ଓ ୩୬ଟି ଡେସପାଚ ଟିମ ଗଠନ କରାଯାଇଥିଲା।





କଳାହାଣ୍ଡି ଜିଲା କଳମପୁର ବ୍ଲକ ଦେପୁରଠାରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ସୋମବାର ଭୋରରେ ପ୍ରାୟ ୨୫ ଫୁଟ୍‌ର ଘାଇ ସୃଷ୍ଟି ହୋଇ ରାସ୍ତାରେ ଆଣ୍ଠୁଏ ପାଣି ବୋହୁଛି। ଇନ୍ଦ୍ରାବତୀ ସହକାରୀ ଯନ୍ତ୍ରୀ ଓ ପୂର୍ବତନ ମନ୍ତ୍ରୀ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ଥମୁନି ହାତୀ ଉପଦ୍ରବ: ଦଳିଦେଲେ ଧାନ ଫସଲ

**ଉଲୁଣ୍ଡା, ୪।୩(ଉରୁକ୍ରମ ପାଣ୍ଡିଆ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନାଞ୍ଚଳ ଅଧିନସ୍ଥ ବଡ଼ମାଳ ବାଘପାଲି ଗ୍ରାମରେ ସୋମବାର ସକାଳୁ ହାତୀ ଉପଦ୍ରବରେ ଚାଷୀମାନଙ୍କ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ସକାଳେ ହାତୀପଲ ଉକ୍ତ ଗ୍ରାମକୁ ପ୍ରବେଶ କରି ଚାଷୀ ଗଣେଶ ରାଜୁଙ୍କ ସମେତ ଅନ୍ୟାନ୍ୟ ଚାଷୀଙ୍କ ଧାନ ଫସଲ ଦଳିଚକଟି ନଷ୍ଟ କରିବା ସହ ଚାଷୀ ରାଜୁଙ୍କ ପାଣି ପାଇପ ଏବଂ କଦଳୀ ଗଛ ଭାଙ୍ଗି ଦେଇଥିବା ସେ ଅଭିଯୋଗ କରିଛନ୍ତି। କିଛି ଦିନ ହେବ ହାତୀ ଉପଦ୍ରବ ଲାଗି ରହିଥିବାବେଳେ ବନବିଭାଗର ନିଦ ଭାଙ୍ଗୁ ନ ଥିବାରୁ ହାତୀପଲ ଗାଁ ମୁହାଁ ହୋଇ ଚାଷୀମାନଙ୍କ ଧାନ ଫସଲ ନଷ୍ଟ କରିଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

### ରକ୍ତଦାନ ଶିବିର: ୨୦ ୟୁନିଟ ସଂଗ୍ରହ

**ଅମରପାଲି,୪।୩(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ମୁରଲୀଧର ଭୋଇଙ୍କ ବିୟୋଗରେ ତାଙ୍କର ଶୁଦ୍ଧିକ୍ରିୟା ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାହେଶ୍ୱରୀ ସେନା ତରଫରୁ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ସ୍ୱର୍ଗତ ଭୋଇଙ୍କ ଜ୍ୟେଷ୍ଠପୁତ୍ର କର୍ଣ୍ଣଦାନୀ ଭୋଇ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ମୋଟ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସୋନପୁର ରକ୍ତଭଣ୍ଡାରର ଡା.ବୃନ୍ଦାବନ ମେହେର,ସୁଦାମ ବିଶ୍ୱାଳ, ଜଗତ ଦରୱାନ ଓ ଯୁଧିଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ। ସ୍ୱେଚ୍ଛାସେବୀ ପ୍ରେମାନନ୍ଦ ନାଏକ, ପ୍ରକୃତିବନ୍ଧୁ ସତ୍ୟଜିତ ଗଡୁଆ,ମାହେଶ୍ୱରୀ ସେନାର କର୍ମକର୍ତ୍ତା ବିକାଶ ମହାକୁର, ସୁଧାଂଶୁ କର୍ଣ୍ଣ ସହଯୋଗ କରିଥିଲେ ।

### ୨ଦିନିଆ ବିଜ୍ଞାନ,ଗଣିତ ପ୍ରଶିକ୍ଷଣ କର୍ମଶାଳା

**ଘଣ୍ଟାପଡ଼ା,୪।୩(ପ୍ରଭାତ କୁମାର ସାହୁ):** ବିଜ୍ଞାନ ଓ ଗଣିତ ପଢ଼ାଇବା ବେଳେ କିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହେବ ଏହା ଉପରେ ଓସେପା ପକ୍ଷରୁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସରକାରୀ ଟିଓଏମଇ ସ୍କୁଲରେ ୨ ଦିନିଆ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଘଣ୍ଟାପଡ଼ା କ୍ଲଷ୍ଟରର ସିଆର୍‌ସିସି ରୂପା ସିଂ କ୍ଷେତିଙ୍କ ପରିଚାଳନାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଘଣ୍ଟାପଡ଼ା, ଖୁଣ୍ଟିଗୋରା,ବରଗାଁ ଓ ବିରସିଂପୁର କ୍ଲଷ୍ଟର ମୋଟ ୫୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କଣ୍ଟାମାଳ ଏବିଇଓ ତ୍ରିନାଥ ପାଣିଙ୍କ ଉପସ୍ଥିତିରେ ପ୍ରଶିକ୍ଷକ ଭାବେ ଶକ୍ତି ଦାସ ପୂଝାରୀ, ବିଶାମିତ୍ର ମନହିରା, ରାଜୀବ କୁମାର ସାହୁ ଓ ଶେତ ବେହେରା ଯୋଗଦେଇ କର୍ମଶାଳାରେ ପ୍ରଶିକ୍ଷଣ ଦେଇଥିଲେ।

### ସରିଲା ଦଶମ ବୋର୍ଡ ପରୀକ୍ଷା

ଘଣ୍ଟାପଡ଼ା,୪।୩(ପ୍ରଭାତ କୁମାର ସାହୁ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ୧ନଂ ଜୋନ ଅଧିନସ୍ଥ ୩ଟି କେନ୍ଦ୍ରରେ ଦଶମ ବୋର୍ଡ ପରୀକ୍ଷା ସୋମବାର ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି। ମୋଟ ୮୨୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୦୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୨୦ ଜଣ ଛାତ୍ରୀଛାତ୍ର କୌଣସି କାରଣ ବଶତଃ ଅନୁପସ୍ଥିତ ରହିଥିଲେ।

# କାର୍ଯ୍ୟାନୁଷ୍ଠାନ ଶୂନ୍ୟ ଜିଲା ସୁବର୍ଣ୍ଣପୁର

**ଡୁଙ୍ଗୁରିପାଲି ବ୍ଲକରେ ପିଏମ୍ ଆବାସ ଯୋଜନାରେ ଦୁର୍ନୀତି**

ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ
Pradhan Mantri Awaas Yojana-Gramin

- ହିତାଧିକାରୀଙ୍କୁ ମିଳିଛି ଦୁଇ ଥର କାର୍ଯ୍ୟାଦେଶ, ପ୍ରଥମ କିସ୍ତି ଟଙ୍କା
- ସରପଞ୍ଚଙ୍କ ଅବିବାହିତ ଝିଅକୁ ବିଧବା ଦର୍ଶାଯାଇଛି

**ସୋନପୁର,୪।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣରେ ବ୍ୟାପକ ଦୁର୍ନୀତି ହୋଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ସରକାରୀ ନିୟମ ଉଲ୍ଲଂଘନ କରି ହିତାଧିକାରୀ ଚୟନ କରାଯାଇଛି। ଆବାସ ଯୋଜନାରେ ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଘର ମିଳିବାର ନିୟମ ଥିବାବେଳେ ସମାନ ଲୋକଙ୍କୁ ଦୁଇ ଥର ଲେଖାଏଁ କାର୍ଯ୍ୟାଦେଶ ଓ ପ୍ରଥମ କିସ୍ତି ଟଙ୍କା ଦିଆଯାଇଛି। ଅବିବାହିତ ଝିଅକୁ ବିଧବା ଦର୍ଶାଇ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ତଦନ୍ତ ପରେ ଏହି ସବୁ ଦୁର୍ନୀତିର ପ୍ରମାଣ ମିଳିଛି। କିନ୍ତୁ କୌଣସି ଅଦୃଶ୍ୟ ଶକ୍ତି ଚାପରେ ଜିଲା ପ୍ରଶାସନ ଓ ଡୁଙ୍ଗୁରିପାଲି ବ୍ଲକ ପ୍ରଶାସନ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏପରିକି ଅଯୋଗ୍ୟ ହିତାଧିକାରୀଙ୍କ ନିକଟରୁ ଟଙ୍କା ଆଦାୟ ପାଇଁ ପଦକ୍ଷେପ ନିଆଯାଉନି। ସୁବର୍ଣ୍ଣପୁର ଏବେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ ଜିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଞ୍ଚାୟତ ପହଣ୍ଡି ଗ୍ରାମର ବାସନ୍ତି ସାହୁ ଆବାସ ଯୋଜନାରେ ଦୁଇଟି ଘରର କାର୍ଯ୍ୟାଦେଶ ପାଇଛନ୍ତି। ତାଙ୍କୁ ପ୍ରଥମ କିସ୍ତି ଟଙ୍କା ୪୦ ହଜାର ଲେଖାଏଁ ଦୁଇ ଥର ପ୍ରଦାନ କରାଯାଇଛି। ସେହିପରି ରାମପୁର ପଞ୍ଚାୟତ ରାମପୁର ଗ୍ରାମର ମୁନା ମହାନନ୍ଦ ଓ ଦୀପାଞ୍ଜଳି ଭୋରାସାଗରଙ୍କୁ ଆବାସ ଯୋଜନାରେ ଦୁଇ ଥର ଲେଖାଏଁ ଘର ମିଳିଛି। ଉଭୟଙ୍କୁ ପ୍ରଥମ କିସ୍ତି ଟଙ୍କା ଦୁଇ ଥର ଲେଖାଏଁ ଦିଆଯାଇଛି। ଟ୍ୟାଗ୍ ଅଫିସର ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍ ଓ ବ୍ଲକର ବରିଷ୍ଠ ଅଧିକାରୀଙ୍କ ଅବହେଳାରେ ଏପରି ହୋଇଛି। ଚଞ୍ଚକତା କରିବା ପାଇଁ ହିତାଧିକାରୀଙ୍କ ନାମରେ ୨ଟି ଲେଖାଏଁ ଏମ୍‌ଜିଏନଆରଇଜିଏସ୍ ଜବ୍ କାର୍ଡ ସମ୍ପୃକ୍ତ ପଞ୍ଚାୟତ ପକ୍ଷରୁ ବେଆଇନ ଭାବରେ ଯୋଗାଇ ଦିଆଯାଇଛି। ସେହିପରି ପଣ୍ଡକିଟାଲ/ନାଇକେନପାଲି ପଞ୍ଚାୟତର ସରପଞ୍ଚ ଗୋବିନ୍ଦ ସେଠ୍‌ଙ୍କ ୧୮ ବର୍ଷିୟା ଅବିବାହିତ ଝିଅ ରଶ୍ମିରାଣୀ ସେଠ୍‌ଙ୍କୁ ରେଜିଷ୍ଟ୍ରେସନ ନଂ ଓଆର୧୫୪୪୫୬୭୮୫ ମୂଳେ ବିଧବା ଦର୍ଶାଇ ଗତ ୨୦୨୧-୨୨ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଇଛି। ରଶ୍ମିରାଣୀଙ୍କ ନାମରେ ଥିବା ବ୍ୟାଙ୍କ ଅଫ୍ ବରୋଦା ଆକାଉଣ୍ଟରେ ପ୍ରଥମ କିସ୍ତି ୪୦ ହଜାର ଟଙ୍କା ଗତ ଜୁଲାଇ ୩ ତାରିଖରେ ଦିଆଯାଇଛି। ତେବେ ପତ୍ନୀଙ୍କ ନାମରେ ଆବେଦନ କରା ଯାଇଥିଲା, ଭୁଲରେ ଝିଅ ନାମରେ ଘର ମଞ୍ଜୁର ହୋଇଥିବା ସରପଞ୍ଚ ସେଠ୍ ସଫେଇ ଦେଇଛନ୍ତି। ଏହି ବ୍ଲକର ସହଲା, ପଣ୍ଡକିଟାଲ/ନାଇକେନପାଲି, ଭୀମଟିକିରା, ରାମପୁର ଓ ସୁନାପାଲି ପଞ୍ଚାୟତରେ ବେଆଇନ ଭାବେ ଆବାସ ଯୋଜନାରେ ଶତାଧିକ ଅଯୋଗ୍ୟଙ୍କୁ ସାମିଲ କରାଯାଇଥିବା ଡୁଙ୍ଗୁରିପାଲି ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଆବାସ ଯୋଜନା ଦୁର୍ନୀତିର ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ତଦନ୍ତ ପାଇଁ ପ୍ରାକ୍ତନ ଜିଲାପାଳ ବିମଳେନ୍ଦୁ ରାୟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୨ ମାସ ପରେ ବି କୌଣସି ପଦକ୍ଷେପ ନିଆଯାଇନି। ସଂଗୃହୀତ ତଥ୍ୟ ଅନୁଯାୟୀ ପ୍ରଥମ କିସ୍ତି ବାବଦରେ ହିତାଧିକାରୀଙ୍କ ଭିନ୍ନଭିନ୍ନ ଆକାଉଣ୍ଟକୁ ୨ଥର ୪୦ ହଜାର ଟଙ୍କା ଲେଖାଏଁ ଅନଲାଇନ ଟ୍ରାନ୍ସଫର କରାଯାଇଛି। ଏହି ବେଆଇନ କାର୍ଯ୍ୟ ଜରିଆରେ ସରକାରୀ ଅର୍ଥ ହଡପ ସହିତ କିଛି ମୁଷ୍ଟିମେୟ ଲୋକ ଫାଇଦା ଉଠାଇଛନ୍ତି।

## ନୂତନ ଡାକଘର ଉଦ୍‌ଘାଟନ କଲେ ବଲାଙ୍ଗୀର ଏମ୍‌ପି



ସାଗଯୋରିରେ ନୂତନ ଡାକଘରକୁ ଏମ୍‌ପି ଉଦ୍‌ଘାଟନ କରୁଛନ୍ତି।

**ଅମରପାଲି,୪।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ନୂତନ ଡାକଘର ଉଦ୍‌ଘାଟନ ହୋଇଯାଇଛି। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଡାକଘର ଉଦ୍‌ଘାଟନ କରିଛନ୍ତି। ବୀରମହାରାଜପୁର ବ୍ଲକର ଦୁର୍ଜନତୈଲା ପଞ୍ଚାୟତର ସାଗଯୋରି ଏବଂ ଉଲୁଣ୍ଡା ବ୍ଲକର ଦୀପପାଲି ଓ ବ୍ରାହ୍ମଣୀପାଲି ଗ୍ରାମରେ ନୂତନ ଡାକଘର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ସାଗଯୋରି ଗ୍ରାମରେ ଡାକଘର ଉଦ୍‌ଘାଟନ ସଭାରେ ଏମ୍‌ପି ସଙ୍ଗୀତ କୁମାରୀ ସିଂଦେଓ ମୁଖ୍ୟ ଅତିଥି ଏବଂ ଡାକ ଅଧୀକ୍ଷକ ତାପସ ଦାସ, ସହକାରୀ ଡାକ ଅଧୀକ୍ଷକ ସଞ୍ଜୟ ବିଶାଳ, ଡାକ ନିରୀକ୍ଷକ ବାଲମୁକୁନ୍ଦ ବାରିକ ଓ ସଞ୍ଜୟ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅମରପାଲି ପୋଷ୍ଟ ମାଷ୍ଟର ଜୟ ପ୍ରକାଶ ସାହୁ ଓ ସାଗଯୋରୀ ପୋଷ୍ଟ ମାଷ୍ଟର କାହ୍ନୁ ଚରଣ ମିର୍ଦ୍ଧା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତରଭାରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କାୟାକଳ୍ପ ଟିମ୍



ତରଭା ଡାକ୍ତରଖାନା ଡାକ୍ତର, କର୍ମଚାରୀଙ୍କ ସହ କାୟାକଳ୍ପ ଦଳର ପ୍ରତିନିଧି।

**ତରଭା, ୪।୩(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାୟାକଳ୍ପ ଦଳ ସୋମବାର ପରିଦର୍ଶନରେ ଆସିଥିଲେ। ଏଥିରେ ରାଜ୍ୟ ଆରଆରଟି, ଆଇଡିଏସପି ସେଲ ମୁଖ୍ୟ ଡାକ୍ତର ସତ୍ୟରଞ୍ଜନ ପାଣିଗ୍ରାହୀ, ଡ. କଲ୍ଲୋଳ ଦାସ (ଏନଭିଏଚସିପିସିସି) ଡ. ମାଧୁରୀ ସ୍ୱାଇଁ (ରାଜ୍ୟ ଡିପିଏମ କାର୍ଯ୍ୟକ୍ରମ ପରିଚାଳକ) ଜିଲା କ୍ୱାଲିଟି ମ୍ୟାନେଜର ହିତେଶ ତ୍ରିପାଠୀ ପ୍ରମୁଖ ତରଭା ଡାକ୍ତରଖାନାର ସମସ୍ତ ବିଭାଗ ପରିଦର୍ଶନ କରିଥିଲେ। ଡାକ୍ତରଖାନାର ସମସ୍ତ ବିଭାଗ ଓ ଅଞ୍ଚଳ ପରିଦର୍ଶନରେ ଅଧିକ୍ଷକ ଡା କ୍ଷୀରୋଦ୍ର ମିଶ୍ର ସହଯୋଗ କରିଥିଲେ। କାୟାକଳ୍ପ ଦଳକୁ ସ୍ଥାନୀୟ ନାଗରିକ କମିଟି ସଭାପତି, ସଭ୍ୟ, ଗଣମାଧ୍ୟମ ପ୍ରତିନିଧି ଭେଟି ତରଭା ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ, ସମସ୍ତ ଡାକ୍ତର ଉପସ୍ଥିତ ରହିବା ଓ ଦାନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ଲିଖିତ ଜଣାଇଥିଲେ ।

## ସୁବର୍ଣ୍ଣପୁରରେ ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର,୪।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ନିକଟରେ ମୋଟ ୪୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୩୬ଟି ବ୍ୟକ୍ତିଗତ ଓ ୮ଟି ସାମୂହିକ ଥିଲା। ଏଥିରେ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ, ଏସ୍‌ପି ଯଶ୍ ପ୍ରତାପ ଶ୍ରୀମାଲ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକ, ସୋନପୁର ତହସିଲଦାର ଡ. ସୌମ୍ୟରୂପା ରଥ, ଏବିଡିଓ ଶଶିଭୂଷଣ ପ୍ରଧାନ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତ, ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ, ମୁଖ୍ୟ ଜିଲା କୃଷି ଅଧିକାରୀ ଡ. ବିଭୂତି ଭୂଷଣ ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝି, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାସଙ୍କ ସମେତ ଜିଲାର ଅଧିକାରୀମାନେ ଯୋଗଦାନ କରି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଅବସରରେ ୨ଟି ଅସହାୟ ପରିବାରକୁ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ବାତ୍ସଲ୍ୟ ଯୋଜନା ଅଧିନରେ ପୃଷ୍ଠପୋଷକତା ସହାୟତା ରାଶି ୬ ମାସ ପାଇଁ ଉଭୟ ପରିବାରକୁ ୨୪ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗ ଗୁଡିକୁ ଶିଘ୍ର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗର ଅଧିକାରୀ ମାନଙ୍କୁ ଜିଲାପାଳ ଶ୍ରୀମତି ଦାସ ନିର୍ଦ୍ଦେଶ ଦେଇଥିଲେ।

## ମୁଣ୍ଡାପଡ଼ା କଲ୍ୟାଣ ମଣ୍ଡପ ଉଦ୍‌ଘାଟନ

**ବାଉଁଶୁଣୀ,୪।୩( ଦେବାଶିଷ ନେପାକ)**

**ଅଧାପନ୍ତରିଆ କାମ ହୋଇଥିବା ବିରୋଧୀଙ୍କ ଅଭିଯୋଗ**



ବୌଦ୍ଧ ନିର୍ବାଚନ ମଣ୍ଡଳୀର ମୁଣ୍ଡାପଡା ପଞ୍ଚାୟତରେ ସୋମବାର ନୂତନ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପାନୀୟ ଜଳ ଯୋଗାଣ, ପଞ୍ଚାୟତରାଜ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗଦେଇ ମଣ୍ଡପର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଣ୍ଡାପଡାର ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ପ୍ରଦୀପ ଅମାତ ଭୋଟ ଭିକ୍ଷା କରିଥିଲେ। ଅନ୍ୟତମ ଅତିଥିଭାବେ ବୌଦ୍ଧ ନିର୍ବାଚନ ମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ କର୍ଣ୍ଣ, ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଭଗବାନ କହ୍ନର, ବୌଦ୍ଧ କେନ୍ଦ୍ରୀୟ ସମବାୟ ବେଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ବୌଦ୍ଧ ସରପଞ୍ଚ ସଂଘ ସଭାପତି ଅରୁଣ କୁମାର ବାଘ, ଆଞ୍ଚଳିକ କନ୍ଧ ସମାଜର ସଭାପତି ଶଙ୍କର ପ୍ରଧାନ, ବଡ଼ିଗାଁ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନ, ଆମ୍ଭଝରି ସରପଞ୍ଚ ପ୍ରେମାନନ୍ଦ ବାଘ, ପୂର୍ବତନ ସମିତି ସଭ୍ୟ ସଞ୍ଜୟ ପ୍ରଧାନ, ନାଏବ ସରପଞ୍ଚ ସୁମନ୍ତ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନିର୍ବାଚନକୁ ଆଖି ଆଗରେ ରଖି ତରବରିଆ ଭାବେ ଅଧପନ୍ତରିଆ କଲ୍ୟାଣ ମଣ୍ଡପକୁ ମନ୍ତ୍ରୀ ଉଦ୍‌ଘାଟ କରିଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ଏହା ସହିତ କଲ୍ୟାଣ ମଣ୍ଡପରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ, କାନ୍ଥରେ ରଙ୍ଗ ନ ଲଗାଇ, ବିଭିନ୍ନ ସ୍ଥଳରେ ପ୍ଲାଷ୍ଟର ମଧ୍ୟ କରାଯାଇ ନଥିବା ଦେଖିବାକୁ ମିଳିଛି। ସବୁଠାରୁ ବଡ଼ କଥା ହେଉଛି ଏକ ପ୍ଲାଟୁନ ପୋଲିସ ଛାଉଣୀରେ ମନ୍ତ୍ରୀ ଅମାତ ମୁଣ୍ଡାପଡା ଗ୍ରାମରୁ ଏକ ଶୋଭାଯାତ୍ରାରେ ବାହାରି ହାଟପଦା ଠାରେ ପହଞ୍ଚି କଲ୍ୟାଣ ମଣ୍ଡପର ଉଦ୍‌ଘାଟନ କରିଥିଲେ।

## ମାହେଶ୍ୱରୀ ଡିଗ୍ରୀ କଲେଜରେ ଯୁବ ସମ୍ବାଦ କାର୍ଯ୍ୟକ୍ରମ

**ବାଉଁଶୁଣୀ,୪।୩(ଦେବାଶିଷ ନେପାକ)**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରିଡା ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନଏସଏସ ଭୁବନେଶ୍ୱର ଦ୍ୱାରା ଯୁବ ସମ୍ବାଦ କାର୍ଯ୍ୟକ୍ରମ, ବିକଶିତ ଭାରତ ପ୍ରବେଶ ପଥ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତ-୨୦୪୩ର ଅନୁଚିନ୍ତା ଉପରେ ୧୫୦ ଜଣ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟଅତିଥିଭାବେ ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଡ଼, ସମ୍ମାନିତ ଅତିଥିଭାବେ ଡ. ମନୋରଞ୍ଜନ ଘଡ଼େଇ,ବାବାରାମ ଦେହୁରୀ, ଦୀପାଞ୍ଜଳୀ ସାହୁ, ଶଶିକାନ୍ତ ଜେନା, ମମତା ନେଗି, ପ୍ରଶାନ୍ତ ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏନଏସଏସର ଅଧିକାରୀ ବାବାରାମ ଦେହୁରୀ ଯୁବ ସମ୍ବାଦ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି ପୁରସ୍କୃତ କରାଯାଇଥିଲା। ଏଥିସହ ଅଂଶ ଗ୍ରହଣ କରିଥିବା ସମସ୍ତ ୧୫୦ ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ। ସାଗମାରାଣୀ ମହାକୁଳ ଧନ୍ୟବାଦ ଦେଇଥିଲେ।

## ବିନିକାକୁ ସବ୍‌ଡିଭିଜନ ଦାବି, ୬ରୁ ଗଣଧାରଣା



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବିନିକା, ୪।୩ (ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକାକୁ ସବ୍‌ଡିଭିଜନ ଦାବି ତେଜିଛି। ଏ ନେଇ ସବ୍‌ଡିଭିଜନ ସଂଘର୍ଷ କମିଟି ତରଫରୁ ବରିଷ୍ଠ ନାଗରିକ ଶୀତଳ ପ୍ରସାଦ ମହାକୁଡ଼ଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନକାରୀ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଆସନ୍ତା ୬ ତାରିଖରୁ ସବ୍‌ଡିଭିଜନ ଘୋଷଣା ନ ହେବା ପର୍ଯ୍ୟନ୍ତ ତହସିଲ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ମହାନଦୀ ସ୍ପୋର୍ଟିଂକୁ ହରାଇ ସୋନପୁର କ୍ରିକେଟ ସଂଘ ବିଜୟୀ

**ବୌଦ୍ଧ,୪।୩ (ଅଜିତ କୁମାର ବାରିକ)**

**ବୌଦ୍ଧ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ବୌଦ୍ଧ ଜିଲା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ସୋମବାର ସ୍ଥାନୀୟ ଷ୍ଟାଡିୟମଠାରେ ସପ୍ତମ ବୌଦ୍ଧ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥିଭାବେ ନାଗରିକ କମିଟି ସମ୍ପାଦକ ବିଶେଶ୍ୱର ପୃଷ୍ଟି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ବରିଷ୍ଠ କ୍ରିକେଟ ଖେଳାଳି ସେଖ୍ କଲିମୁଲ୍ଲା, ଜିଲା କ୍ରିକେଟ ଆସୋସିଏଶନ ସଭାପତି ନିରନ ମେହେର, ସମ୍ପାଦକ ଯୁଗଳ କିଶୋର ସାମଲ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ସୋନପୁର ଜିଲା କ୍ରିକେଟ ସଂଘ (ଏସ୍‌ଡିଏ) ଓ ମହାନଦୀ ସ୍ପୋର୍ଟିଂ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୋନପୁର ଦଳ ସମସ୍ତ ଉଇକେଟ ହରାଇ ୧୯୬ ରନ୍ କରିଥିବା ବେଳେ ମହାନଦୀ ସ୍ପୋର୍ଟିଂ ବୌଦ୍ଧ ସମସ୍ତ ଉଇକେଟ ହରାଇ ୧୩୮ ରନ୍ କରିଥିଲା। ଫଳରେ ସୋନପୁର ଦଳ ୫୮ ରନ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚକୁ ଅମ୍ପାୟାର ବିଶ୍ୱଜିତ ପ୍ରଧାନ ଓ ବିଶ୍ୱମ୍ଭର ମହାକୁଡ ପରିଚାଳନା କରିଥିବାବେଳେ ସ୍ୱାଗତ ଦେହୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ସମ୍ବଲପୁର ଓ ପ୍ରୋଗ୍ରେସିଭ ଆସୋସିଏଶନ ଝାରସୁଗୁଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ଅତିଥିଙ୍କ ଗହଣରେ ଖେଳାଳି।

## ଜାତିଆଣ ଭେଦଭାବ ଘଟଣା: ଶିକ୍ଷୟିତ୍ରୀ ନିଲମ୍ବିତ

**ବୌଦ୍ଧ,୪।୩( ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ସରସ୍ୱତୀ ପୂଜା ଦିନ ଏକ ଛାତ୍ରଙ୍କୁ ଜାତିଆଣ ଭେଦଭାବ କରାଯାଇଥିବା ଘଟଣାରେ ଶିକ୍ଷୟିତ୍ରୀ ଅନୁସୟା ଦେବୀଙ୍କୁ ଜିଲା ଶିକ୍ଷା ଅଧିକାରୀ ନିଲମ୍ବିତ କରିଥିବା ଜଣାପଡିଛି। ଶିକ୍ଷୟିତ୍ରୀ ଅନୁସୟା ସରସ୍ୱତୀ ପୂଜାରେ ଜଣେ ଦଳୀତ ଛାତ୍ରଙ୍କୁ ଜାତିଆଣ ଓ ଅଛୁଁଆ ଭେଦଭାବ ଆପେକ୍ଷ କରିଥିଲେ। ଏହି ଭେଦଭାବ ଘଟଣାରେ ଗତ ୧୭ ତାଖରେ ପାଣଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ଜିଲା ଶିକ୍ଷା ଅଧିକାରୀ ଗେନ୍ଧା କୁଜୁରଙ୍କୁ ଏକ ଦାବି ପତ୍ର ଦେଇଥିଲେ। ତଦନ୍ତ ପରେ ଏହି ଘଟଣାରେ ଶିକ୍ଷୟତ୍ରୀଙ୍କୁ ନିଲମ୍ବିତ କରିଥିବା ବେଳେ ଅନ୍ୟ ୨ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ଗେନ୍ଧା କୁଜୁରୁ ପ୍ରକାଶ କରିଛନ୍ତି।

## ଆଦିବାସୀଙ୍କ ସମସ୍ୟା ଶୁଣିଲେ ଜିଲାପାଳ



ଜିଲାପାଳ ଲୋକଙ୍କ ସମସ୍ୟା ବୁଝୁଛନ୍ତି।

**ତଳଗାଁ,୪।୩(କୁନା ବେହେରା)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଦୁର୍ଗମ ତଳଗାଁ ପଞ୍ଚାୟତର ରାଣୀସାହି, ବୁରୁଡି, ଗୋଟିବିଡା, ନେଡିଗୁଡା ଗ୍ରାମକୁ ସୋମବାର ଜିଲାପାଳ ଜେ. ସୋନାଲ ଗସ୍ତ କରିଥିଲେ। ଆଦିବାସୀଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ। ଗମନାଗମନ ପାଇଁ ଭଲ ରାସ୍ତାଟିଏ ନାହିଁ। ବର୍ଷା ଦିନେ ଗାଁକୁ ଆମ୍ବୁଲାନ୍ସ ଯାଇପାରେ ନାହିଁ। ରୋଗୀଙ୍କୁ ୮ କିଲୋମିଟର ବାଟ ଖଟିଆରେ ଆଣିବାକୁ ପଡିଥାଏବୋଲି ଅଞ୍ଚଳବାସୀ କହିଥିଲେ। ଏଥିସହ ଅଞ୍ଚଳରେ ପାଣି ସମସ୍ୟା ରହିଛି। ଏହି ସବୁ ସମସ୍ୟାର ସମାଧାନ ଖୁବ ଶୀଘ୍ର ଦୂର ହେବ ବୋଲି ଜିଲାପାଳ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ବିଡିଓ ସସ୍ମିତା ନାୟକ ଏବଂ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଚାଳକଙ୍କ ମୃତ୍ୟୁ

ବେଦବ୍ୟାସ,୪।୩(ଆଲୋକ ସ୍ୱାଇଁ): ରାଜଗାଙ୍ଗପୁର ଜାମପାଲି ପଦା ନିକଟରେ ରାଜ୍ୟ ରାଜପଥ-୧୦ରେ ଏକ ଜେସିବିକୁ ବାଇକ ଧକ୍କାଦେବାରୁ ବାଇକ ଚାଳକ ସୁନ୍ଦରଗଡ଼ ପତ୍ରପାଲି ଅଞ୍ଚଳର ଚକ୍ର ଭୋଇ(୫୦) ଗୁରୁତର ହୋଇ ରବିବାର ଜେପି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଭୋର ୪ଟାରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଚକ୍ର ଏକ ପଲସର ବାଇକ୍ (ନଂ.ଓଡ଼ି/୧୬ଜି/୧୧୪୫)ରେ ସୁନ୍ଦରଗଡ଼ରୁ ରାଉରକେଲାକୁ ଆସୁଥିଲେ। ରାଜଗାଙ୍ଗପୁର ଜାମପାଲି ନିକଟରେ ସେ ଜଣେ ମହିଳା ଓ ୨ଶିଶୁଙ୍କୁ ଲିଫ୍ଟ ଦେଇଥିଲେ। ତେବେ ଏକ ଜେସିବିକୁ ପଛରୁ ଧକ୍କାଦେବାରୁ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଚକ୍ର ଛିଟିକି ପଡ଼ିଥିଲେ। ସେହିପରି ଜଣେ ଶିଶୁ ମଧ୍ୟ ଆହତ ହୋଇଥିଲେ।

### ରାଧାକୃଷ୍ଣ ନଗର ନୂତନ କମିଟିର ବାର୍ଷିକ ଉତ୍ସବ

ଲାଠିକଟା,୪।୩(ରାମେଶ୍ୱର ଖାଡଙ୍ଗା): ରାଧାକୃଷ୍ଣ ନଗର ନୂତନ କମିଟିର ପ୍ରଥମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଯଗୁ ପ୍ରହରାଜ, ମଞ୍ଚାସୀନ ଶ୍ରୀଚରଣ ସାମଲଙ୍କୁ କମିଟି ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। କମିଟିର ଉପସଭାପତି ସୁରେଶ ଚନ୍ଦ୍ର ସେଠୀ, ପରିଚାଳନା କମିଟିର ସମ୍ପାଦକ ଉତ୍ତମ ଚରଣ ଖୁଟୁଆ, ସହ ସମ୍ପାଦକ ଗଉରହରି ବେହେରା, କୋଷାଧ୍ୟକ୍ଷ ଶିବ ଚରଣ ନାୟକ,ବାଦଲ ବେହେରା, ଉପଦେଷ୍ଟା ଆଶିଷ କୁମାର ସାହୁ,ସନ୍ଦିପ କୁମାର ସାମଲ, ଅର୍ଜୁନ କୁମାର ଯେନା, ଦଲୀପ କୁମାର ସାହୁ, କାର୍ଯ୍ୟକାରୀ କମିଟିର ସଭ୍ୟ ଫକିର ହରିଚନ୍ଦନ, ବାବୁ ସାହୁ, ସରୋଜ କୁମାର ମହାନ୍ତି, ପ୍ରଶାନ୍ତ କୁମାର ରାଉତ ରାୟ, ସୁକଦେବ ସିଂ, ଜଗବନ୍ଧୁ ସାଇଁ, ନିର୍ମଳ କୁମାର ବାରିକ, ଦୁର୍ଯୋଧନ ଜେନା,ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ଦିଲୀପ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ସାପ କାମୁଡ଼ାରେ ଯୁବକ ମୃତ

ଖଡ଼ିଆଳ,୪।୩(ସୁଜିତ୍ କୁମାର ପ୍ରଧାନ) ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଲୋହରାପାଲି ଗ୍ରାମରେ ସାପ କାମୁଡ଼ାରେ ଜଣେ ଯବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଅମିତ ଶବର। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସୋମବାର ପୂର୍ବାହ୍ନ ୧୦ଟାରେ ଅମିତ ଶ୍ରମିକ ଭାବେ କାମ କରୁଥିବା ବେଳେ କୌଣସି ବିଷଧର ସାପ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅମିତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୫ ଅଭିଯୁକ୍ତଙ୍କୁ ୧୨ ବର୍ଷ ଲେଖାଏଁ ଜେଲଦଣ୍ଡ

**ଗଞ୍ଜେଇ ଚୋରା ଚାଲାଣ ମାମଲା**

ସୁନ୍ଦରଗଡ,୪।୩(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ ଅତିରିକ୍ତ ଜିଲା ଦୌରାଜଜ ରାଜେଶ ଦାସ ସୋମବାର ଏକ ଚୋରା ଗଞ୍ଜେଇ ଚାଲାଣ ମାମଲାର ଶୁଣାଣି କରି ୫ ଜଣ ଅଭିଯୁକ୍ତଙ୍କୁ ୧୨ ବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା, ଅନାଦାୟେ ଅଧିକ ୬ମାସ ଲେଖାଏଁ ଜେଲଦଣ୍ଡ ପାଇଁ ତାଙ୍କ ରାୟରେ ଆଦେଶ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶ ରାଜ୍ୟର ଏମ୍ଡି ଆଫଜଲ(୨୪), ଦାନୀସ ଅନସାରୀ(୨୫),ଜିତେନ୍ଦ୍ର ଚୋବେ(୩୦),ରିସୁ କୁମାର(୨୬) ଓ କୁନ୍ଦନ (୨୦)। ମାମଲାର ରାୟ ବିବରଣୀରୁ ପ୍ରକାଶ ଯେ,ଏହି ୫ ଅଭିଯୁକ୍ତ ୨୦୨୨ ମାର୍ଚ୍ଚ ୧ ତାରିଖ ସନ୍ଧ୍ୟାରେ ଏକ କାର ଓ ପିକଅପ୍ ଭ୍ୟାନରେ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଜାମପାଲି ବାଇପାସ ଠାରେ ୪ କୁଇଣ୍ଟାଲ ୧୬ କେଜି ୩୦୦ ଗ୍ରାମ ଗଞ୍ଜେଇ ନେଇ ଯାଉଥିଲେ। ଏନେଇ ରାଜଗାଙ୍ଗପୁର ଥାନା ଅଧିକାରୀ ବିବିସ କୁମାର ପ୍ରଧାନ ଖବର ପାଇଥିଲେ। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ସେ ସମୟରେ ଥିବା ଏସ୍ଆଇ ଖଗପତି ବିଶାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ସଙ୍ଗେ ସଙ୍ଗେ ସେଠାକୁ ଯାଇ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଗାଡି ୨ଟି ଏବଂ ସେଥିରେ ଥିବା ଗଞ୍ଜେଇ ଗୁଡିକୁ ଜବତ କରିଥିଲେ। ଏ ନେଇ ରାଜଗାଙ୍ଗପୁର ଥାନା କେସ୍ ନଂ. ୯୦/୨୨ ରେ ମାମଲା ରୁଜୁ ହୋଇଥିଲା। ଏଥିରେ ଅଭିଯୋଗକାରୀ ସହ ୨୦ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟରଙ୍କ ଦୃଢ ଯୁକ୍ତି ଏବଂ ପ୍ରତ୍ୟକ୍ଷ ଦର୍ଶୀଙ୍କ ସାକ୍ଷ୍ୟ ପ୍ରମାଣ ଭିତ୍ତିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ ଦଫା ୟୁ/ଏସ ୨୦(ବି)(ସି) ଏନଡିପିଏସ୍ ଆକ୍ଟ ଅନୁଯାୟୀ ଅଭିଯୁକ୍ତଙ୍କୁ ୧୨ ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାଟିକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁନ୍ଦର ଲାଲ ବେହେରା ପରିଚାଳନା କରୁଥିଲେ।



ଜନଶୁଣାଣୀରେ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ୨୧ ଅଭିଯୋଗର ତତ୍‌କ୍ଷଣାତ ସମାଧାନ

ସୁନ୍ଦରଗଡ଼,୪।୩(ଜୟ ନାରାୟଣ ମେଣ୍ଟୁଳି)

ସ୍ଥାନୀୟ ସଦ୍‌ଭାବନା ଭବନଠାରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲିପାଳ ଡ. ପରାଗ ଗଭାଲି ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୨୧୩ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୭୭ ବ୍ୟକ୍ତିଗତ ଏବଂ ୩୬ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୨୧ ଗୋଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୪୦ଟି ଆବେଦନ ରହିଥିଲାବେଳେ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା କାମ, ପାନୀୟ ଜଳ ସମସ୍ୟା, ଭତ୍ତା, ଆବାସ ଯୋଜନା ଆଦି ପ୍ରମୁଖ ରହିଥିଲା। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ସଦର ଉପଜିଲାପାଳ ଦାଶରଥି ସରାବୁ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ସୁରକ୍ଷା ପ୍ରତି ଗମ୍ଭୀର ହୁଅନ୍ତୁ ରାଜ୍ୟ ସରକାର: ଭିଏଚ୍‌ପି

ଲାଠିକଟା,୪।୩(ରାମେଶ୍ୱର ଖାଡଙ୍ଗା)

ପୁରୀ ଶ୍ରୀମନ୍ଦିର ଭିତରକୁ ରବିବାର ୫ ଜଣ ଅଣହିନ୍ଦୁ ପ୍ରବେଶ କରିବା ସହ ଗର୍ଭଗୃହରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଶ୍ୱହିନ୍ଦୁ ପରିଷଦ ସମରସତା ବିଭାଗର ପଶ୍ଚିମ ଓଡିଶା ମୁଖ୍ୟ ଶାନ୍ତନୁ କୁସୁମ। ଏହା ଶ୍ରୀମନ୍ଦିର ପ୍ରତି ବିପଦ। ରାଜ୍ୟ ସରକାର ଶ୍ରୀମନ୍ଦିର ସୁରକ୍ଷା ପ୍ରତି ଗମ୍ଭୀର ହେବାକୁ ସେ ଦାବି କରିଛନ୍ତି। କୁସୁମ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି, କୋଟି କୋଟି ହିନ୍ଦୁଙ୍କ ଧାର୍ମିକ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ଶ୍ରୀମନ୍ଦିରର ସୁରକ୍ଷା ପ୍ରତି ଏଭଳି ହେୟ ଜ୍ଞାନ ଆଦୌ ଗ୍ରହଣୀୟ ନୁହେଁ। ତାଛଡା ଯେତେବେଳେ ଶ୍ରୀମନ୍ଦିର ବାହାରେ ଓ ଭିତରେ ଏତେ ସଂଖ୍ୟକ ସୁରକ୍ଷାକର୍ମୀ ମୃତୟନ ହୋଇଛନ୍ତି, ସେତେବେଳେ ଅଣହିନ୍ଦୁମାନେ କେମିତି ସେହି ସୁରକ୍ଷା ବଳୟକୁ ଭେଦକରି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବାକୁ ସକ୍ଷମ ହେଲେ ବୋଲି ସେ ପ୍ରଶ୍ନ କରିଥିଲେ। ତାହା ନିଶ୍ଚିତ ଭାବେ ସନ୍ଦେହଜନକ। ସେମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରେଇବାରେ କୌଣସି ସୁରକ୍ଷାକର୍ମୀଙ୍କ ସହାୟତା ରହିଥିଲା କି, ଯଦି ସହାୟତା ରହିଥିଲା ତେବେ ସମ୍ପୃକ୍ତ ସୁରକ୍ଷାକର୍ମୀ କେଉଁ ସ୍ୱାର୍ଥ ପାଇଁ ଆଇନ ଓ ପରମ୍ପରା ବିରୋଧରେ ଯାଇ ସେମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରାଇଲେ। ଏ ସମସ୍ତ ପ୍ରଶ୍ନର ଉତ୍ତର ପାଇଁ ରାଜ୍ୟ ସରକାର ଅତିଶୀଘ୍ର ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିବା ଉଚିତ ବୋଲି ଶାନ୍ତନୁ ଦାବି କରିଛନ୍ତି। ଏଥିସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

## ସ୍କୁଲ ରୋଷେଇ ଗୃହ ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ନୂଆପଡ଼ା,୪।୩(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ସାହିପଲା ପ୍ରାଥମିକ ବିଦ୍ୟାଳୟରେ ରୋଷେଇ ଘର ନିର୍ମାଣ ପାଇଁ ସୋମବାର ସ୍କୁଲ ପରିଚାଳନା କମିଟି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୫୮ରେ ସ୍ଥାପିତ ଏହି ବିଦ୍ୟାଳୟରେ ଭଲ ଶ୍ରେଣୀ କୋଠରି ଘର କିମ୍ବା ରୋଷେଇ ଘର ନାହିଁ। ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୬୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୨ଟି କୋଠରି ବିଶିଷ୍ଟ ବିଦ୍ୟାଳୟରେ ୫ଟି ଶ୍ରେଣୀର ଛାତ୍ରୀଛାତ୍ର କିଭଳି ବସି ଅଧ୍ୟୟନ କରୁଥିବେ ତାହା ସହଜେ ଅନୁମେୟ। ଗୋଟିଏ କୋଠରିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲା ବସି ପାଠ ପଢୁଥିବା ବେଳେ ଅନ୍ୟ ଏକ କୋଠରିରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ବସି ଅଧ୍ୟୟନ କରୁଛନ୍ତି। ରୋଷେଇ ଗୃହ ନ ଥିବାରୁ ସ୍କୁଲ ବାରଣ୍ଡାରେ ରୋଷେଇ କାର୍ଯ୍ୟ ହେଉଛି। ରୋଷେଇ ଧୂଆଁରେ ଛାତ୍ରୀଛାତ୍ରମାନେ ପାଠପଢି ପାରୁ ନ ଥିବା ଅଭିଯୋଗ କରିଛନ୍ତି। ସ୍କୁଲ କାର୍ଯ୍ୟାଳୟ ନ ଥିବାରୁ କାଗଜାତ ଓ ବିଦ୍ୟାଳୟ ଉପକରଣ ସବୁଶ୍ରେଣୀ କୋଠରି ଭିତରେ ରଖାଯାଉଛି। ଗୋଦାମ ଘର ଅଭାବରୁ ପିଲାଙ୍କ ମଧ୍ୟାହ୍ନ ଭୋଜନ ଚାଉଳ ମଧ୍ୟ ଶ୍ରେଣୀ କୋଠରିରେ ରଖାଯାଉଥିବାରୁ ଛାତ୍ରୀଛାତ୍ରଙ୍କୁ ବସିବା ପାଇଁ ଅସୁବିଧା ହେଉଛି।

# ଜାତିଆଣ ଭେଦଭାବ ଘଟଣା: ଶିକ୍ଷୟିତ୍ରୀ ନିଲମ୍ବିତ

ବୌଦ୍ଧ,୪।୩( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ସରସ୍ୱତୀ ପୂଜା ଦିନ ଏକ ଛାତ୍ରଙ୍କୁ ଜାତିଆଣ ଭେଦଭାବ କରାଯାଇଥିବା ଘଟଣାରେ ଶିକ୍ଷୟିତ୍ରୀ ଅନୁସୟା ଦେବୀଙ୍କୁ ଜିଲା ଶିକ୍ଷା ଅଧିକାରୀ ନିଲମ୍ବିତ କରିଥିବା ଜଣାପଡିଛି। ଶିକ୍ଷୟିତ୍ରୀ ଅନୁସୟା ସରସ୍ୱତୀ ପୂଜାରେ ଜଣେ ଦଳୀତ ଛାତ୍ରଙ୍କୁ ଜାତିଆଣ ଓ ଅଛୁଁଆ ଭେଦଭାବ ଆପେକ୍ଷ କରିଥିଲେ। ଏହି ଭେଦଭାବ ଘଟଣାରେ ଗତ ୧୭ ତାଖରେ ପାଣଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କୁ ଏକ ଦାବି ପତ୍ର ଦେଇଥିଲେ। ତଦନ୍ତ ପରେ ଏହି ଘଟଣାରେ ଶିକ୍ଷୟତ୍ରୀଙ୍କୁ ନିଲମ୍ବିତ କରିଥିବା ବେଳେ ଅନ୍ୟ ୨ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରୁ ପ୍ରକାଶ କରିଛନ୍ତି।

# ନୀଳଚକ୍ର ସଭାଘର ଉଦ୍‌ଘାଟନ




ରାଜଗାଙ୍ଗପୁର,୪।୩(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଲିପଲୋଇଠାରେ ଥିବା ନୀଳଚକ୍ର କାର୍ଯ୍ୟାଳୟରେ ଏକ ସଭାଘର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଡା. ସିଏସ୍ ରାଜନ ଏକ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନୀଳଚକ୍ରର ସଭାପତି ତଥା ପୂର୍ବତନ ନଗରପାଳ ସସିରେଖା ସାମଲଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜଗାଙ୍ଗପୁରର ବିକାଶ ମୋର ଏକମାତ୍ର ଲକ୍ଷ୍ୟ ଏବଂ ମୁଁ ସବୁବେଳେ ସାଧାରଣ ଲୋକଙ୍କ ସହିତ ରହିଛି ବୋଲି ବିଧାୟକ ଏକ୍କା କହିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ସରୋଜ ଦାସ ଓ ସରୋଜିନି ସାହୁ, ପ୍ରଫୁଲ୍ଲ ଉପାଧ୍ୟାୟ, ଟାଉନ କଂଗ୍ରେସ ସଭାପତି ଦିପୁ ବିନୋଦ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ବିଧାୟକ ପାଣ୍ଠିରୁ ୧୪ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଛି।

# କନ୍ୟା ସୁରକ୍ଷା କବଚ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ

**ନବଜାତ ଶିଶୁଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ**

ଭବାନୀପାଟଣା,୪।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ଚିକିତ୍ସାଳୟରେ ଥିବା ଏମସିଏଚ କୋଠାରେ ସୋମବାର ଭାରତ ସରକାରଙ୍କ ଅଧୀନ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଅନ୍ତର୍ଗତ ନବଜାତ ଶିଶୁକନ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଓ କନ୍ୟାସୁରକ୍ଷା କବଚ ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଉଦଘାଟନ କରିଥିଲେ। ପରେ ସେ କନ୍ୟାସନ୍ତାନଙ୍କ ପିତାମାତାଙ୍କୁ ସମ୍ମାନପତ୍ର ଓ କନ୍ୟା ସୁରକ୍ଷା କବଚ ପ୍ରଦାନ କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଞ୍ଜନ କୁମାର ମିତ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାକେଶ କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ଜିଲା କାର୍ଯ୍ୟକ୍ରମ ପରିଚାଳକ ଜାତୀୟ ସ୍ୱାସ୍ଥ୍ୟ ମିଶନ ଭବାନୀ ଶଙ୍କର ସାହୁ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ଶିଶୁ ରୋଗ ବିଶେଷଜ୍ଞ ଓ ସ୍ୱାସ୍ଥ୍ୟ ସେବିକା ତଥା ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଅଂଶୁମାନ ବାବୁ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲାର ବିଭିନ୍ନ କ୍ଷେତ୍ରରୁ ଆସିଥିବା କନ୍ୟାସନ୍ତାନଙ୍କ ୫ଜଣ ପିତାମାତାଙ୍କୁ ସମ୍ମାନିତ କରାଯାଇଥିଲା। ସର୍ବମୋଟ ଜିଲାର ୧୫ଶହ କନ୍ୟାସନ୍ତାନ ତଥା ସେମାନଙ୍କ ପିତାମାତାଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା।



ଜଣେ କନ୍ୟା ସନ୍ତାନ ମାତାପିତାଙ୍କୁ ସମ୍ମାନିତ କରାଯାଉଛି।

# ମହିଳାଙ୍କୁ ଡାଆଣୀ ଆକ୍ଷେପ, ଥାନାରେ ଅଭିଯୋଗ

ରାଉରକେଲା,୪।୩(ସଙ୍ଗୀତା ଜେନା)

ବିଶ୍ରା ଥାନା ଅଧୀନ ଭାଲୁଲତା ପଞ୍ଚାୟତରେ ଜଣେ ବିବାହିତା ମହିଳାଙ୍କୁ ଡାଆଣୀ ଆକ୍ଷେପ କରିବା ମାମଲା ଥାନାରେ ପହଞ୍ଚିଛି। ରବିବାର ଉକ୍ତ ମହିଳାଙ୍କୁ ତାଙ୍କ ସମ୍ପର୍କୀୟ ମାନେ ଡାହାଣୀ ବୋଲି କହି ଗାଲିଗୁଲଜ କରିଥିଲେ। ସେମାନଙ୍କ ପରିବାରର ଅମଙ୍ଗଳ ହେଉଥିବା ଦର୍ଶାଇ ଏପରି ଗାଳି କୁଆଡେ ସେମାନେ ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ପୀଡ଼ିତା ମହିଳା ଜଣଙ୍କ ବିଶ୍ରା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏହି ମାମଲାରେ ସରପଞ୍ଚ, ସମିତି ସଭ୍ୟ ଓ ସଖୀ ସଦସ୍ୟଙ୍କୁ ନେଇ ଉକ୍ତ ମହିଳାଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି। ତେବେ ଖବର ଲେଖାଯିବା ସୁଦ୍ଧା (ରାତି ୯ଟା) କୌଣସି ମାମଲା ରୁଜୁ ହୋଇନାହିଁ।

# କଂଗ୍ରେସରେ ପୂର୍ବତନ ଆର୍‌ଏସ୍‌ପି ଡିଜିଏମ୍‌ଙ୍କ ଯୋଗଦାନ





ରାଉରକେଲା,୪।୩(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ ଡିଜିଏମ୍ ଖଦାଳ ସେଠୀ ସୋମବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ସଭାପତି ରବି ରାୟ, ବିରେନ୍ ସେନାପତି, ଗୋପାଳ ଦାସ, ସନ୍ତୋଷ ବିଶ୍ୱାଳ, ସରୋଜ ଲେଙ୍କା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସେଠୀ ପୂର୍ବରୁ କଂଗ୍ରେସରେ ସକ୍ରିୟ ଥିଲେ ମଧ୍ୟ ପ୍ରାଥମିକ ସଦସ୍ୟତା ଗ୍ରହଣ କରି ନ ଥିଲେ। ଗତ ଫେବୃଆରୀରେ ଆର୍‌ଏସ୍‌ପିରୁ ସେବାନିବୃତ୍ତ ହେବା ପରେ ସେ ଦଳରେ ସାମିଲ ହୋଇଛନ୍ତି। ସେହିପରି ଭୁବନେଶ୍ୱରରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ପ୍ରଭାରୀ ଅଜୟ କୁମାରଙ୍କ ଉପସ୍ଥିତିରେ ସୋମବାର ରାଉରକେଲାର ଅନ୍ୟତମ ନେତା ବି. ଏସ୍. ପଟ୍ଟନାୟକ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଅବସରରେ ଓପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ଓବିସି ସଂଯୋଜକ ସିଲୁ ବରାଳ, ମୋତିଲାଲ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# ଚକ୍ରଧରପୁର ରେଲୱେକୁ ହରାଇ ଓଡ଼ିଶା ବିଜୟୀ

**ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

ରାଉରକେଲା,୪।୩(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ ପରିସରରେ ୧୮ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରଏସ୍ଏ ସଭାପତି ମିହିର ରାୟଙ୍କ ଅଧ୍ୟକ୍ଷତାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାଉରକେଲା ସ୍ପୋର୍ଟସ ଆସୋସିଏଶନ (ଆରଏସ୍ଏ) ପକ୍ଷରୁ ଆୟୋଜିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ହାଲୁ ମଣ୍ଡାରୀ, ଜିଲା ପରିଷଦ ହେମା ଏକ୍କା, ଅଭିଜିତ ମହାନ୍ତି, ସୁଧୀର ସୁନ୍ଦର ରାୟ, ବ୍ରିଜ୍‌ମୋହନ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୧୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ସର୍ବଭାରତୀୟ ସ୍ତରରୁ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ସର୍ବଭାରତୀୟ ସ୍ତରରେ ଚାମ୍ପିୟନ ଦଳକୁ ୧ଲକ୍ଷ ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ସେହିପରି ଆଞ୍ଚଳିକ ଚାମ୍ପିୟନ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ଆଞ୍ଚଳିକ ଦଳ ମଧ୍ୟରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ବିଟିଏମ୍‌ସି ଓ ସାହାରା ଏଣ୍ଡ ସାହାରା ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସାହାରା ଏଣ୍ଡ ସାହାରା ଦଳ ୧-୦ ଗୋଲରେ ବିଟିଏମ୍‌ସିକୁ ପରାଜୟ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅର୍ଜୁନ ହାଁସଦାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଷ୍ଟିଲସିଟି ଫୁଟବଲ କ୍ଲବ ଓ ଗର୍ଜନ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଗର୍ଜନ ଦଳ ୧-୦ ଗୋଲରେ ଷ୍ଟିଲସିଟି ଫୁଟବଲ କ୍ଲବକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏଥିରେ ଗର୍ଜନ ଦଳର ଜଗନ୍ନାଥ ଏକ୍କାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସର୍ବଭାରତୀୟ ସ୍ତରରେ ସାଉଥ୍ ଇଷ୍ଟର୍ନ ରେଲୱେ ଚକ୍ରଧରପୁର ଦଳ ଓ ଫୁଟବଲ ଏକାଡେମୀ ଓଡିଶା କଟକ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଫୁଟବଲ ଏକାଡେମୀ ଓଡିଶା ଦଳ ୪-୨ ଗୋଲରେ ଚକ୍ରଧରପୁର ଦଳକୁ ପରାସ୍ତ କରି ବିଜୟୀ ହୋଇଛି। ଏଥିରେ ଓଡ଼ିଶା ଦଳର ରାହୁଲ ମୁଖୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ୍‌କୁ ଶିବଶଙ୍କର ପଣ୍ଡା, ସୁବ୍ରତ ପୁରୋହିତ, ଆଶୀର୍ବାଦ କାନୁନ୍‌ଗୋ, ଦିଲୀପ କୁମାର ରାଉତ, ଦୁର୍ଗାମାଧବ ନାୟକ, ଅଶ୍ୱିନି ବେହେରା, ସନିକା ତିର୍କୀ, ମନୋଜ ପାଣ୍ଡେ, ବିନୋଦ ଓରାମ, ଅର୍ଜୁନ ଭୂୟାଁ ପ୍ରମୁଖ ରେଫରୀ ଭାବେ ଯୋଗଦେଇ ମ୍ୟାଚ୍ ପରିଚାଳନା କରିଥିଲେ। ଆରଏସ୍ଏ ଉପସଭାପତି ଅର୍ଜୁନ ଭୂୟାଁ, ନଟରାଜ ବେହେରା, ସମ୍ପାଦକ ସୁବାଷ ପଣ୍ଡା, ସୂର୍ଯ୍ୟ କୁମାର ପାତ୍ର, ଜେ. କେ. ଭୂୟାଁ, ଧନେଶ୍ୱର ଦାସ, ଧନଞ୍ଜୟ ତ୍ରିପାଠୀ, ମନୋଜ ରାଉତଙ୍କ ସହ ଆରଏସ୍ଏର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିମାନଙ୍କ ସହ ଖେଳାଳି।

## ସଂକ୍ଷେପରେ

### ପିଏନ୍‌ଟି କଲୋନୀରେ ଭାଜପା ଦ୍ୱାରା ଶକ୍ତିକେନ୍ଦ୍ରସ୍ତରୀୟ ବୈଠକ

**ସମ୍ବଲପୁର,୪।୩ (ଭବାନୀ ଶଙ୍କର ଭୋଇ)** ଭାଜପା ପକ୍ଷରୁ ସୋମବାର ସମ୍ବଲପୁର ମହାନଗରର ପିଏନଟି କଲୋନୀଠାରେ ଶକ୍ତିକେନ୍ଦ୍ରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶକ୍ତିକେନ୍ଦ୍ର ଅନ୍ତର୍ଗତ ବହୁ ଭାଜପା ପଦାଧିକାରୀ ଉପସ୍ଥିତ ଥିଲେ। ଏଥିରେ ଜିଲା ଭାଜପା ସଭାପତି ଗିରିଶ ପଟେଲ ଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ବିଷୟରେ ସ୍ଥାନୀୟ ମହିଳାମାନଙ୍କୁ ଅବଗତ କରାଯାଇଥିଲା। ଏଥିସହ କେନ୍ଦ୍ର ସରକାର ମହିଳାମାନଙ୍କ ଦକ୍ଷତା ବିକାଶ, ରୋଜଗାର, ଡିଜିଟାଲ ସାକ୍ଷରତା ସହିତ ସଶକ୍ତିକରଣ କରିବା ପାଇଁ କରିଥିବା ଯୋଜନା ନେଇ ସୂଚନା ପ୍ରଦାନ କରିଥିଲେ । ଏଥିରେ ଭାଜପା ନେତା ଡ. ପ୍ରଭାସ ଦେବତାଙ୍କ ସମେତ ବହୁ ଶକ୍ତିକେନ୍ଦ୍ର ସ୍ତରୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

### ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

**ଜମନକିରା,୪।୩(ରବୀନ୍ଦ୍ର ପ୍ରସାଦ ଦାନୀ)** ସମ୍ବଲପୁର ଜିଲା ଜମନକିରା ଥାନା ୫୪ନଂ.ଜାତୀୟ ରାଜପଥ ପିଠାମାରୁଣି ପୋଲ ନିକଟରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ବଡରମା ପଞ୍ଚାୟତ ଟନସରା ଗ୍ରାମର କାହ୍ନୁଚରଣ ବାଗଙ୍କ ପୁଅ ବନମାଳୀ (୨୨) ବୋଲି ଜମନକିରା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ମୃତଦେହ ଉଦ୍ଧାର କରି କୁଚିଣ୍ଡାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାଯାଇଛି।

### ୩ ଦଫା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାକ୍ସ କର୍ମଚାରୀଙ୍କ ଧାରଣା

**ସମ୍ବଲପୁର,୪।୩(ପ୍ରମୋଦ ବହିଦାର)** ସମଗ୍ର ରାଜ୍ୟରେ ୨୭୦୮ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଓ ବହୁମୁଖୀ ଆଦିବାସୀ ସମବାୟ ସମିତି (ଲ୍ୟାମ୍ପସ)ରେ କାର୍ଯ୍ୟରତ ୧୦,୦୦୦ରୁ ଅଧିକ କର୍ମଚାରୀ ଚଷୀଙ୍କ ହିତ ପାଇଁ କାମ କରୁଛନ୍ତି । ପଞ୍ଚାୟତ ଓ ଗ୍ରାମୀଣ କ୍ଷେତ୍ରରେ କାମ କରୁଥିବା ଏହି କର୍ମଚାରୀମାନଙ୍କ ନ୍ୟାର୍ଯ୍ୟ ଦାବିକୁ ସରକାର କ୍ରମାଗତ ଭାବେ ଅଣଦେଖା କରିଥିବାରୁ ଶେଷରେ ଏହି କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ପରିପ୍ରେକ୍ଷୀରେ ନିଖିଳ ଓଡ଼ିଶା ପାକ୍ସ କର୍ମଚାରୀ ଫେଡେରେସନର ବୈଠକର ନିଷ୍ପତ୍ତି କ୍ରମେ ସୋମବାର ସମ୍ବଲପୁରଠାରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କ ଅଧିନସ୍ଥ ୧୦ଟି ଜିଲାର ସମସ୍ତ ପାକ୍ସରେ କାର୍ଯ୍ୟରତ କର୍ମଚାରୀମାନେ ଆରଡିସିଙ୍କ ଜରିଆରେ ସମବାୟ ସମିତି ସମୂହ ନିବନ୍ଧକଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରି ସମ୍ବଲପୁର ସ୍ଥିତ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଧାରଣାରେ ନିଖିଳ ଓଡ଼ିଶା ପାକ୍ସ କର୍ମଚାରୀ ଫେଡେରେସନର ରାଜ୍ୟ କାର୍ଯ୍ୟକାରୀ ସଭାପତି ମୋହନ ସାହୁ ଓ ସମ୍ପାଦକ ନିତେଶ କୁମାର ସାହୁଙ୍କ ନେତୃତ୍ୱରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧିନସ୍ଥ ୧୦ଟି ଜିଲାର ବିଭିନ୍ନ ପାକ୍ସରେ କାର୍ଯ୍ୟରତ ପ୍ରାୟ ୩ଶହ କର୍ମଚାରୀ ସାମିଲ ହୋଇଥିଲେ ।

# ଜିଲାବାସୀଙ୍କ ସମସ୍ୟା ଶୁଣିଲେ ରାଜ୍ୟପାଳ

**ଦେବଗଡ଼,୪।୩(ଶଶାଙ୍କ ଶେଖର ଝାଙ୍କର)** ରାଜ୍ୟପାଳ ରଘୁବର ଦାଶ ସୋମବାର ଦିନିକିଆ ଦେବଗଡ଼ ଜିଲା ଗସ୍ତରେ ଆସି ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଦାୟିତ୍ୱ ଗ୍ରହଣର ୩ ମାସ ମଧ୍ୟରେ ରାଜ୍ୟର ୩୦ଟି ଜିଲା ପରିଦର୍ଶନ କରିବାସହ ସରକାରୀ ଯୋଜନାର ତଦାରଖ କରିଥିବା କହିଛନ୍ତି ରାଜ୍ୟପାଳ। ଶପଥ ଗ୍ରହଣ ପରେ ଲୋକଙ୍କ ସମସ୍ୟା ଜାଣିବା ପାଇଁ ଇତିମଧ୍ୟରେ ୨୯ଟି ଜିଲା ପରିଦର୍ଶନ କରିବାପରେ ଶେଷରେ ସୋମବାର ଦେବଗଡ ଜିଲା ଗସ୍ତରେ ଆସିଥିଲେ। ଗ୍ରାମାଞ୍ଚଳର ଦାରିଦ୍ର୍ୟ ଦୂରୀକରଣ ଉଦ୍ଦେଶ୍ୟରେ ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରୀୟ ଜୀବିକା ମିଶନ ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ଗ୍ରାମାଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠିର ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ପୂର୍ବାହ୍ନରେ ରାଜ୍ୟପାଳ ଦେବଗଡ ବଡବଗିଚାଠାରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିବା ପରେ ପ୍ରଧାନପାଟକୁ ଯାଇ ଅଧିଷ୍ଠାତ୍ରୀ ଦେବୀ ମା' ପ୍ରଧାନପାଟେଶ୍ୱରୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହାପରେ ବାରକୋଟ ବ୍ଲକର ଘୁରୁଡୁଖମଣ ଗାଁକୁ ଯାଇ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ ସହ ପୋଷଣ ଯୋଜନାର ସମୀକ୍ଷା କରିଥିଲେ। ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟସେବାର ଯାଞ୍ଚ କରିବା ସହ ବାରକୋଟ ମିଶନ ଶକ୍ତି ଭବନରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ସହ ଭାବର ଆଦାନପ୍ରଦାନ କରିଥିଲେ। ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କେନ୍ଦ୍ର ସରକାର ହାତକୁ ନେଇଥିବା ବିଭିନ୍ନ ଯୋଜନା ଉପରେ ସୂଚନା ଦେଇଥିଲେ। ଏହାପରେ ବଳମ କିସାନ ସାହିକୁ ଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ପାଇଥିବା ହିତାଧିକାରୀଙ୍କ ଘରକୁ ଯାଇ ସରକାରୀ ଯୋଜନା କେତେ ପହଞ୍ଚିପାରୁଛି ସେସବୁର ତଦାରଖ କରିଥିଲେ। ପାନୀୟ ଜଳ ସମସ୍ୟା ରହିଥିବାରୁ ତୁରନ୍ତ ଏହାର ସମାଧାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବଳମ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ସହିତ ଆଲୋଚନା ଅବସରରେ ଜଣେ ମାତୃପିତୃହୀନା ଯୁବତୀଙ୍କୁ ଉଚ୍ଚଶିକ୍ଷା ପାଇଁ ଏକ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଥିଲେ। ଶେଷରେ ତିଲେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତର କଳାମାଟି ଗ୍ରାମରେ ଥିବା ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଭାବର ଆଦାନପ୍ରଦାନ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଜିଲା ଆରକ୍ଷୀ ଅଧୀକ୍ଷକ ରାମ ପ୍ରସାଦ ସାହୁ,ଦେବଗଡ ଜିଲା ପରିଷଦର ଉନ୍ନୟନ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷୀତ ସାହୁ, ଜିଲା ମଙ୍ଗଳ ଅଧିକାରୀ ବିଭୂ ରଞ୍ଜନ ମହାନ୍ତି, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଶ୍ୱମୋହନ ମିଶ୍ର, ଆଇଟିଡିଏର ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟାରାଣୀ ମାଝି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପଣ୍ଡା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଓ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।




### ରାଜ୍ୟପାଳଙ୍କ ଦିନିକିଆ ଦେବଗଡ ଗସ୍ତ, ବିଭିନ୍ନ ଯୋଜନାର ସମୀକ୍ଷା

# ରାଜ୍ୟପାଳଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ

**ଦେବଗଡ଼,୩।୩ (ଶଶାଙ୍କ ଶେଖର ଝାଙ୍କର)** ଦେବଗଡ ଜିଲାର ପ୍ରାୟ ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ମାତ୍ର ଆବଶ୍ୟକ ସହାୟତା ଓ ଭିତ୍ତି ଭୂମୀ ଅଭାବରୁ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଥିବାରୁ ଆର୍ଥିକ ଉନ୍ନତି ସମ୍ଭବ ହେଉନାହିଁ। ସୋମବାର ମହାମହିମ ରାଜ୍ୟପାଳ ରଘୁବର ଦାସଙ୍କ ଦେବଗଡ ଜିଲା ଗସ୍ତ ଅବସରରେ ଜିଲାର ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକର ଶତାଧିକ ଚାଷୀ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ୭ ଦଫା ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପୂର୍ବାହ୍ନରେ ଉପରୋକ୍ତ ଚାଷୀଙ୍କ ପକ୍ଷରୁ ପ୍ରତିନିଧି ଭାବେ କୃଷକ ନେତା ଭାରତ ଭୂଷଣ ପ୍ରଧାନ ରାଜ୍ୟପାଳଙ୍କୁ ସାକ୍ଷାତ କରି ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୧୮୩ ଟଙ୍କାରୁ ୩୧ ଶହ ଟଙ୍କାକୁ ବୃଦ୍ଧି, ଧାନ ବିକ୍ରୟ ସମୟରେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମଣ୍ଡି ମାନଙ୍କରେ ପିଣ୍ଡି ଓ ଚାଷୀ ମାନଙ୍କ ନିମନ୍ତେ ବିଶ୍ରାମ ଗୃହ ନିର୍ମାଣ, ଫସଲ ସଂରକ୍ଷଣ ନିମନ୍ତେ ଶୀତଳ ଭଣ୍ଡାର ସ୍ଥାପନ,ଭୂମୀହୀନଙ୍କୁ ୪ ଡେସିମିଲ ଲେଖାଏଁ ଜମି ପଟ୍ଟା ପ୍ରଦାନ, ଡମ୍ବରୁଧର ପ୍ରିୟା କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଖନନ ଓ ଡ୍ୟାମର ଉନ୍ନତିକରଣ, ଜିଲାରେ ଏଲ ଆଣ୍ଡ ଟି ଦ୍ୱାରା ଚାଷ ଜମିକୁ ଜଳ ସେଚନ ନିମନ୍ତେ ନିର୍ମିତ ଜଳ ସେଚନ ପ୍ରକଳ୍ପକୁ ସଠିକ ସ୍ଥାନରେ ଅବସ୍ଥାପିତ କରିବାସହ ନୂତନ ପଏଣ୍ଟ ନିର୍ମାଣ ଓ ବାରକୋଟ ବ୍ଲକର ଭକ୍ତ ବଡକୁଦର ଠାରେ ପ୍ରସ୍ତାବିତ ମେଗା ଫୁଡପାର୍କ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଆଦି ଦାବି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଥିବା ଜଣାପଡିଛି ।

# ତରଭାରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କାୟାକଳ୍ପ ଟିମ୍


ତରଭା ଡାକ୍ତରଖାନା ଡାକ୍ତର, କର୍ମଚାରୀଙ୍କ ସହ କାୟାକଳ୍ପ ଦଳର ପ୍ରତିନିଧି।

**ତରଭା, ୪।୩(ମାନଭଞ୍ଜନ ମିଶ୍ର)** ସୁବର୍ଣ୍ଣପୁର ଜିଲା ତରଭାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାୟାକଳ୍ପ ଦଳ ସୋମବାର ପରିଦର୍ଶନରେ ଆସିଥିଲେ। ଏଥିରେ ରାଜ୍ୟ ଆରଆରଟି, ଆଇଡିଏସପି ସେଲ ମୁଖ୍ୟ ଡାକ୍ତର ସତ୍ୟରଞ୍ଜନ ପାଣିଗ୍ରାହୀ, ଡ. କଲ୍ଲୋଳ ଦାସ (ଏନଭିଏଚସିପିସିସି) ଡ. ମାଧୁରୀ ସ୍ୱାଇଁ (ରାଜ୍ୟ ଡିପିଏମ କାର୍ଯ୍ୟକ୍ରମ ପରିଚାଳକ) ଜିଲା କ୍ୱାଲିଟି ମ୍ୟାନେଜର ହିତେଶ ତ୍ରିପାଠୀ ପ୍ରମୁଖ ତରଭା ଡାକ୍ତରଖାନାର ସମସ୍ତ ବିଭାଗ ପରିଦର୍ଶନ କରିଥିଲେ। ଡାକ୍ତରଖାନାର ସମସ୍ତ ବିଭାଗ ଓ ଅଞ୍ଚଳ ପରିଦର୍ଶନରେ ଅଧିକ୍ଷକ ଡା କ୍ଷୀରୋଦ୍ର ମିଶ୍ର ସହଯୋଗ କରିଥିଲେ। କାୟାକଳ୍ପ ଦଳକୁ ସ୍ଥାନୀୟ ନାଗରିକ କମିଟି ସଭାପତି, ସଭ୍ୟ, ଗଣମାଧ୍ୟମ ପ୍ରତିନିଧି ଭେଟି ତରଭା ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ, ସମସ୍ତ ଡାକ୍ତର ଉପସ୍ଥିତ ରହିବା ଓ ଦାନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ଲିଖିତ ଜଣାଇଥିଲେ।

### ସୁବର୍ଣ୍ଣପୁରରେ ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର,୪।୩(ମୃତ୍ୟୁଞ୍ଜୟ ଶତପଥୀ)** ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ନିକଟରେ ମୋଟ ୪୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୩୬ଟି ବ୍ୟକ୍ତିଗତ ଓ ୮ଟି ସାମୂହିକ ଥିଲା। ଏଥିରେ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ, ଏସ୍‌ପି ଯଶ୍ ପ୍ରତାପ ଶ୍ରୀମାଲ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକ, ସୋନପୁର ତହସିଲଦାର ଡ. ସୌମ୍ୟରୂପା ରଥ, ଏବିଡିଓ ଶଶିଭୂଷଣ ପ୍ରଧାନ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତ, ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ, ମୁଖ୍ୟ ଜିଲା କୃଷି ଅଧିକାରୀ ଡ. ବିଭୂତି ଭୂଷଣ ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝି, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାସଙ୍କ ସମେତ ଜିଲାର ଅଧିକାରୀମାନେ ଯୋଗଦାନ କରି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଅବସରରେ ୨ଟି ଅସହାୟ ପରିବାରକୁ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ବାତ୍ସଲ୍ୟ ଯୋଜନା ଅଧିନରେ ପୃଷ୍ଠପୋଷକତା ସହାୟତା ରାଶି ୬ ମାସ ପାଇଁ ଉଭୟ ପରିବାରକୁ ୨୪ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗ ଗୁଡିକୁ ଶିଘ୍ର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗର ଅଧିକାରୀ ମାନଙ୍କୁ ଜିଲାପାଳ ଶ୍ରୀମତି ଦାସ ନିର୍ଦ୍ଦେଶ ଦେଇଥିଲେ।

# ମୁଣ୍ଡାପଡ଼ା କଲ୍ୟାଣ ମଣ୍ଡପ ଉଦ୍‌ଘାଟନ

**ବାଉଁଶୁଣୀ,୪।୩( ଦେବାଶିଷ ନେପାକ)** ବୌଦ୍ଧ ନିର୍ବାଚନ ମଣ୍ଡଳୀର ମୁଣ୍ଡାପଡା ପଞ୍ଚାୟତରେ ସୋମବାର ନୂତନ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପାନୀୟ ଜଳ ଯୋଗାଣ, ପଞ୍ଚାୟତରାଜ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗଦେଇ ମଣ୍ଡପର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଣ୍ଡାପଡାର ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ପ୍ରଦୀପ ଅମାତ ଭୋଟ ଭିକ୍ଷା କରିଥିଲେ। ଅନ୍ୟତମ ଅତିଥିଭାବେ ବୌଦ୍ଧ ନିର୍ବାଚନ ମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ କର୍ଣ୍ଣ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭଗବାନ କହ୍ନର, ବୌଦ୍ଧ କେନ୍ଦ୍ରୀୟ ସମବାୟ ବେଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ବୌଦ୍ଧ ସରପଞ୍ଚ ସଂଘ ସଭାପତି ଅରୁଣ କୁମାର ବାଘ, ଆଞ୍ଚଳିକ କନ୍ଧ ସମାଜର ସଭାପତି ଶଙ୍କର ପ୍ରଧାନ, ବଢ଼ିଗାଁ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନ, ଆମ୍ଭଝରି ସରପଞ୍ଚ ପ୍ରେମାନନ୍ଦ ବାଘ, ପୂର୍ବତନ ସମିତି ସଭ୍ୟ ସଞ୍ଜୟ ପ୍ରଧାନ, ନାଏବ ସରପଞ୍ଚ ସୁମନ୍ତ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନିର୍ବାଚନକୁ ଆଖି ଆଗରେ ରଖି ତରବରିଆ ଭାବେ ଅଧପନ୍ତରିଆ କଲ୍ୟାଣ ମଣ୍ଡପକୁ ମନ୍ତ୍ରୀ ଉଦ୍‌ଘାଟ କରିଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ଏହା ସହିତ କଲ୍ୟାଣ ମଣ୍ଡପରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ, କାନ୍ଥରେ ରଙ୍ଗ ନ ଲଗାଇ, ବିଭିନ୍ନ ସ୍ଥଳରେ ପ୍ଲାଷ୍ଟର ମଧ୍ୟ କରାଯାଇ ନଥିବା ଦେଖିବାକୁ ମିଳିଛି। ସବୁଠାରୁ ବଡ଼ କଥା ହେଉଛି ଏକ ପ୍ଲାଟୁନ ପୋଲିସ ଛାଉଣୀରେ ମନ୍ତ୍ରୀ ଅମାତ ମୁଣ୍ଡାପଡା ଗ୍ରାମରୁ ଏକ ଶୋଭାଯାତ୍ରାରେ ବାହାରି ହାଟପଦା ଠାରେ ପହଁଞ୍ଚି କଲ୍ୟାଣ ମଣ୍ଡପର ଉଦ୍‌ଘାଟନ କରିଥିଲେ।

### ଅଧାପନ୍ତରିଆ କାମ ହୋଇଥିବା ବିରୋଧୀଙ୍କ ଅଭିଯୋଗ



# ଚାଷୀଙ୍କ ପାଇଁ ୨ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା

### ଦେବଗଡ଼ ଜିଲା

**ଦେବଗଡ଼, ୪।୩ (ଶଶାଙ୍କଶେଖର ଝାଙ୍କର)** ଦେବଗଡ଼ ଜିଲା ମୁଖ୍ୟତଃ କୃଷି ଓ କୃଷକଙ୍କର ଆୟ ମଧ୍ୟରେ ସୀମିତ। ଜିଲାର କୃଷକମାନଙ୍କ ସକାଶେ ଦେବଗଡ଼ର ଜଣାଶୁଣା ସମାଜସେବୀ ତଥା ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ରଙ୍କର ପ୍ରତ୍ୟକ୍ଷ ପୃଷ୍ଠପୋଷକତାରେ ଜିଲାର ପଞ୍ଜିକୃତ ଚାଷୀମାନଙ୍କ ନିମନ୍ତେ ଦେବଗଡ଼ କୃଷକ କଲ୍ୟାଣ ଟ୍ରଷ୍ଟ ନଂ. ୪୬୪୯୨୪୦୦ ୧୨୭/୨୦୨୪ ପଞ୍ଜିକୃତ ହୋଇଛି। ସୂଚନାଯୋଗ୍ୟ ଯେ, ଜିଲାର ଏଆରସିଏସ ୩୦ଟି ସୋସାଇଟି ପଞ୍ଜିକୃତ ହୋଇଥିବା ୨୦୨୩-୨୦୨୪ ସକାଶେ ମୋଟ ୧୯ ହଜାର ୧୭୭ ଜଣ ଚାଷୀଙ୍କ ପାଇଁ କୃଷକ କଲ୍ୟାଣ ଟ୍ରଷ୍ଟ ତରଫରୁ ଟ୍ରଷ୍ଟର ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ରଙ୍କର ପ୍ରତ୍ୟକ୍ଷ ଅନୁଦାନରେ ପ୍ରତ୍ୟେକ ଚାଷୀଙ୍କ ପାଇଁ ଦୁର୍ଘଟଣାଜନିତ ମୃତ୍ୟୁ ସକାଶେ ଦୁଇଲକ୍ଷ ଟଙ୍କା ଲେଖାଏଁ ବୀମା ପଲିସି ଇଫକୋ ଟୋକିଓ ବୀମା କମ୍ପାନୀ ସହିତ ଚୁକ୍ତିବଦ୍ଧ ହୋଇଛି। ଦୁର୍ଘଟଣାଜନିତ ମୃତ୍ୟୁର ୩୦ ଦିନ ମଧ୍ୟରେ ଚାଷୀମାନଙ୍କ ପ୍ରଦତ୍ତ ନମିନୀ କିମ୍ବା ଉତ୍ତରାଧିକାରୀମାନଙ୍କୁ ଉକ୍ତ ୨ ଲକ୍ଷ ଟଙ୍କା ବୀମାରାଶି ପ୍ରଦାନ କରାଯିବ। ଏହି ପ୍ରେସ ବିବୃତିରେ ଟ୍ରଷ୍ଟର ଅନ୍ୟ ସଦସ୍ୟ ପବିତ୍ର ମୋହନ ପ୍ରଧାନ, ଅନାମିକା ମିଶ୍ର, ପ୍ରଦୀପ ଅମାନ୍ତ, ଭୋଲେଶ୍ୱର ବେହେରା ଓ କେଶବ ଚନ୍ଦ୍ର ମିଶ୍ରଙ୍କ ଉପସ୍ଥିତିରେ ଏହି ବିଜ୍ଞପ୍ତି ଚାଷୀମାନଙ୍କୁ ଅବଗତ କରାଗଲା। ପଞ୍ଜିକୃତ ଚାଷୀମାନଙ୍କୁ ଅନୁରୋଧ କରାଯାଇଛି, ସେମାନଙ୍କର ନୋମିନୀଙ୍କ ନାମଙ୍କୁ ମୋବାଇଲ ନଂ. ୭୮୫୫୮୫୬୪୩୦ରେ କେବଳ ମେସେଜ କରି ନୋମିନୀଙ୍କର ନାମ ସହିତ ନିଜ ସୋସାଇଟିର ନାମ ଓ ଚାଷୀଙ୍କର ପଞ୍ଜିକୃତ ଆଇଡି ଜଣାଇବେ। ଟ୍ରଷ୍ଟର ଅଫିସ ଦେବଗଡ କଲେଜ ଗେଟ ପାଖ ପ୍ରଭାସ ମିଶ୍ରଙ୍କ କାର୍ଯ୍ୟାଳୟ ସହିତ ସଂଲଗ୍ନ ଅଛି। ଚାଷୀମାନେ ନିଜର ଅବଗତ ନିମନ୍ତେ ଉକ୍ତ ଅଫିସକୁ ଆସି ସମ୍ପର୍କ କରିପାରିବେ ବୋଲି ପ୍ରଭାସ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।



# ରାଜ୍ୟପାଳଙ୍କୁ ଭେଟିଲେ ଉପାଧ୍ୟକ୍ଷ, କାଉନଶିଲର

### ପୌର ପରିଷଦ ଦୁର୍ନୀତିର କ୍ରାଇମ ବ୍ରାଞ୍ଚ ତଦନ୍ତ ନିବେଦନ

**ଦେବଗଡ଼,୩।୪(ଶଶାଙ୍କ ଶେଖର ଝାଙ୍କର)** ଇଓଡବ୍ଲ୍ୟୁ(କ୍ରାଇମ ବ୍ରାଞ୍ଚ)ଦ୍ୱାରା ଦେବଗଡ ପୌର ପରିଷଦରେ ହୋଇଥିବା ଦୁର୍ନୀତିର ତଦନ୍ତ ନିମନ୍ତେ ସୋମବାର ପୌର ପରିଷଦର ଉପାଧ୍ୟକ୍ଷଙ୍କ ସମେତ ୬ ଜଣ (ଉପାଧ୍ୟକ୍ଷଙ୍କ ସମେତ)କାଉନଶିଲର ମହାମହିମ ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ରାଜ୍ୟପାଳ ରଘୁବର ଦାସଙ୍କ ଦେବଗଡ ଜିଲା ଗସ୍ତ ଅବସରରେ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଧର୍ମେନ୍ଦ୍ର କୁମାର ଦେବତା, ମଧୁସୂଦନ ବାଘ, ପିଙ୍କି ସାହୁ, ଇତିଶ୍ରୀ ମିଶ୍ର, କାର୍ତୀକ ମହାକୁଳ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରି ଏହି ମର୍ମରେ ଏକ ପତ୍ର ପ୍ରଦାନ କରିଥିଲେ। ପୌର ପରିଷଦ ଅଧ୍ୟକ୍ଷା ମ୍ୟୁନିସିପାଲିଟୀ ଆକ୍ଟର ଉଲ୍ଲଙ୍ଘନ କରି ଦୁର୍ନୀତିରେ ଲିପ୍ତଥିବା ଓ ଏନେଇ ପୌର ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଦର୍ଶାଇ ପୌର ପରିଷଦ ଦୁର୍ନୀତିର ସଠିକ ତଦନ୍ତ ନିମନ୍ତେ ଇ.ଓ.ଡବ୍ଲୁ(କ୍ରାଇମ ବ୍ରାଞ୍ଚ) କୁ ଆଦେଶ ଦେବା ପାଇଁ ଉକ୍ତ ପତ୍ର ମାଧ୍ୟମରେ ପ୍ରାର୍ଥନା କରାଯାଇଛି ।

# ନୂଆପଡ଼ା କପ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**ଦେବଗଡ଼,୪।୩ (ଶଶାଙ୍କ ଶେଖର ଝାଙ୍କର)** ରିଆମାଳ ବ୍ଲକ ନୂଆପଡା ଗ୍ରାମରେ ମା' ହିଙ୍ଗୁଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସୋମବାର ଏକ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ମା' ହିଙ୍ଗୁଳା କ୍ରିକେଟ କ୍ଲବ ସଭାପତି ସୁଦୀପ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଯୋଗଦେଇ ଫିତାକାଟି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ନୂଆଗାଁ କ୍ରିକେଟ କ୍ଲବକୁ ସୁପର ଓଭର ସହାୟତାରେ ପରାସ୍ତ କରି ମଶୁଣିହତା କ୍ରିକେଟ କ୍ଲବ ବିଜୟୀ ହୋଇଥିଲା। ପ୍ରତିଯୋଗିତା ଆୟୋଜନରେ ମା' ହିଙ୍ଗୁଳା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ଜି ଜି ପଲ୍ଲବ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ମହାନଗର ନିଗମ କାର୍ଯ୍ୟାଳୟରେ ଏଲ୍‌ଆର୍‌ସି ବଣ୍ଟନ ଆରମ୍ଭ

**ସମ୍ବଲପୁର,୪।୩(ପ୍ରମୋଦ ବହିଦାର)** ଜାଗା ମିଶନ ଯୋଜନାରେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ଗତ ଫେବୃଆରୀ ୨୯ ରେ ଜମି ଅଧିକାର ପ୍ରମାଣପତ୍ର (ଏଲ୍‌ଆର୍‌ସି) ବଣ୍ଟନ ଶୁଭାରମ୍ଭ କରିଥିଲେ। ଉକ୍ତଦିନ ସମ୍ବଲପୁରରେ ପ୍ରଥମ ପର୍ଯ୍ୟାୟରେ ପଞ୍ଜିକୃତ ମୋଟ ୧୦୦୦୫ ହିତାଧିକାରୀଙ୍କ ମଧ୍ୟରୁ ୪୩୧୮ ଜଣ ହିତଧିକାରୀଙ୍କୁ ଏଲ୍‌ଆର୍‌ସି ବଣ୍ଟନ କରାଯାଇଥିଲା। ଅବଶିଷ୍ଟ ୫୬୮୭ ଜଣ ହିତାଧିକାରୀଙ୍କୁ ଏଲ୍‌ଆର୍‌ସି ପ୍ରଦାନ ପାଇଁ ସମ୍ବଲପୁରମହାନଗରନିଗମକାର୍ଯ୍ୟାଳୟରେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି ବୋଲି ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ସୂଚନା ଦେଇଛନ୍ତି।

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବେଦଭୂଷଣ କହିଛନ୍ତି, ଏଲ୍‌ଆର୍‌ସି ଆବଣ୍ଟନ ପାଇଁ ମହାନଗର ନିଗମ କାର୍ଯ୍ୟାଳୟରେ ୪ଟି କାଉଣ୍ଟର ଖୋଲାଯାଇଛି। ୨ଟି କାଉଣ୍ଟରରେ ହିତାଧିକାରୀଙ୍କଠାରୁ ଜାଗା ବାବଦକୁ ସରକାରୀ ଧାର୍ଯ୍ୟ ମୂଲ୍ୟ ଅନୁସାରେ ଆବଶ୍ୟକ ପ୍ରିମିୟମ ସଂଗ୍ରହ କରାଯିବ ଓ ଅନ୍ୟ ଦୁଇଟି କାଉଣ୍ଟରରେ ହିତାଧିକାରୀଙ୍କୁ ଏଲ୍‌ଆର୍‌ସି ପ୍ରଦାନ କରାଯିବ। ସେ କହିଛନ୍ତି ଯେ, ଏପର୍ଯ୍ୟନ୍ତ ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୩ର ବେଲେରାପଡ଼ା, ଗୋଲଗୁଣ୍ଡା, ଗୁଆଲାପଡ଼ା, ମାଡିଆଡୁଙ୍ଗୁରୀ, ଓରାମପଡ଼ା, କ୍ୟାମ୍ପସପଡ଼ା ଓ ଡିଅରପଡ଼ାରେ ଏଲ୍‌ଆର୍‌ସି ବଣ୍ଟନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଏଲ୍‌ଆର୍‌ସି ବଣ୍ଟନ ସମୟରେ ଉପସ୍ଥିତ ହୋଇ ପାରି ନ ଥିବା ଅବଶିଷ୍ଟ ହିତାଧିକାରୀଙ୍କ ଠାରୁ ପ୍ରିମିୟମ ସଂଗ୍ରହ ଓ ସେମାନଙ୍କୁ ଏଲ୍‌ଆର୍‌ସି ବଣ୍ଟନ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛି। ଯାହା ଆସନ୍ତା ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଜାରି ରହିବ। ତେବେ ହିତାଧିକାରୀଙ୍କୁ ଏଲ୍‌ଆର୍‌ସି ବଣ୍ଟନ ତଥା ପ୍ରିମିୟମ ସଂଗ୍ରହ ପାଇଁ ପଡ଼ା ଅନୁସାରେ ତାରିଖ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ତାରିଖ ଅନୁସାରେ ହିତାଧିକାରୀମାନେ ମହାନଗମ ନିଗମ କାର୍ଯ୍ୟାଳୟକୁ ଆସି ପ୍ରିମିୟମ ଦାଖଲ କରିବେ ବା ଏଲ୍‌ଆର୍‌ସି ସଂଗ୍ରହ କରିବେ। ତେବେ ଆଗରୁ ପ୍ରିମିୟମ ପଇଠ କରିଥିବା ହିତାଧିକାରୀ ଏହାର ରସିଦ ଦେଖାଇ ଏଲ୍‌ଆର୍‌ସି ସଂଗ୍ରହ କରିବେ ଓ ପ୍ରିମିୟମ ପଇଠ କରିନଥିବା ହିତାଧିକାରୀ ନିର୍ଦ୍ଧାରିତ କାଉଣ୍ଟରରେ ନିଜର ଆଧାରକାର୍ଡ ପ୍ରଦର୍ଶନ କରି ପ୍ରିମିୟମ ପଇଠ କରି ରସିଦ ନେବେ। ଯାହା ପରବର୍ତ୍ତୀକାଳରେ ଏଲ୍‌ଆର୍‌ସି ସଂଗ୍ରହ ବେଳେ ଆବଶ୍ୟକ ହୋଇଥାଏ।

ବେଦଭୂଷଣ କହିଛନ୍ତି ଏଲ୍‌ଆର୍‌ସି କେବଳ ମହାନଗର ନିଗମ କାର୍ଯ୍ୟାଳୟରେ ବଣ୍ଟନ କରାଯିବ। ତେଣୁ ଆଶାୟୀ ହିତାଧିକାରୀମାନଙ୍କୁ କୌଣସି ଠକେଇର ବଶବର୍ତ୍ତୀ ନ ହୋଇ ସିଧାସଳଖ ମହାନଗର ନିଗମ ଅଧିକାରୀ ବା କର୍ମଚାରୀଙ୍କୁ ଯୋଗାଯୋଗ କରିବାକୁ ନିବେଦନ କରିଥିଲେ। ସେହିପରି ତଲସିଲ ଓ ଅନ୍ୟାନ୍ୟ ସରକାରୀ ବିଭାଗ ଦ୍ୱାରା ଆବେଦନକାରୀଙ୍କ ବିଦ୍ଧିବଦ୍ଧ ଯାଞ୍ଚପରେ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି କମିଶନର ବେଦପ୍ରକାଶ ସୂଚନା ଦେଇଛନ୍ତି।


ଜାଗାମିଶନରେ ଜମି ପ୍ରଦାନ ପାଇଁ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ମହାନଗର ନିଗମ କମିଶନର।

## ସଂକ୍ଷେପରେ

### ଶପଥ ନେଲେ ଶେହବାଜ

**ଇସ୍ଲାମାବାଦ,୪।୩:** ପିଏମ୍ଏଲ୍-ଏନ୍ ନେତା ଶେହବାଜ ଶରିଫ ସୋମବାର ଦ୍ୱିତୀୟ ଥର ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନ ଐୱାନ-ଇ-ସଦର ରାଷ୍ଟ୍ରପତି



ଭବନରେ ରାଷ୍ଟ୍ରପତି ଅରିଫ୍ ଆଲ୍ଭି ୭୨ ବର୍ଷୀୟ ଶେହବାଜଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନୱାଜ ଶରିଫ, କାମଚଳା ପ୍ରଧାନମନ୍ତ୍ରୀ ଅନୱାରୁଲ ହକ୍ କକର, ପଞ୍ଜାବ ମୁଖ୍ୟମନ୍ତ୍ରୀ ମାରୟାମ ନୱାଜଙ୍କ ସମେତ ୩ ବାହିନୀର ମୁଖ୍ୟ, ବରିଷ୍ଠ ଅଧିକାରୀ, କୂଟନୀତିଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ। ଶେହୱାଜ ୨୦୨୨ ଏପ୍ରିଲରୁ ୨୦୨୩ ଅଗଷ୍ଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିଲେ। ଫେବୃଆରୀରେ ସାଧାରଣ ନିର୍ବାଚନ ପାଇଁ ପାର୍ଲାମେଣ୍ଟ ଭଙ୍ଗ କରାଯିବା ସହ କକରଙ୍କୁ କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଥିଲା। ନିର୍ବାଚନରେ କୌଣସି ଦଳକୁ ବହୁମତ ନ ମିଳିବାରୁ ମେଣ୍ଟ ସରକାର ଗଢ଼ିବା ପାଇଁ ପିଏମ୍ଏଲ୍-ଏନ୍ ଏବଂ ପିପିପି ମଧ୍ୟରେ କ୍ଷମତା ବଣ୍ଟନ ବୁଝାମଣା ହୋଇଥିଲା।

### ଜୁନ୍ ୧୫ ସୁଦ୍ଧା ଅଫିସ୍ ଖାଲି କରିବାକୁ ଏଏପିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୪।୩:** ଆସନ୍ତା ଜୁନ୍ ୧୫ ସୁଦ୍ଧା ରାଉଜ୍ ଏଭେନ୍ୟୁସ୍ଥିତ ଅଫିସ ଖାଲି କରିବାକୁ ଏଏପିକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ଓ ଜଷ୍ଟିସ ଜେ.ବି ପାର୍ଦିୱାଲାଙ୍କ ଖଣ୍ଡପୀଠ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଅଫିସ୍ ଖାଲି ନେଇ ଏଏପିକୁ ୩ ମାସର ମହଲତ ଦେଇଛନ୍ତି। ରାଉଜ୍ ଏଭେନ୍ୟୁ ସ୍ଥିତ ଜମିରେ କାର୍ଯ୍ୟାଳୟ କରିବାକୁ ଏଏପିର ଆଇନଗତ ଭାବେ କୌଣସି ଅଧିକାର ନାହିଁ। ଏହି ଜମି ରାଉଜ୍ ଏଭେନ୍ୟୁ କୋର୍ଟ ସମ୍ପ୍ରସାରଣ ପାଇଁ ଉଦ୍ଦିଷ୍ଟ ଥିବା ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।

## ଇଲେକ୍ଟୋରାଲ ବଣ୍ଡ୍

# ତଥ୍ୟ ଦେବାକୁ ସମୟ ମାଗିଲା ଏସ୍‌ବିଆଇ

ନୂଆଦିଲ୍ଲୀ,୪।୩(ପି.ଟି.)

ଇଲେକ୍ଟୋରାଲ ବଣ୍ଡ୍‌ଗୁଡ଼ିକର ସବିଶେଷ ତଥ୍ୟ ଦେବା ସମୟସମୀମା ଜୁନ୍ ୩୦ ପର୍ଯ୍ୟନ୍ତ ବଢ଼ାଇବାକୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସୋମବାର ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛି। ଗତ ମାସରେ ସୁପ୍ରିମକୋର୍ଟ ତାଙ୍କ ରାୟରେ ଇଲେକ୍ଟୋରାଲ ବଣ୍ଡକୁ ବେଆଇନ କହିବା ସହ ମାର୍ଚ୍ଚ ୬ ସୁଦ୍ଧା ଏହାର ତଥ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବା ନିମନ୍ତେ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ବିଆଇ ଏହାର ଆବେଦନରେ ଦର୍ଶାଇଛି, ଇଲେକ୍ଟୋରାଲ ବଣ୍ଡ୍‌ଗୁଡ଼ିକର ତଥ୍ୟ ପୁନଃ ସଂଗ୍ରହ କରିବା ଏବଂ ଅନ୍ୟ ସିଲୋ ସହ ସେଗୁଡ଼ିକୁ ମେଳ କରାଇବା ସମୟସାପେକ୍ଷ କାର୍ଯ୍ୟ। ଇଲେକ୍ଟୋରାଲ ବଣ୍ଡରେ ଦାତାଙ୍କ ପରିଚୟ ଗୋପନ ରଖିବାରୁ କଡ଼ା



SBI
भारतीय स्टेट बैंक STATE BANK OF INDIA
(भारतीय स्टेट बैंक अधिनियम, 1955 के तहत गठित/Constituted under the State Bank of India Act, 1955)
कॉर्पोरेट केन्द्र, स्टेट बैंक भवन, मादाम कामा रोड, नरीमन पॉइंट, मुंबई - 400021
Corporate Centre, State Bank Bhavan, Madame Cama Road, Nariman Point, Mumbai - 400021
इलेक्टोरल बॉण्ड / ELECTORAL BOND
(प्रोमेसरी नोट के स्वरूप में / IN THE FORM OF PROMISSORY NOTE)
जारी करने की तिथि / DATE OF ISSUE : 10 APR 2018
जारी करने की तिथि से 15 दिनों तक वैध / VALID UPTO 15 DAYS FROM THE DATE OF ISSUE

ପଦକ୍ଷେପ ନିଆଯାଇଥିବାରୁ ସେଗୁଡ଼ିକୁ ଡିକୋଡିଂ କରି ଦାତାଙ୍କ ନାମକୁ ଚାନ୍ଦା ସହ ମେଳ କରାଇବା ଏକ ଜଟିଳ ପ୍ରକ୍ରିୟା। ତଥ୍ୟ ଗୋପନ ରଖିବା ପାଇଁ ବଣ୍ଡ ଇସ୍ୟୁ ତଥ୍ୟ ଏବଂ ରାଜନୈତିକ ଦଳକୁ ଚାନ୍ଦା ଅର୍ଥ ପ୍ରଦାନ ତଥ୍ୟକୁ ଅଲଗା ଅଲଗା ସିଲୋରେ ରଖାଯାଇଛି। ଏଥିପାଇଁ କୌଣସି ସେଣ୍ଟ୍ରାଲ ଡେଟା ବେସ୍ କରାଯାଇ ନାହିଁ। ଦାତାଙ୍କ ସମ୍ପର୍କିତ ତଥ୍ୟ ନିର୍ଦ୍ଦିଷ୍ଟ ଶାଖାଗୁଡ଼ିକରେ ଜଉମୁଦା ଲଫାପାରେ ରଖାଯାଇଛି ଏବଂ ସେଗୁଡ଼ିକୁ ମୁମ୍ବାଇରେ ଥିବା ଆବେଦନକାରୀ ବ୍ୟାଙ୍କର ମୁଖ୍ୟ ଶାଖାରେ ଜମା କରାଯାଇଥିବାରୁ କମ୍ ସମୟ ମଧ୍ୟରେ ସମସ୍ତ ତଥ୍ୟ ଯୋଗାଡ଼ କରିବା ସମ୍ଭବ ନୁହେଁ ବୋଲି ଏସ୍‌ବିଆଇ କହିଛି।

ଫେବୃଆରୀ ୧୫ରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟରେ ରାଜନୈତିକ ଦଳଗୁଡ଼ିକୁ ପାଣ୍ଠି ଯୋଗାଣ ପାଇଁ ରହିଥିବା ଇଲେକ୍ଟୋରାଲ ବଣ୍ଡକୁ ରଦ୍ଦ କରିଦେଇଥିଲେ। ଏଭଳି ବଣ୍ଡ ବ୍ୟବସ୍ଥା ମତବ୍ୟକ୍ତ କରିବା ଅଧିକାର ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ କରୁଛି। ୬ ବର୍ଷର ଏହି ଯୋଜନାରେ ରାଜନୈତିକ

### ରାହୁଲଙ୍କ ସମାଲୋଚନା

ଦଳଗୁଡ଼ିକୁ ଚାନ୍ଦା ଦେଇଥିବା ଦାତାମାନଙ୍କ ନାଁ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବାକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଥିଲେ।

ଇଲେକ୍ଟୋରାଲ ବଣ୍ଡ ତଥ୍ୟ ଦେବା ପାଇଁ ଏସ୍‌ବିଆଇ ସମୟ ମାଗିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଚାନ୍ଦା ବ୍ୟବସାୟ'କୁ ଲୁଚାଇବା ପାଇଁ ଉଦ୍ୟମ କରୁଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଇଲେକ୍ଟୋରାଲ ବଣ୍ଡ ପଛର ସତ୍ୟତା ଜାଣିବା ଅଧିକାର ଜନସାଧାରଣଙ୍କର ରହିଥିବା ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଥିବାରୁ ଏସ୍‌ବିଆଇ ସମୟ ମାଗିବାକୁ ନେଇ ରାହୁଲ ପ୍ରଶ୍ନ ଉଠାଇଛନ୍ତି।

# ୱାଶିଂଟନ ଡିସି ପ୍ରାଇମେରି ଜିତିଲେ ନିକ୍କି

ୱାଶିଂଟନ,୪।୩

ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ରିପବ୍ଲିକାନ୍ ପ୍ରାର୍ଥିତ୍ୱ ଦୌଡ଼ରେ ଥିବା ନିକ୍କି ହାଲି ରବିବାର ୱାଶିଂଟନ ଡିସି ପ୍ରାଇମେରି ଜିତିଛନ୍ତି। ସେ ୬୨.୯ ପ୍ରତିଶତ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୩୩.୨ ପ୍ରତିଶତ ଭୋଟ ମିଳିଛି। ପ୍ରାର୍ଥିତ୍ୱ ମନୋନୟନ ପ୍ରକ୍ରିୟାରେ ଏହା ତାଙ୍କର ପ୍ରଥମ ବିଜୟ। ତେବେ ପ୍ରାର୍ଥିତ୍ୱକୁ ଅନୁମୋଦନ କରିବା ଲାଗି ୧,୨୧୫ ପ୍ରତିନିଧିଙ୍କ ଆବଶ୍ୟକତା ଥିବାବେଳେ ନିକ୍କି ଏହି ବିଜୟ ଫଳରେ ମାତ୍ର ୧୯ ପ୍ରତିନିଧିଙ୍କ ସମର୍ଥନ ହାସଲ କରିପାରିଛନ୍ତି। ୫ ତାରିଖ ସୁପର ଟ୍ୟୁଜ୍‌ଡେରେ ୮୭୪



ନିକ୍କି ହାଲି

ପ୍ରତିନିଧି ଭୋଟ ଦେବାକୁ ଥିବାରୁ ପ୍ରାର୍ଥୀ ହେବା ପାଇଁ ସେମାନଙ୍କ ସମର୍ଥନ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ ହୋଇଥିବା ୭ଟି ପ୍ରାଇମେରିରେ ଟ୍ରମ୍ପ ଜିତିଥିବାବେଳେ ମଙ୍ଗଳବାର ମଧ୍ୟ ସେ ବିଜୟୀ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



ଉତ୍ତରାଖଣ୍ଡର ଚାମୋଲି ଜିଲାରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ବଦ୍ରିନାଥ ଜାତୀୟ ରାଜପଥ ଅବରୋଧ ହୋଇଥିବାରୁ ଗାଡ଼ିଗୁଡ଼ିକ ଅଟକି ରହିଛି।

## ବେଙ୍ଗାଲୁରୁ କାଫେ ବିସ୍ଫୋରଣର ତଦନ୍ତ କରିବ ଏନ୍‌ଆଇଏ

ନୂଆଦିଲ୍ଲୀ,୪।୩

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ବେଙ୍ଗାଲୁରୁର ରାମେଶ୍ୱରମ୍ କାଫେ ବିସ୍ଫୋରଣର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଦିଆଯାଇଛି। ଗତ ୧ ତାରିଖରେ ବେଙ୍ଗାଲୁରୁ ହ୍ୱାଇଟ୍‌ଫିଲ୍ଡ ଅଞ୍ଚଳରେ ଥିବା କାଫେରେ ବିସ୍ଫୋରଣ ଘଟି ୧୦ ଜଣ ଆହତ ହୋଇଥିଲେ। ଏହା ଆତଙ୍କବାଦୀ କାର୍ଯ୍ୟ ସନ୍ଦେହ କରାଯାଉଥିବାରୁ ଏନ୍‌ଆଇଏକୁ ତଦନ୍ତ ଭାର ଦିଆଯାଇଛି। ବେଙ୍ଗାଲୁରୁ ପୋଲିସ ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଏବଂ ବିସ୍ଫୋରଣ ସାମଗ୍ରୀ ଆଇନରେ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜ୍ ଅନୁଧ୍ୟାନରୁ କାଫେ ଭିତରେ ଏକ ବ୍ୟାଗ୍‌ରେ ବୋମା ରଖିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି।

# ଉଦୟନିଧିଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୪।୩ (ପି.ଟି.)

### ସନାତନ ଧର୍ମ ଲୋପ କରିଦେବା ମନ୍ତବ୍ୟ

ସନାତନ ଧର୍ମକୁ ବିଲୋପ କରିଦେବା ପାଇଁ ମନ୍ତବ୍ୟ ଦେଇଥିବା ତାମିଲନାଡୁ ମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍‌ଙ୍କୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ବାକ୍ ଏବଂ ଅଭିବ୍ୟକ୍ତ ସ୍ୱାଧୀନତା ଅଧିକାରର ଦୁରୁପଯୋଗ କରିବା ପରେ ରୁଜୁ ହୋଇଥିବା ଏତଲାଗୁଡ଼ିକୁ ଏକାଠି କରିବା ପାଇଁ କାହିଁକି ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି ବୋଲି ସର୍ବୋଚ୍ଚ ଅଦାଲତ ଉଦୟନିଧିଙ୍କୁ ପ୍ରଶ୍ନ କରିଛନ୍ତି। ଜଣେ ମନ୍ତ୍ରୀ ଭାବରେ ମନ୍ତବ୍ୟ ଦେବା ବେଳେ ସତର୍କ ରହିବା ଏବଂ ସମ୍ଭାବ୍ୟ ପରିଣାମ ପ୍ରତି ସଚେତନ ରହିବା ଉଚିତ ଥିଲା ବୋଲି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ଡିଏମ୍‌କେ ନେତାଙ୍କୁ କହିଛନ୍ତି। ଅନୁଚ୍ଛେଦ ୩୨ ବଳରେ ନିଜ ଅଧିକାରର ଉପଯୋଗ ପାଇଁ ତୁମେ ସିଧାସଳଖ ସୁପ୍ରିମକୋର୍ଟରେ ଆବେଦନ କରୁଛ। ଅଥଚ ନିଜ ମନ୍ତବ୍ୟର ପରିଣତି ବିଷୟରେ ଜାଣି ନ ଥିଲ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ତୁମେ ଜଣେ ମାମୁଲି ବ୍ୟକ୍ତି ନୁହଁ, ଜଣେ ମନ୍ତ୍ରୀ। ତେଣୁ ପରିଣାମ ସମ୍ପର୍କରେ ଜାଣିବା ଉଚିତ ଥିଲା ବୋଲି ଖଣ୍ଡପୀଠ କହିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୫କୁ ଧାର୍ଯ୍ୟ



ଉଦୟନିଧି ଷ୍ଟାଲିନ୍

କରିଛନ୍ତି। ସୂଚନାଯୋଗ୍ୟ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ତଥା ରାଜ୍ୟ କ୍ରୀଡ଼ା ଓ ଯୁବକଲ୍ୟାଣ ମନ୍ତ୍ରୀ ଉଦୟନିଧି ଗତବର୍ଷ ସେପ୍ଟେମ୍ବରରେ ଏକ ଜନସଭାକୁ ସମ୍ବୋଧନ କଲାବେଳେ ସନାତନ ଧର୍ମ ସାମାଜିକ ନ୍ୟାୟ ଓ ସମାନତା ବିରୋଧୀ ହୋଇଥିବାରୁ ଏହାର ବିଲୋପ କରାଯିବା ଆବଶ୍ୟକ ବୋଲି କହିଥିଲେ। ସେ ସନାତନ ଧର୍ମକୁ କରୋନା ଭୂତାଣୁ, ମ୍ୟାଲେରିଆ ଏବଂ ଡେଙ୍ଗୁ ସହ ତୁଳନା କରିଥିଲେ।

## ଆମେରିକାରେ ଗୁଳିମାଡ଼, ୪ ମୃତ

**କିଙ୍ଗ୍‌ସିଟି, ୪।୩:** ଆମେରିକାର କାଲିଫର୍ନିଆସ୍ଥିତ କିଙ୍ଗ୍‌ସିଟିରେ ସୋମବାର ଗୁଳିକାଣ୍ଡ ଘଟି ୪ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏକ ଆଉଟ୍‌ଡୋର୍ ପାର୍ଟି ଚାଲିଥିବାବେଳେ ଏଥିରେ ସାମିଲ ଥିବା ଅତିଥିଙ୍କ ଉପରେ ୩ ଜଣ ମୁଖାପିନ୍ଧା ଅଜ୍ଞାତ ବ୍ୟକ୍ତି ଗୁଳି ବର୍ଷଣ କରିଥିଲେ। ଏହି ଗୁଳିକାଣ୍ଡରେ ଜଣେ ମହିଳାଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ ଜଣ ଆହତ ହୋଇଥିବା କିଙ୍ଗ୍‌ସିଟି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତ ୩ ଆହତଙ୍କୁ ସେଲିନାସ୍‌ର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆତତାୟୀମାନେ ଏକ ସିଲଭର ରଙ୍ଗର କାର୍‌ରେ ଆସି ଗୁଳିମାଡ଼ କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତଦନ୍ତ ଚାଲିଛି ଏବଂ ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଧରାଯିବ ବୋଲି ପୋଲିସ କହିଛି।

## ପୱନ୍‌ଙ୍କ ପରେ ନିର୍ବାଚନରୁ ଓହରିଲେ ଭାଜପା ବାରବାଙ୍କୀ ପ୍ରାର୍ଥୀ

ନୂଆଦିଲ୍ଲୀ,୪।୩

ଲୋକ ସଭା ନିର୍ବାଚନ ପାଇଁ ଭାଜପା ୧୯୫ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିବାର ଦୁଇଦିନ ମଧ୍ୟରେ ୨ ଜଣ ପ୍ରାର୍ଥୀ ଓହରିଲେଣି। ପଶ୍ଚିମବଙ୍ଗର ଆସାନସୋଲ୍ ଆସନରୁ ପ୍ରାର୍ଥୀ ହୋଇଥିବା ଭୋଜପୁରୀ ଅଭିନେତା ତଥା ଗାୟକ ପୱନ ସିଂ ଭୋଟ ଲଢ଼ିବା ପାଇଁ ଅସାମର୍ଥ୍ୟ ପ୍ରକାଶ କରିଥିଲେ। ବାରବାଙ୍କୀରୁ ଭାଜପା ପ୍ରାର୍ଥୀ ହୋଇଥିବା ଏମ୍‌ପି ଉପେନ୍ଦ୍ର ସିଂ ରାୱତ୍ ଏକ ଅଶ୍ଳୀଳ ଭିଡିଓ ଭାଇରାଲକୁ ନେଇ ବିବାଦରେ ଫସିଥିବାରୁ ନିର୍ବାଚନ ଲଢ଼ିବାକୁ ଚାହୁଁ ନ ଥିବା କହିଛନ୍ତି। ଡିପ୍‌ଫେକ୍ ଏଆଇ ପ୍ରଯୁକ୍ତି ବଳରେ ତାଙ୍କ ଭିଡିଓକୁ ଏଡିଟ୍ କରାଯାଇଥିବାରୁ ରାୱତ୍ ଏହା ବିରୋଧରେ ଏତଲା ଦାଏର କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଏହାର ତଦନ୍ତ



ଉପେନ୍ଦ୍ର ସିଂ ରାୱତ୍

କରନ୍ତୁ। ସେ ନିର୍ଦ୍ଦୋଷ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିବେ ନାହିଁ ବୋଲି କହିଛନ୍ତି। ରାୱତ୍‌ଙ୍କୁ ବାରବାଙ୍କୀ ପ୍ରାର୍ଥୀ କରାଯିବା ପରେ ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ଜଣେ ବ୍ୟକ୍ତି ଅନ୍ୟଜଣେ ମହିଳାଙ୍କ ସହ ଆପତ୍ତିଜନକ ଅବସ୍ଥାରେ ଥିବା ଦେଖାଯାଇଛି। ଭିଡିଓକୁ ଜାଲିଆତି କରାଯାଇଥିବା ଦର୍ଶାଇ ରାୱତ ଏତଲା ଦାଏର କରିଛନ୍ତି।

## ଇସ୍ରୋ ଅଧ୍ୟକ୍ଷଙ୍କୁ କ୍ୟାନ୍‌ସର ହୋଇଥିଲା

ନୂଆଦିଲ୍ଲୀ,୪।୩

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସୂର୍ଯ୍ୟ ମିଶନ ଆଦିତ୍ୟ-ଏଲ୍୧ ମହାକାଶକୁ ଛଡ଼ାଯିବା ଦିନ ଏହାର ଅଧ୍ୟକ୍ଷ ଏସ୍. ସୋମନାଥଙ୍କଠାରେ କ୍ୟାନ୍‌ସର ଚିହ୍ନଟ ହୋଇଥିଲା। ଏହା ପରଦିନ ତାଙ୍କଠାରେ ଅସ୍ତ୍ରୋପଚାର କରାଯିବା ସହ କେମୋଥେରାପି ଚାଲିଥିଲା। ଏବେ ସେ ସୁସ୍ଥ ହୋଇଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। ସୂର୍ଯ୍ୟଙ୍କ ଉପରେ ଗବେଷଣା ଲାଗି ଗତବର୍ଷ ସେପ୍ଟେମ୍ବର ୨ରେ ପିଏସ୍‌ଏଲ୍‌ଭି-ସି୫୭ ରକେଟ ସହାୟତାରେ ଆଦିତ୍ୟ-ଏଲ୍୧କୁ ସୂର୍ଯ୍ୟ-ପୃଥିବୀର ଲାଗ୍ରାଞ୍ଜିଆନ୍ ପଏଣ୍ଟ-୧ ଅଭିମୁଖେ ଛଡ଼ାଯାଇଥିଲା। ୪ ମାସ ପରେ ଜାନୁଆରୀ ୬ରେ ଏହା ନିର୍ଦ୍ଧାରିତ କକ୍ଷପଥ ଏଲ୍-୧ ପଏଣ୍ଟରେ ଅବସ୍ଥାପିତ ହୋଇଥିଲା।

# ମାଳଦ୍ୱୀପ ନିକଟରେ ନୌସେନା ଘାଟି ନିର୍ମାଣ କରିବ ଭାରତ

ନୂଆଦିଲ୍ଲୀ,୪।୩

ଚାଇନା ସପକ୍ଷବାଦୀ ମହମ୍ମଦ ମୁଇଜ୍ଜୁ ମାଳଦ୍ୱୀପ ରାଷ୍ଟ୍ରପତି ଭାବେ କ୍ଷମତାକୁ ଆସିବା ପରେ ଭାରତ ସହ ଏହାର ସମ୍ପର୍କ ତିକ୍ତ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମାଳଦ୍ୱୀପ ନିକଟବର୍ତ୍ତୀ ଭାରତର ଦକ୍ଷିଣ-ପଶ୍ଚିମ ଉପକୂଳରେ ଏକ ନୂତନ ନୌସେନା ଘାଟି ନିର୍ମାଣ କରିବାକୁ ନୂଆଦିଲ୍ଲୀ ଘୋଷଣା କରିଛି। ଲାକ୍ଷାଦ୍ୱୀପର ଦକ୍ଷିଣ ଭାଗରେ ଥିବା ଦ୍ୱୀପ ମିନିକଏରେ ଆଇଏନ୍‌ଏସ୍ ଜଟାୟୁ ନାମରେ ଘାଟି ନିର୍ମାଣ କରାଯିବା ଯୋଜନା ରହିଛି ବୋଲି ଭାରତୀୟ ନୌସେନା କହିଛି। ଲାକ୍ଷାଦ୍ୱୀପ ମାଳଦ୍ୱୀପର ଉତ୍ତରରେ ୧୩୦ କିଲୋମିଟର ଦୂରରେ ଅବସ୍ଥିତ। ତେଣୁ



ସେଠାରେ ଘାଟି ହେଲେ ପଶ୍ଚିମ ଆରବ ସାଗରରେ ଭାରତୀୟ ନୌସେନାର ଜଳଦସ୍ୟୁ ବିରୋଧୀ ଏବଂ ନିଶା କାରବାର ବିରୋଧୀ ଅପରେଶନ ବଢ଼ିବା ସହ ନୌସେନାର କ୍ଷମତା ବୃଦ୍ଧି ପାଇବ ବୋଲି ଏକ ବିବୃତିରେ କୁହାଯାଇଛି। ଲାକ୍ଷାଦ୍ୱୀପର କାଭାରାଟ୍ଟିଠାରେ ଆଇଏନ୍‌ଏସ୍ ଦ୍ୱୀପରକ୍ଷକ ନାମରେ ଭାରତର ଏକ ନୌସେନା ଘାଟି ରହିଛି।

ସୂଚନାଯୋଗ୍ୟ, ମୁଇଜ୍ଜୁ କ୍ଷମତାକୁ ଆସିବା ପରେ ପ୍ରଥମେ ଚାଇନା ଗସ୍ତରେ ଯାଇଥିଲେ। ତାଙ୍କ ଦେଶ ଛୋଟ ହେଲେ ମଧ୍ୟ କେହି ଏହା ଉପରେ ପତିଆରା ଦେଖାଇବାର ଲାଇସେନ୍ସ କାହାକୁ ଦିଆଯାଇ ନାହିଁ ବୋଲି ମୁଇଜ୍ଜୁ କହିଥିଲେ। ମାଳଦ୍ୱୀପରେ ଥିବା ଭାରତୀୟ ସୈନ୍ୟମାନଙ୍କୁ ତୁରନ୍ତ ପ୍ରତ୍ୟାହାର କରିନେବା ପାଇଁ ସେ ନୂଆଦିଲ୍ଲୀକୁ କହିଥିଲେ।

## ଫୁର୍‌ସତ୍

# ମା'ଙ୍କ ଫୋନ୍‌କଲ୍ ବଞ୍ଚାଇଲା ଜୀବନ

ବେଙ୍ଗାଲୁରୁ

କୁହାଯାଏ ଯେ ମା'ଙ୍କ ଆଶୀର୍ବାଦ ଯାହା ଉପରେ ଥାଏ ସେ କୌଣସି ମଧ୍ୟ ଅସୁବିଧାର ସମ୍ମୁଖୀନ ହୁଏ ନାହିଁ। କର୍ନାଟକ ରାଜଧାନୀ ବେଙ୍ଗାଲୁରୁର ରାମେଶ୍ୱର କାଫେରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ଶୁକ୍ରବାର ଏଠାରେ ବିସ୍ଫୋରଣ ଘଟି ୧୦ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ତେବେ ମା'ଙ୍କ ଫୋନ୍‌କଲ୍ ଯୋଗୁ ଏହି ଅଘଟଣରୁ ଜଣେ ଯୁବକ ବର୍ତ୍ତି ଯାଇଛନ୍ତି। ଶୁକ୍ରବାର ଅପରାହ୍ନରେ ବେଙ୍ଗାଲୁରୁର ରମେଶ୍ୱରମ୍ କାଫେରେ ହଠାତ୍ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ସମୟରେ ବିହାରର ପାଟନା ନିବାସୀ ୨୪ ବର୍ଷୀୟ ସଫ୍ଟୱେୟର ଇଞ୍ଜିନିୟର କୁମାର ଅଳଙ୍କୃତ ମଧ୍ୟ ମଧ୍ୟାହ୍ନ ଭୋଜନ ପାଇଁ ସେଠାକୁ ଯାଇଥିଲେ। କିନ୍ତୁ ସୌଭାଗ୍ୟବଶତଃ ସେହି ସମୟରେ ତାଙ୍କ ମା'ଙ୍କ ଫୋନ୍‌କଲ୍ ଆସିବାରୁ ସେ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଅଳଙ୍କୃତ କହିଛନ୍ତି। ଶୁକ୍ରବାର ଅପରାହ୍ନରେ ଅଳଙ୍କୃତ କାଉଣ୍ଟରରୁ ଦୋସା ଆଣି ଏକ ନିର୍ଦ୍ଧାରିତ





ସ୍ଥାନରେ ବସିଥିଲେ, ଯେଉଁଠାରେ କିଛି ମିନିଟ୍ ପରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଘଟିବାର କିଛି ମୁହୂର୍ତ୍ତ ପୂର୍ବରୁ ଅଳଙ୍କୃତଙ୍କୁ ତାଙ୍କ ମା' ଫୋନ କରିଥିଲେ। ଫଳରେ ସେ ନିଜ ଆସନରୁ ଉଠିଯାଇ ୧୦ରୁ ୧୫ ମିଟର ଦୂରରେ ଥିବା ଏକ ଶାନ୍ତ ସ୍ଥାନକୁ ଚାଲିଯାଇ ମା'ଙ୍କ ସହ ଫୋନରେ କଥା ହୋଇଥିଲେ। ଏହି ସମୟରେ ସେ ଏକ ବଡ଼ ଶବ୍ଦ ଶୁଣିଥିଲେ, ଯାହାକି ଏକ ବଡ଼ ବିସ୍ଫୋରଣ ହୋଇଥିବା ପରେ ସେ ଜାଣିବାକୁ ପାଇଥିଲେ। ମା' ତାଙ୍କୁ ସବୁଦିନ ନିୟମିତ ଭାବେ ଫୋନ୍ କରୁଥିବା ଅଳଙ୍କୃତ କହିଛନ୍ତି। ସେଦିନ ସେ କେଉଁଠାରେ ଅଛନ୍ତି ବୋଲି ମା' ତାଙ୍କୁ ପଚାରିଥିବା ବେଳେ ଅଳଙ୍କୃତ ଏହାର ଉତ୍ତର ଦେଇଥିଲେ। ଏହି ସମୟରେ ବିସ୍ଫୋରଣ ଘଟି ସମସ୍ତେ ଏଣେତେଣେ ଦୌଡ଼ିବାକୁ ଲାଗିଥିବା ସେ କହିଛନ୍ତି। ମା'ଙ୍କ ଫୋନ୍‌କଲ୍ ଯୋଗୁ ତାଙ୍କ ଜୀବନ ବଞ୍ଚି ଯାଇଥିବା କହି ଅଳଙ୍କୃତ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

# ଜଲ୍‌ୱା ଦେଖାଇବେ ରଣବୀର

ମୁମ୍ବାଇ

ଆସନ୍ତା ୨ ବର୍ଷ ମଧ୍ୟରେ ବଲିଉଡ୍ ଆକ୍ସନ ହିରୋ ରଣବୀର ସିଂଙ୍କୁ ଅନେକ ବଡ ଫିଲ୍ମରେ ଦେଖିବାକୁ ମିଳିବ। ଆଗାମୀ ଦିନରେ 'ଶକ୍ତିମାନ' ଓ 'ସିଙ୍ଘମ୍ ଏଗେନ' ଚଳଚ୍ଚିତ୍ରରେ ରଣବୀର ନିଜ ଜଲୱା ଦେଖାଇବେ ବୋଲି ପୂର୍ବରୁ ସୂଚନା ଦେଇସାରିଛନ୍ତି। ତେବେ ଏଥି ମଧ୍ୟରେ ସେ ଆଦିତ୍ୟ ଧରଙ୍କ ସହ ହାତ ମିଳାଇ ଆଉଏକ ଆକ୍ସନ୍ ଫିଲ୍ମ ସାଇନ୍ କରିଛନ୍ତି। 'ଉରି: ଦି ସର୍ଜିକାଲ୍ ଷ୍ଟ୍ରାଇକ୍' ଚଳଚ୍ଚିତ୍ରର ନିର୍ଦ୍ଦେଶକ ଆଦିତ୍ୟ ଧର ଆଗାମୀ ଦିନରେ ଗୋଟିଏ ବଡ଼ ବଜେଟର ଆକ୍ସନ୍ ଫିଲ୍ମ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ଆକ୍ସନ୍ ଫିଲ୍ମରେ ମୁଖ୍ୟ ଭୂମିକା ପାଇଁ ସେ ରଣବୀର ସିଂଙ୍କୁ ପସନ୍ଦ କରିଛନ୍ତି। ଏନେଇ ଗତ ୩ ସପ୍ତାହ ମଧ୍ୟରେ ଉଭୟ ରଣବୀର ଓ ଆଦିତ୍ୟଙ୍କ ଅନେକ ଥର ସାକ୍ଷାତ ହୋଇଥିବା ସୂଚନା ମିଳିଛି। ଆଦିତ୍ୟଙ୍କଠାରୁ ଫିଲ୍ମର ସ୍କ୍ରିପ୍ଟ ଶୁଣି ଅଭିନୟ କରିବାକୁ ରଣବୀର ତୁରନ୍ତ ରାଜି ହୋଇଯାଇଥିବା ବିଭିନ୍ନ ସୂତ୍ରରୁ ଜଣା ପଡ଼ିଛି। ତେବେ ଚଳିତ ବର୍ଷ 'ଶକ୍ତିମାନ' ଓ 'ଡନ୍ ୩'ର ସୁଟିଂରେ ରଣବୀର ସାମିଲ ହେବା ନେଇ ତାଙ୍କ ଟିମ୍ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିଲା। କିନ୍ତୁ ଏବେ ରଣବୀର ଆଦିତ୍ୟଙ୍କ ବିଗ୍ ବଜେଟ ଆକ୍ସନ ମୁଭିକୁ ଅଧିକ ପ୍ରାଧାନ୍ୟ ଦେବାକୁ ସ୍ଥିର କରିଛନ୍ତି, ଯାହାର ଶୁଟିଂ ଚଳିତ ବର୍ଷ ଏପ୍ରିଲ-ମେ ମାସରୁ ଆରମ୍ଭ ହେବା ନେଇ ଅନୁମାନ କରାଯାଉଛି। ତେବେ ଏନେଇ ରଣବୀରଙ୍କ ଟିମ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଚଳିତ ବର୍ଷ ଏପ୍ରିଲ-ମେ ମାସରେ ରଣବୀର ଆଦିତ୍ୟ ଧରଙ୍କ ନିର୍ମିତ ଆକ୍ସନ୍ ଫିଲ୍ମର ଶୁଟିଂ କରିବା ନେଇ ସୂଚନା ମିଳିଛି। ପରେ ସେ ଅଗଷ୍ଟ-ସେପ୍ଟେମ୍ବର ମାସରେ 'ଡନ୍ ୩' ଫିଲ୍ମର ସୁଟିଂ ଆରମ୍ଭ କରିବେ। ସେହିପରି ଆସନ୍ତାବର୍ଷ ମେ-ଜୁନରେ ରଣବୀର 'ଶକ୍ତିମାନ'ର ଶୁଟିଂ କରିବେ। ଏସବୁ ମଧ୍ୟରେ ସେ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ସିଙ୍ଘମ୍ ଏଗେନ'ର ଅବଶିଷ୍ଟ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ କରିବେ ବୋଲି ତାଙ୍କ ଟିମ୍ ପକ୍ଷରୁ ସୂଚନା ମିଳିଛି। ଆଦିତ୍ୟଙ୍କ ଏହି ବିଗ୍ ବଜେଟ ଆକ୍ସନ୍ ଫିଲ୍ମର ପେପର ୱାର୍କ ଶେଷ ହେବା ପରେ ଖୁବ୍‌ଶୀଘ୍ର ଏହାର ନାମକାରଣ ରଖାଯାଇ ଫିଲ୍ମକୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ସୂଚନାଯୋଗ୍ୟ ଗତବର୍ଷ ରଣବୀରଙ୍କ ପାଇଁ ବେଶ୍ ଭଲ ରହିଥିଲା। ରଣବୀରଙ୍କ ଅଭିନୀତ 'ରକି ଔର ରାନୀ କି ପ୍ରେମ କାହାନି' ହିଟ୍ ସାବ୍ୟସ୍ତ ହୋଇଥିଲା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଶୀ ଭାଙ୍ଗ, ପାରା ରଙ୍ଗ**
**ପଶା ନ୍ୟାୟବଳ ବେଶ୍ୟା ସଙ୍ଗ**
**ଏଷଡ଼ ରଙ୍ଗରେ ଥାଏ ଯେ,**
**ଠୋକର ଖାଇ ମରେ ସେ।**

ଖରାପ ଅଭ୍ୟାସ ଯଦି ଠିକ ସମୟରେ ଛଡ଼ା ନ ଯାଏ ତେବେ ତାହା ଜୀବନକୁ ବରବାଦ କରିଦେଇଥାଏ। ଉପର ବର୍ଣ୍ଣିତ ମନ୍ଦ ବା କୁଅଭ୍ୟାସରେ ଲିପ୍ତ ରହିଥିବା ବ୍ୟକ୍ତି ଜୀବନରେ କେବେ ଉନ୍ନତି କରିପାରି ନ ଥାନ୍ତି। ବ୍ୟଭିଚାର ତଥା ଅନୀତିପୂର୍ଣ୍ଣ କାର୍ଯ୍ୟ କରିବସୁଥିବା ବ୍ୟକ୍ତି ଜୀବଦଶାରେ ଅନେକ ଦୁଃଖକଷ୍ଟ ଭୋଗ କରିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦାତା ଦେଖି କରିବୁ ଅଳି**
**ବିଲ ଦେଖି ବୁଣିବୁ ତଳି।**

ଦାତା ଦେଖି ପ୍ରାର୍ଥନା କରିବା ଉଚିତ। ଦୟାଶୀଳ ବ୍ୟକ୍ତିଙ୍କୁ ସାହାଯ୍ୟ ଭିକ୍ଷା କଲେ ନିରାଶ ହେବାକୁ ପଡ଼ି ନ ଥାଏ। ସେହିପରି ବିଲର ପାଗ ଦେଖି ଧାନତଳି ରୁଆଗଲେ ଧାନ ଗଛ ଶୀଘ୍ର ବଢିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

## ଲୋକେ ଶୋଇଲାବେଳେ...

ସ୍ମୃତିରେଖା ଡୁଲ, ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି, ବିଭାଗୀୟ ସହକାରୀ ଯନ୍ତ୍ରୀ ଶ୍ୟାମ ସୁନ୍ଦର ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ଘଟଣାସ୍ଥଳ ଅନୁଧାନ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରି ଫେରିଛନ୍ତି। ଚାଷ ଜମିରୁ ପାଣି କମିବା ପରେ କେତେ କ୍ଷୟକ୍ଷତି ହୋଇଛି ତାହା ଜଣାପଡିବ ବୋଲି ପ୍ରଶାସନିକ ଓ ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପଟେ କେନାଲରେ ଘାଇ ହେବା ପରେ ବିଭାଗୀୟ କର୍ତ୍ତୃପକ୍ଷ ପାଣି ବନ୍ଦ କରିଦେଇଛନ୍ତି। ମଙ୍ଗଳବାରଠାରୁ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, ଗତ ଜାନୁୟାରୀ ୮ତାରିଖରେ ରବି ଫସଲ ପାଇଁ ଏହି କେନାଲରେ ପାଣି ଛଡା ଯାଇଥିଲା। ହେଲେ ଦୁର୍ବଳ ଆଡିବନ୍ଧ ଯୋଗୁ ୨ ମାସ ନ ହେଉଣୁ କେନାଲରେ ଘାଇ ସୃଷ୍ଟି ହୋଇଛି। ଫଳରେ ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମୋକିମଙ୍କ ବିଧାୟକ...

ତଥ୍ୟ ମୋକିମ ଦେଇ ନ ଥିଲେ। ସେହିପରି ନାମାଙ୍କନ ପତ୍ରରେ ସେ ଅନେକ ତଥ୍ୟ ଲୁଚାଇଥିଲେ, ଯଦ୍ଦ୍ୱାରା ୨୦୧୯ ବିଧାନସଭା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଛି। ମୋକିମ ପ୍ରାର୍ଥିପତ୍ର ଦାଖଲବେଳେ ନିର୍ଦ୍ଧାରିତ ଫର୍ମ ୨(ଖ) ଦାଖଲ କରିନାହାନ୍ତି। ସେ ଫର୍ମ ୨୬ରେ ମିଥ୍ୟା ସତ୍ୟପାଠ କରି ପ୍ରାର୍ଥିପତ୍ର ସହ ଦାଖଲ କରିଛନ୍ତି। ଏହାଦ୍ୱାରା ସେ ନିର୍ବାଚନ ନିୟମ ଓ ଆଇନ୍‌କୁ ଉଲ୍ଲଂଘନ କରିଛନ୍ତି। ତେଣୁ ହାଇକୋର୍ଟ ଉକ୍ତ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ସହ ସେଠାରେ ସାନି ନିର୍ବାଚନ କରିବାକୁ ରାୟରେ ସ୍ପଷ୍ଟ କରିଛନ୍ତି। ଏହାଦ୍ୱାରା ଏହି ନିର୍ବାଚନମଣ୍ଡଳୀ ଏବେ ବିଧାୟକ ପଦଶୂନ୍ୟ ହୋଇଛି। ଆଗାମୀ ଦିନରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏହି ପଦବୀ ପାଇଁ ଲଢ଼େଇ ହେବ ବୋଲି ସ୍ପଷ୍ଟ ହୋଇଛି।

ଏ ସମ୍ପର୍କରେ ମୋକିମ କହିଛନ୍ତି, ହାଇକୋର୍ଟଙ୍କ ରାୟକୁ ସମ୍ମାନ ଜଣାଉଛି। ଏହି ରାୟ ବିରୋଧରେ ସୁପ୍ରିମକୋର୍ଟରେ ଅପିଲ କରିବି। ଆସନ୍ତା ବିଧାନସଭା ନିର୍ବାଚନ ଲଢ଼ିବା ଉପରେ ହାଇକୋର୍ଟଙ୍କର କୌଣସି କଟକଣା ନ ଥିବାରୁ ନିର୍ବାଚନ ଲଢ଼ିବି। ତାହା ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ମୋକିମ୍ କହିଛନ୍ତି। ଅପରପକ୍ଷରେ ଆବେଦନକାରୀ ଦେବାଶିଷ ସାମନ୍ତରାୟ କହିଛନ୍ତି, ହାଇକୋର୍ଟ ମୋକିମ୍‌ଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିବାରୁ ତାଙ୍କୁ ଆଉ ପୂର୍ବତନ ବିଧାୟକ କୁହାଯିବ ନାହିଁ। ଅଦାଲତଙ୍କ ରାୟରୁ ସ୍ପଷ୍ଟ ଯେ ମୋକିମ କେବେ ବିଧାୟକ ନ ଥିଲେ ବୋଲି ସାମନ୍ତରାୟ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମୋକିମ ୫୦,୨୪୪ ଭୋଟ୍ ପାଇଥିବାବେଳେ ବିଜେଡିର ଦେବାଶିଷ ସାମନ୍ତରାୟ ୪୬,୪୧୭ ଭୋଟ ପାଇଥିଲେ। ତେବେ ବିଜୟୀ ପ୍ରାର୍ଥୀ ମୋକିମଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ହାଇକୋର୍ଟରେ ପରାଜିତ ପ୍ରାର୍ଥୀ ସାମନ୍ତରାୟଙ୍କ ପକ୍ଷରୁ ୨୦୧୯ରେ ଏକ ନିର୍ବାଚନୀ ମାମଲା ରୁଜୁ କରାଯାଇଥିଲା। ମୋକିମ ତାଙ୍କ ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇଥିବା ଆବେଦନକାରୀ ସାମନ୍ତରାୟ ଅଭିଯୋଗ କରିଥିଲେ। ହାଇକୋର୍ଟରେ ମାମଲାର ଦୀର୍ଘଦିନର ଶୁଣାଣି ପରେ ଅନ୍ତିମ ପର୍ଯ୍ୟାୟରେ ଆବେଦନକାରୀ ସାମନ୍ତରାୟ ଓ ପ୍ରତିପକ୍ଷ ମୋକିମଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଭୟ ପକ୍ଷ ଉପସ୍ଥାପନ କରିଥିବା ବାଚନିକ ଯୁକ୍ତିକୁ ଲିଖିତ ଆକାରରେ ଅଦାଲତରେ ଗତ ଫେବୃଆରୀ ୭ ତାରିଖରେ ଦାଖଲ କରାଯାଇଥିଲା। ବିଚାରପତି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ଆଇନଜୀବୀ ମିଲନ୍ କାନୁନ୍‌ଗୋ, ଗୋପାଳ ଅଗ୍ରୱାଲ ଏବଂ ପ୍ରତିପକ୍ଷ ମୋକିମଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।

## ଟଙ୍କା ନିଏ...

ସମ୍ପର୍କରେ ବିଧାନସଭା ସଚିବ ଦାଶରଥି ଶତପଥୀ କହିଛନ୍ତି ଯେ, ହାଇକୋର୍ଟଙ୍କ ଅର୍ଡର ନ ଆସିବା ପର୍ଯ୍ୟନ୍ତ କିଛି କୁହାଯାଇପାରିବ ନାହିଁ। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଯାହା କିଛି ପଦକ୍ଷେପ ନିଆଯିବ। ବିଧାନସଭା ନିର୍ବାଚନ ରିଟର୍ନିଂ ଅଫିସରଙ୍କ ସାର୍ଟିଫିକେଟ ଏବଂ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ପରେ ଜଣଙ୍କୁ ବିଧାନସଭାର ସଦସ୍ୟ ଭାବେ ଗ୍ରହଣ କରାଯାଇଥାଏ। ଏଥିରେ ବିଧାନସଭାର କିଛି ଭୂମିକା ନାହିଁ ବୋଲି ଦାଶରଥି କହିଛନ୍ତି।

## ଉର୍ଦ୍ଦୁ ଶିକ୍ଷକଙ୍କ...

ମଧ୍ୟ ଇଂରାଜୀ ବିଦ୍ୟାଳୟଗୁଡ଼ିକରେ ନିୟୋଜିତ ୪୪ ଜଣ ଉର୍ଦ୍ଦୁ ଶିକ୍ଷକ ଏବଂ ସରକାରୀ ପୂର୍ଣ୍ଣ ଅନୁଦାନ ଓ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୪୦ ଉର୍ଦ୍ଦୁ ସମ୍ବଳ ଶିକ୍ଷକ ଉପକୃତ ହେବେ। ସୂଚନାଯୋଗ୍ୟ ଯେ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜିଲା ଗସ୍ତ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟୋଜିତ ଥିବା ଉର୍ଦ୍ଦୁ ଶିକ୍ଷକମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଅଭୟାରଣ୍ୟକୁ ସିଙ୍ଗଲ...

ସିଙ୍ଗଲ ୟୁଜ୍ ପଲିଥିନ୍ ଓ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର ଯୋଗୁ ପରିବେଶ ଉପରେ ତା'ର କୁପ୍ରଭାବ ପଡୁଛି। ଏଥିସହ ସେହିସବୁ ସାମଗ୍ରୀକୁ ବନ୍ୟଜନ୍ତୁମାନେ ଖାଇ ରୋଗଗ୍ରସ୍ତ ହେଉଛନ୍ତି। ତେଣୁ ଏପ୍ରିଲ୍ ୧ରୁ ଅଭୟାରଣ୍ୟ ପ୍ରବେଶ ପଥରେ ଚେକିଂବେଳେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ନେବା ପାଇଁ ଅନୁମତି ଦିଆଯିବ ନାହିଁ। ଯଦି କୌଣସି ପର୍ଯ୍ୟଟକ ଅଜାଣତରେ ପ୍ଲାଷ୍ଟିକ୍ ପାଣି ବୋତଲ ନେଇ ଆସିଛନ୍ତି, ତା'ହେଲେ ପ୍ରବେଶ ପଥରେ ସେମାନଙ୍କ ବୋତଲ ଉପରେ ଗୋଟିଏ ଷ୍ଟିକର ମରାଯିବ। ଏଥିସହ ସେମାନଙ୍କଠାରୁ ବୋତଲ ପିଛା ୨୦୦ ଟଙ୍କା ଲେଖାଏ ରଖାଯିବ। ଫେରିଲା ବେଳେ ପର୍ଯ୍ୟଟକମାନେ ସେହି ବୋତଲ ଦେଲେ, ସେମାନଙ୍କଠାରୁ ନିଆଯାଇଥିବା ୨୦୦ ଟଙ୍କା ଫେରାଯିବ ବୋଲି ପିସିସିଏଫ୍ କହିଛନ୍ତି। ସେ ଆହୁରି କହିଛନ୍ତି, ପର୍ଯ୍ୟଟକଙ୍କ ପାଇଁ ଅଭୟାରଣ୍ୟ ଭିତରେ ପର୍ଯ୍ୟାପ୍ତ ପରିମାଣରେ ପାଣିର ବ୍ୟବସ୍ଥା କରାଯିବ। ଏହାଛଡ଼ା ଖାଇବା ପାଇଁ ପର୍ଯ୍ୟଟକମାନେ ପ୍ଲାଷ୍ଟିକ୍ ବା ଷ୍ଟାଇରୋଫୋମ୍ ପ୍ଲେଟ୍ ନେଇପାରିବେ ନାହିଁ। ତା' ବଦଳରେ ପ୍ରବେଶ ପଥରେ ସେମାନଙ୍କୁ ଖଲି ପତ୍ର ଓ କାଗଜ ଠୁଙ୍ଗା ଯୋଗାଇ ଦିଆଯିବ। ଏହି ନିୟମ ଯଦି କେହି ଅମାନ୍ୟ କରନ୍ତି ବା କୌଣସି ପର୍ଯ୍ୟଟକ ଲୁଚାଇ ଛପାଇ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ନେଇ ଧରାପଡ଼ନ୍ତି, ତେବେ ସେମାନଙ୍କୁ ୩ବର୍ଷ ଜେଲ୍ ସହ ଜରିମାନା କରାଯିବ। ଏହି ନିୟମ ରାଜ୍ୟର ସମସ୍ତ ଅଭୟାରଣ୍ୟରେ ଲାଗୁ କରାଯିବ। ତା' ଭିତରେ ଦୁଇଟି ବ୍ୟାଘ୍ର ପ୍ରକଳ୍ପ ଓ ଗୋଟିଏ ଜାତୀୟ ଉଦ୍ୟାନ ମଧ୍ୟ ରହିଥିବା ପିସିସିଏଫ୍ କହିଛନ୍ତି। ସେହିଭଳି ରାଜ୍ୟର ସମସ୍ତ ସଂରକ୍ଷିତ ଅଞ୍ଚଳ ଏବଂ ସମସ୍ତ ଇକୋଟୁରିଜମ୍ ସାଇଟ୍‌ରେ ବି ଏପ୍ରିଲ ୧ରୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକକୁ ବାରଣ କରାଯାଇଛି। ଏହାକୁ ପାଳନ କରିବା ପାଇଁ ବନ୍ୟପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଟେରିଟୋରି ଏବଂ ୱାଇଲ୍ଡଲାଇଫ୍ ବନଖଣ୍ଡ ଅଧିକାରୀ, ଶିମିଳିପାଳ (ଉତ୍ତର ଏବଂ ଦକ୍ଷିଣ) ଉପନିର୍ଦ୍ଦେଶକ ଓ ନନ୍ଦନକାନନ ଉପନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରାଯାଇଛି।

## ଭୋଟ ପାଇଁ ଲାଞ୍ଚ...

ଭାଙ୍ଗିଯିବା ସମ୍ଭାବନା ଥିଲା। କିନ୍ତୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)ର ୫ ଜଣ ଏମ୍‌ପି ଲାଞ୍ଚ ନେଇ ସରକାରଙ୍କ ସପକ୍ଷରେ ଭୋଟ ଦେବାରୁ ସରକାର ଆସ୍ଥା ଜିତିଯାଇଥିଲେ। ୧୯୯୮ରେ ସୁପ୍ରିମକୋର୍ଟର ୫ ଜଣିଆ ପୀଠ ଏହି ମାମଲାରେ ଲାଞ୍ଚ ନେଇଥିବା ଏମ୍‌ପିମାନଙ୍କୁ ମକଦ୍ଦମାରୁ ଅବ୍ୟାହତି ଦେଇଥିଲେ। ଏହି ରାୟ ଲାଞ୍ଚ ନେଇ ଭୋଟ ଦେଇଥିବା ଏମ୍‌ପିମାନଙ୍କୁ ସୁରକ୍ଷା ଦେଇଥିବାବେଳେ ଯେଉଁମାନେ ଭୋଟ ଦେଇ ନ ଥିଲେ ସେମାନଙ୍କ ବିରୋଧରେ ମକଦ୍ଦମା ପାଇଁ ଅନୁମତି ଦେଇଥିବାରୁ ଏହା ଦ୍ୱନ୍ଦ୍ୱାତ୍ମକ ବୋଲି ସାମ୍ବିଧାନିକ ପୀଠ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିବା ସହ ଏହା ସ୍ୱଚ୍ଛ ରାଜନୀତିକୁ ସୁନିଶ୍ଚିତ କରିବ ଏବଂ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ବଢ଼ାଇବ ବୋଲି କହିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ପୂର୍ବତନ ବିଚାରପତି ମଦନ ବି. ଲୋକୁର ଐତିହାସିକ କହିବା ସହ ଏହା ଆମର ସଂସଦୀୟ ବ୍ୟବସ୍ଥା ଏବଂ ସରକାରଙ୍କ ବର୍ତ୍ତମାନର ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ସେ ମତ ଦେଇଛନ୍ତି। ଆମର ରାଜନୈତିକ ବ୍ୟବସ୍ଥା ଏବଂ ଗଣତନ୍ତ୍ର ଉପରେ ରାୟର ନିଶ୍ଚିତ ସକାରାତ୍ମକ ପ୍ରଭାବ ରହିବ ବୋଲି ପୂର୍ବତନ ଅତିରିକ୍ତ ସଲିସିଟର ଜେନେରାଲ ଏବଂ ବରିଷ୍ଠ ଆଇନଜୀବୀ କେ.ସି. କୌଶିକ କହିଛନ୍ତି।

# ଦିବ୍ୟାଙ୍ଗଙ୍କୁ ବ୍ୟାଟେରିଚାଳିତ ଟ୍ରାଇ ସାଇକେଲ ପ୍ରଦାନ



ପ୍ରଦାନ କରାଯାଇଥିବା ଟ୍ରାଇ ସାଇକେଲରେ ଦିବ୍ୟାଙ୍ଗମାନେ ବସିଛନ୍ତି।

ନୂଆପଡ଼ା,୪।୩(ମକାରୁ ବେମାଲ)

ନୂଆପଡା ଜିଲା ପ୍ରଶାସନ ଓ ଗ୍ରାମ ସମୃଦ୍ଧି ଟ୍ରଷ୍ଟ ନୂଆପଡାଙ୍କ ମିଳିତ ଆନୁକୂଲ୍ୟରେ ସୋମବାର ଦିବ୍ୟାଙ୍ଗମାନଙ୍କୁ ବ୍ୟାଟେରି ଚାଳିତ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ଗ୍ରାମ ସମୃଦ୍ଧି ଟ୍ରଷ୍ଟ କାର୍ଯ୍ୟକାରୀ ନିର୍ଦ୍ଦେଶକ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ନୂଆପଡା ଜିଲାପାଳ ହେମକାନ୍ତ ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟାଟେରି ଚାଳିତ ତିନି ଚକିଆ ଟ୍ରାଇ ସାଇକେଲ ବଣ୍ଟନ ଶୁଭାରମ୍ଭ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ରମ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦିବ୍ୟାଙ୍ଗମାନେ କୌଣସି ସ୍ଥାନକୁ ଯିବାକୁ ହେଲେ ଅନ୍ୟର ସହାୟତା ନେବାକୁ ପଡୁଥିଲା। ଦିବ୍ୟାଙ୍ଗମାନଙ୍କ ତିନି ଚକିଆ ସାଇକେଲ ଥାଇ ମଧ୍ୟ ଦୂରଦୁରାନ୍ତକୁ ଯାଇ ପାରୁ ନ ଥିଲେ। ରାସ୍ତାରେ ଅନ୍ୟର ସାହାରା ନେବାକୁ ପଡେ। ଏହି ବ୍ୟାଟେରି ଚାଳିତ ତିନି ଚକିଆ ଟ୍ରାଇ ସାଇକେଲରେ ବିନା ସହାୟତାରେ ଦୂରଦୁରାନ୍ତକୁ ଯାଇ ପାରିବେ କିମ୍ବା କୌଣସି ଅଫିସ କାର୍ଯ୍ୟ ପାଇଁ ନିଜେ ଯାତାୟାତ କରି ପାରିବେ ବୋଲି ଅତିଥିମାନେ କହିଥିଲେ। ଜିଲାର ୫ଟି ବ୍ଲକ ଓ ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦରୁ ମୋଟ ୪୦ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରି ଚାଳିତ ତିନି ଚକିଆ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ଜିଲାରେ ଯେଉଁ ଦିବ୍ୟାଙ୍ଗମାନେ ବଞ୍ଚିତ ରହିଛନ୍ତି, ସେମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ନିର୍ଦ୍ଦେଶକ ସିଂ ପ୍ରକାଶ କରିଛନ୍ତି।




ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଲାଞ୍ଜିଗଡ଼ରେ ୬ ଦିନ ହେଲା ବିଏସ୍ଏନ୍ଏଲ୍ ନେଟୱାର୍କ ଫେଲ୍

ଲାଞ୍ଜିଗଡ଼,୪।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ଏବଂ ଏହାର ଆଖପାଖ ଅଞ୍ଚଳରେଠାରେ ଗତ ୬ଦିନ ହେଲା ବିଏସ୍ଏନ୍ଏଲ୍ (ଭାରତ ସଞ୍ଚାର ନିଗମ ଲିମିଟେଡ୍) ନେଟୱାର୍କ ଫେଲ। ଫଳରେ ଯୋଗାଯୋଗରେ ବିଚ୍ଛିନ୍ନ ଘଟିଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଲାଞ୍ଜିଗଡ ସହରରେ ଲୋକେ ଅଧିକ ମାତ୍ରାରେ ବିଏସ୍ଏନ୍ଏଲ୍ ସିମ କାର୍ଡ ବ୍ୟବହାର କରୁଛନ୍ତି। ହେଲେ ସେବା ନ ମିଳିବାରୁ ଶେଷରେ ସିମ ବଦଳାଉଛନ୍ତି। ୬ ଦିନ ହେଲା ନେଟ କାମ ହୋଇପାରୁନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଦେଖାଦେଇଛି। ଲାଞ୍ଜିଗଡ ବ୍ଲକର ବିଶ୍ୱନାଥପୁର, ଦୁର୍ଗମ ଏବଂ ଘାଟି ଅଞ୍ଚଳରେ ଥିବା ମୁଷନାଳ ଓ ବିଜେପୁର ଠାରେ ମଧ୍ୟ ବିଏସଏନଏଲ ଟାୱାର ସ୍ଥାପନ କରାଯାଇଛି। ହେଲେ ତାହା ନାମକୁ ମାତ୍ର ଫୋର ଜି ନେଟ କଥା କୁହାଯାଉଛି ହେଲେ କିଛି କାମ କରୁନାହିଁ। ନେଟ କାମ ଥିଲେ ଲୋକେ ହାତିଶାଳଘାଟିକୁ ଆସି ନିଜ କାମ କରୁଥିବା ଦେଖିବାକୁ ମିଳୁଛି। ଡିଜିଟାଲ ଯୁଗରେ ପିଲାଙ୍କ ପାଠପଢା ପାଇଁ ଏବଂ ଦୁର୍ଗମ ଅଞ୍ଚଳରେ ରୋଗୀ ସେବା ପାଇଁ ଆମ୍ବୁଲାନ୍ସ ଦରକାର ପଡିଲେ ନେଟୱର୍କ ନ ଥିଲେ ବହୁତ ଅସୁବିଧା ଭୋଗୁଛନ୍ତି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ସ୍ଥାନରେ ଟାୱାର ସ୍ଥାପନ କରିଛନ୍ତି ହେଲେ ସରକାରୀ ବାବୁଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁ ତାହା ବାଟବଣା ହେବାରେ ଲାଗିଛି। ଲାଞ୍ଜିଗଡ ଅଞ୍ଚଳବାସୀ ଏହାକୁ ନେଇ ଆନ୍ଦୋଳନ ପାଇଁ ସଜବାଜ ହେବାକୁ ବସିଲେଣି। ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନକୁ ଏଡାଇ ଦିଆଯାଇ ନ ପାରେ। ସେଥିପାଇଁ ଯଥା ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକତା ରହିଛି।

# ୪୦୬୬ କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୪।୩(ଅନିଲ ଦାସ)

ରାଜ୍ୟ ସରକାର ୧୨ଟି ଜିଲାରେ ହେବାକୁ ଥିବା ୪୦୬୬.୭୧ କୋଟି ଟଙ୍କାର ୨୨ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏଥିରେ ୨୫,୫୨୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନଠାରେ ଅନୁଷ୍ଠିତ ସିଙ୍ଗଲ୍‌ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସ୍ଡବ୍ଲୁସିଏ) ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ସବୁଜ ଶକ୍ତି, କେମିକାଲ, ବୟନ ଶିଳ୍ପ ଓ ପୋଷାକ, ଷ୍ଟିଲ, ଲୁହା ଓ ଫେରୋଆଲଏଜ, ଆଲୁମିନିୟମ, ଖାଦ୍ୟ ପ୍ରକ୍ରିୟାକରଣ, ଶକ୍ତି, ଆଇଟି ଇତ୍ୟାଦି କ୍ଷେତ୍ରରେ ଉକ୍ତ ପୁଞ୍ଜି ବିନିଯୋଗ ହେବ। ଓ୍ୱାରିକ୍ଲିନ ଏନର୍ଜି ସଲ୍ୟୁଶନ ଖୋର୍ଦ୍ଧାଠାରେ ୪୩୫ କୋଟି ପୁଞ୍ଜିନିବେଶରେ ଏକ ଇଲେକ୍ଟ୍ରୋଲାଇଜର ମାନୁଫାକ୍ଚରିଂ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୩୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ସାଲିମାର ପେଣ୍ଟସ ଲିମିଟେଡ ବାଲେଶ୍ୱର ଠାରେ ୧୩୫ କୋଟି ଟଙ୍କା ବ୍ୟୟରେ ଏକ ରଙ୍ଗ ଉତ୍ପାଦନ କାରଖାନା ସ୍ଥାପନ କରିବ। କଟକ ଓ ଢେଙ୍କାନାଳଠାରେ ରିଲାଏନ୍ସ ବାୟୋ ଏନର୍ଜି ୨୪୨.୪୨ କୋଟି ଟଙ୍କା ବ୍ୟୟରେ ଦୁଇଟି କମ୍ପ୍ରେସ୍ଡ ବାୟୋଗ୍ୟାସ ଓ ଫରମେଣ୍ଟେଡ ଅର୍ଗାନିକ ମାନ୍ୟୁଅର ପ୍ରକଳ୍ପ କରିବ।


**OFFICE OF THE RECOVERY OFFICER-I/II**
**DEBTS RECOVERY TRIBUNAL CUTTACK**
C/71, Sector-7, CDA, Cuttack - 753014, Odisha
**DEMAND NOTICE**
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/199/2020 — 20.07.2022

**UTKAL GRAMEEN BANK**
**Versus**
**SRI BHAMBA LAKRA**

To
**(CD 1) Sri Bhamba Lakra,** S/o.: Late Bhikha Oram, At: Mandia Kudar, P.O.: Rajgangpur-770017.
**(CD 2) Sri Biguua Lakra,** S/o.: Late Bhikha Oram, At: Mandia Kudar, P.O.: Rajgangpur, Dist: Sundargarh.
**(CD 3) Sri Simon Toppo,** S/o.: Barnnabas Toppo, At: Mandia Kudar, P.O.: Rajgangpur-770017.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/200/2017** an amount of **Rs.10,92,800.60 (Rupees Ten Lakhs Ninety Two Thousands Eight Hundred And Paise Sixty Only)** along with pendentellite and future interest @ 10% Simple Interest Yearly w.e.f. **06.03.2017.** till realization and costs of **Rs.13,000/- (Rupees Thirteen Thousand Only)** has become due against you (Jointly and severally/Fully/Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.

3. You are hereby ordered to declare on an affidavit the particulars of yours assets on or before the next date of hearing.

4. You are hereby ordered to appear before the undersigned on **04.04.2024 at 10.30 a.m.** for further proceedings.

5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **24.01.2024.**

**Sd/- Recovery Officer**
**DEBTS RECOVERY TRIBUNAL, CUTTACK**



**भारतीय रिज़र्व बैंक · RESERVE BANK OF INDIA**

# ଭାରତୀୟ ରିଜର୍ଭ ବ୍ୟାଙ୍କ

**ମାନବ ସଂସାଧନ ପ୍ରବନ୍ଧ ବିଭାଗ, ଭୁବନେଶ୍ୱର**

**ଟେଣ୍ଡର ସୂଚନା**

**(କେବଳ ଇଲେକ୍ଟ୍ରୋନିକ ଟେଣ୍ଡର ମାଧ୍ୟମରେ)**

**ଇଲେକ୍ଟ୍ରୋନିକ ଟେଣ୍ଡର - ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ସ୍ନିଫର କୁକୁର ସ୍କ୍ୱାର୍ଡ଼ ସେବା କାର୍ଯ୍ୟ ନିମନ୍ତେ ବାର୍ଷିକ କଣ୍ଟ୍ରାକ୍ଟ**

ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର କାର୍ଯ୍ୟାଳୟ ସମସ୍ତ ପ୍ରତିଷ୍ଠିତ ଏବଂ ନାମକରା କଣ୍ଟ୍ରାକ୍ଟରମାନଙ୍କଠାରୁ ଉପରୋକ୍ତ କାର୍ଯ୍ୟ ପାଇଁ ୦୧ ମଇ ୨୦୨୪ଠାରୁ ୩୧ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଏଗାରମାସ ସମୟ ସୀମା ପାଇଁ ଯୋଗ୍ୟ କଣ୍ଟ୍ରାକ୍ଟରମାନଙ୍କଠାରୁ ଇ-ଟେଣ୍ଡର ଆହ୍ୱାନ କରୁଛି। ଏହି କଣ୍ଟ୍ରାକ୍ଟ ର ବାର୍ଷିକ ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା। ଏହି କଣ୍ଟ୍ରାକ୍ଟ ଗୁଡ଼ିକ କଣ୍ଟ୍ରାକ୍ଟରମାନଙ୍କର ସନ୍ତୋଷଜନକ କାର୍ଯ୍ୟ ଆଧାରରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଅନ୍ତର୍ଗତ ସର୍ବାଧିକ ଦୁଇ ବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ। ଏମ୍ଏସ୍‌ଟିସି ପୋର୍ଟାଲରେ "ଟେଣ୍ଡର ଗ୍ରହଣର ଶେଷ ତାରିଖ" ଏପ୍ରିଲ ୧୫, ୨୦୨୪ ସମୟ ଦିନ ୩ ଘଟିକା ପର୍ଯ୍ୟନ୍ତ ରହିଛି। ଏହି ସମ୍ବନ୍ଧୀୟ ବିଶେଷ ସର୍ତ୍ତାବଳୀ ଜାଣିବା ପାଇଁ ଆରବିଆଇ ୱେବ୍‌ସାଇଟ **www.rbi.org.in**ର Tenders ବିଭାଗରେ ଲଗ୍ ଇନ୍ କରନ୍ତୁ ତଥା ଟେଣ୍ଡର ଅପଲୋଡ୍ କରିବା ପାଇଁ **https://mstcecommerce.com** ୱେବସାଇଟ୍‌ରେ ପଞ୍ଜୀକରଣ କରନ୍ତୁ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**



**झारखण्ड सरकार**
**ग्रामीण कार्य विभाग कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, जमशेदपुर**

**ई-निविदा आमंत्रण सूचना**

ई-निविदा संख्या:- **11/2023-24/RWD/EE/JSR** — दिनांक :- **02.03.2024**

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशनसंख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|
| 1. | RWD/ JAMSHEDPUR/ 36/2023-24 | लाल बिल्डिंग फिल्टर हाउस चौक बागबेड़ा से रोड नं.- 1 से 6 तक एवं इसके जोड़ने वाले विभिन्न पथ एवं हरहरगुट्टु, सुरेन्द्र सिंह किराना दुकान से रामकुंज विजय सिंह के घर तक सड़क चौड़ीकरण सुदृढ़ीकरण सह पथ निर्माण कार्य। (लं-4.500 कि0मी0) | **2,37,14,100.00** | दो करोड़ सैंतीस लाख चौदह हजार एक सौ रू0 मात्र | 12 माह |
| 2. | RWD/ JAMSHEDPUR/ 37/2023-24 | भालूका पहाड़ी मुख्य पथ से सीजबेड़िया तक पथ निर्माण कार्य। (लं-1.000 कि0मी0) | **2,17,22,700.00** | दो करोड़ सत्रह लाख बाईस हजार सात सौ रू0 मात्र | 12 माह |
| 3. | RWD/ JAMSHEDPUR/ 38/2023-24 | ग्राम मानहाडा से शमशान घाट तक पथ निर्माण कार्य। (लं-1.150 कि0मी0) | **88,26,200.00** | अठ्ठासी लाख छब्बीस हजार दो सौ रू0 मात्र | 6 माह |
| 4. | RWD/ JAMSHEDPUR/ 39/2023-24 | राढुड़ ग्राम से पाटापानी ग्राम तक पथ निर्माण कार्य। (लं-1.000 कि0मी0) | **92,01,200.00** | बानवे लाख एक हजार दो सौ रू0 मात्र | 6 माह |
| 5. | RWD/ JAMSHEDPUR/ 40/2023-24 | गोडग्राम से बासीला ग्राम तक पथ निर्माण कार्य। (लं-1.000 कि0मी0) | **99,90,700.00** | निन्यानवे लाख नब्बे हजार सात सौ रू0 मात्र | 6 माह |
| 6. | RWD/ JAMSHEDPUR/ 41/2023-24 | बड़ा सिगदी नामो कुली चौक से मिलु सरदार के घर तक पथ निर्माण कार्य। (लं-1.250 कि0मी0) | **96,22,900.00** | छियानवे लाख बाईस हजार नौ रू0 मात्र | 6 माह |
| 7. | RWD/ JAMSHEDPUR/ 42/2023-24 | मुख्य पथ बांधडीह से सिन्दुरगुडी तक पथ निर्माण कार्य। (लं-1.230 कि0मी0) | **94,55,800.00** | चौरानवे लाख पचपन हजार आठ सौ रू0 मात्र | 6 माह |

2. वेबसाईट में निविदा प्रकाशन की तिथि :- 05.03.2024।
3. ई-निविदा प्राप्ति की अंतिम तिथि एवं समय :- 26.03.2024 अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :- 27.03.2024 अपराह्न 11.30 बजे।
6. निविदा आमंत्रित करने वाले पदाधिकारी का नाम एवं पता :-कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक-करनडीह, थाना-परसुडीह, जमशेदपुर, झारखण्ड, पिन-831002।
7. ई-निविदा प्रकोष्ठ का दूरभाष सं0- 0657-2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल,
जमशेदपुर

PR 321402 (REO)23-24*D



**FOREST DEPARTMENT**
**OFFICE OF THE DIVISIONAL FOREST OFFICER, BARIPADA FOREST DIVISION**
e-mail - dfo.baripada@odisha.gov.in
**Government of Odisha "e" Procurement Notice**
**QUOTATION CALL NOTICE-03/ 2023-24**
**No.-DFO-BPD-CAMPA(WL Management)-03/2023-24 Dt.01.03.2024**

**No.MM-492:**The Divisional Forest Officer, Baripada Forest Division invites Online quotations from the intending Manufactures / Authorised Distributors / Authorised Dealers / Firms / Suppliers registered under Goods & Service Tax Act./Rules 2017 for supply of following materials as per specification mentioned below.

| Sl. No. | Description of Item | Unit | Quantity | Place of Delivery | Time for completion of work |
|---|---|---|---|---|---|
| 1 | Supply of Cement of approved quality (OPC-43 Grade) Ultratech/ Dalmia / Lafarge/ACC / Concreto etc. including all taxes & conveyance charges etc. complete | Qtl. | 2180.00 | Manchabandha, Baripada. | 10 Days |

1.Number of works - **1** (One number of work). 2.Period of Completion: -**10 Days.** 3.Date & Time of availability of bid documents in the portal:- **Dt.04.03.2024 to 13.03.2024.** 4.Last Date / Time of receipt of bid in the portal:- **Dt.13.03.2024 up to 5.00 PM.** 5.Date of Opening of bid :- **Dt.14.03.2024 at 11.00 AM.** 6.Name & address of the Office inviting bid:- **O/o the Divisional Forest Officer, Baripada Forest Division,Baripada, Mayurbhanj.**

**Terms & Conditions :**1. **EMD: The Bidders are required to submit 1% EMD through online over the amount their quoted amount.** Any Manufacturer / Suppliers / Dealers / Firms etc. who wants to avail /claim EMD exemption shall have to furnish scan copy of affidavit along with their certificate from concerned authority. 2.The Bid **documents will be available** in the website: www.tendersorissa.gov.in from **04.03.2024** from **10.00 AM to 13.03.2024** upto **5.00 P.M. for online bidding.** 3.The bidder must possess compatible Digital Signature Certificate (DSC) of Class-II or Class-III. 4.Bids shall be received only **"on line" on or before dt.13.03.2024 at 5.00 PM.** 5.Bids received on-line shall be opened on **14.03.2024 at 11.00 AM** in the office of the Divisional Forest Officer, Baripada Forest Division in the presence of the bidders, who wish to attend. Bidders who participated in the bid can witness the opening of bids after logging on to the site through their DSC. If the office happens to be closed on the last date of opening of the bids as specified, the bids will be opened on the next working day at the same time and venue. 6. The copy of certificate of Registration, GST, Income Tax and other related documents should be furnished alongwith Bid document. 7.Agreement shall be drawn only after due verification of original Documents, EMD & ISD of the successful bidder. If any fake instruments are detected, Criminal proceeding will be initiated against the defaulting bidder and action will be initiated for blacklisting through the license issuing Authority. 8. Other details can be seen in the bidding documents. 9. The authority reserves the right to reject/cancel any or all bids without assigning any reason thereof. 10. 1% EMD should be deposited in their quoted amount duly pledge in favour of the Divisional Forest Officer, Baripada Forest Division. 11. Steel items used in work should be of SAIL, TATA or equivalent best quality steels brand. (Thermo-Mechanically Treated bars of grade Fe-500D or more). 12. The authority reserves the right to reject all or any tender without assigning any reason thereof.

**Note: Period of supplying is to be strictly followed. No extension of time shall be granted. Payment will be made as per the availability of allotment.**

Further details can be seen from the e-procurement portal **http://www.tendersodisha.gov.in**

OIPR- **Sd./- Divisional Forest Officer, Baripada Forest Division**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁରୁଲିଆରେ ଶ୍ୟାମ ଷ୍ଟିଲର ଚତୁର୍ଥ ଅତ୍ୟାଧୁନିକ ସମନ୍ୱିତ ଇସ୍ପାତ କାରଖାନା

**ଭୁବନେଶ୍ୱର, ୪।୩ (ଅଭୟ ଦାଶ)**



ଶ୍ୟାମ ଷ୍ଟିଲ ଚତୁର୍ଥ ଅତ୍ୟାଧୁନିକ ସମନ୍ୱିତ ଇସ୍ପାତ କାରଖାନା ପଶ୍ଚିମବଙ୍ଗର ପୁରୁଲିଆସ୍ଥିତ ଜଙ୍ଗଲ ସୁନ୍ଦରୀ କର୍ମନଗରୀ ବା ଜେଏସକେ-୨ଠାରେ ଉଦଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଭାସୀ ମାଧ୍ୟମରେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ଶ୍ୟାମ ଷ୍ଟିଲର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୧୫୦୦ କୋଟି ଟଙ୍କା ବିନିଯୋଗରେ ରଘୁନାଥପୁର ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରାଯାଇଥିବାବେଳେ ଏହା ନବସୃଜନ, ନିଯୁକ୍ତି ସୃଷ୍ଟି ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ଦିଗରେ ଏକ ମଜଭୁତ ପ୍ରମାଣ ହୋଇଛି। ଏପରିକି ଏହାର ସମ୍ପ୍ରସାରଣର ପ୍ରଥମ ପର୍ଯ୍ୟାୟରେ କାରଖାନା ବାର୍ଷିକ ୧.୧୯ ନିୟୁତ ଟନ ଇସ୍ପାତ ଉତ୍ପାଦନ କ୍ଷମତା ହାସଲ କରିଛି। ଏହି ଅତ୍ୟାଧୁନିକ କାରଖାନାରେ ଡିଆରଆଇ ପ୍ଲାଣ୍ଟସ, ପାୱର ପ୍ଲାଣ୍ଟ, ଷ୍ଟିଲ ମେଲଟିଂ ସପ ଏବଂ ରୋଲିଂ ମିଲ ସହିତ ସର୍ବାଧୁନିକ ଯୁଗର ପ୍ରଯୁକ୍ତିର ସମାହାର ଘଟିଛି, ଯାହା ଶ୍ରେଷ୍ଠମାନର ଉତ୍ପାଦନକୁ ସୁନିଶ୍ଚିତ କରୁଛି। ଶ୍ୟାମ ଷ୍ଟିଲର ଉତ୍କର୍ଷ ଯାତ୍ରା ପୃଷ୍ଠଭୂମିରେ ଚାରିଟି ସର୍ବାଧୁନିକ ସମନ୍ୱିତ ଇସ୍ପାତ କାରଖାନା ଦୁର୍ଗାପୁର, ମେଜିଆ, ବାମୁନାରା ଏବଂ ହାଓଡାଠାରେ ସ୍ଥାପିତ ହୋଇଥିବାବେଳେ କମ୍ପାନୀର ରଘୁନାଥପୁର ଷ୍ଟିଲ ପ୍ଲାଣ୍ଟ ଉଦଘାଟନ ଶିଳ୍ପରେ ଏକ ନୂତନ ଶିଖର ଭାବେ ଦଣ୍ଡାୟମାନ ହୋଇଛି।

ଏ ସମ୍ପର୍କରେ ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜର ନିର୍ଦ୍ଦେଶକ ପୁରୁଷୋତ୍ତମ ବେରିୱାଲା କହିଛନ୍ତି, ଅଭିବୃଦ୍ଧି ଓ ନବସୃଜନ ଦିଗରେ ଏହା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହୋଇଥିଲାବେଳେ ରଣକୌଶଳାତ୍ମକ ସମ୍ପ୍ରସାରଣ ଆମର ସାମର୍ଥ୍ୟ ବୃଦ୍ଧି କରିବା ଏବଂ ବହୁମୂଲ୍ୟ ଗ୍ରାହକଙ୍କୁ ଉନ୍ନତର ସେବା ଯୋଗାଇଦେବାକୁ ରହିଥିବା ଲକ୍ଷ୍ୟ ସହିତ ଓତପ୍ରୋତ ଭାବେ ଜଡିତ ହୋଇଛି। ସେହିଭଳି ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜ ନିର୍ଦ୍ଦେଶକ ଲଳିତ ବେରିୱାଲା କହିଛନ୍ତି, ଦେଶର ଶିଳ୍ପ ପ୍ରଗତିରେ ଅବଦାନ ରଖିବା ଏବଂ ସେହି ସମୟରେ ସ୍ଥାନୀୟ ଜନସମୁଦାୟଙ୍କର ଉତଥାନ ସର୍ବଦା ଆମର ଦୂରଦୃଷ୍ଟି ହୋଇରହିଆସିଛି, ରଘୁନାଥପୁର ଷ୍ଟିଲ ପ୍ଲାଣ୍ଟକୁ ନେଇ ଆମେ କେବଳ ଆମର ପରମ୍ପରାକୁ ଆଗେଇ ନେଉନାହୁଁ, ତାହା ସହିତ ପୁରୁଲିଆ ଭଳି ପଛୁଆ ଜିଲାରେ ଉତ୍ପାଦନ, ରକ୍ଷଣାବେକ୍ଷଣ, ମାନ ନିୟନ୍ତ୍ରଣ ଏବଂ ପ୍ରଶାସନ ଆଦି ବିବିଧ ବିଭାଗରେ କୁଶଳୀ ଓ ଅଣକୁଶଳୀ ଲୋକଶକ୍ତି ନିମନ୍ତେ ୫,୦୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରୁଛୁ। ବିଶେଷ କରି ୬୦୦ ଏକର ପରିମିତ ଅଞ୍ଚଳରେ ସ୍ଥାପିତ ଏହି ପ୍ଲାଣ୍ଟ ଜେଏସକେ-୨ଠାରେ ଅବସ୍ଥିତ ଏବଂ ଏହା ଉକ୍ତ ଅଞ୍ଚଳର ଅର୍ଥନୀତିକୁ ସୁଦୃଢ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୪।୩**

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୬୬.୧୪ ପଏଣ୍ଟ ବଢି ୭୩,୮୭୨.୨୯ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୨୭.୨୦ ପଏଣ୍ଟ ବୃଦ୍ଧି ଘଟି ୨୨,୪୦୫.୬୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।


**K.G. SARAFF PUBLIC SCHOOL**
KHARIAR ROAD, DIST.: NUAPADA

**ADVERTISEMENT**

Applications are invited for admission of the eligible candidates in Class-I under RTE (2009) for Session 2024-25 upto 22nd March 2024.
Contact the undersigned or apply through **https://www.rteparadarshi.odisha.gov.in**.

Principal
K.G.S.P. School, Khariar Road

Contact No.: 8926376859


# କଳା ସଂସ୍କୃତିକୁ ବେଦାନ୍ତ ଆଲୁମିନିୟମର ପ୍ରୋତ୍ସାହନ

**ଭୁବନେଶ୍ୱର,୪।୩**



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଝାରସୁଗୁଡ଼ା ଜିଲାର ବେଲପାହାଡ଼ଠାରେ ମଚାନ୍-ବେଲପାହାଡ଼ ମହୋତ୍ସବ ଆୟୋଜିତ ହୋଇଯାଇଛି। ବିଶେଷ କରି ମଚାନ୍-ବେଲପାହାଡ଼ ଉତ୍ସବକୁ ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ ସମର୍ଥନ କରିଛି। ଏପରିକି ନାଟକ, ସାହିତ୍ୟିକ ଓ ସାଂସ୍କୃତିକ ସମାବେଶ ମଚାନ୍-ବେଲପାହାଡ଼ ଉତ୍ସବରେ ୪୫୦କଳାକାର ଏକାଠି ହୋଇଥିଲାବେଳେ ୪୦୦୦ରୁ ଅଧିକ ପୃଷ୍ଠପୋଷକମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଓଡ଼ିଶୀ, ସମ୍ବଲପୁରୀ ଓ ବିହୁ ନୃତ୍ୟ ଏବଂ ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। ଏହା ବ୍ୟତୀତ ଓଡ଼ିଶାର ପ୍ରାଚୀନ ଲୋକକଳା ଦାସକାଠିଆ ପରି ସାଂସ୍କୃତିକ ଝଲକ ଉତ୍ସବରେ ଦେଖିବାକୁ ମିଳିଥିଲା। ସେହିଭଳି ତୃଣମୂଳସ୍ତରରେ ପାରମ୍ପରିକ କଳାସଂସ୍କୃତିର ପ୍ରତିପୋଷଣ କରିବାରେ ଏହା ହେଉଛି ଏକ ବଳିଷ୍ଠ ପଦକ୍ଷେପ,ଯାହାଦ୍ୱାରା ଭାରତର ବର୍ତ୍ତମାନ ଓ ଭବିଷ୍ୟତର ପିଢିଙ୍କୁ ଆମର କଳା ଓ ସଂସ୍କୃତି ଉପରେ ପ୍ରୋତ୍ସାହିତ କରାଯାଇପାରିବ। ଗତବର୍ଷ ବେଦାନ୍ତ ଆଲୁମିନିୟମ ମାଇନସ ଡିଭିଜନ ବିଶ୍ୱର ଦୀର୍ଘତମ ସମ୍ବଲପୁରୀ ଥିଏଟର ଉତ୍ପାଦନକୁ ସମର୍ଥନ କରି ୪୯ ଘଣ୍ଟାର କାର୍ଯ୍ୟକ୍ରମ ପରିବେଷଣ କରିଥିଲା ଓ ଓଡ଼ିଶାର ସୁନ୍ଦରଗଡ଼ ଜିଲାର ଯୁବ ପ୍ରତିଭାଙ୍କ ପ୍ରତିପୋଷଣ କରି ଏକ ଶିଶୁ ମହୋତ୍ସବ ଆୟୋଜନ କରିଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ (ଖଣି) ଭି. ଶ୍ରୀକାନ୍ତ କହିଥିଲେ, କମ୍ପାନୀର ସାମାଜିକ ପ୍ରୟାସ ଜରିଆରେ ସ୍ଥାନୀୟ କଳା ସଂସ୍କୃତିକୁ ବେଦାନ୍ତ ଆଲୁମିନିୟମ ପ୍ରୋତ୍ସାହନ ଓ ସଂରକ୍ଷଣକୁ ପ୍ରୋତ୍ସାହିତ କରୁଛି।

# ଟାଟା ପାୱାର ପକ୍ଷରୁ ଲାଇନମ୍ୟାନ ଦିବସ

**ଭୁବନେଶ୍ୱର, ୪।୩**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପର ପ୍ରମୁଖ କମ୍ପାନୀ ଟାଟା ପାୱାର ପକ୍ଷରୁ ଲାଇନ ମ୍ୟାନ ଦିବସ ପାଳିତ ହୋଇଯାଇଛି। ରାଜ୍ୟବ୍ୟାପୀ କାର୍ଯ୍ୟକରୁଥିବା ୨୧,୦୦୦ ଲାଇନମ୍ୟାନ୍‌ଙ୍କ ଅକ୍ଳାନ୍ତ ସମର୍ପଣକୁ ସ୍ୱୀକୃତି ଓ ମାନ୍ୟତା ପ୍ରଦାନ କରି ଲାଇନମ୍ୟାନ୍ ଦିବସ ପାଳନ କରାଯାଇଛି।


**DAYANAND PUBLIC SCHOOL**



WE ARE ADHERED TO RTE NORMS & NPE 2020
www.dayanandpublicschoolsbp.co.in

ADMISSION OPEN FOR 2024-25

NURSERY TO XI
DAY & RESIDENTIAL

Residential & Day Boarding (Affiliated to CBSE)

* Based on Indian Culture & value. * Green & clean environment. * Affordable fees structure. * Trained & Expert Teachers. * Digital Class Room. * Matha, Science & Computer Lab. * Transport with GPS Facility. * Extra Curricular Activities. * Hygenic Foods. * CCTV Survelliance.

HLO Colony
Playgroup to UKG
M-8763032586

DHANUPALI
Playgroup to Class-V
M-9938895475, 8763032587

PADIABAHAL
Playgroup to Class-XI
M-7381058813
8763032588



## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018



**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE

COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085



**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ତନ୍ତସାଥୀ ହସ୍ତତନ୍ତ କ୍ଷେତ୍ର ପାଇଁ ନୂଆ ସମ୍ଭାବନା

**ଭୁବନେଶ୍ୱର,୪।୩**

ଭାରତୀୟ ହସ୍ତତନ୍ତ ଉଦ୍ୟୋଗ ପାଇଁ ୧୫ ଜଣ ମହିଳା ବୁଣାକାର ମଉନା ଧାୱାନିଙ୍କ ତନ୍ତସାଥୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମରୁ ସ୍ନାତକ ହାସଲ କରିଛନ୍ତି। ଏପରିକି ଉଦଳା ଓ ମୟୂରଭଞ୍ଜ ଜିବି ନଗର ବ୍ଲକରେ ମାଷ୍ଟର ଟ୍ରେନର ଓ ସେଣ୍ଟର ହେଡ ଭାବେ ସେମାନଙ୍କୁ ପ୍ରମୁଖ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ତ୍ତମାନ ସମାଜରେ ପ୍ରଶିକ୍ଷିତ ମହିଳାମାନେ ନିଜର ସଶକ୍ତୀକରଣ ବଳରେ ରହିଥିବା ପ୍ରତିବନ୍ଧକକୁ ଭାଙ୍ଗି ପାରିଛନ୍ତି। ସେହିଭଳି ଭଣ୍ଡାଗାଁରୁ ମାନସୀ ପାତ୍ର ପାଠ୍ୟକ୍ରମରେ ଶୀର୍ଷ ସ୍ଥାନ ଅଧିକାର ସହ ମଉନା ଧାୱାନି ଫାଉଣ୍ଡେଶନ ଅଧୀନରେ ତାଲିମପ୍ରାପ୍ତ ଗୋଷ୍ଠୀର ମହିଳା ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ପରିଚାଳିତ ଏକ ସ୍ୱୟଂଶାସିତ ସଂସ୍ଥା ତନ୍ତଗାଥା ମହିଳା ବୁଣାକାର ଉତ୍ପାଦକ ସଂଘର ଡେପୁଟି ସିଇଓ ହେବାକୁ ଯାଉଛନ୍ତି। ସେହିପରି ମଉନା ଧାୱାନିଙ୍କୁ ବୁଣାକାର ସେବା କେନ୍ଦ୍ର ଭୁବନେଶ୍ୱର ଓ ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ ମୟୂରଭଞ୍ଜ ସହଯୋଗର ହାତ ବଢାଇଛନ୍ତି। ଏଥିସହ ପାଠ୍ୟକ୍ରମରେ ମୟୂରଭଞ୍ଜରେ ହ୍ୟାଣ୍ଡଲୁମ କ୍ଲଷ୍ଟରଗୁଡ଼ିକ ପୁନଃବିନ୍ୟାସ କରିବାରେ ସହଯୋଗ କରିବା ଓ ଗୋଷ୍ଠୀରେ ଏହାକୁ ପ୍ରସାର କରିବା ଉପରେ ଗୁରୁତ୍ୱ ଦିଆଯାଉଛି।







# Classified Everyday

**0674-2580101, 2549949**



**REAL ESTATE**

**SALE**

Gharabari plot sale Bhubaneswar- Sundarpada Xavier University with boundarywall. 6372670155. D-75922

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75919

**Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854.** D-75916

Ready to Move New (2BHK- Rs. 22,00,000/-) and (1BHK- Rs.11,00,000/-) flats for sales at Sundarpada, Bhubaneswar. Contact- 7008346486. D-75523

**ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614.** D-75299

**GENERAL**

**SALE**

ଗାଈଖାଇବାଘାସପାଇଁଯୋଗାଯୋଗ କରନ୍ତୁ। Ph- 9438184813, 9238697188. D-2675

**PURCHASE**

ରେଲୱେ ସାଇଟ୍‌ରେ ମାଟିର ଆବଶ୍ୟକ। ପୁନ୍ନାମାଗେଟ୍- ୨୦୦ ଟ୍ରିପ୍ (ହାଇୱା), ବୃଦ୍ଧଙ୍ଗଗଡ଼ ବାରଙ୍ଗ- ୪୦୦ଟ୍ରିପ୍ (ହାଇୱା)। ଫୋନ୍ ନଂ.- ୯୧୭୮୯୨୪୬୯୮. ଧ-୨୫୪୬



**CONSTRUCTION**

**Construct your dream home @899/-, 1399/- includes Architecture structure with 3 years FMC. We provide plan approval, boring & interior work- SNV Engineering - 9439295469.** D-75917

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913




**Bodymassagebyexperience good looking therapist @ 999/- (Bhubaneswar). 9078484455.** D-2688

**Relax, Refresh your body, Mind at Saikrupa Spa with best therapies. 8984068077.** D-2600

Relax, refresh your body, mind by expert therapist. Contact: 9938843929. D-76104

**Newly open health benefits spa special offer@999 Bapujinagar, 8018429809.** D-76105

**LOST**

AFFIDAVIT No 680 dtd 22.02.2024 I, Daitari Boipai (39), S/o- Pandab Boipai, Vill- Shankhua, P.O.- Bholapada, P.S.- Patna, Keonjhar, declare that the Original Pass Grade Sheet and Provisional Certificate of Bachelor of Pharmacy (BPUT) Rourkela has been lost. I am in need of a duplicate copy of the said certificate. D-2685

**AFFIDAVIT**

**By virtue of an affidavit before Notary Public, Bhubaneswar vide No. 68AA 940170 on dated 01.02.2024, I have changed my name from PRATIMA KUMARI MOHANTY to PRATIMA MOHANTY for all purposes.** D-2686

## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**୰ଅଜୟ କୁମାର ସାହୁ**
ଜୟଦୁର୍ଗା ନଗର, ଭୁବନେଶ୍ୱର

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଚରଣରେ ଭକ୍ତିପୂତ ପ୍ରାର୍ଥନା ।

:ଶୋକସନ୍ତପ୍ତ:
ଆପଣଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ ।

ଧ-୨୬୨୬

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନୟନ ରଞ୍ଜନ ମହାନ୍ତି**
ବଡ଼ମଙ୍ଗଳପୁର, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୦୬।୦୨।୧୯୩୨
ତିରୋଧାନ: ୨୪।୦୨।୨୦୨୪

ଆପଣଙ୍କ ତିରୋଧାନ ଆମ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଶିକ୍ଷାଦାନରେ ଆପଣଙ୍କ ଅନୁରାଗ, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ।

ଶୋକସନ୍ତପ୍ତ: ପୁଅ-ବୋହୂ: ମନୋରଞ୍ଜନ ମହାନ୍ତି-ଜ୍ୟୋତିଆଭା, ନାରାୟଣ-ଉର୍ବଶୀ, ଝିଅ-ଜ୍ୱାଇଁ: ପ୍ରଭାମୟୀ-ପ୍ରମୋଦ, ଚିନ୍ମୟୀ-ଲକ୍ଷ୍ମୀନାରାୟଣ, ନାତି-ନାତୁଣୀ: ଶାଶ୍ୱତ, ଆଶ୍ୱାସନା, ଉପାସନା, ଅରୁନ୍ଧତୀ, ଇନ୍ଦୁମତୀ, ପଦ୍ମନାଭ, ପ୍ରଭୁଦତ୍ତ, ଦେବଦତ୍ତ, ଉଦିତନାରାୟଣ, ନମସ୍ୟା ।

ଧ-୨୬୮୭

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଇନିଂସ ବିଜୟ ସହ ଫାଇନାଲରେ ମୁମ୍ବାଇ

ମୁମ୍ବାଇ,୪।୩(ପି.ଟି.)

ତାମିଲନାଡୁକୁ ଏକ ଇନିଂସ ଓ ୭୦ ରନ୍‌ରେ ହରାଇବା ସହିତ ରଣଜୀ ଟ୍ରଫି ୨୦୨୪ର ଫାଇନାଲରେ ପ୍ରବେଶ କରିଛି ମୁମ୍ବାଇ। ଏହା ସହ ଦଳ ୪୮ ଥର ପାଇଁ ରଣଜୀ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ଇନିଂସରେ ୨୩୨ ରନ୍ ପଛରେ ରହିଥିବା ତାମିଲନାଡୁ ୧୬୨ ରନ୍‌ରେ ଅଲଆଉଟ ହୋଇଥିଲା।

ମୁମ୍ବାଇ ନିଜର ଅସମାପ୍ତ ସ୍କୋର ୩୫୩/୯ରୁ ଖେଳ ଆରମ୍ଭ କରିବା ସହ ଅନ୍ତିମ ଉଇକେଟରେ ଆଉ ୨୫ ରନ୍ ଯୋଡିଥିଲା। ତନୁଶ କୋଟିଆନ ୮୯ ରନ୍‌ରେ ଅପରାଜିତ ରହିଥିଲେ। ମୁମ୍ବାଇ ୧୦୬/୭ ରହିଥିବା ବେଳେ ଶାର୍ଦ୍ଦୂଳ ଠାକୁର କାଉଣ୍ଟର ଆଟାକ କରୀ ରଣଜୀ ଟ୍ରଫି କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ୧୦୪ ବଲ୍ ଖେଳି ସେ ୧୩ ଚୌକା ଓ ୪ ଛକା ସହ ୧୦୯ ରନ୍ କରିଥିଲେ। ତାମିଲନାଡୁ ପକ୍ଷରୁ ସାଇ କିଶୋର ୬ ଉଇକେଟ ନେଇଥିବା ବେଳେ କୁଲଦୀପ ସେନ୍ ୨, ସନ୍ଦୀପ ୱାରିୟର ଓ ୱାଶିଂଟନ୍ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୩୨ ରନ୍‌ରେ ଆଗୁଆ ରହିବା ପରେ ମୁମ୍ବାଇ ବୋଲର ପୁନର୍ବାର ଅଗ୍ନିବର୍ଷୀ ବୋଲିଂ କରିଥିଲେ। ଶାର୍ଦ୍ଦୂଳ ଠାକୁର ଦୁଇ ଓପନରଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ୧୦ ରନ୍‌ରେ ୩ ଉଇକେଟ ହରାଇଥିବା ବେଳେ ଦଳ ୫୧.୫ ଓଭରରେ ୧୬୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଚତୁର୍ଥ ଉଇକେଟରେ ବାବା ଇନ୍ଦ୍ରଜିତ(୭୦) ଓ ପ୍ରଦୋଶ ପଲ୍(୨୫)ଙ୍କ ମଧ୍ୟରେ ୭୩ ରନ୍‌ର ଭାଗୀଦାରି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଶଙ୍କର ୨୪ ଓ ସାଇ କିଶୋର ୨୧ ରନ୍ କରିଥିଲେ। ଏହି ୪ ଖେଳାଳିଙ୍କ ବ୍ୟତୀତ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ମୁମ୍ବାଇ ପକ୍ଷରୁ ସାମ୍ସ ମୁଲାନୀ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ମୋହିତ ଅୱସ୍ଥି, ଶାର୍ଦ୍ଦୂଳ ଠାକୁର ଓ ତନୁଶ କୋଟିଆନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ(୧୦୯ ରନ୍ ଓ ୪ ଉଇକେଟ) ସହ ମୁମ୍ବାଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଶାର୍ଦ୍ଦୂଳ ଠାକୁରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।



ଉଇକେଟ ନେବାପରେ ଶାର୍ଦ୍ଦୂଳ ଠାକୁରଙ୍କୁ ମୁମ୍ବାଇ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ତାମିଲନାଡୁ ପ୍ରଥମ ଇନିଂସ: ୧୪୬/୧୦। ମୁମ୍ବାଇ ପ୍ରଥମ ଇନିଂସ ୩୭୮/୧୦ (ଶାର୍ଦ୍ଦୂଳ ଠାକୁର-୧୦୯, ତନୁଷ କୋଟିଆନ-୮୯*, ମୁଶିର୍ ଖାନ-୫୫, ଆର. ସାଇ କିଶୋର-୬/୯୯, କୁଲଦୀପ ସେନ୍-୨/୭୫, ୱାଶିଂଟନ୍ ସୁନ୍ଦର-୧/୨୧)। ତାମିଲନାଡୁ ଦ୍ୱିତୀୟ ଇନିଂସ ୧୬୨/୧୦ (ବାବା ଇନ୍ଦ୍ରଜିତ-୭୦, ପ୍ରଦୋଶ ପଲ୍-୨୫, ବିଜୟ ଶଙ୍କର-୨୪, ଶାମ୍ସ ମୁଲାନୀ-୪/୫୩, ଶାର୍ଦ୍ଦୂଳ ଠାକୁର-୨/୧୬, ତନୁଶ କୋଟିଆନ୍-୨/୧୮, ମୋହିତ ଅୱସ୍ଥି-୨/୨୬)।

## କମିନ୍ସ ସନ୍‌ରାଇଜର୍ସ ହାଇଦ୍ରାବାଦ ଅଧିନାୟକ

**ହାଇଦ୍ରାବାଦ, ୪।୩ (ପି.ଟି.):** ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜୟୀ ଅଧିନାୟକ ପ୍ୟାଟ୍ କମିନ୍ସ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଦଳର ନେତୃତ୍ୱ ନେବେ। ସୋମବାର ଫ୍ରାଞ୍ଚାଇଜ୍ ତରଫରୁ ଏହା ଘୋଷଣା କରାଯାଇଛି।



ଗତବର୍ଷ ଡିସେମ୍ବରରେ ଆଇପିଏଲ୍ ନିଲାମି ବେଳେ ସନ୍‌ରାଇଜର୍ସ ଏହି ୩୦ ବର୍ଷୀୟ ଖେଳାଳିଙ୍କୁ ୨୦.୫୦ କୋଟି ଟଙ୍କାରେ କ୍ରୟ କରିଥିଲା। ଇଭେଣ୍ଟ ଇତିହାସରେ ଦ୍ୱିତୀୟ ଦାମୀ ଖେଳାଳି ବିବେଚିତ ହୋଇଥିଲେ। ଦକ୍ଷିଣ ଆଫ୍ରିକାର ଏଡେନ୍ ମାର୍କ୍ରାମଙ୍କ ସ୍ଥାନରେ କମିନ୍ସଙ୍କୁ ଅଧିନାୟକ କରାଯାଇଛି। ମାର୍କ୍ରାମ୍ ୨୦୨୩ରେ ସନ୍‌ରାଇଜର୍ସର ନେତୃତ୍ୱ ନେଇଥିଲେ। କମିନ୍ସ ଏହା ପୂର୍ବରୁ କୋଲକାତା ନାଇଟ ରାଇଡର୍ସ ଓ ଦିଲ୍ଲୀ ଡେୟାରଡେଭିଲ୍ସ (ବର୍ତ୍ତମାନ ଦିଲ୍ଲୀ କ୍ୟାପିଟାଲ୍ସ) ଦଳରୁ ଖେଳିଛନ୍ତି। ମାତ୍ର ବ୍ୟୟବହୁଳ ଟି୨୦ ଲିଗ୍‌ରେ ପ୍ରଥମ ଥର ତାଙ୍କୁ ଅଧିନାୟକ ଦାୟିତ୍ୱ ତୁଲାଇବାକୁ ପଡ଼ିବ।

# ବିଦର୍ଭ ୨୬୧ ରନ୍‌ରେ ଆଗୁଆ

ନାଗପୁର,୪।୩(ପି.ଟି.)

ମଧ୍ୟପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ସେମି ଫାଇନାଲରେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ୨୬୧ ରନ୍‌ରେ ଆଗୁଆ ରହିଛି ବିଦର୍ଭ। ପ୍ରଥମ ଇନିଂସରେ ୮୨ ରନ୍‌ରେ ପଛରେ ରହିବା ପରେ ବିଦର୍ଭ ୬ ଉଇକେଟ ହରାଇ ୩୪୩ ରନ୍ ସ୍କୋର କରିଛି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୩/୧ରୁ ଖେଳ ଆରମ୍ଭ କରିଥିଲା ବିଦର୍ଭ। ଦଳ ପକ୍ଷରୁ ଅମନ ମୋଖାଡେ

**ରଣଜୀ ଟ୍ରଫି**

୫୯, ଅକ୍ଷୟ ୱାଡକର ୭୭ ଓ ଯଶ ଠାକୁର ଅପରାଜିତ ୯୭ ରନ୍ ସ୍କୋର କରିଥିଲେ।

ଦ୍ୱିତୀୟ ଦିନର ଅପରାଜିତ ଖେଳାଳି ଅକ୍ଷୟ ୱାଖରେ ମାତ୍ର ୧ ରନ୍ କର ଆଉଟ ହୋଇଥିଲେ। ୧୭ ରନ୍‌ରେ ଦ୍ୱିତୀୟ ଉଇକେଟର ପତନ ଘଟିବା ପରେ ଧ୍ରୁବ ଶୋରେ(୪୦) ଓ ଅମନ ମୋଖାଡେ(୫୯)ଙ୍କ ମଧ୍ୟରେ ୭୩ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ପରବର୍ତ୍ତୀ ବ୍ୟାଟର କରୁଣ ନାୟର ୩୮ ରନ୍ କରି ଭଲ ଆରମ୍ଭ ପାଇଥିଲେ ମଧ୍ୟ ଏହାକୁ ବଡ ସ୍କୋରରେ ପରିଣତ କରି ପାରି ନ ଥିଲେ। ୧୬୧ ରନ୍‌ରେ ଷଷ୍ଠ ଉଇକେଟର ପତନ ଘଟିବା ପରେ ଯଶ ରାଠୋଡ ୯୭ ଓ ଅଧିନାୟକ ଅକ୍ଷୟ ୱାଡକର ୭୭ଙ୍କ ମଧ୍ୟରେ ହୋଇଥିଲା ୧୫୮ ରନ୍‌ର ପାର୍ଟନରଶିପ୍। ଯଶ ଷ୍ଟମ୍ପ ଅପସାରଣ ଯାଏ ଅପରାଜିତ ରହିଥିବା ବେଳେ ୧୬୫ ବଲ ଖେଳି ୧୨ ଚୌକା ମାରିଥିଲେ। ଅନ୍ୟପକ୍ଷରେ ଅକ୍ଷୟ ୱାଡକର ୧୩୯ ବଲ୍ ଖେଳି ୮ ଚୌକା ମାରିଥିଲେ। ମଧ୍ୟପ୍ରଦେଶ ପକ୍ଷରୁ ଅନୁଭବ ଅଗ୍ରୱାଲ ଓ କୁମାର କାର୍ତ୍ତିକେୟ ୨ଟି ଲେଖାଏ ଉଇକେଟ ନେଇଥିଲେ। କୁଲୱନ୍ତ ଖେଜ୍ରୋଲିୟା, ଆଭେଶ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୧୭୦/୧୦। ମଧ୍ୟପ୍ରଦେଶ ପ୍ରଥମ ଇନିଂସ: ୨୫୨/୧୦। ବିଦର୍ଭ ଦ୍ୱିତୀୟ ଇନିଂସ ୩୪୩/୬ (ଯଶ ରାଠୋଡ-୯୭*, ଅକ୍ଷୟ ୱାଡକର-୭୭, ଅମନ ମୋଖାଡେ-୫୯, ଅନୁଭବ ଅଗ୍ରୱାଲ-୨/୬୮, କୁମାର କାର୍ତ୍ତିକେୟ-୨/୭୩, କୁଲୱନ୍ତ ଖେଜ୍ରୋଲିୟା-୧/୪୫)।

# ଭାରତୀୟ ଟିଟି ଦଳକୁ ଅଲିମ୍ପିକ୍ସ ଯୋଗ୍ୟତା

ନୂଆଦିଲ୍ଲୀ, ୪।୩ (ପି.ଟି.)

ଭାରତୀୟ ପୁରୁଷ ଓ ମହିଳା ଟେବୁଲ ଟେନିସ (ଟିଟି) ଦଳ ବିଶ୍ୱ ର୍‍ୟାଙ୍କିଂ ଭିତ୍ତିରେ ପ୍ରଥମ ଥର ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରି ଇତିହାସ ସୃଷ୍ଟି କରିଛନ୍ତି। ଗତ ମାସରେ ବିଶ୍ୱ ଟିମ୍ ଚାମ୍ପିୟନଶିପ୍ ବୁସାନରେ ଅନୁଷ୍ଠିତ ହୋଇଥିଲା। ପ୍ୟାରିସ ଅଲିମ୍ପିକ୍ସ ପାଇଁ ଏହା ଥିଲା ଶେଷ କ୍ୱାଲିଫାଇଂ ଇଭେଣ୍ଟ। ଟିମ୍ ଇଭେଣ୍ଟ ଲାଗି ୭ଟି ସ୍ଥାନ ଖାଲିଥିଲା। ବର୍ତ୍ତମାନର ର୍‍ୟାଙ୍କିଂ ଭିତ୍ତିରେ ଦଳଗୁଡ଼ିକ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା ଇଭେଣ୍ଟରେ ୧୩ତମ ର୍‍ୟାଙ୍କିଂପ୍ରାପ୍ତ ଭାରତ, ପୋଲାଣ୍ଡ (୧୨), ସ୍ୱିଡେନ (୧୫) ଓ ଥାଇଲାଣ୍ଡକୁ ପ୍ୟାରିସ ଟିକେଟ ମିଳିଛି। ସେହିପରି ପୁରୁଷ ଟିମ୍ ଇଭେଣ୍ଟରେ କ୍ରୋଏସିଆ (୧୨) ଭାରତ (୧୫) ଏବଂ ସ୍ଲୋଭେନିଆ ସେମାନଙ୍କ ସ୍ଥାନ ପକ୍କା କରିଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ଭାରତୀୟ ଟେବୁଲ ଟେନିସ ମହଲରେ ଖୁସିର ଲହରି ଖେଳିଯାଇଛି। ଭେଟେରାନ ଶରଥ କମଲ ଟୁଇଟ କରି କହିଛନ୍ତି ଶେଷରେ ଭାରତ ଅଲିମ୍ପିକ୍ସ ଟିମ୍ ଇଭେଣ୍ଟ ପାଇଁ ଯୋଗ୍ୟତା ହାସଲ କରିପାରିଛି। ସେ ବହୁଦିନ ହେଲା ଏହି ପ୍ରତୀକ୍ଷାରେ ଥିଲେ। ବେଜିଂ ଗେମ୍ସ ୨୦୦୮ରେ ପ୍ରଥମ ଥର ଟେବୁଲ ଟେନିସ ଟିମ୍ ଇଭେଣ୍ଟକୁ ସାମିଲ କରାଯାଇଥିଲା। ଦେଶ ପ୍ରଥମ ଥର ଟିମ୍ ଇଭେଣ୍ଟରେ ଭାଗନେବାକୁ ଯାଉଛି। ଭାରତୀୟ ଟେବୁଲ ଟେନିସ ଇତିହାସରେ ଏହା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ବୋଲି ସେ କହିଛନ୍ତି। ଆଇଟିଟିଏଫ୍ ୱାର୍ଲ୍ଡ ଟିମ୍ ଚାମ୍ପିୟନଶିପ୍ ଫାଇନାଲ୍ସରେ ଉଭୟ ଦଳ ପ୍ରି-କ୍ୱାର୍ଟରଫାଇନାଲରେ ପରାଜିତ ହୋଇ ଅଲିମ୍ପିକ ସ୍ଥାନ ହାତଛଡ଼ା କରିଥିଲେ। ଭେଟେରାନ ଶରଥଙ୍କ ନେତୃତ୍ୱରେ ପୁରୁଷ ଟେବୁଲ ଟେନିସ ଦଳ ଦକ୍ଷିଣ କୋରିଆଠାରୁ ୦-୩ରେ ପରାଜିତ ହୋଇଥିବା ବେଳେ ମନିକା ବାତ୍ରାଙ୍କ ନେତୃତ୍ୱାଧୀନ ମହିଳା ଦଳ ଚାଇନିଜ ତାଇପେଠାରୁ ୧-୩ରେ ପରାସ୍ତ ହୋଇଥିଲା।

# ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର ଆରମ୍ଭ

ଭୁବନେଶ୍ୱର, ୪।୩
(ତପନ ସ୍ୱାଇଁ)

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣ ସୋମବାର ଏଠାରେ ଆରମ୍ଭ ହୋଇଛି। ଭୁବନେଶ୍ୱର କ୍ଲବ ସଭାପତି ଅସିତ ତ୍ରିପାଠୀ, ବିଲିୟାର୍ଡ୍ସ ଇନ୍‌ଚାର୍ଜ କୌଶିକ ମହାପାତ୍ର, ବିଏସ୍‌ଏଓ ସମ୍ପାଦକ ସମିର ଅଲୀ, ଉପସଭାପତି ଅଶୋକ ଦାସ, ପୃଷ୍ଠପୋଷକ ପ୍ରବୀର ସିଂଦେଓ, କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ବର୍ତ୍ତମାନର ରାଜ୍ୟ ସ୍ନୁକର ଚାମ୍ପିୟନ ସୁବ୍ରତ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାର ଜର୍ସି ଉନ୍ମୋଚନ ହୋଇଥିଲା। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ୩୩ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ଚାମ୍ପିୟନଙ୍କୁ ଟ୍ରଫି ସହ ୨୧,୦୦୦, ରନରଅପ୍‌କୁ ୧୧୦୦୦, ସେମିଫାଇନାଲିଷ୍ଟଙ୍କୁ ୫,୦୦୦, କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ୨,୫୦୦, ସର୍ବାଧିକ୍ ବ୍ରେକ୍ ପାଇଁ ଟ୍ରଫି ସହ ୫୦୦୦ ଓ ଶ୍ରେଷ୍ଠ ଉଦୀୟମାନ ଖେଳାଳିଙ୍କୁ ଟ୍ରଫି ଦେଇ ସମ୍ମାନିତ କରାଯିବ।

ସ୍ନୁକର ଖେଳର ଲୋକପ୍ରିୟତା ବଢ଼ାଇବା ପାଇଁ ବିଏସ୍‌ଏଓ ପକ୍ଷରୁ ପ୍ରଥମଥର ପାଇଁ ପ୍ରାଇଜ୍‌ମନି ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ୬ରେଡ୍ ସ୍ନୁକର ବିଶେଷକରି ଫଟାଫଟ ସ୍ନୁକରଭାବେ ପରିଚିତ; ଯାହା କି ଟି୨୦ କ୍ରିକେଟ ମ୍ୟାଚର ଫର୍ମାଟ ସଦୃଶ। ପ୍ରଥମ ଦିବସରେ ଅନୁଷ୍ଠିତ ୭ ମ୍ୟାଚର ଫଳାଫଳ ଅନୁସାରେ ମିଶାଲ ସ୍ୱାଇଁଙ୍କୁ ଗୋବିନ୍ଦ ରାଓ ୪-୨, ସମିର ଅଲୀଙ୍କୁ ଶୁଭାଶିଷ ଶେଠୀ ୪-୧, ଚେତନ ଆନନ୍ଦଙ୍କୁ ଉଭାସ ମହାପାତ୍ର ୪-୨, ଅସିତ ଚୌଧୁରୀଙ୍କୁ ସିଦ୍ଧାର୍ଥ ସେନ୍ ୪-୩, ଅଜଲାନ ଅଲୀଙ୍କୁ ଅଂଶୁମାନ ଦାଶ ୪-୦, ଜ୍ଞାନ ଦାସଙ୍କୁ ସୌଭାଗ୍ୟ ବେହେରା ୪-୧ ଓ ବିଶେଷ ସିଂଘଲଙ୍କୁ ଅମିୟ ରଞ୍ଜନ ନାୟକ ୪-୨ ଫ୍ରେମ୍‌ରେ ପରାସ୍ତ କରିଛନ୍ତି।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ ଜର୍ସି ଉନ୍ମୋଚନ କରୁଛନ୍ତି। (ଫଟୋ: ବିକାଶ ନାୟକ)

## ଆଇପିଏଲ୍‌ରୁ ବାଦ୍ ପଡ଼ିଲେ କନୱେ

ୱେଲିଂଟନ୍,୪।୩(ପି.ଟି.)

ବିସ୍ଫୋରକ ନ୍ୟୁଜିଲାଣ୍ଡ ଓପନିଂ ବ୍ୟାଟର ଡେଭନ କନୱେ ଆଇପିଏଲ ୨୦୨୪ରୁ ବାଦ୍ ପଡିଛନ୍ତି। ଗତ ସପ୍ତାହରେ କନ୍‌ୱେଙ୍କ ବାମ ହାତର ବୁଢା ଆଙ୍ଗୁଠିରେ ଆଘାତ ଲାଗିଥିଲା। ଫଳରେ ସେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରୁ ବାଦ ପଡିଥିଲେ। ଆଙ୍ଗୁଠିରେ ସର୍ଜରି ହେବାକୁ ଥିବା ବେଳେ ତାଙ୍କୁ ସୁସ୍ଥ ହେବା ପାଇଁ ୮ ସପ୍ତାହ ସମୟ ଲାଗିବ। ଫଳରେ ସେ ଆଇପିଏଲ ୨୦୨୪ରୁ ସମ୍ପୂର୍ଣ୍ଣ ବାଦ ପଡିଛନ୍ତି। ସେ ଆଇପିଏଲରେ ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଖେଳିଥାନ୍ତି। ୨୦୨୨ରେ ଚେନ୍ନାଇ ସୁପର କିଙ୍ଗ୍ସ ତାଙ୍କୁ ୧ କୋଟି ଟଙ୍କାରେ କିଣିଥିଲା। ଆଇପିଏଲରେ ୨୩ ମ୍ୟାଚ୍ ଖେଳି ସେ ୪୬ ଆଭରେଜ ଓ ୧୪୧ ଷ୍ଟ୍ରାଇକରେଟ ସହ ୯୨୪ ରନ୍ ସ୍କୋର କରିଛନ୍ତି।

# ଶ୍ରୀଲଙ୍କା ସହ ୫ ଟି୨୦ ଖେଳିବ ଭାରତ

ନୂଆଦିଲ୍ଲୀ, ୪।୩

ଭାରତୀୟ ଦୃଷ୍ଟିବାଧିତ ପୁରୁଷ କ୍ରିକେଟ ଦଳ ଶ୍ରୀଲଙ୍କା ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳିବ। ମାର୍ଚ୍ଚ ୧୧ରୁ ୧୫ ମଧ୍ୟରେ ଏହି ୫ ଟି୨୦ ଖେଳାଯିବ। ଦିଲ୍ଲୀର କର୍ନେଲ ସିଂ କ୍ରିକେଟ ଷ୍ଟାଡିୟମରେ ସମସ୍ତ ୫ ମ୍ୟାଚ୍ ଖେଳାଯିବ। ଏହି ସିରିଜକୁ ସମର୍ଥ ଚାମ୍ପିୟନଶିପ୍ ନାମରେ ନାମିତ କରାଯାଇଛି। ନିକଟରେ ଭାରତ ଦୁବାଇରେ ଅନୁଷ୍ଠିତ ୩ ମ୍ୟାଚ ବିଶିଷ୍ଟ ସିରିଜ୍‌ରେ ପାକିସ୍ତାନକୁ ୨-୧ରେ ପରାସ୍ତ କରିଥିଲା।

ଭାରତୀୟ ଦଳ: ନରେଶଭାଇ ବାଲୁଭାଇ ଟୁମଡା, ନୀଲେଶ ଯାଦବ, ଅଜୟ କୁମାର ରେଡ୍ଡୀ ଇଲୁରୀ, ଦେବରାଜ ବେହେରା, ଗୁଡାଡପ୍ପା, ସଞ୍ଜୟ କୁମାର ଶାହ, ମହାରାଜା ଶିବା ସୁବ୍ରମଣ୍ୟମ, ଭେଙ୍କଟେଶ୍ୱର ରାଓ ଡୁନ୍ନା, ପଙ୍କଜ ଭୁଏ, ଲୋକେଶ, ନକୁଳ ବଡନାୟକ, ମାଗୁନ୍ତା ସାଇ, ଦୁର୍ଗା ରାଓ ଟୋମ୍ପାକି, ସୁନୀଲ ରମେଶ, ସୁଖରାମ ମାଝୀ, ରବି ଆମିଟି ଓ ଦୀନେଶ ରାଠୱା।



ଦୃଷ୍ଟିବାଧିତ ଭାରତୀୟ କ୍ରିକେଟ ଦଳ।

**ଦୃଷ୍ଟିବାଧିତ କ୍ରିକେଟ୍**

## ପାକିସ୍ତାନରେ ନ୍ୟୁଜିଲାଣ୍ଡ କ୍ରିକେଟ ସୁରକ୍ଷା ଦଳ

**ଲାହୋର, ୪।୩ (ପି.ଟି.):** ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି)ର ଏକ ସୁରକ୍ଷା ପ୍ରତିନିଧି ଦଳ ପାକିସ୍ତାନରେ ପହଞ୍ଚିଛି। ନ୍ୟୁଜିଲାଣ୍ଡ ଏପ୍ରିଲରେ ଏକ ଟି୨୦ କ୍ରିକେଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ଦେଶରେ ନିଜ ଦେଶର ଖେଳାଳିମାନଙ୍କ ଲାଗି କି ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଛି ତାହା ଯାଞ୍ଚ କରି ଦେଖିବ। ପ୍ରତିନିଧି ଦଳରେ ନ୍ୟୁଜିଲାଣ୍ଡ କ୍ରିକେଟର ୨ଜଣ ଏବଂ ଜଣେ ସ୍ୱାଧୀନ ସୁରକ୍ଷା ବିଶେଷଜ୍ଞ ସାମିଲ ରହିଛନ୍ତି। ସେମାନେ ଲାହୋର, ରାୱଲପିଣ୍ଡି ଓ ଇସ୍‌ଲାମାବାଦ ପରିଦର୍ଶନ କରିବେ। ନ୍ୟୁଜିଲାଣ୍ଡ ଏପ୍ରିଲ ମଧ୍ୟଭାଗରେ ଲାହୋର ଓ ରାୱଲପିଣ୍ଡିରେ ୫ଟି ମ୍ୟାଚ ଖେଳିବ। ସୁରକ୍ଷା ପ୍ରତିନିଧି ଦଳ ମ୍ୟାଚ ଭେନ୍ୟୁ, ଯେଉଁ ହୋଟେଲରେ ଟିମ୍‌ର ରହଣି ବ୍ୟବସ୍ଥା କରାଯାଇଛି ତାହା ପରିଦର୍ଶନ କରିବେ। ଭ୍ରମଣକାରୀ ଦଳ ପାଇଁ କି ପ୍ରକାର ସୁରକ୍ଷା ଯୋଜନା କରାଯାଇଛି ସେ ନେଇ ସେମାନେ ସରକାର ସୁରକ୍ଷା ଅଫିସିଆଲଙ୍କ ସହ ଆଲୋଚନା କରିବେ। ପ୍ରତିନିଧି ଦଳରେ ନ୍ୟୁଜିଲାଣ୍ଡ ପ୍ଲେୟର୍ସ ଆସୋସିଏଶନର ସିଇଓଙ୍କୁ ମଧ୍ୟ ସାମିଲ କରାଯାଇଛି। ସୂଚନାଯୋଗ୍ୟ, ନ୍ୟୁଜିଲାଣ୍ଡ ଦଳ ୨୦୨୧ ସେପ୍ଟେମ୍ବରରେ ଏକ ହ୍ୱାଇଟ୍ ବଲ୍ ସିରିଜ ଖେଳିବା ଲାଗି ପାକିସ୍ତାନ ଆସିଥିଲା। ମାତ୍ର ଦଳ ପ୍ରତି ବିପଦ ଥିବା ଖବର ପାଇବା ପରେ ସେମାନଙ୍କ ସରକାରଙ୍କ ନିର୍ଦ୍ଦେଶ ପାଇ ଗୋଟିଏ ହେଲେ ମ୍ୟାଚ ନ ଖେଳି ସ୍ୱଦେଶ ଫେରିଯାଇଥିଲା। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ନ୍ୟୁଜିଲାଣ୍ଡ ଏପ୍ରିଲ ୧୪ରେ ପହଞ୍ଚି ଏପ୍ରିଲ ୧୮ରେ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଖେଳିବ।

# ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୪।୩
(ତପନ ସ୍ୱାଇଁ)

ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ ରାଞ୍ଚିଠାରେ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୬ଟି ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଆସାମ, ଓ ତ୍ରିପୁରା ରାଜ୍ୟ ଦଳ ଅଂଶଗ୍ରହଣ କରିବେ। ସୋମବାର ପାରାମାଉଣ୍ଟ କ୍ରିକେଟ କ୍ଲବ ପରିସରରେ ଏକ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଫର୍ ଫିଜିକାଲି ଚ୍ୟାଲେଞ୍ଜର ସମ୍ପାଦକ ବେଲା ଜୈସୱାଲ୍, ପାରାମାଉଣ୍ଟ କ୍ଲବର ସମ୍ପାଦକ ପ୍ରତାପ ଜେନା, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ରୋଟାରୀ କ୍ଲବର ସଭାପତି ସୁବ୍ରତ କୁମାର ଦାସ ଏବଂ ସଂଗଠନର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଦଳକୁ ଉତ୍ସାହିତ କରିଥିଲେ। ଓଡ଼ିଶା ଦଳ: ରାଖାଲ୍ କୁମାର ସେଠୀ (ଅଧିନାୟକ), ଭାରତ ଚେତନ ପଣ୍ଡା ( ଉପ ଅଧିନାୟକ), ବଳରାମ ବସ୍ତିଆ, ଉଦିତ ହରପାଲ, ଜଗଜିତ ମହାନ୍ତି, ଲଳିତ ସେନାପତି, ସୋମନାଥ ଦାସ, ମହମ୍ମଦ ସୋହେଲ ଖାଁ, ଧୀରେନ୍ ମେହେର, ପ୍ରଫୁଲ୍ଲ ତରେଇ, ବିକାଶ ହାତୀ, ମୁନା ମହାପାତ୍ର, ବାଦଲ ବାରିକ, ରାଜେଶ ପ୍ରଧାନ, ଧୀରେନ୍ ମେହେର। କୋଚ୍: ମହମ୍ମଦ ଅରିଫ ହୁସେନ।

# ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ ଉଦ୍‌ଘାଟିତ

ଭୁବନେଶ୍ୱର, ୪।୩
(ତପନ ସ୍ୱାଇଁ)

ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ସର୍ବଭାରତୀୟ ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ (୧୨ ଓ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ) ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୮୮ ଉଦୀୟମାନ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସିଙ୍ଗଲ୍ସ ବର୍ଗରେ ୧୦୯ ଏଣ୍ଟ୍ରି ହୋଇଛି। ଏଥିରେ ଓଡ଼ିଶା ସମେତ ତାମିଲନାଡୁ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ, ଆସାମ, ଦିଲ୍ଲୀ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଓ ପୁଡୁଚେରୀ ଆଦି ରାଜ୍ୟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ଓଟିଏ ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଟିଏର ଅନ୍ୟ ସଦସ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରୁ ଚାମ୍ପିୟନ ୫୦ ଓ ରନରଅପ୍ ୪୦ ଏଆଇଟିଏ ର୍‍ୟାଙ୍କିଂ ପଏଣ୍ଟ ପାଇବେ। ପ୍ରବୀଣ କୁମାର ନାୟକ ଟୁର୍ନାମେଣ୍ଟର ସୁପରିଚାଳନା ପାଇଁ ଏଆଇଟିଏ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି।




ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଓ ଖେଳାଳିମାନେ।

# ବିହାରିଲାଲ ଫାଇଟର୍ସ, ସହିଦ ସ୍ପୋର୍ଟିଂ ଚାମ୍ପିୟନ

ପୁରୁଣା ଭୁବନେଶ୍ୱର, ୪।୩
(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ଥାନୀୟ ପୋଖରୀପୁଟ ଖେଳ ପଡିଆରେ ୨ଟି ବର୍ଗରେ ଆୟୋଜିତ ବିହାରୀଲାଲ୍ ୧୦୦ ବଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଭେଟେରାନ ବର୍ଗରେ ବିହାରୀଲାଲ ଫାଇଟର୍ସ ଏବଂ ସାଧାରଣ ବର୍ଗରେ ସହୀଦ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଭେଟେରାନ ବର୍ଗର ଫାଇନାଲରେ ବିହାରୀଲାଲଦଳ ସହିଦ ସ୍ପୋର୍ଟିଂକୁ ହରାଇଥିଲା। ଟସ୍ ଜିତି ଫିଲଡିଂ ନିଷ୍ପତି ନେଇଥିଲା ବିହାରିଲାଲ।

**ବିହାରିଲାଲ ୧୦୦ ବଲ କ୍ରିକେଟ**

ପ୍ରଥମେ ବ୍ୟାଟିଂ କରି ସହିଦ ସ୍ପୋର୍ଟିଂ ୭ ଉଇକେଟ ହରାଇ ୧୧୧ ରନ୍ କରିଥିଲା। ଜବାବ ରେ ବିହାରୀଲାଲ ୨ ଉଇକେଟ ହରାଇ ୧୧୩ ରନ୍ କରି ମ୍ୟାଚ ଜିତିଥିଲା। ସାଧାରଣ ବର୍ଗର ଫାଇନାଲରେ ସହିଦ ସ୍ପୋର୍ଟିଂ ଦଳ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ରମେଶ୍ୱର ଟସ ଜିତି ବ୍ୟାଟିଂ କରି ୬ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ଜବାବରେ ସହିଦ ସ୍ପୋର୍ଟିଂ ୫ ଉଇକେଟ ବିନିମୟରେ ୧୪୩ ରନ ସଂଗ୍ରହ କରି ନେଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଭାଜପା ନେତା ବାବୁସିଂ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ସଭାପତି ଅକ୍ଷୟ ଜେନା ମ୍ୟାଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳାଦ୍ରି ସ୍ୱାଇଁ, ଅଶୋକ କୁମାର ପ୍ରଧାନ, ନିର୍ଭୟ କୁମାର ସାମନ୍ତରାୟ, ପ୍ରମୋଦ କୁମାର ଦାସ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।



ଚାମ୍ପିୟନ ସହିଦ ସ୍ପୋର୍ଟିଂ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୫/୨୦୨୪
Bhubaneswar, Tuesday, March 5/2024






# 'ଆମ ବସ୍‌ଷ୍ଟାଣ୍ଡ' ଆର୍ଥିକ ବିକାଶର ଆଧାର

## ନୂଆ ଚିନ୍ତା, ନୂଆ ଦିଶାର ପ୍ରତୀକ

ଉତ୍ତମ ପରିବହନ ବ୍ୟବସ୍ଥା ଏକ ସୁସ୍ଥ ଅର୍ଥନୀତି ବ୍ୟବସ୍ଥାକୁ ଗତିଶୀଳ କରିଥାଏ। ତେଣୁ ପରିବହନ କ୍ଷେତ୍ରରେ ବିକାଶକୁ ସରକାର ପ୍ରାଥମିକତା ଦେଇ ଆସୁଛନ୍ତି। ବିଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ପ୍ରଚେଷ୍ଟା ଯୋଗୁ ଆଜି ରାଜ୍ୟରେ ଗମନାଗମନ ଭିତ୍ତିଭୂମି ବିକାଶରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ନୂଆ ଚିନ୍ତା ରାଜ୍ୟ ବିକାଶର ଏକ ନୂଆ ଦିଶାର ପ୍ରତୀକ ସାଜିଛି। ଗ୍ରାମାଞ୍ଚଳ ଲୋକଙ୍କୁ ବ୍ଲକ ମୁଖ୍ୟାଳୟ ଏବଂ ଜିଲା ସଦର ମହକୁମା ସହ ଯୋଡ଼ିବାକୁ ଲୋକେଶନ ଆକ୍ସେସିବଲ୍ ମଲ୍‌ଟିମୋଡାଲ୍ ଇନିସିଏଟିଭ୍(ଲକ୍ଷ୍ମୀ) ବସ୍ ସେବା ଯୋଗାଇ ଦିଆଯାଉଛି। ଫଳରେ ଲୋକଙ୍କ ଗମନାଗମନ ସୁବିଧା ସହ ସେମାନଙ୍କ ଆର୍ଥିକ ବିକାଶର ଅଭିବୃଦ୍ଧି ଘଟିପାରିଛି। ଏଥିସହିତ ସବୁ ବ୍ଲକରେ ଉନ୍ନତମାନର ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଉଛି। ପରିବହନ କ୍ଷେତ୍ରରେ 'ଆମ ବସ୍‌ଷ୍ଟାଣ୍ଡ' ଏକ ନୂତନ ମାଇଲଖୁଣ୍ଟ ଭାବରେ କାର୍ଯ୍ୟ କରିବା ସହ ବହୁଲୋକ ଉପକୃତ ହେବେ। 'ଆମ ବସ୍‌ଷ୍ଟାଣ୍ଡ' ଆଧୁନିକ ଏବଂ ସ୍ମାର୍ଟ ବସ୍ ଷ୍ଟାଣ୍ଡଭାବେ ନିର୍ମାଣ କରାଯାଇଛି। ଏହା ଯାତ୍ରୀ, ଡ୍ରାଇଭର ଏବଂ ଅନ୍ୟମାନଙ୍କ ପାଇଁ ବେଶ୍ ସୁବିଧା ଉପଯୋଗୀ ହୋଇପାରିଛି।



### ସ୍ୱତନ୍ତ୍ରତା

- ସାର୍ବଜନୀନ ଅଭିଗମ୍ୟତା
- ଆରାମଦାୟକ ପ୍ରତୀକ୍ଷାଳୟ
- ସବୁଜ ଅଟ୍ଟାଳିକା
- ସ୍ଥାନୀୟ ବ୍ୟବସାୟିକ ବିକାଶ

ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର 'ଆମ ବସ୍‌ଷ୍ଟାଣ୍ଡ' ଯୋଜନା ଅଧୀନରେ ରାଜ୍ୟର ପ୍ରତ୍ୟେକ ବ୍ଲକରେ ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ନୂତନ ବସ୍‌ଷ୍ଟାଣ୍ଡ ଦ୍ୱାରା ରାଜ୍ୟରେ ଉନ୍ନତମାନର ପରିବହନ ସୁବିଧା ମିଳିବା ସଙ୍ଗେସଙ୍ଗେ ବ୍ୟବସାୟିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାଦ୍ୱାରା ଲୋକଙ୍କ ସାମାଜିକ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆସିପାରିବ। ପ୍ରଥମ ପର୍ଯ୍ୟାୟରେ ୨୧ଟି ନୂଆ ବସ୍‌ଷ୍ଟାଣ୍ଡ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୦ଟି ଆମ ବସ୍‌ଷ୍ଟାଣ୍ଡ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ ହୋଇଛି। ଇତି ମଧ୍ୟରେ ୪୩ଟି ବ୍ଲକରେ ଆମ ବସଷ୍ଟାଣ୍ଡ ସେବା ଉପଲବ୍ଧ ହେଉଥିବା ବେଳେ ଖୁବ୍‌ଶୀଘ୍ର ଅନ୍ୟ ସବୁ ବ୍ଲକରେ ଆମ ବସଷ୍ଟାଣ୍ଡ ସେବା ଲୋକମାନେ ପାଇପାରିବେ। ଲୋକମାନଙ୍କ ପ୍ରତ୍ୟେକ ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ ୫-ଟି ନିର୍ଦ୍ଦେଶାବଳୀକୁ ପାଳନ କରି ଏହି ନୂତନ ବସ୍‌ଷ୍ଟାଣ୍ଡଗୁଡ଼ିକୁ ଅତ୍ୟାଧୁନିକ ଢାଞ୍ଚାରେ ନିର୍ମାଣ କରାଯାଇଛି।

୨୦୨୩ ଅଗଷ୍ଟ ୨୩ରେ ମୁଖ୍ୟମନ୍ତ୍ରୀ ପ୍ରଥମ ପର୍ଯ୍ୟାୟରେ ୧୩ଜିଲାର ୨୧ଟି 'ଆମ ବସ୍‌ଷ୍ଟାଣ୍ଡ'ର ଉଦ୍‌ଘାଟନ କରିଥିଲେ। ଏଥିସହିତ ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକ, ଢେଙ୍କାନାଳ ଜିଲାର ହିନ୍ଦୋଳ, ଗଜପତିର ନୂଆପଡ଼ା, କେନ୍ଦ୍ରାପଡ଼ାର ରାଜକନିକା ଓ ରାଜନଗର, କେନ୍ଦୁଝରର ହରିଚନ୍ଦନପୁର, ଆନନ୍ଦପୁର ଓ ସାହାରପଡ଼ା, କୋରାପୁଟର ସେମିଳିଗୁଡ଼ା, ନୟାଗଡ଼ର ରଣପୁର ଓ ଖଣ୍ଡପଡ଼ା, ନୂଆପଡ଼ାର ନୂଆପଡ଼ା, ରାୟଗଡ଼ାର କୋଲ୍‌ନରା ଓ ମୁନିଗୁଡ଼ା, ସମ୍ବଲପୁରର ଯୁଜୁମୁରା ଏବଂ ସୋନପୁର ଜିଲାର ବୀରମହାରାଜପୁର ବ୍ଲକରେ ମୋଟ ୨୦ଟି ବସ୍ ଷ୍ଟାଣ୍ଡର ଉଦ୍‌ଘାଟନ ହୋଇଛି। ବସ୍‌ଷ୍ଟାଣ୍ଡରେ ଉତ୍ତମମାନର ସେବା ପ୍ରଦାନ କରିବା ସହ ବସ୍ ଷ୍ଟାଣ୍ଡର ରକ୍ଷଣାବେକ୍ଷଣ ଏବଂ ପରିଷ୍କାର ପରିଚ୍ଛନ୍ନତା ପାଇଁ ଏଫ୍‌ଏମ୍‌ଏସ୍ ଏଜେନ୍ସିକୁ ନିୟୋଜିତ କରାଯାଇଛି।










## ହାତପାହାନ୍ତାରେ ସେବା

ବସ୍‌ଷ୍ଟାଣ୍ଡଗୁଡ଼ିକର ବିକାଶ ଓ ଉନ୍ନତୀକରଣ ହେଉଛି ସରକାରଙ୍କ ଏକ ପ୍ରମୁଖ ପ୍ରାୟୋଜିତ ପଦକ୍ଷେପ। ଯାତ୍ରୀମାନଙ୍କ ସୁବିଧା ପାଇଁ ନିରାପଦ, ସୁରକ୍ଷିତ ଏବଂ ସୁସଂଯୋଜିତ ବସ୍ ଷ୍ଟାଣ୍ଡ, ଯାହା ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ସାଧାରଣ ପରିବହନ ଭିତ୍ତିଭୂମି ଦ୍ୱାରା ଅତିରିକ୍ତ ସୁବିଧା ସୁଯୋଗ ଯୋଗାଇପାରିବ। ହାତପାହାନ୍ତାରେ ପରିବହନ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ 'ମୋ ପରିବହନ ସେବା' ଏବଂ ମୋବାଇଲ୍ ଆପ୍‌ର ଆରମ୍ଭ କରାଯାଇଛି। ଏପରି କି ଡ୍ରାଇଭରମାନଙ୍କୁ ଗାଡ଼ିଚାଳନାରେ ଅଧିକ ଦକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ସୁ-ବାହକ ଯୋଜନା ମଧ୍ୟ ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରାୟ ୫୦,୦୦୦ ଡ୍ରାଇଭରଙ୍କୁ ତାଲିମ ଦିଆଯିବାର ବ୍ୟବସ୍ଥା ରହିଛି। ଯାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଅଗ୍ରାଧିକାର ଦେଇ ଆସିଛନ୍ତି।






## ନିରନ୍ତର ସମୃଦ୍ଧି ଲକ୍ଷ୍ୟ

ରାଜ୍ୟର ସମସ୍ତ ବ୍ଲକରେ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଅତ୍ୟାଧୁନିକ ବ୍ୟବସ୍ଥା ସହିତ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ ସାମୟିକ ରହଣି, ଶୌଚାଳୟ ଆଦି ବ୍ୟବସ୍ଥା ଏଥିରେ ରହିଛି। ଦକ୍ଷ ଏବଂ ବ୍ୟବସ୍ଥିତ ପରିଚାଳନା, ସରକାରୀ ସମ୍ପତ୍ତିର ସୁରକ୍ଷା, ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇବା, ଆଧୁନିକ ଟିକେଟ କାଉଣ୍ଟର ଆଦି ଏଥିରେ ଉପଲବ୍ଧ ରହିଛି। ଏହି ବ୍ୟବସ୍ଥାକୁ ଦୀର୍ଘସ୍ଥାୟୀ ଏବଂ ଏହାର ନିରନ୍ତର ସମୃଦ୍ଧି ନିମନ୍ତେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି।

## ଆମ ବସ୍‌ଷ୍ଟାଣ୍ଡରେ ଉପଲବ୍ଧ ସୁବିଧା

- ସିସିଟିଭି କ୍ୟାମେରା, ଏଲ୍‌ଇଡି ଟିଭି, ଏଲ୍‌ଇଡି ଡିସ୍‌ପ୍ଲେ
- ପାସେଞ୍ଜର ଇନ୍‌ଫର୍ମେଶନ୍ ସିଷ୍ଟମ୍(ପିଆଇଏସ୍), ପବ୍ଲିକ୍ ଆଡ୍ରେସ ସିଷ୍ଟମ୍(ପିଏଏସ୍)
- ଗ୍ରୀନ୍ ବିଲ୍‌ଡିଂ ଟେକ୍ନୋଲୋଜି
- ୟୁନିଭରସାଲ୍ ଆକ୍ସେସିବିଲିଟି
- ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ବ୍ୟବସାୟ ସ୍ଥାନ ପ୍ରଦାନ
- ପାନୀୟ ଜଳ, ପ୍ରତୀକ୍ଷାଳୟ
- ୨୪ ଘଣ୍ଟିଆ ସେବା

- ✓ ବ୍ୟବସାୟିକ ପ୍ରତିଷ୍ଠାନ
- ✓ କାଫେଟେରିଆ
- ✓ କାର୍ଯ୍ୟାଳୟ ପାଇଁ ସ୍ଥାନ
- ✓ ଯାତ୍ରୀଙ୍କ ରହଣି ସୁବିଧା
- ✓ ଜିନିଷ ରଖିବା ପାଇଁ ସୁରକ୍ଷିତ ସ୍ଥାନ
- ✓ ସର୍ବସାଧାରଣ ଶୌଚାଳୟ
- ✓ ସୂଚନା କେନ୍ଦ୍ର ଏବଂ ଟିକେଟ କାଉଣ୍ଟର





କୌଣସି ଅଭିଯୋଗ ପଞ୍ଜୀକରଣ କରିବା ପାଇଁ ଯୋଗାଯୋଗ କରନ୍ତୁ
୧୮୦୦-୩୪୫-୧୧୨୨
grivance@osrtc.org



# ସିଜନର ସର୍ବାଧିକ ସ୍କୋର କଲା ଆରସିବି




ବେଙ୍ଗାଲୁରୁରେ ସୋମବାର ୟୁପି ୱାରିଅର୍ଜ ବିପକ୍ଷ ଓମେନ୍ସ ପ୍ରିମିୟର ଲିଗ୍ ମ୍ୟାଚରେ ଶଟ୍ ଖେଳିବା ଅବସରରେ ସ୍ମୃତି ମନ୍ଧାନା ଓ ଏଲିସ ପେରୀ।

**ବେଙ୍ଗାଲୁରୁ, ୪।୩**

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ୟୁପି ୱାରିଅର୍ଜ ବିପକ୍ଷରେ ଚଳିତ ସିଜନର ସର୍ବାଧିକ ସ୍କୋର ରେକର୍ଡ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଅନ୍ତିମ ମ୍ୟାଚ୍ ଖେଳୁଥିବା ଆରସିବି ପକ୍ଷରୁ ଅଧିନାୟିକା ସ୍ମୃତି ମନ୍ଧାନା ଓ ଏଲିସ୍ ପେରୀ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ନିର୍ଦ୍ଧାରିତ ଓଭରରେ ଦଳ ୩ ଉଇକେଟ ହରାଇ ୧୯୮ ରନ୍ ସଂଗ୍ରହ କରିଥିଲା। ଏହା ସହ ଆରସିବି ନିଜର ସର୍ବାଧିକ ଦଳଗତ ସ୍କୋର ମଧ୍ୟ ରେକର୍ଡ କରିଛି। ୟୁପି ୱାରିଅର୍ଜ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ସୋଫି ଡିଭାଇନ୍‌ଙ୍କ ସ୍ଥାନରେ ସବିନେନି ମେଘନା ଓ ସ୍ମୃତି ମନ୍ଧାନା ଓପନ କରିଥିଲେ। ଉଭୟ ୫.୩ ଓଭରରେ ୫୧ ରନ୍ ଯୋଡି ଏକ ଦୃଢ ଆରମ୍ଭ ପ୍ରଦାନ କରିବା ସହ ବଡ ସ୍କୋରର ମୂଳଦୁଆ ପକାଇଥିଲେ। ମେଘନା ୨୧ ବଲ୍ ଖେଳି ୫ ଚୌକା ସହ ୨୮ ରନ୍ ସ୍କୋର କରିଥିଲେ।

## ମନ୍ଧାନା, ପେରୀଙ୍କ ଅର୍ଦ୍ଧଶତକ

ତେବେ ସ୍ମୃତି ମନ୍ଧାନା ଓ ଏଲିସ୍ ପେରୀ ଦ୍ୱିତୀୟ ଉଇକେଟରେ ୯୫ ରନ୍ ଯୋଡିଥିଲେ। ମନ୍ଧାନା ୮୦ ରନ୍ ସହିତ ଟପ୍ ସ୍କୋରର ରହିଥିବା ବେଳେ ପେରୀ ୫୮ ରନ୍ କରିଥିଲେ। ୟୁପିର ଖେଳାଳିଙ୍କ କ୍ଷେତ୍ରରକ୍ଷଣ ଅତ୍ୟନ୍ତ ସାଧାରଣ ରହିଥିଲା। ମନ୍ଧାନାଙ୍କ ୩ଟି କ୍ୟାଚ ଓ ଗୋଟିଏ ଷ୍ଟମ୍ପିଂ ସୁଯୋଗ ହାତଛଡା କରିଥିଲା ଦଳ। ୫୦ ବଲ୍ ଖେଳିଥିବା ମନ୍ଧାନା ୧୦ ଚୌକା ଓ ୩ ଛକା ସହ ୮୦ ରନ୍ କରିଥିଲେ। ୧୬ ତମ ଓଭରରେ ସେ ଆଉଟ ହୋଇଥିବା ବେଳେ ଡବ୍ଲ୍ୟୁପିଏଲ୍ ଇତିହାସରେ ପ୍ରଥମ ଶତକ ହାସଲକାରୀ ହେବାର ସୁଯୋଗ ହାତଛଡା କରିଥିଲେ। ଅନ୍ୟ ପକ୍ଷରେ ଧୂଆଁଧାର ବ୍ୟାଟିଂ କରି ୩୭ ବଲ୍‌ର ୫୮ ରନ୍ ସ୍କୋର କରିଥିଲେ ଏଲିସ୍ ପେରୀ। ଏହି ଇନିଂସରେ ୪ଟି ଲେଖାଏ ଛକା ଓ ଚୌକା ସାମିଲ ଥିଲା। ଶେଷ ଭାଗରେ ରିଚା ଘୋଷ ଅପରାଜିତ ୨୧ ରନ୍ ସ୍କୋର କରିଥିଲେ। ୟୁପି ପକ୍ଷରୁ ଅଞ୍ଜଳି ଶର୍ବାଣୀ, ଦୀପ୍ତି ଶର୍ମା ଓ ସୋଫି ଏକେଲଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଖବର ପ୍ରସ୍ତୁତ ବେଳକୁ ୟୁପି ୧୨ ଓଭରରେ ୪ ଉଇକେଟ ହରାଇ ୧୦୯ ରନ୍ କରିଛି। ଆଲିସା ହିଲି ୫୧ ଓ ଦୀପ୍ତି ଶର୍ମା ୧୪ ରନ୍‌ରେ ବ୍ୟାଟିଂ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୯୮/୩( ସ୍ମୃତି ମନ୍ଧାନା–୮୦, ଏଲିସ୍ ପେରୀ–୫୮, ସବିନେନୀ ମେଘନା–୨୮, ସୋଫି ଏକେଲଷ୍ଟୋନ–୧/୨୨, ଦୀପ୍ତି ଶର୍ମା–୧/୩୦, ଅଞ୍ଜଳି ଶର୍ବାଣୀ–୧/୪୧)।

## ଛକାରେ ଭାଙ୍ଗିଲା କାର୍ କାଚ

ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏଲିସ୍ ପେରୀଙ୍କ ଏକ ଛକାରେ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ପାଇଁ ଥିବା କାର୍‌ର କାଚ ଭାଙ୍ଗି ଯାଇଥିଲା। ମ୍ୟାଚ୍‌ର ୧୯ ତମ ଓଭରରେ ଦୀପ୍ତି ଶର୍ମା ବୋଲିଂ କରୁଥିବା ବେଳେ ପଞ୍ଚମ ବଲ୍‌ରେ ପେରୀ ମାରିଥିଲେ ୭୬ ମିଟରର ଛକା। ଏହି ଛକାଟି ଷ୍ଟାଡିୟମରେ ଥିବା ଟାଟା ପଞ୍ଚ ଇଭି କାର୍‌ର କାଚରେ ବାଜିଥିଲା। ଫଳରେ ଏହାର କାଚ ଭାଙ୍ଗି ଯାଇଥିଲା। ୩୭ ବଲ୍‌ର ୫୮ ରନ୍ ସ୍କୋର କରିଥିଲେ ଏଲିସ୍ ପେରୀ। ଏହି ଇନିଂସରେ ୪ଟି ଲେଖାଏ ଛକା ଓ ଚୌକା ସାମିଲ ଥିଲା। ଦ୍ୱିତୀୟ ଉଇକେଟରେ ସେ ସ୍ମୃତି ମନ୍ଧାନାଙ୍କ ସହ ୯୫ ରନ୍ ଯୋଡିଥିଲେ।

# ପୁରସ୍କାର ଦୌଡ଼ରେ ଜୟସ୍ୱାଲ

**ଦୁବାଇ, ୪।୩ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ସୋମବାର ଫେବୃଆରୀ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ପାଇଁ ଶର୍ଟଲିଷ୍ଟ ପ୍ରକାଶ କରାଯାଇଛି। ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ଓ ଶ୍ରୀଲଙ୍କାର ପାଥୁମ ନିସାଙ୍କାଙ୍କ ସହିତ ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଅଗ୍ରଣୀ ରନ ସଂଗ୍ରହକାରୀ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ନାମ ସ୍ଥାନ ପାଇଛି। ଜୟସ୍ୱାଲଙ୍କ ନାମ ପ୍ରଥମ ଥର ଏହି ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଇଂଲଣ୍ଡ ବିପକ୍ଷ

## ଆଇସିସି ପ୍ଲେୟର ଅଫ୍ ଦି ଇୟର

ସିରିଜର ଆଉ ଗୋଟିଏ ମ୍ୟାଚ ବାକି ରହିଥିବା ବେଳେ ୪ଟି ଟେଷ୍ଟରେ ଏହି ବାମହାତୀ ବ୍ୟାଟର ୬୫୫ ରନ ସଂଗ୍ରହ କରିଛନ୍ତି। ଏହି ୨୨ ବର୍ଷୀୟ ଖେଳାଳି ବିଶାଖାପାଟଣା ଓ ରାଜକୋଟରେ ପଛକୁ ପଛ ଦୁଇଟି ଦ୍ୱିଶତକ ହାସଲ କରିବା ଦ୍ୱାରା ପ୍ରଥମ ମ୍ୟାଚ ହାରିଥିବା ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ବର୍ତ୍ତମାନ ୩–୧ରେ ଅଗ୍ରଣୀ ଲାଭ କରିଛି। ରାଜକୋଟରେ ଗୋଟିଏ ଟେଷ୍ଟ ଇନିଂସରେ ସର୍ବାଧିକ ୧୨ଟି ଛକା ଲଗାଇ ସେ ରେକର୍ଡ ସମକକ୍ଷ ହୋଇପାରିଥିଲେ। ଚତୁର୍ଥ ଟେଷ୍ଟରେ ଅଧିକ ରନ ସଂଗ୍ରହ କରିବା ଦ୍ୱାରା ଫେବୃୟାରୀ ଶେଷ ସୁଦ୍ଧା ସେ ୧୧୨ ଆଭରେଜରେ ୫୬୦ରନ ସଂଗ୍ରହ କରିପାରିଥିଲେ। ସେ ମାତ୍ର ୨୨ ବର୍ଷ ୪୯ଦିନ ବୟସରେ ସାର୍ ଡୋନାଲଡ ବ୍ରାଡ୍‌ମ୍ୟାନ ଓ ବିନୋଦ କାମ୍ବଲିଙ୍କ ପରେ ତୃତୀୟ ସର୍ବ କନିଷ୍ଠ ଖେଳାଳି ହିସାବରେ ଦୁଇ ଦ୍ୱିଶତକ ହାସଲ କରିବାରେ ବିଶ୍ୱ ରେକର୍ଡ କରିଛନ୍ତି। ଜୟସ୍ୱାଲଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଭାରତ ଟେଷ୍ଟ ଚାମ୍ପିୟନଶିପ୍ ଟେବୁଲରେ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇପାରିଛି।




# ହ୍ୱାଇଟ ବଲ୍ ସିରିଜରୁ ଓହରିପାରନ୍ତି ଗ୍ରୀନ୍

**ୱେଲିଂଟନ, ୪।୩ (ପି.ଟି.):** ଅଷ୍ଟ୍ରେଲିଆ ବ୍ୟାଟର କାମେରନ ଗ୍ରୀନ୍ ଚଳିତବର୍ଷ ପରବର୍ତ୍ତୀ ଭାଗରେ ପାକିସ୍ତାନରେ ହ୍ୱାଇଟ୍ ବଲ୍ ସିରିଜ ନ ଖେଳି ଡିସେମ୍ବରରେ ଭାରତ ବିପକ୍ଷ ଘରୋଇ ଟେଷ୍ଟ ସିରିଜ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ଶିଫିଲ୍ଡ ଶିଲ୍ଡରେ ଖେଳିପାରନ୍ତି। ଅଷ୍ଟ୍ରେଲିଆ ମୁଖ୍ୟ କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡ ଏ ବିଷୟରେ ସୂଚନା ଦେଇଛନ୍ତି। ୨୪ବର୍ଷୀୟ କ୍ରିକେଟର ଲାଗି ଏହି ଯୋଜନା ନିକଟରେ କାମ ଦେଇଛି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜର ପ୍ରଥମ ମ୍ୟାଚରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୭୪*ରନ କରି ଅଷ୍ଟ୍ରେଲିଆକୁ ବଡ଼ ବିଜୟ ଦେଇଛନ୍ତି।

# କେନ୍ଦ୍ର, ଡବ୍ଲ୍ୟୁଏଫ୍‌ଆଇକୁ ଉତ୍ତର ରଖିବାକୁ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୪।୩(ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ନିର୍ବାଚନକୁ ନେଇ ଖେଳାଳିଙ୍କ ପକ୍ଷରୁ ଆଗତ ଯାଚିକାର ଶୁଣାଣି କରିଛନ୍ତି ଦିଲ୍ଲୀ ହାଇକୋର୍ଟ। ସୋମବାର ଉଚ୍ଚ ନ୍ୟାୟାଳୟ ଯାଚିକାର ଶୁଣାଣି କରିବା ସହ କେନ୍ଦ୍ର ସରକାର ଓ ଡବ୍ଲ୍ୟୁଏଫ୍‌ଆଇକୁ ଉତ୍ତର ରଖିବାକୁ ଆଦେଶ ଦେଇଛନ୍ତି। ରେସ୍‌ଲର ବଜରଙ୍ଗ ପୁନିଆ, ଭିନେଶ ଫୋଗଟ, ସାକ୍ଷୀ ମଲିକ ଓ ସତ୍ୟବ୍ରତ କାଡିୟାନଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଥିଲା। ଡିସେମ୍ବର ୨୦୨୩ରେ କରାଯାଇଥିବା

## ଫେଡେରେଶନ ନିର୍ବାଚନ

ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନକୁ ଅବୈଧ ବୋଲି କହିବା ସହ ଏହି ୪ ରେସ୍‌ଲର ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା। ଜଷ୍ଟିସ୍ ସଚିନ ଦତ୍ତ ଏହି ମାମଲାର ଶୁଣାଣି କରିବା ସହ ଆସନ୍ତା ୭ ତାରିଖ ସୁଦ୍ଧା ଉତ୍ତର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନିଲ ସୋନି ମାମଲା ପରିଚାଳନା କରୁଥିଲେ। ରେସ୍‌ଲରଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାହୁଲ ମେହେରା ମାମଲା ପରିଚାଳନା କରୁଛନ୍ତି। ଅନ୍ୟପକ୍ଷରେ ଡବ୍ଲ୍ୟୁଏଫ୍‌ଆଇ ପକ୍ଷରୁ ଦୟାନ କ୍ରିଷ୍ଣନ ମାମଲା ପରିଚାଳନା କରୁଛନ୍ତି।

ଏହି ୪ ରେସ୍‌ଲର ଡବ୍ଲ୍ୟୁଏଫ୍‌ଆଇର ପୂର୍ବତନ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିବା ସହ ଯନ୍ତର ମନ୍ତରରେ ଧାରଣା ଦେଇଥିଲେ। ବ୍ରିଜଭୂଷଣ ନିଜ ପଦରୁ ଇସ୍ତଫା ଦେଇଥିବା ବେଳେ ଡିସେମ୍ବର ମାସରେ ପୁନର୍ବାର ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ହୋଇଥିଲା। ଏଥିରେ ବ୍ରିଜଭୂଷଣଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ସିଂ ନିର୍ବାଚିତ ହୋଇଥିଲେ। ତେବେ ନିର୍ବାଚିତ ହେବା ପରେ ସଞ୍ଜୟ ସିଂଙ୍କ ଦ୍ୱାରା ଜାତୀୟ ସ୍ପୋର୍ଟ୍ସ କୋଡ୍‌ର ଉଲ୍ଲଂଘନ ହୋଇଥିବାରୁ ଏହି ନିର୍ବାଚନକୁ ରଦ୍ଦ କରିବା ପାଇଁ ରେସ୍‌ଲରମାନେ ଅନୁରୋଧ କରିଛନ୍ତି। ଫେବୃଆରୀ ୨୬, ୨୦୨୪ରେ ୪ ରେସ୍‌ଲରଙ୍କ ପକ୍ଷରୁ ଏକ ରିଟ୍ ପିଟିଶନ୍ ଦାଖଲ କରାଯାଇଥିଲା। ଆନ୍ଦୋଳନ କରୁଥିବା ଏହି ୪ ରେସ୍‌ଲରଙ୍କ ସ୍ୱରକୁ ଚପେଇ ଦେବା ପାଇଁ ପ୍ରୟାସ କରାଯାଉଥିବା ବେଳେ ପୂର୍ବଭଳି ଆଡ୍‌ହକ୍ କମିଟି ହାତକୁ ଡବ୍ଲ୍ୟୁଏଫ୍‌ଆଇର ଦୈନନ୍ଦିନ ପରିଚାଳନା ଭାର ପ୍ରଦାନ କରାଯିବାକୁ ଦାବି କରାଯାଇଛି।

# ଏସ୍‌ଓବି-ଓଡ଼ିଶାର ଚୟନ ଟ୍ରାଏଲ୍ସ

**ଭୁବନେଶ୍ୱର, ୪।୩**
**(ତପନ ସ୍ୱାଇଁ)**

ଚଳିତ ମାସ ଶେଷ ଭାଗରେ ଦିଲ୍ଲୀ, ପଞ୍ଚକୁଲା ଓ ମାଣ୍ଡ୍ୟାଠାରେ ସ୍ପେଶାଲ ଅଲିମ୍ପିକ୍ସ ଭାରତ (ଏସ୍‌ଓବି) ଆନୁକୂଲ୍ୟରେ ଜାତୀୟ ଆଥ୍‌ଲେଟିକ୍ସ, ସାଇକ୍ଲିଂ ଓ ସୁଇମିଂ ଚାମ୍ପିୟନଶିପ୍ ହେବ। ଏଥିପାଇଁ ଏସ୍‌ଓବି-ଓଡ଼ିଶା ପକ୍ଷରୁ ରାଜ୍ୟ ଚୟନ ଟ୍ରାଏଲ୍ସ ଗତ ୧ ଓ ୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଓପନ ଲର୍ନିଂ ସିଷ୍ଟମ୍ସ ଏବଂ ବିଆର୍‌ଏମ୍ ଆଶାର ମିଳିତ ଉଦ୍ୟମରେ ସ୍ଥାନୀୟ ନୂଆ ସରକାରୀ କଲୋନୀ ଦେଶରକ୍ଷୀ ଗ୍ରାଉଣ୍ଡ ଏବଂ ଓଏଲ୍‌ଏସ୍ ସୁଇମିଂ

## ଜାତୀୟ ଆଥ୍‌ଲେଟିକ୍ସ, ସାଇକ୍ଲିଂ, ସୁଇମିଂ ଚାମ୍ପିୟନଶିପ୍

ପୁଲ୍‌ରେ ଇଭେଣ୍ଟ ଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ଆଥଲେଟ୍, କୋଚ୍, ଅଭିଭାବକ ଓ ଅଫିସିଆଲମାନେ ଏଥିରେ ଅଂଶଗ୍ରହଣ କରିଥିଲେ। କିଟ୍‌ର ପ୍ରଫେସର କୁମାର ଦେବଦତ୍ତ ଓ କିସ୍ ଲଜିଷ୍ଟିକ୍ ସେଣ୍ଟରର ଅସମ୍ଭବା ଅତିଥିଭାବେ ଯୋଗଦେଇଥିଲେ। ଟ୍ରାଏଲ୍ସରେ ପ୍ରଭାବୀ ପ୍ରଦର୍ଶନ କରି ପ୍ରିୟ ରଞ୍ଜନ, ଦଧିଚି, ସିଦ୍ଧାର୍ଥ ଓ ସରିତା ରାଉତରାୟ ସୁଇମିଂ ପାଇଁ ମନୋନୀତ ହୋଇଛନ୍ତି। ବୀରେନ କୁମାର ଜେନା କୋଚ୍ ଓ ଅର୍ପିତା ମହାପାତ୍ର ମ୍ୟାନେଜର ଭାବେ ଦଳସହ ରହିବେ। ସେହିପରି ପ୍ରତିମା, ସୀମା, ରାଧାରାଣୀ ରଣା, ଅରିଦିତା ଚକ୍ରବର୍ତ୍ତୀ, ରାଜଶ୍ରୀ ମହାପାତ୍ର, ସିପ୍ରା ପ୍ରିୟଦର୍ଶିନୀ, କିରନ ନାଗ୍, ମୁକେଶ ଏକ୍କା, ହୃଦାନନ୍ଦ ନାଗ୍, ବୈଷ୍ଣବ ରାଜପାଲିଆ, ସତ୍ୟବ୍ରତ ଦାସ, ରାମ ବରିହା ଆଥ୍‌ଲେଟିକ୍ସ ଇଭେଣ୍ଟ ପାଇଁ ଚୟନ ହୋଇଛନ୍ତି। ଉମାକାନ୍ତ ଷଡ଼ଙ୍ଗୀ, ଝସକେତନ ସାହୁ, ସସ୍ମିତା ବେଉରା, ନିବେଦିତା ପାତ୍ର କୋଚ୍ ଏବଂ ସସ୍ମିତା ମହାପାତ୍ର ମ୍ୟାନେଜର ଦାୟିତ୍ୱ ନିର୍ବାହ କରିବେ। ସାଇକ୍ଲିଂ ପାଇଁ ମନୋନୀତ ହୋଇଥିବା ପ୍ରତିଯୋଗୀ ହେଲେ ଦେବାଶିଷ ଓ ରାକେଶ ସେଠୀ। କାଳନ୍ଦୀ ଚରଣ ଭୋଇ କୋଚ୍‌ଭାବେ ଏହି ଦୁଇ ସାଇକ୍ଲିଷ୍ଟଙ୍କ ସହ ରହିବେ। ଚୟନ କମିଟିର ସଦସ୍ୟଭାବେ ଦାୟିତ୍ୱ ତୁଲାଇଥିବା ବ୍ୟକ୍ତିମାନେ ହେଲେ ମନତୋଷ ବେହେରା, କୁମାର ଦେବଦତ୍ତ ଓ ତନ୍ମୟ ଭୂଷଣ ସେନାପତି। ସମସ୍ତ ଇଭେଣ୍ଟ ସ୍ପେଶାଲ ଅଲିମ୍ପିକ୍ସ ଭାରତ–ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।




ଏସ୍‌ଓବି-ଓଡ଼ିଶା ଚୟନ ଟ୍ରାଏଲ୍ସରେ ମନୋନୀତ ଆଥଲେଟ୍‌ମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ଡେଲ୍ ଷ୍ଟେଇନ୍‌ଙ୍କ ସ୍ଥାନରେ ଫ୍ରାଙ୍କଲିନ୍

**ହାଇଦ୍ରାବାଦ, ୪।୩ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସିଜନ ପାଇଁ ସନ୍‌ରାଇଜର୍ସ ହାଇଦ୍ରାବାଦ ସୋମବାର ନ୍ୟୁଜିଲାଣ୍ଡର ପୂର୍ବତନ ଦ୍ରୁତବୋଲର ଜେମ୍ସ ଫ୍ରାଙ୍କଲିନ୍‌ଙ୍କୁ ସେମାନଙ୍କ ପେସ୍ ବୋଲିଂ କୋଚ୍ ଭାବେ ମନୋନୀତ କରିଛି। ଦକ୍ଷିଣ ଆଫ୍ରିକୀୟ ପେସ୍ ବୋଲର ଡେଲ୍ ଷ୍ଟେଇନ୍‌ଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ଷ୍ଟେଇନ୍ ବ୍ୟକ୍ତିଗତ କାରଣରୁ ଏହି ସିଜନରୁ ଛୁଟି ନେଇଥିବା ସନରାଇଜର୍ସ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସୂଚନା ଦିଆଯାଇଛି। ଫ୍ରାଙ୍କଲିନ୍ ୨୦୦୧ରୁ ୨୦୧୩ ମଧ୍ୟରେ ନ୍ୟୁଜିଲାଣ୍ଡ ତରଫରୁ ୩୧ ଟେଷ୍ଟ, ୧୧୦ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩୮ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ୨୦୧୧ ଓ ୨୦୧୧ରେ ସେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଛନ୍ତି। ମାତ୍ର ସେ ପ୍ରଥମ ଥର ଆଇପିଏଲ୍‌ରେ କୋଚ୍ ହେବାକୁ ଯାଉଛନ୍ତି। ନ୍ୟୁଜିଲାଣ୍ଡର ଏହି ୪୩ ବର୍ଷୀୟଙ୍କର ଇଂଲିଶ କାଉଣ୍ଟି କ୍ରିକେଟରେ ଡରହାମ ସହିତ କୋଚିଂ ଅଭିଜ୍ଞତା ରହିଛି। ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ରେ ସେ ଇସ୍‌ଲାମାବାଦ ୟୁନାଇଟେଡ୍‌ର ସହକାରୀ କୋଚ୍ ଭାବେ କାର୍ଯ୍ୟ କରିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ